# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ମାର୍ଚ୍ଚ ୧୧/୨୦୧୯ (୧୬ ପୃଷ୍ଠା ) Sambalpur, Monday, March 11 / 2019 ★★

୧୫ଶ ଭାଗ ୮୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ବିବାହ ବନ୍ଧନରେ ସାୟଶା**

ଅଭିନେତା ଦିଲୀପ କୁମାର ଏବଂ ସାଇରା ବାନୋଙ୍କ ନାତୁଣୀ ସାୟଶା ସେହଗଲ ତାଙ୍କ ଠାରୁ ୧୭ ବର୍ଷ ବଡ଼ ଅଭିନେତା ଆର୍ଯ୍ୟାଙ୍କୁ ହାଇଦ୍ରାବାଦ୍‌ରେ ବିବାହ କରିଛନ୍ତି।

୦୪

୧୪

**ଟର୍ନରଙ୍କ ଅର୍ଦ୍ଧଶତକରେ ଅଷ୍ଟ୍ରେଲିଆ ବିଜୟୀ**

ଆଷ୍ଟନ ଟର୍ନରଙ୍କ ବିସ୍ଫୋରକ ଅପରାଜିତ ୮୪ ରନ ବଳରେ ଅଷ୍ଟ୍ରେଲିଆ ରବିବାର ୪ର୍ଥ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତକୁ ୪ ଉଇକେଟରେ ପରାସ୍ତ କରିଛି।



## ■ ୭ ପର୍ଯ୍ୟାୟରେ ସାଧାରଣ ନିର୍ବାଚନ

# ବାଜିଲା ରଣ ଦୁନ୍ଦୁଭି




ସିଇସି ସୁନୀଲ ଆରୋରା (ମଝି)ଙ୍କ ସହ ଦୁଇ ନିର୍ବାଚନ କମିଶନର ଆଶୋକ ଲାଭାସା ଓ ସୁଶୀଲ ଚନ୍ଦ୍ରା।

- ■ ୯୦ କୋଟି କରିବେ ମତଦାନ
- ■ ୧.୫ କୋଟି ନୂଆ ଭୋଟର
- ■ ୧୦ ପ୍ରତିଶତ ମତଦାନ କେନ୍ଦ୍ର ବୃଦ୍ଧି
- ■ ଇଭିଏମ୍‌ରେ ରହିବ ପ୍ରାର୍ଥୀଙ୍କ ମୁହଁ
- ■ ମିଥ୍ୟା ଖବର ପ୍ରସାରଣ ଉପରେ କଡ଼ା ନଜର

**ନୂଆଦିଲ୍ଲୀ,୧୦।୩ (ପି.ଟି./ଆଇଏଏନ୍‌ଏସ୍)**

ସପ୍ତଦଶ ସାଧାରଣ ନିର୍ବାଚନ ପାଇଁ ରବିବାର ନିର୍ବାଚନ କମିଶନ ତାରିଖ ଓ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ଏପ୍ରିଲ ୧୧ରୁ ମେ ୧୯ ମଧ୍ୟରେ ୭ଟି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯିବ। ଲୋକ ସଭା ନିର୍ବାଚନ ସହ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ସିକିମ ଓ ଅରୁଣାଚଳ ପ୍ରଦେଶରେ ବିଧାନସଭା ନିର୍ବାଚନ ପାଇଁ ମତଦାନ ହେବ। ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ଭୋଟଗ୍ରହଣ ହେବାକୁ ଥିବାବେଳେ ସବୁଠୁ ବଡ଼ ରାଜ୍ୟ ଉତ୍ତରପ୍ରଦେଶ (ୟୁପି) ସମେତ ପଶ୍ଚିମବଙ୍ଗ ଓ ବିହାରରେ ସମସ୍ତ ୭ ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହେବ। ମେ ୨୩ରେ ସମସ୍ତ ୫୪୩ ଆସନର ଭୋଟ ଗଣତି କରାଯିବ ବୋଲି ଭାରତର ନିର୍ବାଚନ କମିଶନ (ଇସିଆଇ) ସ୍ପଷ୍ଟ କରିଛନ୍ତି। ଏହାସହ ସାରା ଦେଶରେ ନିର୍ବାଚନ ଆଚରଣ ବିଧି (ଏମ୍‌ସିସି) ତତ୍କାଳ ଲାଗୁ ହୋଇଛି।

ଷୋଡ଼ଶ ଲୋକ ସଭାର କାର୍ଯ୍ୟକାଳ ଜୁନ୍ ୩ରେ ଶେଷ ହେବାକୁ ଯାଉଛି। ଏଥିଲାଗି ଏହା ପୂର୍ବରୁ ଦେଶରେ ସାଧାରଣ ନିର୍ବାଚନ କରାଯିବା ଆବଶ୍ୟକ। ନିର୍ବାଚନ ତାରିଖ ଘୋଷଣାକୁ ନେଇ ସାରା ଦେଶରେ ଉତ୍କଣ୍ଠା ଲାଗି ରହିଥିବାବେଳେ ପ୍ରତୀକ୍ଷାର ଅନ୍ତ ଘଟାଇଛନ୍ତି ଇସିଆଇ। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁନୀଲ ଆରୋରା ଏବଂ ଦୁଇ ନିର୍ବାଚନ କମିଶନର ଅଶୋକ ଲାଭାସା ଓ ସୁଶୀଲ ଚନ୍ଦ୍ରା ଏକ ଖବରଦାତା ସମ୍ମିଳନୀରେ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି। ଭାରତୀୟ ସଂସଦୀୟ ନିର୍ବାଚନକୁ ଗଣତନ୍ତ୍ରର ସର୍ବବୃହତ୍ ଉତ୍ସବ ଭାବେ ଅଭିହିତ କରି ସିଇସି କହିଛନ୍ତି, ୫୪୩ ଲୋକ ସଭା ଆସନ ପାଇଁ ୭ ପର୍ଯ୍ୟାୟରେ ଭୋଟଗ୍ରହଣ କରାଯିବ। ଏପ୍ରିଲ ୧୧ରେ ପ୍ରଥମ ପର୍ଯ୍ୟାୟରେ ୨୦ ରାଜ୍ୟର ୯୧ ଆସନରେ ନିର୍ବାଚନ ହେବ। ଏପ୍ରିଲ ୧୮ରେ ଦ୍ୱିତୀୟ ପର୍ଯ୍ୟାୟରେ ୧୩ ରାଜ୍ୟର ୯୭ ଆସନରେ ମତଦାନ ହେବ। ସେହିପରି ଏପ୍ରିଲ ୨୩ରେ ତୃତୀୟ ପର୍ଯ୍ୟାୟରେ ୧୪ ରାଜ୍ୟର ୧୧୫ ଲୋକ ସଭା ଆସନରେ ମତଦାତା ସେମାନଙ୍କ ରାଜନୈତିକ ଅଧିକାର ସାବ୍ୟସ୍ତ କରିବେ। ୯ ରାଜ୍ୟର ୭୧ ଆସନ ପାଇଁ ଚତୁର୍ଥ ପର୍ଯ୍ୟାୟ ଭୋଟଗ୍ରହଣ ଏପ୍ରିଲ ୨୯ରେ ହେବ। ମେ ୬ରେ ପଞ୍ଚମ ପର୍ଯ୍ୟାୟରେ ୭ ରାଜ୍ୟର ୫୧ ଆସନରେ ମତଦାନ ହେବ। ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ମେ ୧୨ରେ ହେବ। ଏହି ପର୍ଯ୍ୟାୟରେ ୭ ରାଜ୍ୟର ୫୯ ଆସନରେ ଭୋଟ ହେବ। ସପ୍ତମ ତଥା ଶେଷ ପର୍ଯ୍ୟାୟରେ ୮ ରାଜ୍ୟର ୫୯ ଆସନରେ ମତଦାନ କରାଯିବ ବୋଲି ସିଇସି ସୂଚନା ଦେଇଛନ୍ତି। ☞ ପୃଷ୍ଠା-୪

## ଓଡ଼ିଶାରେ କେଉଁଠି କେବେ ଭୋଟ

### ପ୍ରଥମ ପର୍ଯ୍ୟାୟ: ୧୧ ଏପ୍ରିଲ ୨୦୧୯

| | |
|---|---|
| ବିଜ୍ଞପ୍ତି ଜାରି: ୧୮ ମାର୍ଚ୍ଚ ୨୦୧୯ | ପ୍ରାର୍ଥୀପତ୍ର ଦାଖଲ ଶେଷ ତାରିଖ: ୨୫ ମାର୍ଚ୍ଚ |
| ପ୍ରାର୍ଥୀପତ୍ର ଯାଞ୍ଚ: ୨୬ ମାର୍ଚ୍ଚ | ପ୍ରାର୍ଥୀପତ୍ର ପ୍ରତ୍ୟାହାର: ୨୮ ମାର୍ଚ୍ଚ |

**୪ ଲୋକ ସଭା ଆସନ:** କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ବ୍ରହ୍ମପୁର

**୨୮ ବିଧାନସଭା ଆସନ:** ନୂଆପଡ଼ା, ଖଡିଆଳ, ଲାଞ୍ଜିଗଡ଼, ଜୁନାଗଡ଼, ଧର୍ମଗଡ଼, ଭବାନୀପାଟଣା, ନର୍ଲା, ଉମରକୋଟ, ଝରିଗାଁ, ନବରଙ୍ଗପୁର, ଡାବୁଗାଁ, କୋଟପାଡ, ମାଲକାନଗିରି, ଚିତ୍ରକୋଣ୍ଡା, ଗୁଣପୁର, ବିଷମକଟକ, ରାୟଗଡା, ଲକ୍ଷ୍ମୀପୁର, ଜୟପୁର, କୋରାପୁଟ, ପଟାଙ୍ଗୀ, ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ମୋହନା ଏବଂ ପାରଳାଖେମୁଣ୍ଡି

### ଦ୍ୱିତୀୟ ପର୍ଯ୍ୟାୟ: ୧୮ ଏପ୍ରିଲ ୨୦୧୯

**୫ ଲୋକ ସଭା ଆସନ:** ବରଗଡ, ସୁନ୍ଦରଗଡ, ବଲାଙ୍ଗୀର, କନ୍ଧମାଳ, ଆସିକା

**୩୫ ବିଧାନସଭା ଆସନ:** ପଦମପୁର, ବିଜେପୁର, ବରଗଡ଼, ଅତାବିରା, ଭଟଲୀ, ବ୍ରଜରାଜନଗର, ଝାରସୁଗୁଡା, ତଲସରା, ସୁନ୍ଦରଗଡ଼, ବୀରମିତ୍ରପୁର, ରଘୁନାଥପାଲ୍ଲୀ, ରାଉରକେଲା, ରାଜଗାଙ୍ଗପୁର, ବଣାଇ, ବୀରମହାରାଜପୁର, ସୋନପୁର, ଲୋଇସିଂହା, ପାଟଣାଗଡ, ବଲାଙ୍ଗୀର, ଟିଟିଲାଗଡ, କଣ୍ଟାବାଞ୍ଜି, ବାଲିଗୁଡା, ଜି.ଉଦୟଗିରି, ଫୁଲବାଣୀ, କଣ୍ଟାମାଳ, ବୌଦ୍ଧ, ଦଶପଲ୍ଲା, ଭଞ୍ଜନଗର, ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ଆସିକା, ସୋରଡ଼ା, ସାନଖେମୁଣ୍ଡି ଏବଂ ହିଞ୍ଜିଳି

### ତୃତୀୟ ପର୍ଯ୍ୟାୟ: ୨୩ ଏପ୍ରିଲ ୨୦୧୯

**୬ ଲୋକ ସଭା ଆସନ:** ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ, ଭୁବନେଶ୍ୱର

**୪୨ ବିଧାନସଭା ଆସନ:** କୁଚିଣ୍ଡା, ରେଙ୍ଗାଲୀ, ସମ୍ବଲପୁର, ରେଢାଖୋଲ, ଦେବଗଡ଼, ଛେଣ୍ଡିପଦା, ଆଠମଲ୍ଲିକ, ତେଲକୋଇ, ଘଷିପୁରା, ଆନନ୍ଦପୁର, ପାଟଣା, କେନ୍ଦୁଝର, ଚମ୍ପୁଆ, କରଞ୍ଜିଆ, ଢେଙ୍କାନାଳ, ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ, ପାଲଲହଡ଼ା, ତାଳଚେର, ଅନୁଗୋଳ, ବଡ଼ମ୍ବା, ବାଙ୍କୀ, ଆଠଗଡ଼, ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର, ଖଣ୍ଡପଡ଼ା, ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ, ପିପିଲି, ଚିଲିକା, ରଣପୁର, ନୟାଗଡ଼, ଜୟଦେବ, ଭୁବନେଶ୍ୱର-ମଧ୍ୟ, ଭୁବନେଶ୍ୱର-ଉତ୍ତର, ଏକାମ୍ର-ଭୁବନେଶ୍ୱର, ଜଟଣୀ, ବେଗୁନିଆ ଏବଂ ଖୋର୍ଦ୍ଧା

### ଚତୁର୍ଥ ପର୍ଯ୍ୟାୟ: ୨୯ ଏପ୍ରିଲ ୨୦୧୯

**୬ ଲୋକ ସଭା ଆସନ:** ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଏବଂ ଜଗତ୍‌ସିଂହପୁର

**୪୨ ବିଧାନସଭା ଆସନ:** ଯଶୀପୁର, ସାରସକଣା, ରାଇରଙ୍ଗପୁର, ବାଙ୍ଗିରିପୋଷି, ଉଦଳା, ବାରିପଦା, ମୋରଡ଼ା, ବଡସାହି, ଜଳେଶ୍ୱର, ଭୋଗରାଇ, ବସ୍ତା, ବାଲେଶ୍ୱର, ରେମୁଣା, ନୀଳଗିରି, ସୋର, ସିମୁଳିଆ, ଭଣ୍ଡାରିପୋଖରୀ, ଭଦ୍ରକ, ବାସୁଦେବପୁର, ଧାମନଗର, ଚାନ୍ଦବାଲି, ବିଞ୍ଝାରପୁର, ବରୀ, ବଡ଼ଚଣା, ଧର୍ମଶାଳା, ଯାଜପୁର, କୋରେଇ, ସୁକିନ୍ଦା, ସାଲେପୁର, ମାହାଙ୍ଗା, ପାଟକୁରା, କେନ୍ଦ୍ରାପଡ଼ା, ଆଳି, ରାଜନଗର, ମହାକାଳପଡ଼ା, ନିଆଳି, ପାରାଦୀପ, ତିର୍ତ୍ତୋଲ, ବାଲିକୁଦା-ଏରସମା, ଜଗତ୍‌ସିଂହପୁର, କାକଟପୁର ଏବଂ ନିମାପଡ଼ା

**ଭୋଟ ଗଣତି**

**୨୩ ମେ ୨୦୧୯**



# ଓଡ଼ିଶାରେ ୪ ପର୍ଯ୍ୟାୟ ଭୋଟ

**ଭୁବନେଶ୍ୱର,୧୦।୩(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନ ପାଇଁ ରବିବାର ବିଗୁଲ୍ ବାଜିସାରିଛି। ଓଡ଼ିଶାରେ ଲୋକ ସଭା ସହିତ ବିଧାନସଭା ନିର୍ବାଚନ ନେଇ ମଧ୍ୟ ଘୋଷଣା କରାଯାଇଛି। ଚଳିତଥର ୪ଟି ପର୍ଯ୍ୟାୟରେ ରାଜ୍ୟରେ ଭୋଟ ଗ୍ରହଣ କରାଯିବ। ପ୍ରଥମ ପର୍ଯ୍ୟାୟ ଆସନ୍ତା ଏପ୍ରିଲ ୧୧ରେ ୪ ଲୋକ ସଭା , ଏପ୍ରିଲ ୧୮ରେ ୫, ଏପ୍ରିଲ ୨୩ରେ ୬ ଏବଂ ଏପ୍ରିଲ ୨୯ରେ ୬ଟି ଲୋକ ସଭା ଆସନ ପାଇଁ ଭୋଟ ଗ୍ରହଣ କରାଯିବ। ଅନୁରୂପ ଭାବେ ଲୋକ ସଭା ଆସନ ଅନ୍ତର୍ଗତ ବିଧାନସଭାଗୁଡିକରେ ସମାନ ଦିନରେ ଭୋଟ ଗ୍ରହଣ କରାଯିବ। ତେଣୁ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ଯଥାକ୍ରମେ ୨୮, ୩୫, ୪୨ ଏବଂ ୪୨ଟି ବିଧାନସଭା ଆସନ ଲାଗି ଭୋଟ ଗ୍ରହଣ କରାଯିବ। ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଏବଂ କୋରାପୁଟ ଲୋକ ସଭା ଏବଂ ତତ୍‌ସଂଲଗ୍ନ ବିଧାନସଭାଗୁଡିକ ପାଇଁ ମତଦାନ ଅନୁଷ୍ଠିତ ହେବ। ୨ୟ ପର୍ଯ୍ୟାୟରେ

**ଲାଗୁହେଲା ଆଚରଣବିଧି**

ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, କନ୍ଧମାଳ, ଆସ୍କା ଲୋକ ସଭା, ୩ୟ ପର୍ଯ୍ୟାୟରେ ପୁରୀ, ଭୁବନେଶ୍ୱର, କଟକ, ଢେଙ୍କାନାଳ, କେନ୍ଦୁଝର, ସମ୍ବଲପୁର ଏବଂ ଚତୁର୍ଥ ପର୍ଯ୍ୟାୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଲୋକ ସଭା ଏବଂ ତତ୍‌ସଂଲଗ୍ନ ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ କରାଯିବ।

ସାରା ଦେଶର ଭୋଟ ଗ୍ରହଣ ୭ଟି ପର୍ଯ୍ୟାୟରେ ସରିବା ପରେ ମେ' ୨୩ରେ ଗଣତି କରାଯିବ। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ମୁଖ୍ୟ ନିର୍ବାଚନ କମିଶନ(ଇସି)ଙ୍କ ଘୋଷଣା ପରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର ରବିବାର ସନ୍ଧ୍ୟାରେ ଏହି ଘୋଷଣା କରିଛନ୍ତି। ରାଜ୍ୟରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ପାଇଁ ମାର୍ଚ୍ଚ ୧୮, ୨ୟ ପର୍ଯ୍ୟାୟ ପାଇଁ ମାର୍ଚ୍ଚ ୧୯, ୩ୟ ପର୍ଯ୍ୟାୟ ପାଇଁ ☞ ପୃଷ୍ଠା-୪

**ଇଥିଓପିଆରେ ବିମାନ ଦୁର୍ଘଟଣା:୧୫୭ ମୃତ** ପୃଷ୍ଠା ୩

**ନଗଡ଼ାରେ ପୁଣି ଅପପୁଷ୍ଟି : ୪ ଶିଶୁ ପୁଷ୍ଟିସାଧନ କେନ୍ଦ୍ରରେ ଭର୍ତ୍ତି** ପୃଷ୍ଠା ୫

**ଆଜିର ମନ୍ତବ୍ୟ**

" ବିଫଳତାକୁ ଲୁଚାଇବା ପାଇଁ ସେନାକୁ ବ୍ୟବହାର କରି ଭାଜପା ବିପଜ୍ଜନକ ମାର୍ଗରେ ଯାଉଛି।

-ଅହମ୍ମଦ ପଟେଲ, ବରିଷ୍ଠ କଂଗ୍ରେସ ନେତା

**ଆଜିର ସମ୍ପାଦକୀୟ**

**ନିରପେକ୍ଷ ତୃତୀୟ**


NECC NATIONAL EGG CO-ORDINATION COMMITTEE 10.03.2019 Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 80 | 132 | 142 |
| CTC | 82 | 135 | 145 |
| DKL | 82 | 135 | 145 |
| BDK | 83 | 136 | 146 |
| BLS | 84 | 137 | 147 |
| ANG | 82 | 135 | 145 |

*Conditions Apply

Eggs Retail Price- 49/-Dozen
Issued in the Interest of Consumers

AIMS COLLEGE SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission : College code - 28085110
FOUNDATION COURSE STARTING FROM 1ST APRIL 2019
Hurry Up... Limited Seats
(Jharsuguga Highway) Pardhiapali, Sambalpur
Call No- 7873006705, 7873006725, 7978326206, 7873006711,7381026700
E-mail: aims.sambalpur@gmail.com
website: www.aimscollegesambalpur.com









5 YEAR WARRANTY + Powered by TVS CREDIT IDFC FIRST Bank SHRIRAM City ଦୁଇ ଚକିଆ ବାହନ ଚଲାଉଥିବା ବେଳେ ସର୍ବଦା ହେଲ୍‌ମେଟ୍ ପିନ୍ଧନ୍ତୁ। ଶୋରୁମ୍ ପ୍ରତ୍ୟେକ ରବିବାର ଦିନ ଖୋଲା ରହେ। tvsjupiter | www.tvsjupiter.com | Call: 1800 315 7777 # Terms & conditions apply. +5 yr. warranty without any additional charges.

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR: Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628. BHAWANIPATNA: Barun TVS, Ph: 8260430746; ROURKELA: Gurugobind TVS, Ph: 8260566699; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph : 6370700730, 6370700734. Authorised Dealers: Rengali, Kalinga Automobiles, Ph.: 9437052831; Deogarh, Saswati Motors, Ph : 9437392892; Charbahal, RB Motors, Ph.: 9853406294; Junagarh, Indian Automobiles, Ph.: 9437092284, 9437939586; Nuapara, G K Motors, Ph.: 9937653638; Raj Khariar, Classic Auto, 9439144433; Muniguda, Bhagabati Motors, Ph : 9583860028; Dharmagarh, Gayatri Enterprises, Ph : 9938883405; Belpahar, Sova Automobiles, Ph.: 9238581791; Binka, Chandralata Motors, Ph : 7894255589; Attabira, Swati Auto, Ph : 9853157276; Barpali, Shree Krishna Motors, Ph.: 9777703149; Patnagarh, Samleshwari Motors, Ph.: 9938621078; Dungripally, Pabnee Motors, Ph.: 9937926986; Sundergarh, S. B. Automobiles, Ph.: 06622-274361, 9437139011; Rajgangpur, Bramha Motors, Ph : 9861265188 ; San Balichuan, Gayatri Motors, Ph : 8658502167; Khariar Road, Nanesh Auto, Ph.: 9938098888; Sohela, Khamari Auto, Ph.: 9938739550; Thuvapali, Goyal Auto, Ph : 9937452169 ; Bhatli, Saraswati Motors, Ph : 9090140103; Titlagarh, Maruti, 9438096285; Boudh, M.D. Motors, Ph.: 9439238768; Kantabanji, Nownit Auto Agency, Ph : 9437210599; Gaisilat, Akankshya Motors, Ph : 9937408645; Jaipatna, Kaveri Motors, Ph : 9178280401;Padampur, Alisha Motors, Ph : 9938110070; Sambalpur, Shakti Motors, Ph : 9337016000; Bamra, Regent Motors, Ph : 9437535172; Kuchinda, Jay Maa Automobiles, Ph : 9437058129; Tarbha : Deosar Motors, Ph : 9439135679 ; Redhakhol : Palak Trading Company, Ph : 7978349822; Saintala : Balaji Motors, Ph : 9853781372; Gaisilat, Akankshya Motors, Ph: 7683848645, A Kantapali, Hariom Automobiles, Ph: 8342939695; Paikmal, Mangal Motors, Ph : 9938119999; Laikera, Ritesh Automobiles, Ph : 9938465363 Narla Road, Niladri Motors, Ph : 7326933067; Bheden, Mohit Automobiles, Ph : 7008024042; Bangamunda, Binod Auto Work, Ph : 9937526500; Tusura, Shree Laxmi Ganesh Motors, Ph : 9437890955, 9439581200; Bandhabahal, Maa Tarini Automobiles, Ph : 6371909005 ; Udanbandh, Vinit Automobiles, Ph : 7326042333, 7326042335.

dentsuindia/dhr sam/01/19



ବହୁତ ହୋଇଗଲା। ଅନନ୍ତ କାଳ ଯାଏ ଆତଙ୍କବାଦକୁ ସହ୍ୟ କରିପାରିବ ନାହିଁ ଭାରତ।

-ନରେନ୍ଦ୍ର ମୋଦି,
ପ୍ରଧାନମନ୍ତ୍ରୀ




## ଏପ୍ରିଲ ୧୧ରୁ ମେ ୧୯: ପ୍ରଚାରରେ ହଜିଯିବ ଅନେକ ପ୍ରସଙ୍ଗ

# ଗଣତନ୍ତ୍ରର ମହାପର୍ବକୁ ମାସେ

**ନୂଆଦିଲ୍ଲୀ,୧୦।୩**

ନିର୍ବାଚନ କମିଶନଙ୍କ ଘୋଷଣା ସହ ସାଧାରଣ ନିର୍ବାଚନ ପାଇଁ ଆନୁଷ୍ଠାନିକ ଭାବେ ବିଗୁଲ ବାଜିଛି। ଏବେ ସବୁ ରାଜନୈତିକ ଦଳ ମଇଦାନକୁ ଓହ୍ଲାଇ ନିଜ ନିଜ ରଣନୀତି ଅନୁସାରେ ଗୋଟି ଚାଳନା କରିବେ। ହାଇଭୋଲ୍ଟେଜ୍ ପ୍ରଚାର ବେଳେ ପରସ୍ପର ପ୍ରତି ଆରୋପ ପ୍ରତ୍ୟାରୋପ ଓ କାଦୁଅଫିଙ୍ଗା ଆହୁରି ତୀବ୍ରତର ହେବ। ତେବେ ୨୦୧୪ ନିର୍ବାଚନ ଭଳି ଏଥର ଭୋଟ ପ୍ରଚାର ହେବ ନା ରାଜନୈତିକ ଦଳଗୁଡ଼ିକ ନୂଆ ଉପାୟ ଆପଣାଇ ମଇଦାନରେ ଲଢ଼େଇ କରିବେ ତାକୁ ନେଇ ଆରମ୍ଭ ହୋଇଛି କଳ୍ପନାଜଳ୍ପନା।

ସାଧାରଣ ନିର୍ବାଚନ ଆରମ୍ଭ ହେବାକୁ ଆଉ ମାତ୍ର ମାସେ ସମୟ ରହିଲା। ଭାରତୀୟ ଗଣତନ୍ତ୍ରର ଏହି ବହୁପ୍ରତୀକ୍ଷିତ ମହାପର୍ବରେ ଦେଶର ୯୦ କୋଟି ମତଦାତା ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରି ନିଜ ନିଜ ପ୍ରତିନିଧିଙ୍କୁ ବାଛିବେ ଆଉ ନିର୍ଦ୍ଧାରଣ କରିବେ ସେମାନଙ୍କ ଆଗାମୀ ୫ ବର୍ଷର ଭବିଷ୍ୟତ। ଏହି ପରିପ୍ରେକ୍ଷୀରେ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରାଯିବା ପରେ ମତଦାନ ଦିନର ଅବଗଣନା ଆରମ୍ଭ ହୋଇଛି। ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପୁଣିଥରେ କ୍ଷମତାସୀନ ହେବା ପାଇଁ ରଣନୀତି ପ୍ରସ୍ତୁତିରେ ବ୍ୟସ୍ତ ଥିବାବେଳେ ଏହାଠାରୁ କ୍ଷମତାର ଡୋରି ଛଡ଼ାଇନେବା ପାଇଁ ଅଣ୍ଟା ଭିଡ଼ିଛି କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା)। ସେହିପରି କେତେକ ଆଞ୍ଚଳିକ ଦଳ ମଧ୍ୟ ତୃତୀୟ ସାମ୍ମୁଖ୍ୟ ଗଠନ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଚାଷୀ ଆତ୍ମହତ୍ୟା, ବେକାରି ସମସ୍ୟା, ରାଫାଲ ଦୁର୍ନୀତି ଓ ଆତଙ୍କବାଦୀ ଆକ୍ରମଣ ଭଳି ପ୍ରସଙ୍ଗ ଉଠାଇ ଏନ୍‌ଡିଏକୁ ଘେରିବା ପାଇଁ ପ୍ରାଣପଣେ ଉଦ୍ୟମ ଚଳାଇଛନ୍ତି। ଏବେ ସେମାନଙ୍କ ସ୍ୱର ଅଧିକ ଶାଣିତ ହେବ। ସେପଟେ ରାଜନୈତିକ ଦୃଷ୍ଟିରୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଉତ୍ତରପ୍ରଦେଶ ସମେତ କେତେକ ହିନ୍ଦୀଭାଷୀ ରାଜ୍ୟରେ ଭାଜପାର ପାଲା ଭାରି ଥିବାବେଳେ ପୁଲୱାମା ଆକ୍ରମଣ ପରେ ଭାରତୀୟ ବାୟୁସେନାର ବୋମାମାଡ଼କୁ ନେଇ ଗୈରିକ ଦଳ ସାରା ଦେଶରେ ଫାଇଦା ଉଠାଇବା ପାଇଁ ଉଦ୍ୟମ କରିବ। ଆତଙ୍କବାଦୀଙ୍କ ଉପରେ

> ସାଧାରଣ ନିର୍ବାଚନରେ ଭାରତୀୟ ବାୟୁସେନାର ବାଲାକୋଟ କାର୍ଯ୍ୟାନୁଷ୍ଠାନକୁ ପ୍ରସଙ୍ଗ କରିବ ଭାଜପା।
>
> **-ସୁଷମା ସ୍ୱରାଜ, ବରିଷ୍ଠ ଭାଜପା ନେତ୍ରୀ**



ଏହି ସୀମାପାର କାର୍ଯ୍ୟାନୁଷ୍ଠାନ ଚଳିତ ନିର୍ବାଚନର ପ୍ରଚାରରେ ନୂଆ ଅଧ୍ୟାୟ ଯୋଡ଼ିଛି। ଏଥିଯୋଗୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ପ୍ରସଙ୍ଗ ଏକପ୍ରକାର ଶୀତଳଭଣ୍ଡାରକୁ ଚାଲିଯାଇଛି ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି।

## ୨୦୧୪: କିଛି ତଥ୍ୟ

୨୦୧୪ ସାଧାରଣ ନିର୍ବାଚନ ପାଇଁ ୯ଟି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯାଇଥିଲା। ଏପ୍ରିଲ ୭ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହୋଇଥିବାବେଳେ ମେ ୯ରେ ଶେଷ ତଥା ନବମ ପର୍ଯ୍ୟାୟ ମତଦାନ ହୋଇଥିଲା। ୫୪୩ ଆସନ ପାଇଁ ୮,୨୫୧ ପ୍ରାର୍ଥୀ (୬୬୮ ମହିଳା) ମଇଦାନରେ ଅବତୀର୍ଣ୍ଣ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୭,୦୦୦ ପ୍ରାର୍ଥୀ ଅମାନତ ହରାଇଥିଲେ। ୯.୨୭ ଲକ୍ଷ ପୋଲିଂ ଷ୍ଟେଶନରେ ମୋଟ ୫୫ କୋଟି (୬୬.୩%) ମତଦାତା ଭୋଟ ଦେଇଥିଲେ। ଉପର ମଧ୍ୟରୁ କାହାରିକୁ ନୁହେଁ (ନୋଟା)ରେ ୬୦ ଲକ୍ଷ ଭୋଟ ପଡ଼ିଥିଲା। ୫୪୩ ନିର୍ବାଚିତ ପ୍ରାର୍ଥୀଙ୍କ ମଧ୍ୟରୁ ମାତ୍ର ୬୨ ଜଣ ଥିଲେ ମହିଳା।

## କେଉଁଠି କେବେ ଭୋଟ ଗ୍ରହଣ



| ପର୍ଯ୍ୟାୟ | ତାରିଖ | ରାଜ୍ୟ (ଆସନ) |
|---|---|---|
| ପ୍ରଥମ | ଏପ୍ରିଲ ୧୧ | ଆନ୍ଧ୍ରପ୍ରଦେଶ (୨୫), ଅରୁଣାଚଳ (୨), ଆସାମ (୫), ବିହାର (୪), ଛତିଶଗଡ଼ (୧), ଜମ୍ମୁ ଓ କଶ୍ମୀର (୨), ମହାରାଷ୍ଟ୍ର (୭), ମଣିପୁର (୧), ମେଘାଳୟ (୨), ମିଜୋରାମ (୧), ନାଗାଲାଣ୍ଡ (୧), ଓଡ଼ିଶା (୪), ସିକିମ (୧), ତେଲେଙ୍ଗାନା (୧୭), ତ୍ରିପୁରା (୧), ୟୁପି (୮), ଉତ୍ତରାଖଣ୍ଡ (୫), ପଶ୍ଚିମବଙ୍ଗ (୨), ଆଣ୍ଡାମାନ (୧) , ଲାକ୍ଷାଦ୍ୱୀପର ଗୋଟିଏ ଆସନରେ ଭୋଟଗ୍ରହଣ କରାଯିବ। |
| ଦ୍ୱିତୀୟ | ଏପ୍ରିଲ ୧୮ | ଆସାମ (୫), ବିହାର (୫), ଛତିଶଗଡ଼ (୩), ଜମ୍ମୁ ଓ କଶ୍ମୀର (୨), କର୍ନାଟକ (୧୪), ମହାରାଷ୍ଟ୍ର (୧୦), ମଣିପୁର (୧), ଓଡ଼ିଶା (୫), ତାମିଲନାଡୁ (୩୯), ତ୍ରିପୁରା (୧), ୟୁପି (୮), ପଶ୍ଚିମବଙ୍ଗ (୩) ଏବଂ ପୁଡୁଚେରୀର ଗୋଟିଏ ଆସନରେ ନିର୍ବାଚନ ହେବ। |
| ତୃତୀୟ | ଏପ୍ରିଲ ୨୩ | ଆସାମ (୪), ବିହାର (୫), ଛତିଶଗଡ଼ (୭), ଗୁଜରାଟ (୭), ଗୋଆ (୨), ଜମ୍ମୁ ଓ କଶ୍ମୀର (୧), କର୍ନାଟକ (୧୪), କେରଳ (୨୦), ମହାରାଷ୍ଟ୍ର (୧୪), ଓଡ଼ିଶା (୬), ୟୁପି (୧୦), ପଶ୍ଚିମବଙ୍ଗ (୫), ଦାଦର ଓ ନଗର ହାଭେଲି (୧) ଏବଂ ଡାମନ ଓ ଡିଉର ଗୋଟିଏ। |
| ଚତୁର୍ଥ | ଏପ୍ରିଲ ୨୯ | ବିହାର (୫), ଜମ୍ମୁ ଓ କଶ୍ମୀର (୧), ଝାଡ଼ଖଣ୍ଡ (୩), ମଧ୍ୟପ୍ରଦେଶ (୬), ମହାରାଷ୍ଟ୍ର (୧୭), ଓଡ଼ିଶା (୬), ରାଜସ୍ଥାନ (୧୪), ୟୁପି (୧୩) ଏବଂ ପଶ୍ଚିମବଙ୍ଗ (୮) |
| ପଞ୍ଚମ | ମେ ୬ | ବିହାର (୫), ଜମ୍ମୁ ଓ କଶ୍ମୀର (୨), ଝାଡ଼ଖଣ୍ଡ (୪), ମଧ୍ୟପ୍ରଦେଶ (୭), ରାଜସ୍ଥାନ (୧୨), ୟୁପି (୧୪), ପଶ୍ଚିମବଙ୍ଗ (୭) |
| ଷଷ୍ଠ | ମେ ୧୨ | ବିହାର (୮), ହରିୟାଣା (୧୦), ଝାଡ଼ଖଣ୍ଡ (୪), ମଧ୍ୟପ୍ରଦେଶ (୮), ୟୁପି (୧୪), ପଶ୍ଚିମବଙ୍ଗ (୮) ଏବଂ ଦିଲ୍ଲୀ-ଏନ୍‌ସିଆର୍ (୭) |
| ସପ୍ତମ | ମେ ୧୯ | ବିହାର (୮), ଝାଡ଼ଖଣ୍ଡ (୩), ମଧ୍ୟପ୍ରଦେଶ (୮), ପଞ୍ଜାବ (୧୩), ପଶ୍ଚିମବଙ୍ଗ (୯), ଚଣ୍ଡିଗଡ଼ (୧) ୟୁପି (୧୩) ଓ ହିମାଚଳ ପ୍ରଦେଶର (୪ ) |

## ସବୁ ବୁଥ୍‌ରେ ଭିଭିପିଏଟି

**ନୂଆଦିଲ୍ଲୀ,୧୦।୩**

ଏଥର ନିର୍ବାଚନରେ ପ୍ରତି ବୁଥ୍‌ରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ସହିତ ଭୋଟର ଭେରିଫିଏବ୍ଲ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ରହିବ। ନିର୍ବାଚନ ତାରିଖ ଘୋଷଣା କରିବା ଅବସରରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁନୀଲ ଆରୋରା ଏହା କହିଛନ୍ତି। ଫଳରେ ଭୋଟର ଯାହାଙ୍କୁ ଭୋଟ ଦେଲେ ତାହା ତାଙ୍କୁ ମିଳିଲା ବୋଲି ସ୍ପଷ୍ଟ ହୋଇପାରିବେ। ସେହିପରି ରିଜର୍ଭ ଥିବା ଇଭିଏମ ଏବଂ ଭିଭିପିଏଟିଗୁଡ଼ିକର ସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ସେଗୁଡିକର ପରିବହନରେ ବ୍ୟବହୃତ ଗାଡିଗୁଡିକରେ ଜିପିଏସ୍ ଟ୍ରାକର୍ ଏବଂ ମୋବାଇଲ ଭିତ୍ତିକ ଟ୍ରାକିଂ ସିଷ୍ଟମ୍ ଖଞ୍ଜାଯିବ। ଭିଭିପିଏଟି ଗଚ୍ଛିତ ରଖିବା ଏବଂ ପରିଚାଳନାରେ କଡ଼ା ସୁରକ୍ଷା ନିୟମାବଳୀ ପାଳନ କରାଯିବ। ଇଭିଏମ୍ ସମ୍ପର୍କିତ ଅଭିଯୋଗର ଶୁଣାଣି ଲାଗି ଉଚ୍ଚ କ୍ଷମତାସମ୍ପନ୍ନ କମିଟି ରହିବ।




## ଭୋଟରଙ୍କୁ ଆଶୀର୍ବାଦ ମାଗିଲେ ମୋଦି

ନିର୍ବାଚନ ତାରିଖ ଘୋଷଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣି ଥରେ କ୍ଷମତାସୀନ ହେବା ପାଇଁ ଭୋଟରଙ୍କୁ ଆଶୀର୍ବାଦ ମାଗିଛନ୍ତି। ଜନସାଧାରଣ ବହୁସଂଖ୍ୟାରେ ଭୋଟ ଦେବା ପାଇଁ ସେ ଟୁଇଟ୍ କରି ଅନୁରୋଧ କରିଛନ୍ତି। ଗଣତନ୍ତ୍ରର ଉତ୍ସବ ଲୋକ ସଭା ନିର୍ବାଚନକୁ ସୁଦୃଢ଼ କରିବା ଲାଗି ସମସ୍ତଙ୍କ ସକ୍ରିୟ ଯୋଗଦାନ ପାଇଁ ସେ ଆହ୍ୱାନ ଦେଇଛନ୍ତି।

## କଂଗ୍ରେସର ସ୍ୱାଗତ

ଲୋକ ସଭା ନିର୍ବାଚନ ତାରିଖ ଘୋଷଣା ହେବା ପରେ କଂଗ୍ରେସ ଏହାକୁ ସ୍ୱାଗତ କରିଛି। ତାରିଖ ଘୋଷଣା ପରେ କଂଗ୍ରେସ ଦଳ ପକ୍ଷରୁ ଦୁଇ ମିନିଟର ଏକ ଭିଡିଓ ଜାରି କରାଯାଇ ଦଳ ନିର୍ବାଚନ ପାଇଁ ପୂର୍ଣ୍ଣ ପ୍ରସ୍ତୁତ ବୋଲି କୁହାଯାଇଛି। ଏହି ଲଢ଼େଇରେ ସରକାରରେ ଥିବା ମିଛୁଆମାନେ ପରାଜିତ ହେବେ। ସତ୍ୟର ବିଜୟ ହେବ ଏବଂ ଉପା କ୍ଷମତାକୁ ଆସିବ ବୋଲି କଂଗ୍ରେସ କହିଛି।

## ପ୍ରଚାରରେ କ୍ଷତିକାରକ ସାମଗ୍ରୀ ବ୍ୟବହାର ମନା

**ନୂଆଦିଲ୍ଲୀ,୧୦।୩**

ପରିବେଶ ପ୍ରତି କ୍ଷତି ପହଞ୍ଚାଉଥିବା ସାମଗ୍ରୀକୁ ପ୍ରଚାର କାର୍ଯ୍ୟରେ ବ୍ୟବହାର କରାଯାଇ ପାରିବ ନାହିଁ। ଏଭଳି ସାମଗ୍ରୀ ବ୍ୟବହାରରୁ ନିବୃତ୍ତ ରହିବା ଲାଗି ନିର୍ବାଚନ କମିଶନ ସମସ୍ତ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାଓବାଦୀ ପ୍ରବଣ ରାଜ୍ୟରେ ଭୋଟଗ୍ରହଣ ଶେଷ ହେବା ପରେ ସେଠାରେ ନିୟୋଜିତ ହୋଇଥିବା ଅତିରିକ୍ତ ସୁରକ୍ଷା ବଳଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ସୁରକ୍ଷା କାରଣରୁ ଜମ୍ମୁ-କଶ୍ମୀରର ଅନନ୍ତନାଗ ଆସନରେ ତିନି ପର୍ଯ୍ୟାୟରେ ନିର୍ବାଚନ କରିବାକୁ ନିଷ୍ପତ୍ତି ହୋଇଛି। ଜମ୍ମୁ-କଶ୍ମୀର ପାଇଁ ୩ ଜଣ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ନିଯୁକ୍ତ ହେବେ।

## ୪ ରାଜ୍ୟରେ ଏକକାଳୀନ ନିର୍ବାଚନ



ସାଧାରଣ ନିର୍ବାଚନ ପାଇଁ ଆସାମର ବାସ୍କା ଜିଲାରେ ରବିବାର ଜଣେ ଇଏମ୍‌ଏମ୍ ପ୍ରଶିକ୍ଷକ ପୋଲିଂ ଓ ପ୍ରିଜାଇଡିଂ ଅଫିସରଙ୍କୁ ତାଲିମ୍ ଦେଉଛନ୍ତି।

**ନୂଆଦିଲ୍ଲୀ,୧୦।୩:** ସାଧାରଣ ନିର୍ବାଚନ ସହ ଏକସଙ୍ଗେ ୪ ରାଜ୍ୟର ବିଧାନସଭା ପାଇଁ ଭୋଟଗ୍ରହଣ କରାଯିବ। ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ ଓ ସିକିମର ମତଦାତା ଉଭୟ ଲୋକ ସଭା ଏବଂ ବିଧାନସଭା ପାଇଁ ଭୋଟ ଦେବେ ବୋଲି ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଆରୋରା ରବିବାର ଘୋଷଣା କରିଛନ୍ତି। ଏପ୍ରିଲ ୧୧ରେ ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ ଓ ସିକିମରେ ବିଧାନସଭା ନିର୍ବାଚନ ଗୋଟିଏ ପର୍ଯ୍ୟାୟରେ ହେବ। ସେହିପରି ଓଡ଼ିଶାରେ ଏପ୍ରିଲ ୧୧, ୧୮, ୨୩ ଓ ୨୯ ତାରିଖରେ ୪ଟି ପର୍ଯ୍ୟାୟରେ ବିଧାନସଭା ପାଇଁ ଭୋଟ ଗ୍ରହଣ କରାଯିବ।

## ଆଦର୍ଶ ଆଚରଣ ବିଧି କ'ଣ

ଆଦର୍ଶ ଆଚରଣ ବିଧି ହେଉଛି ରାଜନୈତିକ ଦଳଗୁଡ଼ିକର ସହମତିରେ ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରଣୀତ ନିୟମାବଳୀ। ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେଲେ ରାଜନୈତିକ ଦଳ, ପ୍ରାର୍ଥୀ ଏବଂ ପୋଲିଂ ଏଜେଣ୍ଟମାନଙ୍କୁ କ'ଣ କରିବାକୁ ହେବ ଏବଂ ସେମାନେ କ'ଣ କରିବେ ନାହିଁ ତାହା ଏଥିରେ ଉଲ୍ଲେଖ ରହିଛି। ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତି, ନେତାଙ୍କ ଭାଷଣ, ଶୋଭାଯାତ୍ରା ଇତ୍ୟାଦି ବେଳେ ଏହି ନିୟମାବଳୀକୁ ମାନିବାକୁ ହୋଇଥାଏ। ନିର୍ବାଚନ ତାରିଖ ଘୋଷଣା ଦିନଠାରୁ ସମ୍ପୂର୍ଣ୍ଣ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଆଦର୍ଶ ଆଚରଣ ବିଧି କାର୍ଯ୍ୟକାରୀ ହୋଇଥାଏ। ଲୋକ ସଭା ଏବଂ ୪ଟି ରାଜ୍ୟ ବିଧାନସଭା ଭୋଟ ଲାଗି ତାରିଖ ଘୋଷଣା ସହିତ ତତ୍କାଳ ଆଚରଣ ବିଧି ଲାଗୁ ହୋଇଛି । ଫଳରେ ଭୋଟରଙ୍କ ନିଷ୍ପତ୍ତିକୁ ପ୍ରଭାବିତ କଲା ଭଳି କୌଣସି ନୀତି ନିଷ୍ପତ୍ତି ସରକାର ଘୋଷଣା କରିପାରିବେ ନାହିଁ।

## ସୋସିଆଲ ମିଡିଆ ଖର୍ଚ୍ଚ ପ୍ରାର୍ଥୀଙ୍କ ନିର୍ବାଚନୀ ବ୍ୟୟରେ ସାମିଲ ହେବ

**ନୂଆଦିଲ୍ଲୀ,୧୦।୩**

ନିର୍ବାଚନ କମିଶନ ପ୍ରାର୍ଥୀମାନଙ୍କ ଲାଗି ସୋସିଆଲ ମିଡିଆ ଗାଇଡଲାଇନ ଜାରି କରିଛନ୍ତି। ସୋସିଆଲ ମିଡିଆରେ ପ୍ରଚାରଧର୍ମୀ ବିଜ୍ଞାପନ ଖର୍ଚ୍ଚ ପ୍ରାର୍ଥୀଙ୍କ ନିର୍ବାଚନୀ ବ୍ୟୟ ଆକାଉଣ୍ଟରେ ସାମିଲ ହେବ। ନାମାଙ୍କନପତ୍ର ଦାଖଲ ବେଳେ ପ୍ରାର୍ଥୀଙ୍କୁ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟର ବିବରଣୀ ଦେବାକୁ ହେବ। ସୋସିଆଲ ମିଡିଆରେ ରାଜନୈତିକ ବିଜ୍ଞାପନ ପାଇଁ ପ୍ରାର୍ଥୀ ପୂର୍ବରୁ ଅନୁମତି ନେବେ। ରାଜନୈତିକ ବିଜ୍ଞାପନଗୁଡ଼ିକୁ ଯାଞ୍ଚ କରିବା ଲାଗି ନିର୍ବାଚନ କମିଶନ ଗୁଗଲ, ଫେସ୍‌ବୁକ, ଟ୍ୱିଟର ଏବଂ ୟୁ-ଟ୍ୟୁବ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ସୋସିଆଲ ମିଡିଆରେ ଏଭଳି ବିଜ୍ଞାପନ ସମ୍ପର୍କିତ ଅଭିଯୋଗର ବିଚାର ଲାଗି ଜଣେ ଅଫିସରଙ୍କୁ ନିଯୁକ୍ତ କରାଯିବ।

## ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ହେବନି

ଲୋକ ସଭା ନିର୍ବାଚନ ସହ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ ନାହିଁ। ଗତ ଜୁନ୍ ମାସରେ ମେହବୁବା ମୁଫ୍‌ତିଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାରରୁ ଭାଜପା ସମର୍ଥନ ପ୍ରତ୍ୟାହାର କରିନେବା ପରେ ସେଠାରେ ରାଜ୍ୟପାଳ ଶାସନ ଚାଲିଛି। ନିୟମ ଅନୁଯାୟୀ ୬ ମାସ ମଧ୍ୟରେ ସେଠାରେ ନିର୍ବାଚନ କରାଯିବା କଥା। ଲୋକ ସଭା ନିର୍ବାଚନ ସହ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ଏକସଙ୍ଗେ ଅନୁଷ୍ଠିତ ହେବ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତେବେ ପୁଲ୍‌ୱାମା ଆକ୍ରମଣ ପରେ ସେଠାରେ ଉତ୍ତେଜନା ଲାଗି ରହିଛି। ନିର୍ବାଚନ କମିଶନ ସୁରକ୍ଷା ସ୍ଥିତି ଅନୁଧ୍ୟାନ କରିବା ପରେ ଏବେ ସେଠାରେ ବିଧାନସଭା ନିର୍ବାଚନ ପାଇଁ ଠିକ୍ ସମୟ ନୁହେଁ ବୋଲି ଅନୁଭବ କରିଥିଲେ। ତେଣୁ ସେଠାରେ କେବଳ ଲୋକ ସଭା ନିର୍ବାଚନ ୫ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ବିଧାନସଭା ନିର୍ବାଚନ କରା ନ ଯିବାକୁ ନେଇ ବିଭିନ୍ନ ଦଳ ପକ୍ଷରୁ ସମାଲୋଚନା ଆରମ୍ଭ ହୋଇଯାଇଛି। ୧୯୯୬ ପରେ ପ୍ରଥମ ଥର ବିଧାନସଭା ନିର୍ବାଚନ ଠିକ୍ ସମୟରେ ହେଉ ନ ଥିବା ନ୍ୟାଶନାଲ୍ କନ୍‌ଫରେନ୍ସ ନେତା ଓମାର ଅବଦୁଲ୍ଲା କହିଛନ୍ତି। ଏକସଙ୍ଗେ ନିର୍ବାଚନ କରିବାକୁ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ସର୍ବଦଳୀୟ ବୈଠକରେ ଦେଇଥିବା ପ୍ରତିଶ୍ରୁତି ଉପରେ ସେ ପ୍ରଶ୍ନ ଉଠାଇଛନ୍ତି। ଜମ୍ମୁ-କଶ୍ମୀରରେ କେବଳ ଲୋକ ସଭା ନିର୍ବାଚନ କରାଇବା କେନ୍ଦ୍ର ସରକାରଙ୍କ କୁଟିଳ ମନୋଭାବକୁ ସ୍ପଷ୍ଟ କରୁଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି କହିଛନ୍ତି। ନିଜକୁ ସୁହାଇଲା ଭଳି କାର୍ଯ୍ୟସୂଚୀ ଜାରି ନିମନ୍ତେ ସରକାର ସମୟ ଗଡାଉଥିବା ସେ ଅଭିଯୋଗ କରିଛନ୍ତି।






## ୯୦ କୋଟି ଭୋଟର

ସପ୍ତଦଶ ଲୋକ ସଭା ନିର୍ବାଚନରେ ପାଖାପାଖି ୯୦ କୋଟି ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ୨୦୧୪ ଲୋକ ସଭା ନିର୍ବାଚନ ଲାଗି ପଞ୍ଜୀକୃତ ଭୋଟରଙ୍କ ତୁଳନାରେ ଏହା ୮ କୋଟି ୪୩ ଲକ୍ଷ ଅଧିକ। ସେମାନଙ୍କ ମଧ୍ୟରୁ ଦେଢ଼ କୋଟି ଭୋଟରଙ୍କ ବୟସ ୧୮ରୁ ୧୯ ବର୍ଷ ମଧ୍ୟରେ। ଭୋଟଦାନ ସୁବିଧା ପାଇଁ ୫୪୩ଟି ନିର୍ବାଚନ ମଣ୍ଡଳୀରେ ୧୦ ଲକ୍ଷ ବୁଥ୍‌ର ବ୍ୟବସ୍ଥା କରାଯିବ। ୨୦୧୪ ତୁଳନାରେ ଏଥର ଭୋଟଗ୍ରହଣ କେନ୍ଦ୍ର ସଂଖ୍ୟା ୧୦ ପ୍ରତିଶତ ଅଧିକ ବୋଲି ଜଣାପଡ଼ିଛି।



> ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।
> -ସର୍ବପଲ୍ଲୀ ରାଧାକ୍ରିଷ୍ଣନ




**ସଂକ୍ଷେପରେ**

## ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର ଚୋରି

**ପାଟଣା, ୧୦।୩ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ଅଧୀନ ଚେମେଣା ପଞ୍ଚାୟତ ଅଙ୍ଗିକଳାସ୍ଥିତ ଏବିସିଡିଆର୍ ୟୁନାଇଟେଡ ଜ୍ଞାନମନ୍ଦିର ଆଇସିଟି ଲ୍ୟାବ କକ୍ଷରୁ ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର ଚୋରି ହୋଇଛି। ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ ଏହି କକ୍ଷର ତାଲା ଭାଙ୍ଗି କମ୍ପ୍ୟୁଟର ଓ କମ୍ପ୍ୟୁଟର ସରଞ୍ଜାମ ଚୋରି କରି ନେଇଯାଇଛନ୍ତି। ପ୍ରଧାନ ଶିକ୍ଷକ ହୃଷୀକେଶ ମହାନ୍ତ ଏ ନେଇ ଶନିବାର ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଚୋରି ସାମଗ୍ରୀ ମଧ୍ୟରେ ୨ଟି ସିପିୟୁ, ୧୧ ମନିଟର, ୩୫ ହେଡ୍‌ଫୋନ ଓ ୨ଟି ୱେବ କ୍ୟାମେରା ରହିଛି। ଥାନା ଏସ୍ଆଇ ଗୁରୁପ୍ରସାଦ ଦେଓ ଏକ ମାମଲା(ନଂ.୨୨/୧୯) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

## ଇଥିଓପିଆରେ ବିମାନ ଦୁର୍ଘଟଣା
# ୪ ଭାରତୀୟଙ୍କ ସମେତ ୧୫୭ ମୃତ

**ଆଡିସ୍ ଆବାବା (ଇଥିଓପିଆ),୧୦।୩**

ଇଥିଓପିଆ ଏୟାରଲାଇନ୍ସର ଏକ ବିମାନ ରବିବାର ସକାଳେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ସମସ୍ତ ୧୫୭ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୪ ଜଣ ଭାରତୀୟ ରହିଛନ୍ତି। ଦୁର୍ଘଟଣାର କାରଣ ଜଣାପଡିନାହିଁ। ବୋଇଂ ୭୩୭-୮ ମାକ୍ସ ବିମାନଟି ଇଥିଓପିଆ ରାଜଧାନୀ ଆଡିସ୍ ଆବାବାରୁ ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କେନିଆ ରାଜଧାନୀ ନାଇରୋବି ଅଭିମୁଖେ ଯାଉଥିବା ଉକ୍ତ ବିମାନରେ ୧୪୯ ଯାତ୍ରୀ ଓ ୮ ଜଣ କର୍ମଚାରୀ ଥିଲେ।

ଅନ୍ୟ ମୃତକଙ୍କ ମଧ୍ୟରେ କେନିଆର ୩୨, କାନାଡାର ୧୮, ଆମେରିକାର ୮ ଜଣ, ଚୀନ୍‌ର ୮, ବ୍ରିଟେନର ୭, ଇଟାଲୀର ୮ ଏବଂ ଇଥିଓପିଆର ୯ ଯାତ୍ରୀଙ୍କ ସମେତ ଅନ୍ୟ ଦେଶର ନାଗରିକ ଅଛନ୍ତି। ସ୍ଥାନୀୟ ସମୟ ସକାଳ ୮ଟା ୪୪ରେ ଆଡିସ ଆବାବାଠାରୁ ୫୦ କି.ମି. ଦୂରରେ ବିମାନଟି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଗତ ନଭେମ୍ବର ମାସରେ ଏହି ବିମାନ କିଣାଯାଇଥିଲା। ଦୁର୍ଘଟଣାକୁ ନେଇ ବୋଇଂ କମ୍ପାନୀ ଗଭୀର ଦୁଃଖ ପ୍ରକାଶ କରିଛି। ଦୁର୍ଘଟଣାର କାରଣ ଜାଣିବା ପାଇଁ ଟେକ୍‌ନିକାଲ ସହାୟତା ଯୋଗାଇ ଦେବ ବୋଲି କମ୍ପାନୀ କହିଛି। ଗତବର୍ଷ ଅକ୍ଟୋବରରେ ଇଣ୍ଡୋନେସିଆ ଏୟାରଲାଇନ୍ସର ବୋଇଂ ୭୩୭ ମାକ୍ସ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ସମସ୍ତ ୧୮୯ ଜଣଙ୍କର ମୃତ୍ୟୁ ହୋଇଥିଲା। ବିମାନର ଏୟାରସ୍ପିଡ୍ ଇଣ୍ଡିକେଟର ଏବଂ ଆଙ୍ଗଲ୍ ଅଫ ଆଟାକ୍ ସେନ୍‌ସର୍‌ସରେ ସମସ୍ୟା ଥିବା ତଦନ୍ତରୁ ଜଣାପଡିଥିଲା।




ଦୁର୍ଘଟଣାଗ୍ରସ୍ତ ବିମାନ।

## କଲମ୍ବିଆ ବିମାନ ଦୁର୍ଘଟଣାରେ ୧୨ ନିହତ

**ବୋଗଟା,୧୦।୩ (ଏଏଫ୍‌ପି) :** କଲମ୍ବିଆରେ ଶନିବାର ଏକ ବିମାନ ଦୁର୍ଘଟଣାରେ ଜଣେ ମେୟର ଓ ତାଙ୍କ ପରିବାର ସମେତ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ଡଗଲାସ୍ ଡିସି-୩ ବିମାନ ସାନ୍ ଜୋସ୍ ଡେଲ୍ ଗୁଆଭିଏର୍ ଏବଂ ଭିଲାଭିସେନ୍‌ସିଓ ସହର ମଧ୍ୟରେ ଚଳାଚଳ କରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭିଲାଭିସେନ୍‌ସିଓ ନିକଟରୁ ବିମାନର ଭଗ୍ନାବଶେଷ ମିଳିଛି। ଉକ୍ତ ବିମାନରେ ଟାରାଇରା ମ୍ୟୁନିସିପାଲିଟିର ମେୟର, ତାଙ୍କ ସ୍ୱାମୀ ଓ ଝିଅ, ବିମାନର ମାଲିକ, ଦୁଇ ପାଇଲଟ ଏବଂ ଜଣେ ବିମାନ ଟେକ୍‌ନିସିଆନ ଥିଲେ। ଇଞ୍ଜିନ୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି।




# ବିବାହ ବେଦିରେ ନିଶାମୁକ୍ତି ବାର୍ତ୍ତା

**ବାରିପଦା ଅଫିସ,୧୦।୩**

ମୟୂରଭଞ୍ଜ ଜିଲା ଉଦଳାସ୍ଥିତ କଲ୍ୟାଣ ମଣ୍ଡପ। ଶୁକ୍ରବାର ସେଠାରେ ଆୟୋଜିତ ଏକ ବିବାହ ଉତ୍ସବ ପାଇଁ ସୁସଜ୍ଜିତ ହୋଇ ଝଲସୁଥିଲା। ବିବାହ ବେଦିରେ ବୈଦିକ ମନ୍ତ୍ରପାଠ ମଧ୍ୟରେ କନ୍ୟା କଲ୍ୟାଣୀ ଓ ବର ଅରୁଣୋଦୟ ପରସ୍ପରକୁ ଜୀବନ ସାଥୀଭାବେ ଗ୍ରହଣ କଲାବେଳେ ପରିବେଶ ଥିଲା ବେଶ ରୁଚିକର ଓ ଭାବପୂର୍ଣ୍ଣ। ନିଶାମୁକ୍ତ ସମାଜ ଗଠନ ଲାଗି ବାର୍ତ୍ତାଦେଇ ସେମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଏହି ନବଦମ୍ପତିଙ୍କୁ ଉପସ୍ଥିତ ଅନେକ ବ୍ୟକ୍ତି ଆଶୀର୍ବାଦ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ନିଆରା ଢଙ୍ଗରେ ଆୟୋଜିତ ଏହି ବିବାହ ଉତ୍ସବକୁ ଅଧିକ ରୁଚିବନ୍ତ କରିଥିଲା କେତେକେ କଳାକାରଙ୍କ ନାଟ୍ୟାଭିନୟ। ଜନସଚେତନତା ସୃଷ୍ଟି ପାଇଁ ୪ ଜଣ କଳାକାର ପୋଲିସ, ମଦ୍ୟପ ଓ ମଦ୍ୟପଙ୍କ ବାପା ବେଶରେ ଅଭିନୟ କରି ଲୋକଙ୍କ ମନମୋହି ଥିଲେ। ବିବାହ ବନ୍ଧନରେ ଆବଦ୍ଧ ଦମ୍ପତି କଳାକାରଙ୍କ ସହିତ ମିଶି ନିଶାମୁକ୍ତି ସମାଜ ଗଠନ ନେଇ ବାର୍ତ୍ତା ବାଣ୍ଟିଥିଲେ। ଏଭଳି ଉତ୍ସବ ଦେଖିବାକୁ ଅନେକ ଦେଖଣାହାରୀ ଭିଡ଼ ଜମାଇଥିଲେ।

ଏହି ଦୁଇ ଜୀବନ ସାଥୀଙ୍କ ମଧ୍ୟରୁ କଲ୍ୟାଣୀ ଭୁବନେଶ୍ୱରରେ ଇଂଜିନିୟର ଭାବେ କାର୍ଯ୍ୟ କରୁଛନ୍ତି। ଅରୁଣୋଦୟ ସୁଦୂର କାନାଡାରେ ଇଞ୍ଜିନିୟର ଭାବେ ଅବସ୍ଥାପିତ। କଲ୍ୟାଣୀଙ୍କ ଘର ଉଦଳାରେ। ତାଙ୍କ ପିତା ହେଲେ ରବୀନ୍ଦ୍ର ନାଥ ଆଚାର୍ଯ୍ୟ। ଉଦୟ ନାରାୟଣ ରାଉତଙ୍କ ପୁତ୍ର ଅରୁଣୋଦୟଙ୍କ ଘର ଭଦ୍ରକ ଜିଲାରେ।

କଲ୍ୟାଣୀ ଓ ଅରୁଣୋଦୟ ବାହ୍ୟ ଆଡ଼ମ୍ବରପୂର୍ଣ୍ଣ ଆୟୋଜନ ନ କରି ନିଆରା ଢଙ୍ଗରେ ବିବାହ କରି ସମାଜକୁ ନିଶାମୁକ୍ତି ବାର୍ତ୍ତାଦେଇ ଏଠାରେ ଚର୍ଚ୍ଚାକୁ ଆସିଛନ୍ତି। ବିବାହ ଉତ୍ସବ ଅବସରରେ କନ୍ୟାବର କହିଥିଲେ, ସାମ୍ପ୍ରତିକ ସମାଜରେ ବିବାହ ବହୁ ବ୍ୟୟ ବହୁଳ ହେଉଛି। ଶୋଭାଯାତ୍ରାରେ ଆସିବା ସମୟରେ ଅନେକ ବରଯାତ୍ରୀ ମଦ୍ୟପାନ କରୁଛନ୍ତି। ଏଥିଲାଗି ଦୁର୍ଘଟଣା ଘଟି ଲୋକଙ୍କ ପ୍ରାଣ ହାନି ହେଉଛି। ସଂସ୍କୃତିକୁ ଲୋକେ ଭୁଲିଯାଇ ଭୁଲବାଟ ବାଛୁଛନ୍ତି। ଏହି ପ୍ରସଙ୍ଗକୁ ଦୃଷ୍ଟିରେ ରଖି ସେମାନେ ନିଶାମୁକ୍ତ ନାଟକ ପରିବେଷଣ ଜରିଆରେ ସଚେତନତାର ବାର୍ତ୍ତା ବାଣ୍ଟିଥିବା କହିଛନ୍ତି।



ବିବାହ ବନ୍ଧନରେ ଆବଦ୍ଧ ଅରୁଣୋଦୟ ଓ କଲ୍ୟାଣୀ।

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ

**ଭୁବନେଶ୍ୱର,୧୦।୩(ବ୍ୟୁରୋ)**

ଦେଶରେ ସାଧାରଣ ନିର୍ବାଚନ ନେଇ ଆଚରଣ ବିଧି ଲାଗୁ ହୋଇଛି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ରବିବାର ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଶେଷହେବା ପର୍ଯ୍ୟନ୍ତ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିବ। ସେହିପରି ନିର୍ବାଚନ କମିଶନ ସାଧାରଣ ନିର୍ବାଚନ ନେଇ ତାରିଖ ଘୋଷଣା କରିବା ପରେ ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଏହାକୁ ସ୍ୱାଗତ କରିଛନ୍ତି।

## ଆପରାଧିକ ତଥ୍ୟ ରଖିବେ ପ୍ରାର୍ଥୀ

- ପାନ୍ ନମ୍ବର ଦେବାକୁ ପଡ଼ିବ
- ଭିନ୍ନକ୍ଷମଙ୍କ ପାଇଁ ୨୫,୦୦୦ ହୁଇଲ ଚେୟାର

**ଭୁବନେଶ୍ୱର,୧୦।୩(ବ୍ୟୁରୋ)**

ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେଉଥିବା ବ୍ୟକ୍ତିବିଶେଷ ନିଜ ଆପରାଧିକ ତଥ୍ୟ ରଖିବେ। ନିର୍ବାଚନ କମିଶନଙ୍କ ପକ୍ଷରୁ ଏନେଇ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଗତ ୨୫, ସେପ୍ଟେମ୍ବର ୨୦୧୮ରେ ସୁପ୍ରିମ୍‌କୋର୍ଟ ଦେଇଥିବା ନିର୍ଦ୍ଦେଶ ଅନୁଯାୟୀ ପ୍ରାର୍ଥିପତ୍ର ଦାଖଲ ଦିନଠାରୁ ଭୋଟ ଗ୍ରହଣର ୪୮ ଘଣ୍ଟା ପୂର୍ବରୁ ପ୍ରାର୍ଥୀ ୩ଥର ନିଜ ଆପରାଧିକ ତଥ୍ୟ ସାର୍ବଜନୀନ କରିବାକୁ ବାଧ୍ୟ। ପ୍ରାର୍ଥୀ ଉଭୟ ଛାପା ଏବଂ ବୈଦ୍ୟୁତିକ ଗଣମାଧ୍ୟମରେ ନିଜ ଆପରାଧିକ ପୃଷ୍ଠଭୂମି ସାର୍ବଜନୀନ କରିବେ। ପ୍ରାର୍ଥୀମାନେ ପାନ କାର୍ଡ ନଂ. ସମ୍ପର୍କରେ ମଧ୍ୟ ଜଣାଇବେ। ଯାହାର ପାନ୍ କାର୍ଡ ନ ଥିବ, ଏଥିପାଇଁ ଆବେଦନ କରାଯାଇଥିବା ଆବେଦନପତ୍ର ସମ୍ପର୍କରେ ମଧ୍ୟ ସୂଚନା ଦେବେ। ପ୍ରତି ବୁଥ୍‌ରେ ଭିନ୍ନକ୍ଷମ ଭୋଟରଙ୍କ ସୁବିଧା ପାଇଁ ୨ ଜଣ ସ୍ୱେଚ୍ଛାସେବୀ ରହିବେ। ସାରା ରାଜ୍ୟରେ ଭିନ୍ନକ୍ଷମଙ୍କ ସୁବିଧା ପାଇଁ ୨୫,୦୦୦ ହୁଇଲ୍‌ଚେୟାର ବ୍ୟବସ୍ଥା କରାଯାଇଛି। ଭିନ୍ନକ୍ଷମ ଭୋଟର ଚିହ୍ନଟ ପ୍ରକ୍ରିୟାରେ ଓଡ଼ିଶା କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ ପଛରେ ରହିଛି। ସାରା ରାଜ୍ୟରେ ପ୍ରାୟ ୪ ଲକ୍ଷ ୭୦ ହଜାର ଭିନ୍ନକ୍ଷମ ଭୋଟର ଚିହ୍ନଟ ହୋଇଛନ୍ତି। ସମସ୍ତ ବୁଥ୍‌ରେ ଭିଭିପାଟ୍ ବ୍ୟବହାର କରାଯିବ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ୫୦,୬୦୦ ଗାଁରେ ଭିଭିପାଟ୍ ପ୍ରଶିକ୍ଷଣ କରାଯାଇଛି। ଏଥିରେ ୩୪ ଲକ୍ଷ ଭୋଟର ଅଂଶଗ୍ରହଣ କରିଥିଲେ। ସେହିପରି ଜାରି ରହିଥିବା ଦ୍ୱିତୀୟ ପର୍ଯ୍ୟାୟରେ ୧୧,୮୭୫ ଗାଁର ୧୦ ଲକ୍ଷ ୬୭ ହଜାର ୮୨୫ ଜଣ ଏହି ପ୍ରଶିକ୍ଷଣରେ ଭାଗ ନେଇସାରିଲେଣି। ଏଥିପାଇଁ ୯୩୧ଟି ପ୍ରଶିକ୍ଷଣ ଟିମ୍ ଗଠନ କରାଯାଇଛି। ଭୋଟର ତାଲିକାରୁ ନାମ ହଟାଇବା, ସଂଶୋଧନ ଏବଂ ପୁନଃସ୍ଥାପନ ଉପରେ ରୋକ୍ ଲାଗିଛି। ହେଲେ ନାମାଙ୍କନ ନିମିତ୍ତ ବିଜ୍ଞପ୍ତିର ୧୦ ଦିନ ପୂର୍ବରୁ ନୂତନ ନାମ ଯୋଡ଼ାଯାଇପାରିବ।




| | ପ୍ଲାଟିନା 100 ES ଆଲୟ | CT100 ସ୍କୋକ୍ |
|---|---|---|
| ମୂଲ୍ୟ | ₹48 109/-# | ₹32 576/-# |
| ଡାଉନ୍ ପେମେଣ୍ଟ | ₹2 950/-** | ₹2 100/-** |

Paytm CASHBACK ₹7000/-
Oriental Insurance
Download BAJAJ CARE App Now!
Call 7219821111 or visit : www.bajajauto.com/100ccjackpot | For Institutional / Bulk orders please send an e-mail to corporatesales@bajajauto.co.in | Offer extended till 31st March 2019.

#ଓଡ଼ିଶାରେ CT100 KS ସ୍କୋକ୍ ଆଉ ପ୍ଲାଟିନା 100 ES ର ଏକ୍ସ-ଶୋରୁମ୍ ମୂଲ୍ୟ। *ସର୍ତ୍ତ ଓ ନିୟମାବଳୀ ଲାଗିବ। ମାଗଣା 5 ବର୍ଷର ଓନ୍ ଡ୍ୟାମେଜ୍ ଇନ୍‌ସ୍ୟୋରାନ୍‌ସ CT100 ES, CT100 KS ଆଲୟ, ପ୍ଲାଟିନା 100 KS ଓ ପ୍ଲାଟିନା 100 ES ସକାଶେ ମିଳୁଛି, କେବଳ ବଛା ବଛା ପ୍ରଦେଶରେ। ମାଗଣା 5 ବର୍ଷର ୱାରେଣ୍ଟି ସବୁ ପ୍ରଦେଶରେ ସମସ୍ତ ବଜାଜ ବାଇକ୍ ସକାଶେ ମିଳୁଛି। ବିଶଦ ବିବରଣୀ ପାଇଁ ଦେଖନ୍ତୁ www.bajajauto.com/100ccjackpot। ବଜାଜ ଅଟୋ ଲିମିଟେଡ ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍ ସଂଶୋଧନ କରିବାର ବା କାଢ଼ିନେବାର ଅଧିକାର ସଂରକ୍ଷିତ ରଖୁଛି। ଥର୍ଡ ପାର୍ଟୀ ଇନ୍‌ସ୍ୟୋରାନ୍‌ସ ଓ କମ୍ପଲସରୀ ପର୍ସନାଲ୍ ଆକ୍‌ସିଡେଣ୍ଟ କଭର୍ ମାଗଣା ବୀମା ଅଫର୍'ର ଭାଗ ନୁହେଁ। ବୀମାକାରୀମାନଙ୍କ ସୂଚୀ ନିର୍ଦ୍ଦେଶକ ଅଟେ ଓ ପ୍ରତି ସେଲିଙ୍ଗ ଡୀଲର୍‌ଙ୍କ ପାଖରେ ଭିନ ହୋଇପାରେ। ବତାଯାଇଥିବା ବୀମା ସଞ୍ଚୟ ରାଶି ସେଲିଙ୍ଗ ଡୀଲର୍‌ଙ୍କ ମଧ୍ୟରେ ଭିନ୍ନ ହୋଇପାରେ। **ବଜାଜ ଅଟୋ ଲି. କୌଣସି ପ୍ରକାରର ବୀମା ପଲିସୀ ବିକ୍ରୀରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସମ୍ପୃକ୍ତ ନୁହେଁ।** **ଫାଇନାନ୍‌ସିଅର୍‌ଙ୍କ ନିଜସ୍ୱ ବିବେଚନା ଉପରେ ଫାଇନାନ୍‌ସ ନିର୍ଭର କରେ। ପ୍ରୋସେସିଙ୍ଗ ଫୀଜ୍ ଅତିରିକ୍ତ। ପେଟିଏମ୍ ଅଫର୍, ପେଟିଏମ୍ ଓ ସମ୍ବନ୍ଧିତ ଡୀଲର୍‌ଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ, ପେଟିଏମ୍ ଅଫର୍ କେବଳ ବଛା ବଛା ଉତ୍ପାଦ ଏବଂ ଡୀଲର୍‌ଶିପ୍ ସକାଶେ ପ୍ରଯୋଜ୍ୟ। ପେଟିଏମ୍ ଅଫର୍ ଡୀଲର୍‌ଙ୍କ ବିବେଚନା ଉପରେ ନିର୍ଭର କରି ମିଳୁଛି।

**Authorised Dealers for Bajaj Auto Ltd.:** Sambalpur: UJJWAL BAJAJ 9853155550 • Rourkela: RM BAJAJ 90780 83803 • Baragrh CHANDAN BAJAJ 7381415555 • Bolangir URBASI BAJAJ 7381052046 • Bhawanipatna KALINGA BAJAJ 8895088261 • Jharsuguda UTKAL BAJAJ 7205535008. **Authorised Service Centre:** Binika 9437151684, Dunguripali 9937006819, Boudh 7978833033, Kuchinda 9437392099, Titilagarh 9437322996, Patnagarh 9937301752, Kantabanji 9439277555, Padampur 9437417977, Gaisilet 9937517018, Barpali 9861368656, Junagarh 9437092196, Muniguda 9437458426, Rajkhariar 8249940196, Udyanbandh 9337683275, Khariar Road 9437188542, Brajrajnagar 9937124444, Bamara 9937108643, Bagdhi 7873430989, Kuchinda 9437392099, Deogarh 9437020444, Sundargarh 9437203163, Rajgangpur 8908908901, Ujjwalpur 9178463828, Diptipur- 7750039856, Godbhaga – 9937514987.



ହଜାର ଥର ଅକୃତକାର୍ଯ୍ୟ ହେଲେ ମଧ୍ୟ ଚେଷ୍ଟା ଛାଡ଼ିବାର ନୁହେଁ, ଉଦ୍ୟମ ହରାଇବାର ନୁହେଁ, ତା'ହେଲେ ସଫଳତା ଆସିବ ହିଁ ଆସିବ।
- ସ୍ୱାମୀ ବିବେକାନନ୍ଦ

# ଗଛରେ ପିଟି ହୋଇ ଓଲଟିଲା ଟ୍ରକ, ୩ ମୃତ

## ୫ ଆହତ, ଦେବଗଡ଼ ଡାକ୍ତରଖାନାରେ ଭର୍ତ୍ତି

ବାରକୋଟ,୧୦।୩ (ଡି.ଏନ.ଏ.)-ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ଖୁଲୁଣ୍ଡିପାଣି ଗ୍ରାମ ନିକଟ ୨୩ନମ୍ବର ଜାତୀୟ ରାଜପଥ ଉପରେ ରବିବାର ସନ୍ଧ୍ୟାରେ ଏକ ଟ୍ରକ (ନଂ.ଓଡି ୧୬ ସି ୦୭୭୪) ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଘଟଣା ସ୍ଥଳରେ ୩ ଜଣଙ୍କ ମୃତ୍ୟୁ ଘଟିଛି । ୫ଜଣ ଆହତ ହୋଇଛନ୍ତି । ଆହତମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ମିଳିଥିବା ସୂଚନା ଅନୁଯାୟୀ, ବାରକୋଟ ଥାନା ଅନ୍ତର୍ଗତ ପୁରୁଣାପାଣି ଗ୍ରାମର ୮ଜଣ ବ୍ୟକ୍ତି ବଣାଇ ଇନ୍ଦରପୁର ଗ୍ରାମକୁ ଏକ ବିବାହ ଉତ୍ସବରେ ବାଜା ବଜାଇବା ପାଇଁ ଯାଇ ସେଠାରୁ ଟ୍ରକ ଯୋଗେ ଫେରୁଥିଲେ । ଘାଟିରଗଡା ନିକଟରେ ଟ୍ରକର ଆଗଚକ ହଠାତ୍ ଫାଟି ଯିବାରୁ ଗାଡ଼ିଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଓଲଟି ପଡିଥିଲା । ଫଳରେ ଟ୍ରକ ତଳେ ଚାପିହୋଇ ପୁରୁଣାପାଣି ଗ୍ରାମର ମହର୍ଗୁ ବେହେରା (୩୫), ଶତ୍ରୁଘ୍ନ ନାଏକ (୩୪), ହିମାଦ୍ରି ନାଏକ (୩୨)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ଭିକାରି ନାଏକ (୩୬), ସମ୍ବାରୁ ନାଏକ (୩୦), ପିଣ୍ଟୁ ନାଏକ (୧୦), ମୋହନ ବେହେରା (୨୮), ଗଙ୍ଗା ବେହେରା (୧୫) ଆହତ ହୋଇଥିଲେ । ସେମାନଙ୍କୁ ଦେବଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି ।

# ଆଜି ଏଆଇସିସିର ସ୍କ୍ରିନିଂ କମିଟି ବୈଠକ

ଭୁବନେଶ୍ୱର,୧୦।୩ (ବ୍ୟୁରୋ)

ଖୁବ୍‌ଶୀଘ୍ର ସବୁ ଦଳଗୁଡିକ ନିଜ ନିଜର ପ୍ରାର୍ଥୀ ତାଲିକା ଘୋଷଣା କରିବେ। ରବିବାର ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଆରୋରା ଏନେଇ ଘୋଷଣା କରିବା ପରେ ସବୁ ଦଳରେ ପ୍ରାର୍ଥୀ ଘୋଷଣା ନେଇ ତତ୍ପରତା ଦେଖାଦେଇଛି। ନିକଟରେ କଂଗ୍ରେସ ପକ୍ଷରୁ କେନ୍ଦ୍ରୀୟ ସ୍କ୍ରିନିଂ କମିଟି ଏବଂ ପିଇସି(ପ୍ରଦେଶ ଇଲେକ୍ସନ କମିଟି) ବୈଠକ ଅନୁଷ୍ଠିତ ହୋଇ ସମ୍ଭାବ୍ୟ ଆଶାୟୀ ତାଲିକା ଚୂଡାନ୍ତ ହୋଇ ଦିଲ୍ଲୀ ପଠାଇ ଦିଆଯାଇଥିବା ଜଣାପଡିଛି। ସେହି କ୍ରମରେ ସୋମବାର ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି)ର ସ୍କ୍ରିନିଂ କମିଟି ନୂଆଦିଲ୍ଲୀଠାରେ ବସିବାକୁ ଥିବା ଜଣାପଡିଛି। ଏଥିରେ ଯୋଗଦେବାକୁ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଏବଂ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଦିଲ୍ଲୀ ଗସ୍ତ କରିଛନ୍ତି। ନରସିଂହ ବଲାଙ୍ଗୀରଠାରେ ଦଳୀୟ କାର୍ଯ୍ୟକ୍ରମରେ

### ଦିଲ୍ଲୀ ଗସ୍ତରେ ନିରଞ୍ଜନ, ନରସିଂହ

ଯୋଗଦେବା ପରେ ରାୟପୁର ଦେଇ ଦିଲ୍ଲୀ ଯାଇଥିବା ଜଣାପଡିଛି। ସେହିପରି ନିରଞ୍ଜନ ଭୁବନେଶ୍ୱରରୁ ସନ୍ଧ୍ୟାରେ ଯିବାକୁ ଟିକେଟ କରିଥିଲେ ମଧ୍ୟ ଯାଇପାରି ନ ଥିଲେ। ଭଦ୍ରକଠାରେ କେତୋଟି କାର୍ଯ୍ୟକ୍ରମରେ ଯୋଗଦେଇ ଫେରିବାକୁ ବିଳମ୍ବ ହେବାରୁ ନିରଞ୍ଜନ ଯାଇପାରି ନ ଥିଲେ। ଫଳରେ ବିଳମ୍ବିତ ରାତିରେ ନିରଞ୍ଜନ ଦିଲ୍ଲୀ ଯାଇଛନ୍ତି। ତେବେ ଏଆଇସିସି ସ୍କ୍ରିନିଂ କମିଟିରେ ଆଶାୟୀଙ୍କ ପ୍ରାର୍ଥୀ ତାଲିକା ଯାଞ୍ଚ ହେବାପରେ ମଙ୍ଗଳବାର ସିଡବ୍ଲୁସି(କେନ୍ଦ୍ରୀୟ ୱାର୍କିଂ କମିଟି) ବୈଠକ ବସିବାକୁ ଥିବା ଶୁଣିବାକୁ ମିଳିଛି। ଏହାପରେ ସିଇସି(ସେଣ୍ଟ୍ରାଲ ଇଲେକ୍ସନ କମିଟି) ବସିବ। ଓଡିଶାର ୨୧ଲୋକ ସଭା ଆସନ ପାଇଁ ଚୂଡାନ୍ତ ହେବାକୁ ଥିବା ପ୍ରାର୍ଥୀଙ୍କ ସ୍ଥିତି ସମ୍ପର୍କରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ନିଜେ ପରଖିବାକୁ ଥିବା ଜଣାପଡିଛି।

# ବନ୍ଧୁ ଆର୍ଯ୍ୟାଙ୍କୁ ବିବାହ କଲେ ସାୟଶା

ହାଇଦ୍ରାବାଦ୍,୧୦।୩

ବଲିଉଡ୍‌ର ଚର୍ଚ୍ଚିତ ଚେହେରା ଦିଲୀପ କୁମାର ଏବଂ ସାଇରା ବାନୋଙ୍କ ନାତୁଣୀ ସାୟଶା ସେହଗଲ ତାଙ୍କ ଠାରୁ ୧୭ ବର୍ଷ ବଡ଼ ଅଭିନେତା ଆର୍ଯ୍ୟାଙ୍କୁ ହାଇଦ୍ରାବାଦ୍‌ରେ ବିବାହ କରିଛନ୍ତି। ବର ଓ କନ୍ୟା ବେଶରେ ଦୁହେଁ ପରସ୍ପରକୁ ଗଳାରେ ମାଳା ପିନ୍ଧାଉଥିବାବେଳେ ସେଠାରେ ଉପସ୍ଥିତ ଅତିଥିବୃନ୍ଦ ସେମାନଙ୍କୁ ସ୍ୱାଗତ କରୁଥିବା ଭିଡିଓ ଇନ୍‌ଷ୍ଟାଗ୍ରାମରେ ଭାଇରାଲ୍ ହୋଇଛି। ବିବାହ ଉତ୍ସବ ପୂର୍ବରୁ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସାୟଶା ଏବଂ ଆର୍ଯ୍ୟା ଉଭୟେ ଧଳା ରଙ୍ଗର ପୋଷାକ ପିନ୍ଧିଥିଲେ। ସାୟଶାଙ୍କ ଲେହଙ୍ଗା ଏବଂ ଆର୍ଯ୍ୟାଙ୍କ ଶେରୱାନି ଯୋଡ଼ି ସୋସିଆଲ୍ ମିଡିଆରେ ବେଶ୍ ଚହଳ ସୃଷ୍ଟି କରିଛି। ଦୀର୍ଘଦିନର ବନ୍ଧୁତା ପରେ ବିବାହ କରିବାକୁ ସେମାନେ ନିଷ୍ପତ୍ତି କରିଥିଲେ। ସୂର୍ଯ୍ୟ-କେବି ଆନନ୍ଦଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'କପ୍ପନ'ରେ ଦୁହେଁ ଏକାସଙ୍ଗେ କାମ କରୁଛନ୍ତି। 'ବନାମଗନ' ଥିଲା ସାୟଶାଙ୍କ ଡେବ୍ୟୁ ଫିଲ୍ମ। ଏଥିସହ କଡ଼ଇକୁଟ୍ଟି ସିଂଘମ୍ ଏବଂ ଜୁଙ୍ଗାରେ ସେ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ଅନ୍ୟପଟେ, ଆର୍ଯ୍ୟା ମଗାମୁନୀ, ୩ ଦେବ, ସନ୍ଧନା ଦେବନ ଆଦି ଫିଲ୍ମରେ କାମ କରୁଛନ୍ତି। ଚେନ୍ନାଇର ନାମୀଦାମୀ ହୋଟେଲ 'ସି ସେଲ୍'ର ସେ ମାଲିକ ଅଟନ୍ତି। ଏପରି କି ତାଙ୍କର ଏକ ପ୍ରୋଡ୍‌କ୍ସନ କମ୍ପାନୀ ମଧ୍ୟ ରହିଛି।



ପ୍ରଥମ ପୃଷ୍ଠାରୁ...

## ବାଜିଲା ରଣ...

ସିଇସି କହିଛନ୍ତି, ନିର୍ବାଚନ କମିଶନ ମୁକ୍ତ ଓ ନିରପେକ୍ଷ ମତଦାନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଓ ପ୍ରସ୍ତୁତି କରିଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ୯୦ କୋଟି ଭୋଟର ମତଦାନ କରିବେ। ୨୦୧୪ ଲୋକ ସଭା ନିର୍ବାଚନ ବେଳେ ଏହି ସଂଖ୍ୟା ୮୧ କୋଟି ୪୫ ଲକ୍ଷ ଥିଲା। ଏଥର ୧୮ରୁ ୧୯ ବର୍ଷୀୟ ୧.୫ କୋଟି ଭୋଟର ପ୍ରଥମଥର ପାଇଁ ମତଦାନ କରିବାକୁ ଯାଉଛନ୍ତି। ସୁରୁଖୁରୁରେ ଭୋଟଗ୍ରହଣ କରିବା ପାଇଁ ଦେଶର ୪ ଲକ୍ଷ ୩୬ ହଜାର ସ୍ଥାନରେ ୧୦ ଲକ୍ଷ ୩୫ ହଜାର ୩୯୨ ପୋଲିଂ ଷ୍ଟେଶନର ବ୍ୟବସ୍ଥା କରାଯାଇଛି, ଯାହାକି ଗତ ସାଧାରଣ ନିର୍ବାଚନଠାରୁ ଲକ୍ଷେ ଅଧିକ ଅର୍ଥାତ୍ ୧୦% ବୃଦ୍ଧି ପାଇଛି। ଭୋଟରମାନଙ୍କ ମତଦାନ ସୁନିଶ୍ଚିତ କରିବା ଲାଗି ମୋଟ ୧୭.୪ ଲକ୍ଷ ଭୋଟର ଭେରିଫିଏବଲ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ମେଶିନ୍ ସମସ୍ତ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରେ ସଂଲଗ୍ନ କରାଯିବ। ଇଭିଏମ୍‌ରେ ପ୍ରଥମଥର ପାଇଁ ପ୍ରାର୍ଥୀଙ୍କ ମୁହଁ ରହିବ। ଏହାଦ୍ୱାରା ନିରକ୍ଷର ଭୋଟର ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଚିହ୍ନି ଭୋଟ ଦେଇପାରିବେ। ପରୀକ୍ଷା, ପର୍ବପର୍ବାଣି ଓ ପାଣିପାଗକୁ ଦୃଷ୍ଟିରେ ରଖି ନିର୍ବାଚନ ତାରିଖ ସ୍ଥିର କରାଯାଇଛି। ନିର୍ବାଚନ ପ୍ରଚାରବେଳେ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଡାକବାଜିଯନ୍ତ୍ର ବଜାଇବା ଉପରେ କଟକଣା ଜାରି କରାଯାଇଛି। ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ ବେଳେ ସେମାନଙ୍କ ଆପରାଧିକ ଇତିହାସ ସମ୍ପର୍କରେ ସତ୍ୟପାଠରେ ଉଲ୍ଲେଖ କରିବେ। ମିଥ୍ୟା ଖବର ପ୍ରସାର ଉପରେ କଡ଼ା ନଜର ରଖାଯିବ। ଅପପ୍ରଚାର ରୋକିବା ପାଇଁ ସାମାଜିକ ଗଣମାଧ୍ୟମଗୁଡ଼ିକ ପଦକ୍ଷେପ ନେବେ। ପ୍ରାର୍ଥୀଙ୍କୁ ନିଜ ସୋସିଆଲ ମିଡିଆ ଆକାଉଣ୍ଟ ସମ୍ପର୍କିତ ତଥ୍ୟ ଦେବାକୁ ପଡ଼ିବ।

ଏହି ଘୋଷଣା ସହ ସାରା ଦେଶରେ ନିର୍ବାଚନ ଆଚରଣ ବିଧି ତତ୍କାଳ ଲାଗୁ ହୋଇଛି। ଫଳରେ ଏବେଠୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ କୌଣସି ନୂଆ ଘୋଷଣା କରିପାରିବେ ନାହିଁ। ସମସ୍ତ ରାଜନୈତିକ ଦଳ, ସେଗୁଡ଼ିକର ରାଜନୈତିକ ପ୍ରଚାର ଓ ବିଜ୍ଞାପନ ଉପରେ ନିର୍ବାଚନ କମିଶନଙ୍କ କଡ଼ା ନଜର ରହିବ। ଏହାର ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଇସି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, କୌଣସି ରାଜନୈତିକ ଦଳ ନିର୍ବାଚନ ପ୍ରଚାରରେ ସୈନ୍ୟ ବାହିନୀ କିମ୍ବା ଯବାନଙ୍କ ଫଟୋ ବ୍ୟବହାର କରିପାରିବେ ନାହିଁ ବୋଲି ଇସି ଶୁକ୍ରବାର ନିର୍ଦ୍ଦେଶନାମା ଜାରି କରିସାରିଛନ୍ତି।

## ଓଡ଼ିଶାରେ ୪...

ମାର୍ଚ୍ଚ ୨୮ ଏବଂ ୪ର୍ଥ ପାଇଁ ଏପ୍ରିଲ ୨ରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ସେଣ୍ଟ୍ରାଲ ଆର୍ମ୍ଡ ପାରାମିଲିଟାରୀ ଫୋର୍ସ(ସିଏପିଏଫ୍)ଙ୍କୁ ଯେପରି ସୁଚାରୁରୂପେ ନିର୍ବାଚନରେ ନିୟୋଜିତ କରାଯାଇପାରିବ, ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଇଛି। ଓଡ଼ିଶା ସମେତ ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରରେ ମଧ୍ୟ ୪ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ପୂର୍ବ ଭାରତର ମାଓବାଦୀପ୍ରବଣ ଜିଲାଗୁଡ଼ିକରେ ଏକସଙ୍ଗରେ ନିର୍ବାଚନ କରାଯାଇଥିବା ସିଇଓ ସୁରେନ୍ଦ୍ର କୁମାର ସୂଚନା ଦେଇଛନ୍ତି। ନିର୍ବାଚନ ଆଚରଣବିଧି ଲାଗୁହେବା ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଯାଇଛି। ଏଥିସହିତ ବିଭିନ୍ନ ସ୍ଥାନରେ ଲାଗିଥିବା ରାଜନୈତିକ ହୋର୍ଡିଂ, ବିଜ୍ଞାପନ ଆଦିକୁ ୨୪ ଘଣ୍ଟା ମଧ୍ୟରେ ହଟାଇବା ପାଇଁ ନିର୍ଦ୍ଦେଶ ରହିଛି। ପୂର୍ବରୁ ଚାଲୁ ରହିଥିବା ଯୋଜନାରେ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର(ଡିବିଟି) ଚାଲୁ ରହିବ। ହେଲେ ଆଚରଣବିଧି ଲାଗୁ ପରେ କୌଣସି ଯୋଜନା ପାଇଁ ହିତାଧିକାରୀ ଚୟନ କରାଯାଇପାରିବ ନାହିଁ।

କରଦାତାଙ୍କ ଅର୍ଥରେ ବିଜ୍ଞାପନ ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଯାଇଛି। କୌଣସି ବିଜ୍ଞାପନରେ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଫଟୋ ଲାଗିବା ଉପରେ ଅଙ୍କୁଶ ରହିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୩ କୋଟି ୧୮ ଲକ୍ଷରୁ ଅଧିକ ଭୋଟର ଚିହ୍ନଟ ହୋଇସାରିଛନ୍ତି। ଏହି ସଂଖ୍ୟା ଆଗକୁ ମଧ୍ୟ ବଢ଼ିବ। ସେହିପରି ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୭,୬୦୬ଟି ବୁଥ୍ ଚିହ୍ନଟ କରାଯାଇଛି, ମାତ୍ର ଏହା ଚୂଡ଼ାନ୍ତ ନୁହେଁ। ଶତପ୍ରତିଶତ ମତଦାନ, ମୁକ୍ତ ଓ ଅବାଧ ନିର୍ବାଚନ ପରିଚାଳନାକୁ ପ୍ରାଥମିକତା ପ୍ରଦାନ କରାଯାଇଛି। ପ୍ରତି ବୁଥ୍‌କୁ ଭିନ୍ନକ୍ଷମ ଭୋଟର ବ୍ୟବହାରଯୋଗ୍ୟ କରାଯିବ। ଏଥିସହିତ ବରିଷ୍ଠ ନାଗରିକଙ୍କ ଭୋଟଦାନକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ଇଭିଏମ୍, ଭିଭିପିଏଟି ସହ ଏଥର ପ୍ରାର୍ଥୀଙ୍କ ଫଟୋ ଲଗାଯିବାର ମଧ୍ୟ ବ୍ୟବସ୍ଥା ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ପରିବାର ସ୍ଥାନରେ ରାହୁ ଓ ରାଶିରେ ମଙ୍ଗଳ ରହିଥିବାରୁ ତର୍କବିତର୍କ ପରେ ବୁଝାମଣା ମାଧ୍ୟମରେ ଆଲୋଚନା ଫଳପ୍ରଦ ହେବ । କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ଦୈହିକ ସୁସ୍ଥତା, ଅର୍ଥ ଲାଭ ସାଙ୍ଗକୁ ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ** - ଶନିକ୍ଷେତ୍ରସ୍ଥ ରବିଙ୍କ କୁପ୍ରଭାବରେ ପାରିବାରିକ ଅସ୍ଥିରତା ମାନସିକ ସ୍ଥିତିକୁ ବିଗାଡି ଦେଇପାରେ । ଅବଶ୍ୟ ବୁଧଙ୍କ ଶୁଭତ୍ୱରୁ ଆଶା କରୁଥିବା ଦିଗରୁ ଅର୍ଥ ପାଇ ଖୁସି ହେବେ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

**ମିଥୁନ** - ଏକାଦଶସ୍ଥ ବନ୍ଧୁଙ୍କ ସହ ଆଲୋଚନା, ନୂତନ ସମ୍ପର୍କ ସୃଷ୍ଟି କରିବା ସକାଶେ ଅନୁକୂଳ ରହିବ। ପ୍ରତ୍ୟୁଷ ଯାତ୍ରା ପାଇଁ ପ୍ରତିକୂଳ ନ ହେଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ବ୍ୟବସାୟରେ ଲକ୍ଷ୍ୟ ହାସଲ କରିବାରେ କୌଣସି ଅସୁବିଧା ହେବ ନାହିଁ। କେତେକ କାମ ସକାଶେ ପରିବାର ଭିତରୁ ସମାଲୋଚିତ ହେବାକୁ ପଡିପାରେ।

**କର୍କଟ** - କୌଣସି କାମ ଅଟକି ରହିବ ନାହିଁ ତଥାପି ସଂଘର୍ଷ ଓ ଯୁକ୍ତିତର୍କ ମଧ୍ୟରେ ତାହା ସମ୍ପନ୍ନ ହେବ। ଆଜି ଆର୍ଥିକ ସ୍ଥିତି ବହୁତ ଭଲ ରହିବ କିମ୍ବା ଅର୍ଥ ସମ୍ପର୍କୀୟ ସମସ୍ୟା ରହିଥିଲେ ତାହା ସୁଧୁରିଯିବ। ଆଜିର କର୍ମକ୍ଷେତ୍ରରେ ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ, ଯାହାଦ୍ୱାରା ଦ୍ୱନ୍ଦ୍ୱରେ ପଡି କୌଣସି ଠିକ୍ ନିଷ୍ପତ୍ତି ନେଇ ପାରିବେ ନାହିଁ ।

**ସିଂହ** - ବିଶିଷ୍ଟବ୍ୟକ୍ତିଙ୍କ ପୃଷ୍ଠପୋଷକତା ମାଧ୍ୟମରେ କାର୍ଯ୍ୟ ହାସଲ କରିବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ । ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି।

**କନ୍ୟା** - ରାଶ୍ୟାଧିପତିଙ୍କ ଶୁଭ ଦୃଷ୍ଟିରୁ ବନ୍ଧୁମାନଙ୍କ ସହାୟତାରେ କାର୍ଯ୍ୟସିଦ୍ଧି ଅବଶ୍ୟ ଘଟିବ। ଆଜି ଆପଣ ଯାହା କରନ୍ତୁନା କାହିଁକି ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ସହକର୍ମୀମାନଙ୍କର ପାରସ୍ପରିକ ସାହାଯ୍ୟ ଓ ସହଯୋଗର ଅଭାବରୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି।

**ତୁଳା** - ଭାଗ୍ୟାଧିପ ବୁଧ ଦୁଃସ୍ଥାନରେ ବଳହୀନ ହୋଇ ଆପଣଙ୍କ କାର୍ଯ୍ୟରେ ସାହାଯ୍ୟ କରିବାକୁ ଅସମର୍ଥ ହୋଇପାରନ୍ତି। ଫଳତଃ ନିଜର ସମ୍ପର୍କୀୟ ଲୋକମାନଙ୍କ ଠାରୁ ଆଶାନୁରୂପ ସାହାଯ୍ୟ ପାଇବା କାଠିକର ପାଠ ହୋଇପାରେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବାର ଆଶା କରାଯାଇପାରେ।

**ବିଛା** - ବକ୍ରୀ ଅଷ୍ଟମାଧିପତିଙ୍କ ଅବସ୍ଥାନ ପରିପ୍ରେକ୍ଷୀରେ ଆପଣଙ୍କ ମନରେ ବିବାଦୀୟ ଚିନ୍ତାଧାରା ଉତ୍ପନ୍ନ ହୋଇପାରେ। ପରିବାରର ବିଭିନ୍ନ ପ୍ରକାର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ଆବଶ୍ୟକତା ପୂରଣ କରିବାକୁ ଯାଇ ଧାର କରଜ କରି ଚଳାଇ ନେବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପାଇବେ।

**ଧନୁ** - ଶୁକ୍ରଙ୍କ ନକ୍ଷତ୍ରରେ ଚନ୍ଦ୍ର ରହିଥିବାରୁ ପ୍ରତ୍ୟେକ କାର୍ଯ୍ୟ କିଛିନାକିଛି ଅସୁବିଧା ଭିତରେ ହିଁ ସମ୍ପନ୍ନ ହେବ। ସାହିତ୍ୟଚର୍ଚ୍ଚା, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ। ନିକଟ ସମ୍ପର୍କୀୟମାନଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର** - ଆଜିର ଚର ରାଶିସ୍ଥ ଚନ୍ଦ୍ର ଓ ମଙ୍ଗଳଙ୍କ ସ୍ଥିତି ଆପଣଙ୍କୁ ଭାବପ୍ରବଣ କରାଇବା ସହ ମାନସିକ ଅସ୍ଥିରତା ସୃଷ୍ଟି କରାଇବ। ଇଚ୍ଛା ନ ଥିଲେ ମଧ୍ୟ ଘରର କେତେକ ଅତ୍ୟାବଶ୍ୟକ ଜିନିଷ ଗୁଡିକୁ ଆଣିବାକୁ ବାଧ୍ୟ ହୋଇପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିପାରେ।

**କୁମ୍ଭ** - ଆଜିର ଗ୍ରହସ୍ଥିତି ପ୍ରଭାବରେ ମନ ଯେମିତି ଚାହୁଁଛି ସେମିତି କାମ ହାସଲ କରିବାରେ କୌଣସି ଅସୁବିଧା ରହିବ ନାହିଁ। ଧାର୍ମିକ ଅନୁଷ୍ଠାନ, ସଭାସମିତି, ପ୍ରଶାସନିକ ସ୍ତରରେ ଆଲୋଚନା ସାଙ୍ଗକୁ ଶିଳ୍ପ,ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପଡୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ ।

**ମୀନ** - ରାହୁଙ୍କ ପ୍ରଭାବରେ ଭୁଲ୍ ବୁଝାମଣା ଜନିତ ଅତି ଭଲ ସମ୍ପର୍କ ଛିନ୍ନ ହୋଇଯିବାର ଆଶଙ୍କା ରହିଛି। ଜମା ଭଲ ସମ୍ପର୍କ ନ ଥିବା ନିଜର ଲୋକ ମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ପାରନ୍ତି। କର୍ମକ୍ଷେତ୍ରରେ ଈର୍ଷାପର ବନ୍ଧୁମାନେ ସମ୍ମୁଖରେ ନୀରବ ରହି ପଛରେ ବହୁତ କଥା କହିବେ। ସହକର୍ମୀଙ୍କ ସାହାଯ୍ୟରୁ ଅର୍ଥାଭାବ କେତେକାଂଶରେ ଦୂରୀଭୂତ ହୋଇଯିବ।

ଆଜି ଫାଲ୍‌ଗୁନ ଶୁକ୍ଳ ୫ମୀ ସୋମବାର, ମାର୍ଚ୍ଚ ୧୧ ତାରିଖ, ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ, ରାଜ୍ୟଗୋଷ୍ଠୀ ଦିବସ, (ମାର୍ଚ୍ଚ ୨ୟ ସୋମବାର), ରାଶିନକ୍ଷତ୍ର-ଦ୍ୱିଜା/ମେଷ, ମେଷ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୨୮ମି. ମଧ୍ୟେ ଘ୧।୨୫ମି. ଗତେ, ଘ୨।୫୪ମି. ମଧ୍ୟେ ଘ୪।୨୩ମି. ଗତେ, ଘ୫।୫୨ମି. ମଧ୍ୟେ ଅମୃତବେଳା । ଦିବା ଘ୮।୫୮ମି. ଗତେ, ଘ୧୦।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୩୧ମି. ଗତେ ଘ୯।୦୦ମି. ମଧ୍ୟେ ରାହୁକାଳ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................



ଡୁଡୁ
ପରିବାରବର୍ଗ



ଉତ୍କଳ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# classified

### real estate

**SALE**

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

**Duplex & sthitiban plot sale at AIIMS Hospital Bhubaneswar. 8480745797.** D-65372

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-11491

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Xavier University ନିକଟରେ ରାସ୍ତାଥାଇ ପ୍ଲଟ 4,50,000/- ଦିଆଯାଉଅଛି। Sasmita-9853150290. D-65383

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No. brokers please. 7809525452.** D-65854

Twincityର middlepoint (Phulnakhara)ରେ ନିର୍ମିତ Grandbazar NH-5ରୁ walkable distanceରେ ଘରବାରି plot କିଣନ୍ତୁ। Abhaya-8144647993. D-65381

Gharabari plot near Jatnigate Gangapada 30'road, Boundarywall with electricity. 9438400633. D-65377

Conversion demarcation plot sale Brahmanjharilo, ନଖରା ସ୍ଥିତିବାନ ପିଚୁରୋଡ୍ sideରେ ୧୫୦୦ ବର୍ଗଫୁଟକୁ ୮,୨୫,୦୦୦/-. 9437306208. D-65378

### to-let

One bedroom flat drawing cum dining furnished house with interior & AC at Patia near Bigbazar. Contact: 7008671282, 9238089899. D-11592

### healthcare

Newly ayurvedic fullbody massage ladies, gents: 7609923705, 7438851534. D-38550

**୫୦ତମ ବିବାହ ବାର୍ଷିକୀ ଶୁଭେଚ୍ଛା**



ଲକ୍ଷ୍ମୀନାରାୟଣ ଦାଶ
ଓ
ଶୈଳବାଳା ଦାଶ
ତା. ୧୧।୦୩।୨୦୧୯
ନୟାପଲ୍ଲୀ, ଭୁବନେଶ୍ୱର

ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଦାମ୍ପତ୍ୟ ଜୀବନ ସୁଖମୟ କରନ୍ତୁ। ଶୁଭେଚ୍ଛା ସହ: ପୁଅ, ବୋହୂ, ଝିଅ, ଜ୍ୱାଇଁ ଏବଂ ନାତିନାତୁଣୀମାନେ। ଧ-୬୬୧୦୭

**୩୫ତମ ବିବାହ ବାର୍ଷିକୀ ଶୁଭେଚ୍ଛା**



Rabi Narayan Tripathy
And
Sipra Tripathy

ଦେଖୁ ଦେଖୁ ବିବାହର ଦୀର୍ଘ ୩୫ବର୍ଷ ଚାଲିଗଲା। ଆଗକୁ ତୁମର ମଙ୍ଗଳ କରନ୍ତୁ ପ୍ରଭୁ ଚିନ୍ତାମଣିଶ୍ୱର ଏତିକି ଆମର କାମନା। From: Bayani Khandan, Laxmisagar, BBSR. ଧ-୧୧୫୯୬

Now Matrimonial ads. only on Wednesday & Sunday Book 1 Get 1 FREE


### କିଛି ତଥ୍ୟ

ଫେମ୍-୨ ଯୋଜନାରେ ୨୦୧୯-୨୦ ବର୍ଷ ଲାଗି ୧,୫୦୦ କୋଟି, ୨୦୨୦-୨୧ ବର୍ଷରେ ୫,୦୦୦ କୋଟି ଏବଂ ୨୦୨୧-୨୨ବର୍ଷ ପାଇଁ ୩,୫୦୦ କୋଟି ସବ୍‌ସିଡି ପ୍ରଦାନ କରିବାକୁ ବ୍ୟୟ ଅଟକଳ ହୋଇଛି।
- ଲଘୁ ଉଦ୍ୟୋଗ ମନ୍ତ୍ରଣାଳୟ

## ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୦।୩ (ବ୍ୟୁରୋ)

ନବୀନ ନିବାସ ସମ୍ମୁଖରେ ସବୁ ବର୍ଗର ଶିକ୍ଷକମାନଙ୍କର ଏକ ବିଶାଳ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକମାନଙ୍କୁ ସରକାରଙ୍କ ପକ୍ଷରୁ ବିଭିନ୍ନ ସହାୟତା ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମିଳିତ ସଂଘ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।


## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା କଳ୍ପନା ପଣ୍ଡା
ଆବିର୍ଭାବ: ୦୮।୦୫।୧୯୬୮
ତିରୋଧାନ: ୨୮।୦୨।୨୦୧୯

ରାଜେନ୍ଦ୍ରପୁର- ରସୁଲପୁର ବ୍ଲକ, ଜିଲ୍ଲା- ଯାଜପୁର ତୋର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟପରାୟଣତା ଓ ସରଳ ଜୀବନଶୈଳୀ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିବ। ତୁମ୍ଭ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଈଶାନେଶ୍ୱରଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ଶାଶୁ- ମାଳତୀ ପଣ୍ଡା, ଶ୍ୱଶୁର- ଚକ୍ରଧର ପଣ୍ଡା, ସ୍ୱାମୀ- ସୁବାସ ପଣ୍ଡା, ପରିବାରବର୍ଗ ବନ୍ଧୁ ଓ ଆତ୍ମୀୟସ୍ୱଜନ। ଧ-୧୧୫୯୫

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ଶାନ୍ତିଲତା ପଟ୍ଟନାୟକ
D-303, Apollo Ashiyana, Rasulgarh, Bhubaneswar
ଆବିର୍ଭାବ: ୧୫।୦୫।୧୯୫୦
ତିରୋଧାନ: ୨୭।୦୨।୨୦୧୨

ଆପଣଙ୍କ ଶ୍ରଦ୍ଧା ଓ ଆଶୀର୍ବାଦ ଆମ ହୃଦୟରେ ଚିରଦିନ ସ୍ମୃତି ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ। ଧ-୬୬୪୦୨

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ରାକେଶ ରଂଜନ ତରାଇ
ଆବିର୍ଭାବ: ୨୫।୦୬।୧୯୯୬
ତିରୋଧାନ: ୨୩।୦୨।୨୦୧୫
(ଫାଲ୍‌ଗୁନ ଶୁକ୍ଳପଞ୍ଚମୀ)
ସିଆଣ୍ଡି, ସିଆଳ, ପୁରୀ

ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା। ପ୍ରତିଟି ମୁହୂର୍ତ୍ତ ଆଜି ଭଳି ଲାଗୁଛି। ତୁମର ସ୍ନେହ, ପ୍ରେମ, ବନ୍ଧୁ ଓ ପରିବାର ସମସ୍ତେ ଝୁରୁଛୁ। ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ରାଜ କିଶୋର ତରାଇ (ବାବା), ସୁଶାନ୍ତି ତରାଇ (ମାମା), ବନ୍ଧୁ ଓ ପରିବାରବର୍ଗ। ଧ-୧୧୫୯୪

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



Late Sri Nanda Kumar Choudhury
Retd. OAS
DOB: 04.09.1942
DOD: 02.03.2019

Dr. Binapani Mohapatra (Wife), Manoj- Babita (ପୁତ୍ର-ପୁତ୍ରବଧୂ), Anita- Bhagirathi (ଝିଅ-ଜ୍ୱାଇଁ), ସୋନୁ, ପାୟଲ, ନୂପୁର, ମୋନୁ ଓ ଶୋକସନ୍ତପ୍ତ ବନ୍ଧୁ ଏବଂ ପରିବାରବର୍ଗ। ଧ-୬୬୭୬୧


**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଦୁଷ୍ଟଙ୍କର ସାରା ଶରୀରରେ ବିଷ ରହିଛି। ଦୁଷ୍ଟ ତଥା କଣ୍ଟାର ଦୁଇପ୍ରକାର ଉପଚାର ରହିଛି ; ଜୋତାରେ ମଳି, ମକଚି ଦିଅ ନତୁବା ତାକୁ ଦୂରରେ ଛାଡି ଦେଇଆସ।
- ଚାଣକ୍ୟ






## ସଂକ୍ଷେପରେ

### ପିଆଇବି ପ୍ରମୁଖ ମହାନିର୍ଦ୍ଦେଶକ ସୀତାଂଶୁ କରଙ୍କ କାର୍ଯ୍ୟକାଳ ବୃଦ୍ଧି



**ଭୁବନେଶ୍ୱର, ୧୦।୩ (ବ୍ୟୁରୋ):** ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ର ପ୍ରମୁଖ ମହାନିର୍ଦ୍ଦେଶକ ତଥା ଭାରତ ସରକାରଙ୍କ ପ୍ରମୁଖ ମୁଖପାତ୍ର ସୀତାଂଶୁ କରଙ୍କ କାର୍ଯ୍ୟକାଳ ବୃଦ୍ଧିକୁ କ୍ୟାବିନେଟ ଅନୁମୋଦନ ମିଳିଛି। ତାଙ୍କ କାର୍ଯ୍ୟକାଳ ମାର୍ଚ୍ଚ ୩୧ରେ ଶେଷ ହେବାର ଥିଲା। ତାହା ଏବେ ୬ ମାସ ବୃଦ୍ଧି କରାଯାଇଛି। ୩୫ ବର୍ଷର ଦୀର୍ଘ କାର୍ଯ୍ୟକାଳ ମଧ୍ୟରେ ସୀତାଂଶୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବିଭିନ୍ନ ଗଣମାଧ୍ୟମ ୟୁନିଟ୍‌ର ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ଆସିଛନ୍ତି। ଲାଲ ବାହାଦୂର ଶାସ୍ତ୍ରୀ ଜାତୀୟ ପ୍ରଶାସନିକ ଏକାଡେମୀ (ମସୌରୀ)ରୁ ଫାଉଣ୍ଡେଶନ ପାଠ୍ୟକ୍ରମ ଓ ନୂଆଦିଲ୍ଲୀର ଭାରତୀୟ ଜନ ସଂଚାର ସଂସ୍ଥାନରୁ ଓରିଏଣ୍ଟେଶନ ପାଠ୍ୟକ୍ରମ ଶେଷ କରିବା ପରେ ସେ ଆକାଶବାଣୀର ନ୍ୟୁଜ୍ ସର୍ଭିସ ଡିଭିଜନ(ଏନ୍ଏସ୍‌ଡି)ରେ କିଛିଦିନ କାର୍ଯ୍ୟ କରିଥିଲେ। ଏହାପରେ ସେ ୧୭ବର୍ଷ ଧରି ଦୂରଦର୍ଶନରେ କାର୍ଯ୍ୟ କରିଥିଲେ। ୨୦୦୩ରେ ସେ ପିଆଇବିରେ ଯୋଗଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ପ୍ରଚାର ଓ ପ୍ରସାର ଦାୟିତ୍ୱ ତୁଲାଇ ଆସିଛନ୍ତି। ୨୦୦୫ରେ ସେ ପ୍ରତିରକ୍ଷା ମନ୍ତ୍ରଣାଳୟର ପ୍ରମୁଖ ମୁଖପାତ୍ର ଥିଲେ। ୨୦୧୫ ଡିସେମ୍ବରରେ ତାଙ୍କୁ ଆକାଶବାଣୀର ଏନ୍ଏସ୍‌ଡିର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଥିଲା।

### ଆଇଇଡି ବିସ୍ଫୋରଣ, ୨ ଗୁରୁତର

**ମାଲକାନଗିରି, ୧୦।୩ (ସ୍ୱ.ପ୍ର.):** ସୀମାନ୍ତ ଛତିଶଗଡ ସୁକୁମା ଜିଲା ଦରନାପାଲି ନିକଟ କାଙ୍କରଭେଟା-ପଲାମପାଲି ମଝିରେ ରବିବାର ଅପରାହ୍ନ ୨ଟାରେ ଏକ କଲଭର୍ଟ ନିକଟରେ ଏକ ଆଇଇଡି ବିସ୍ଫୋରଣ ଘଟିଛି। ଏଥିରେ ୨ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଦରନାପାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରରୁ ଜଣାପଡିଛି ଜଣେ ଠିକାଦାର କେତେକ ଶ୍ରମିକଙ୍କୁ ଏକ ଟ୍ରାକ୍ଟରରେ ଧରି କାର୍ଯ୍ୟ କରିବା ଲାଗି ଯାଉଥିଲେ। ଏହା ପୂର୍ବରୁ ଯବାନଙ୍କୁ ଟର୍ଗେଟ୍ କରି ମାଓବାଦୀମାନେ କଲଭର୍ଟ ନିକଟରେ ଆଇଇଡି ପୋତିଥିଲେ। ଟ୍ରାକ୍ଟର କଲଭର୍ଟ ଉପରେ ଯିବା ସମୟରେ ଏହା ବିସ୍ଫୋରଣ ହୋଇଥିଲା।

### କେନ୍ଦ୍ରାପଡ଼ାରେ ମିଶନ୍ ଶକ୍ତି ମହାସମାବେଶ

# 'ଲୋକ ସଭା ନିର୍ବାଚନରେ ୩୩ % ମହିଳା ପ୍ରାର୍ଥୀ ଦିଆଯିବ'

**କେନ୍ଦ୍ରାପଡ଼ା ଅଫିସ୍, ୧୦।୩**

ଆସନ୍ତା ସାଧାରଣ ନିର୍ବାଚନରେ ମହିଳାଙ୍କୁ ଗୁରୁତ୍ୱ ଦିଆଯିବ। ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଥିବା ବେଳେ ଆସନ୍ତା ସାଧାରଣ ନିର୍ବାଚନରେ ବିଜେଡି ଲୋକ ସଭା ନିର୍ବାଚନ ପାଇଁ ୩୩ ପ୍ରତିଶତ ମହିଳା ପ୍ରାର୍ଥୀ ଦେବ। ରବିବାର କେନ୍ଦ୍ରାପଡ଼ାରେ ଆୟୋଜିତ ମିଶନ ଶକ୍ତି ମହାସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। କେନ୍ଦ୍ରାପଡା ବ୍ଲକ ବାରୁଅ ପଞ୍ଚାୟତର ସିଦ୍ଧ ମଠ ପଡିଆଠାରେ ଆୟୋଜିତ ଏହି ସମାବେଶରେ ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧.୪୫ ମିନିଟ୍‌ରେ ପହଞ୍ଚିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ମିଶନ ଶକ୍ତି ଗୃହ ପାଇଁ କୋଟିଏ ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ଏଥିସହ ଜିଲାର ୨୧,୯୧୬ ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ବାବଦରେ ବ୍ୟାଙ୍କକୁ ଦେଇଥିବା ସୁଧ ଟଙ୍କା ସମସ୍ତ ଗୋଷ୍ଠୀକୁ ଫେରସ୍ତ କରାଯାଇଥିଲା।



ମହାସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ସମେତ ମିଶନ ଶକ୍ତିର ରାଜ୍ୟ ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ, ଜିଲାପାଳ ଦାଶରଥି ଶତପଥୀ, ମିଶନ ଶକ୍ତି ସଦସ୍ୟା ଚିନ୍ମୟୀ ମିଶ୍ର ଓ କେନ୍ଦ୍ରାପଡ଼ା ଓ କଟକ ଜିଲାର ୧୨ ମହାମଣ୍ଡଳ ସଭାନେତ୍ରୀ ମଞ୍ଚାସୀନ ଥିଲେ। ମୁଖ୍ୟମନ୍ତ୍ରୀ ସମାବେଶକୁ ସମ୍ବୋଧିତ କରି କହିଥିଲେ, କେନ୍ଦ୍ରାପଡ଼ା ବିଜୁବାବୁଙ୍କ କର୍ମସ୍ଥଳୀ ଥିଲା। ୧୯୯୦ରେ ସେ ଏଠାରେ ନିର୍ବାଚନ ଜିତିଥିଲେ। ସେ ସର୍ବଦା ମହିଳାଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେବା ସହ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଉଥିଲେ। ଗତ ୧୮ ବର୍ଷ ଧରି ରାଜ୍ୟ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମିଶନ ଶକ୍ତି ଆରମ୍ଭ କରିଛନ୍ତି। ଏହାଦ୍ୱାରା ମହିଳା ସ୍ୱାବଲମ୍ବୀ ହେବା ସହ ପରିବାର ଓ ଦେଶ ଚଳାଇବାକୁ ସକ୍ଷମ ହେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମହିଳାଙ୍କୁ ସ୍ୱାବଲମ୍ବୀ କରିବା କ୍ଷେତ୍ରରେ ଓଡ଼ିଶା ଆଗୁଆ ଅଛି। ଏହି ଧାରାକୁ ବଜାୟ ରଖିବା ପାଇଁ ଆସନ୍ତା ନିର୍ବାଚନରେ ୩୩ ପ୍ରତିଶତ ମହିଳାଙ୍କୁ ଲୋକ ସଭା ପ୍ରାର୍ଥୀ ଭାବେ ଚୟନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ। ମିଶନ ଶକ୍ତି ନିର୍ଦ୍ଦେଶିକା କାର୍ତ୍ତିକେୟନ କହିଥିଲେ ଯେ, ମିଶନ ଶକ୍ତି ମାଧ୍ୟମରେ ରାଜ୍ୟର ୭୦ ଲକ୍ଷ ମହିଳା ୬ ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରି ସ୍ୱାବଲମ୍ବୀ ହୋଇଛନ୍ତି। ରାଜ୍ୟରେ ଏଏଚ୍‌ଜିର ଋଣ ମଧ୍ୟରୁ ସୁଧ ବାବଦ ୫୦ କୋଟି ଟଙ୍କା ଫେରସ୍ତ କରାଯାଉଛି। ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ପୋଖରୀ ପରିଚାଳନା ଏହି ଗୋଷ୍ଠୀ କରିବେ। ଏଥିପାଇଁ ୧.୫ ଲକ୍ଷ ଟଙ୍କା ଅନୁଦାନ ଦିଆଯାଉଥିବା ବେଳେ ଏହାର ୭୦ ପ୍ରତିଶତ ଟଙ୍କା ଛାଡ଼ କରାଯିବ। ପ୍ରତି ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ, ତାଲିମ ଆଦିକୁ ପ୍ରୋତ୍ସାହନ ଦିଆଯିବ। ଓଡ଼ିଶାର ମହିଳା ଏବେ ଗୃହିଣୀ ମଧ୍ୟରେ ସୀମିତ ରହିନାହାନ୍ତି ବୋଲି କାର୍ତ୍ତିକେୟନ ପ୍ରକାଶ କରିଥିଲେ। ମିଶନ ଶକ୍ତି ମାଧ୍ୟମରେ ମହିଳା ସ୍ୱାବଲମ୍ବୀ ହେଉଥିବା ମନୋରମା ରାଉତ, ବିଦ୍ୟୁତ୍‌ପ୍ରଭା ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମହାକାଳପଡା ଓ ଗରଦପୁର ବ୍ଲକର ସ୍ୱୟଂସହାୟକ ଗୋଷ୍ଠୀର ପୁଞ୍ଜି ୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥିବାରୁ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ କେତେକ ନୂତନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୫ ହଜାର ଟଙ୍କା ସବ୍‌ସିଡି ଟଙ୍କା ପ୍ରଦାନ କରାଯାଇଥିଲା। ଏହି ସମାବେଶରେ ଲକ୍ଷାଧିକ ମହିଳା ସାମିଲ ହୋଇଥିଲେ। ସମାବେଶରେ ଯୋଗଦେଇଥିବା ବହୁ ରାଜନେତା, ମନ୍ତ୍ରୀ ମଞ୍ଚ ତଳେ ବସିଥିବା ଦେଖାଯାଇଥିଲା।

### ଜେଲରୁ ଫେରାର କଏଦୀ ଧରାପଡ଼ିଲେ

**ମାଲକାନଗିରି, ୧୦।୩ (ଡି.ଏନ୍.ଏ.)**

ମାଲକାନଗିରି ଉପ କାରାଗାରରୁ ଗତ ୫ ତାରିଖରେ ଫେରାର ହୋଇଯାଇଥିବା କଏଦୀ ଅଜିତ କୁମାର ଡାକୁଆ ଧରାପଡିଛନ୍ତି। ଶନିବାର ରାତିରେ ଓଏସ୍‌ପି ଏବଂ ଜେଲ କର୍ମଚାରୀମାନେ ତାଙ୍କୁ ଧରିବାରେ ସଫଳ ହୋଇଛନ୍ତି। ଏମ୍.ଭି.-୪୧ ଗ୍ରାମର ଅଜିତ ଗତ ଜାନୁୟାରୀ ମାସରେ ଏକ ଗଞ୍ଜେଇ ଚୋରାଚାଲାଣ ମାମଲାରେ ଓର୍କେଲ ପୋଲିସ ଦ୍ୱାରା ଗିରଫ ହୋଇ ମାଲକାନଗିରି ଜେଲରେ ବିଚାରାଧୀନ କଏଦୀ ରୂପେ ରହୁଥିଲେ। ଗତ ୫ରେ ଜେଲ ପରିସରରେ ଡ୍ରେନ କାର୍ଯ୍ୟ ଚାଲିଥିବା ବେଳେ ସେ କୌଶଳକ୍ରମେ ଡ୍ରେନ ଭିତରେ ପଶି ଫେରାର ହୋଇ ଯାଇଥିଲେ। ଏ ସମ୍ପର୍କରେ ଜେଲ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଥିଲେ। ଅଜିତ୍‌ଙ୍କୁ ଧରିବା ପାଇଁ ୨ଟି ଟିମ୍ ଗଠନ ହୋଇଥିଲା। ଓଏସଏପି ଏବଂ ଜେଲ କର୍ମଚାରୀମାନେ ରାତିରେ ଅଜିତ୍‌ଙ୍କ ଗ୍ରାମ ଏମ୍.ଭି.-୪୧ ନିକଟରେ ଜଗି ରହିଥିଲେ। ଶନିବାର ରାତିରେ ଅଜିତ୍ ଜଙ୍ଗଲରୁ ଘରକୁ ଫେରୁଥିବା ଖବରପାଇ ପୋଲିସ ତାଙ୍କୁ କାବୁ କରି ଜେଲକୁ ଆଣିଥିଲେ। ରବିବାର ତାଙ୍କୁ ମାଲକାନଗିରି ଥାନାରେ ହାଜର କରାଯାଇଥିବା ଜେଲ ଅଧୀକ୍ଷକ ସଂଗ୍ରାମ ନାୟକ କହିଛନ୍ତି।

### ନଗଡ଼ାରେ ପୁଣି ଅପପୁଷ୍ଟି

# ୪ ଶିଶୁ ପୁଷ୍ଟିସାଧନ କେନ୍ଦ୍ରରେ ଭର୍ତ୍ତି

**ଯାଜପୁର ଅଫିସ, ୧୦।୩**

ଅପପୁଷ୍ଟିର ଶିକାର ହୋଇ ଶିଶୁ ମୃତ୍ୟୁ ଘଟିବା ପ୍ରସଙ୍ଗକୁ ନେଇ ସମଗ୍ର ଦେଶରେ ଓଡ଼ିଶାକୁ ନିନ୍ଦିତ କରିଥିବା ଯାଜପୁର ଜିଲାର ନଗଡ଼ାରେ ଏବେ ପୁଣି ସମାନ ଘଟଣା ଦେଖିବାକୁ ମିଳିଛି। ଯାଜପୁର ଜିଲା ସୁକିନ୍ଦା ବ୍ଲକ ଚିଙ୍ଗୁଡିପାଳ ପଞ୍ଚାୟତର ନଗଡ଼ା ନିକଟବର୍ତ୍ତୀ ଗୁହିଆଶାଳର ୪ ଜଣ ଶିଶୁ ସୁକିନ୍ଦା ପୁଷ୍ଟିସାଧନ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସାଧାରଣ ନିର୍ବାଚନ ମୁଣ୍ଡ ଉପରେ ଥିବାବେଳେ ଏହି ଘଟଣା ଶାସକ ଦଳ ଓ ପ୍ରଶାସନକୁ ଚିନ୍ତାରେ ପକାଇଛି। କାରଣ ନଗଡ଼ା ଶିଶୁମୃତ୍ୟୁ ଘଟଣା ଇତିମଧ୍ୟରେ ଅଢେଇ ବର୍ଷ ବିତିଥିବାବେଳେ ସରକାରଙ୍କ ପକ୍ଷରୁ ଅନେକ ଉନ୍ନୟନ କାର୍ଯ୍ୟ କରାଯାଇଥିବା କୁହାଯାଉଥିଲା। ନଗଡାକୁ ରାସ୍ତା ଫିଟିଛି। ଏହି ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି। ମାତ୍ର ଏହା ସତ୍ତ୍ୱେ ନଗଡ଼ାବାସୀ ପୁଷ୍ଟିହୀନତାରୁ ମୁକୁଳି ନ ପାରିବା ଶାସକ ଦଳ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସ୍ୱାଧୀନତା ପୂର୍ବରୁ ସୁକିନ୍ଦା ଅଞ୍ଚଳରେ ଖଣି ଉତ୍ତୋଳନ ଚାଲିଛି। ପ୍ରାକୃତିକ ସମ୍ପଦ ଲୁଟି ଶିଳ୍ପପତିମାନେ ମଲାମାଲ ହୋଇଛନ୍ତି। ଅଥଚ ଆଜି ବି ନଗଡ଼ା ଓ ଏହାର ଆଖପାଖ ଗ୍ରାମଗୁଡିକରେ ବିକାଶର ଆଲୁଅ ପହଞ୍ଚି ପାରିନାହିଁ। ପାରିପାର୍ଶ୍ୱିକ ଉନ୍ନୟନ ଏଠାରେ ସ୍ୱପ୍ନ ହୋଇଛି। ଯାଜପୁର ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମଏଫ) ପାଣ୍ଠିରେ ୬୫୮.୮୩ କୋଟି ଟଙ୍କା ମହଜୁଦ ରହିଛି। ହେଲେ ଏହି ଟଙ୍କା ନଗଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ଉପଯୁକ୍ତ ବିନିଯୋଗ ହୋଇନାହିଁ। ଫଳରେ ପୁଣି ଥରେ ନଗଡା ଗୁହିଆଶାଳର ୪ ଶିଶୁ ପୁଷ୍ଟିହୀନତାର ଶିକାର ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ନଗଡା ଶିଶୁ ମୃତ୍ୟୁ ଘଟଣା ପରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୁଷ୍ଟି ସାଧନ କେନ୍ଦ୍ର ଖୋଲାଯାଇଛି। ହେଲେ ଗତ ୧୩ ଦିନ ମଧ୍ୟରେ ୪ ଶିଶୁ ଅପପୁଷ୍ଟିର ଶିକାର ହୋଇଛନ୍ତି। ସେମାନେ ହେଲେ ଗୁହିଆଶାଳର ସୁବର୍ଣ୍ଣ ପ୍ରଧାନଙ୍କ ୨ ପୁଅ ଲବ ଓ କୁଶ, ଲକ୍ଷ୍ମଣ ପ୍ରଧାନଙ୍କ ୧ ବର୍ଷର ଶିଶୁ ଇନ୍ଦ୍ର ଓ କୃଷ୍ଣ ପ୍ରଧାନଙ୍କ ୬ ମାସର ଶିଶୁ ଆସିନ। ତେବେ ଉଲ୍ଲେଖନୀୟ କଥା ହେଉଛି, ଆଗକୁ ନିର୍ବାଚନ ଥିବାରୁ ଏହି ଘଟଣା ଗଣମାଧ୍ୟମଠାରୁ ଦୁରେଇ ରଖିବାକୁ ଚେଷ୍ଟା କରାଯାଇଛି। ରବିବାର ଛୁଟି ଦର୍ଶାଇ ଜଣେ ଦୁଇ ଜଣ ତଳିଆ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ ଅପପୁଷ୍ଟିର ଶିକାର ୪ କୋମଳମତି ଶିଶୁଙ୍କ ସହ ପରିବାରବର୍ଗ ପୁଷ୍ଟିସାଧନ କେନ୍ଦ୍ରରେ ପଡି ରହିଛନ୍ତି। ତେଣୁ ଶିଶୁମାନଙ୍କ ସ୍ୱାସ୍ଥ୍ୟବସ୍ଥାରେ ସାମାନ୍ୟ ବି ଉନ୍ନତି ହେଉନାହିଁ। ସମସ୍ତଙ୍କ ନଜର ଆଢୁଆଳରେ ରଖି ଶିଶୁମାନଙ୍କ ଚିକିତ୍ସା କରାଯିବା ବୁଦ୍ଧିଜୀବୀଙ୍କୁ ବିସ୍ମିତ କରୁଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବାରିଶ କୁମାର ଦାସ କହିଛନ୍ତି ଯେ, ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୁଷ୍ଟିହୀନତା ଦୂର କରିବାକୁ ଯେତେ ପ୍ରକାର ଉଦ୍ୟମ କରାଯାଇଥିଲେ ସୁଦ୍ଧା ନଗଡ଼ା ଓ ଏହାର ଆଖପାଖ ଗ୍ରାମବାସୀ ସଚେତନ ହେଉନାହାନ୍ତି। ଯେଉଁ ଶିଶୁମାନେ ପୁଷ୍ଟହୀନତାରେ ଆକ୍ରାନ୍ତ ଅଛନ୍ତି ସେମାନଙ୍କୁ ପୁଷ୍ଟି ସାଧନ କେନ୍ଦ୍ରକୁ ଆଣିବାକୁ ମଧ୍ୟ ବହୁ କଷ୍ଟ କରିବାକୁ ପଡିଥିଲା। ତେବେ ଶିଶୁମାନଙ୍କ ଚିକିତ୍ସାରେ କୌଣସି ଅବହେଳା କରାଯାଉ ନ ଥିବା ସେ କହିଛନ୍ତି।

# ୩୩% ମହିଳା ପ୍ରାର୍ଥୀ ଘୋଷଣାକୁ ନେଇ ରାଜନୀତି

**ଭୁବନେଶ୍ୱର, ୧୦।୩ (ବ୍ୟୁରୋ)**

- ରାଜ୍ୟରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଜଣେ ପୁରୁଷ କାହିଁକି: ଭାଜପା
- ଏତେ ବର୍ଷ କରୁଥିଲେ କ'ଣ, ଏବେ କାହିଁକି: କଂଗ୍ରେସ
- ମହିଳାଙ୍କ ପ୍ରତି ଥିବା ପ୍ରତିବଦ୍ଧତାକୁ ମୁଖ୍ୟମନ୍ତ୍ରୀ ପ୍ରମାଣିତ କରିଛନ୍ତି: ବିଜେଡି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡାଠାରେ ଆୟୋଜିତ ଏକ ସଭାରେ ଯୋଗଦେଇ ଆସନ୍ତା ଲୋକ ସଭା ନିର୍ବାଚନରେ ବିଜେଡି ୩୩ପ୍ରତିଶତ ମହିଳା ପ୍ରାର୍ଥୀ ଦେବ ବୋଲି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଘୋଷଣା ପରେ ବିଜେଡିକୁ ଉଭୟ ଭାଜପା ଓ କଂଗ୍ରେସ ସମାଲୋଚନା କରିଛନ୍ତି। ଅନ୍ୟପଟେ ବିଜେଡି ନେତାମାନେ କିନ୍ତୁ ଏଭଳି ନିଷ୍ପତ୍ତି ପରେ ମହିଳାଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କର ପ୍ରତିବଦ୍ଧତା ପ୍ରମାଣିତ ହୋଇଥିବା ଯୁକ୍ତି ବାଢିଛନ୍ତି।

ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ୩୩ ପ୍ରତିଶତ ମହିଳାଙ୍କୁ ଲୋକ ସଭାକୁ ପଠାଇବା କଥା ଘୋଷଣା କରି ଦୋହରା ନୀତି ଅବଲମ୍ବନ କରୁଛନ୍ତି । ବିଧାନସଭାରେ ଏହି ବିଲ୍ ଆଣିଥିଲେ ମଧ୍ୟ ତାହା ପାରିତ ହୋଇପାରିଲା ନାହିଁ । ମୁଖ୍ୟମନ୍ତ୍ରୀ କେବଳ ଲୋକ ସଭା ପାଇଁ ୩୩ ପ୍ରତିଶତ ସିଟ୍ ଆରକ୍ଷଣ ଦେଉଛନ୍ତି କିନ୍ତୁ ବିଧାନସଭାରେ ଏହି ନିୟମକୁ ଲାଗୁ କରୁନାହାନ୍ତି କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି । ଶାସକ ବିଜେଡି ଦୀର୍ଘ ବର୍ଷ ଧରି ଶାସନ କରିବା ପରେ ମଧ୍ୟ ନାରୀ ସମାଜ ଉପରେ ନିର୍ଯାତନା ଓ ଅତ୍ୟାଚାର ବୃଦ୍ଧି ପାଉଛି। ଏହାକୁ ଘୋଡାଇବାକୁ ଯାଇ ମୁଖ୍ୟମନ୍ତ୍ରୀ ପୁଣିଥରେ ମହିଳା ସଂରକ୍ଷଣ ନାଁରେ ଭୁଆଁ ବୁଲାଇବାର ଅପଚେଷ୍ଟା କରୁଛନ୍ତି। ଅନ୍ୟପଟେ ରାଜ୍ୟରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଜଣେ ମହିଳାଙ୍କୁ ନ କରି ପୁରୁଷଙ୍କୁ କାହିଁକି କରାଯାଇଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏଥିରୁ ସ୍ପଷ୍ଟ ଜଣାପଡୁଛି ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ କେତେ ପ୍ରାଧାନ୍ୟ ଦିଅନ୍ତି । ବିଧାନସଭାରେ ବହୁମତ ଥାଇ ମଧ୍ୟ ୩୩ପ୍ରତିଶତ ମହିଳା ସଂରକ୍ଷଣକୁ ବିଜେଡି ଲାଗୁ କରିପାରିଲା ନାହିଁ । ସେହିପରି ପାର୍ଲାମେଣ୍ଟ ଭିତରେ ବିଜେଡିର ୨୦ଜଣ ଏମ୍‌ପି ଥାଇ ମଧ୍ୟ ଦିନଟିଏ ଉକ୍ତ ପ୍ରସଙ୍ଗକୁ ଉଠାଇ ନାହାନ୍ତି ବୋଲି ସମ୍ବିତ କହିଛନ୍ତି ।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ନବୀନବାବୁ କେନ୍ଦ୍ରରେ ୫ବର୍ଷ ମନ୍ତ୍ରୀ ଥିଲେ ସେତେବେଳେ ଏକଥା ମନେପଡିଲା ନାହିଁ। ତା'ପରେ ରାଜ୍ୟରେ ୧୯ବର୍ଷ କ୍ଷମତାରେ ରହିଲେଣି ଏହି ସମୟ ଭିତରେ ମଧ୍ୟ ମନେପଡିଲା ନାହିଁ। ଏବେ ଯେତେବେଳେ ନିର୍ବାଚନ ଆସିଲା ସେତିକିବେଳେ ୩୩ପ୍ରତିଶତ ସଂରକ୍ଷଣ କଥା କହୁଛନ୍ତି। ଏମିତି କହି ସେ ଆଉ ଲୋକଙ୍କୁ ବୋକା ବନେଇପାରିବେ ନାହିଁ ବୋଲି ନିରଞ୍ଜନ କହିଛନ୍ତି।

ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ କହିଛନ୍ତି ଯେ, ଆସନ୍ତା ଲୋକ ସଭା ନିର୍ବାଚନରେ ବିଜେଡି ଏମ୍‌ପି ପଦବୀ ପାଇଁ ଏକ ତୃତୀୟାଂଶ ସ୍ଥାନରେ ମହିଳା ପ୍ରାର୍ଥୀ ଦେବ ବୋଲି ମୁଖ୍ୟମନ୍ତ୍ରୀ କରିଥିବା ଘୋଷଣା ଐତିହାସିକ। ମହିଳାମାନଙ୍କ ସଶକ୍ତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ଏକାଧିକ ପଦକ୍ଷେପ ଗ୍ରହଣ କରିଛନ୍ତି। ମହିଳାମାନଙ୍କର ସାମାଜିକ ତଥା ଆର୍ଥିକ ଉନ୍ନତି ସହ ରାଜନୀତି କ୍ଷେତ୍ରରେ ସେମାନଙ୍କୁ ଅଗ୍ରାଧିକାର ଦେବା ପାଇଁ ସେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ପଞ୍ଚାୟତିରାଜ ଏବଂ ପୌରପାଳିକାରେ ମହିଳାମାନଙ୍କ ପାଇଁ ୫୦ପ୍ରତିଶତ ସ୍ଥାନ ସଂରକ୍ଷଣ କରି ସମଗ୍ର ଦେଶରେ ନୂତନ ଉଦାହରଣ ସୃଷ୍ଟି କରିଛନ୍ତି। ରାଜ୍ୟରେ ସରକାରଙ୍କ ଏଭଳି ବୈପ୍ଲବିକ ପଦକ୍ଷେପ ଓଡ଼ିଶାରେ ଏକ ନୂତନ ଯୁଗର ଆରମ୍ଭ କରିଛି ଏବଂ ସମଗ୍ର ଭାରତବର୍ଷକୁ ଏହା ନୂଆ ବାଟ ଦେଖାଇଛି। ଏଭଳି ଏକ ଘୋଷଣା କରି ମୁଖ୍ୟମନ୍ତ୍ରୀ ମହିଳାଙ୍କ ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରମାଣିତ କରିଛନ୍ତି ବୋଲି ବିଜୟ କହିଛନ୍ତି।




# ଆଜିଠୁ ବଢ଼ିବ ତାପମାତ୍ରା

**ଭୁବନେଶ୍ୱର, ୧୦।୩(ବ୍ୟୁରୋ)**

ସୋମବାରଠାରୁ ରାଜ୍ୟରେ ବଢ଼ିବ ତାପମାତ୍ରା। ଅଧିକାଂଶ ସ୍ଥାନରେ ପାରଦ ୨ରୁ ୩ ଡିଗ୍ରୀ ବଢ଼ିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହାର ପ୍ରଭାବରେ ରାଜ୍ୟରେ ଗରମ ଅନୁଭୂତ ହେବ। ସୋମବାରଠାରୁ ତାପମାତ୍ରା ଧୀରେ ଧୀରେ ବଢ଼ି ଆସନ୍ତା ୧୫ତାରିଖ ସୁଦ୍ଧା ଏହା ୫ରୁ ୬ ଡିଗ୍ରୀ ବୃଦ୍ଧି ପାଇବ। ବର୍ତ୍ତମାନ ବାୟୁ ଉତ୍ତର-ପଶ୍ଚିମ ଦିଗରୁ ରାଜ୍ୟ ଆଡ଼କୁ ପ୍ରବାହିତ ହେଉଛି। ଏହାପରେ ଓଡ଼ିଶା ଉପରେ ଏକ ଗୁରୁଚାପ ବଳୟ ସୃଷ୍ଟି ହେବ। ଏହି ସମୟରେ ଦିନବେଳା ଅପେକ୍ଷା ରାତିର ତାପମାତ୍ରା କମ୍ ରହିପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏ ସମ୍ପର୍କରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ଡ୍ୟୁଟି ଅଫିସର ଗୌରାଙ୍ଗ ଚରଣ ବେହେରା କହିଛନ୍ତି, ଆସନ୍ତା ତିନିଦିନ ପର୍ଯ୍ୟନ୍ତ ବର୍ଷାର କୌଣସି ସୂଚନା ନାହିଁ। ତେବେ ୧୩ ଓ ୧୪ତାରିଖ ବେଳକୁ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ଜାଗାରେ ବର୍ଷା ହେବା ସମ୍ଭାବନା ରହିଛି। ଏହା ଭିତରେ ଦିନର ତାପମାତ୍ରା ୨ରୁ ୩ ଡିଗ୍ରୀ ବଢ଼ିବା ସମ୍ଭାବନା ରହିଛି। ଏହି ଚାରିଦିନ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୧୯ ଡିଗ୍ରୀ ଓ ସର୍ବାଧିକ ୩୩ ଡିଗ୍ରୀ ରହିବ। ୧୫ତାରିଖରୁ ଗ୍ରୀଷ୍ମ ପ୍ରବାହ ବଢ଼ିବ। ରବିବାର ରାଜ୍ୟରେ ମୟୂରଭଞ୍ଜ ଜିଲାରେ ସର୍ବାଧିକ ୩୯ ଡିଗ୍ରୀ ତାପମାତ୍ରା ଥିବା ରେକର୍ଡ ହୋଇଛି।

# କ୍ୟାପଟେନ୍ ଦୁର୍ଲଭ ମିଶ୍ରଙ୍କ ଅବସର

**ଭୁବନେଶ୍ୱର, ୧୦।୩(ବ୍ୟୁରୋ)**

ଓଡ଼ିଆ ପାଇଲଟ୍ କ୍ୟାପଟେନ୍ ଦୁର୍ଲଭ କୁମାର ମିଶ୍ର ଶନିବାର ଚାକିରିରୁ ଅବସର ନେଇଛନ୍ତି। ସେ କ୍ୟାରିୟରର ଶେଷ ଦିନରେ କଲିକତାରୁ ଭୁବନେଶ୍ୱର ଗୋ ଏୟାର ବିମାନ ଉଡ଼ାଇଛନ୍ତି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଶନିବାର ତାଙ୍କ ବିମାନ ଅବତରଣ କରିବା ସମୟରେ ୱାଟର କ୍ୟାନନ୍ ଦ୍ୱାରା ସ୍ୱାଗତ କରାଯାଇଥିଲା। କ୍ୟାପ୍‌ଟେନ୍ ମିଶ୍ର କ୍ୟାରିୟର ପ୍ରାରମ୍ଭରେ ଭୁବନେଶ୍ୱରର ଗଭର୍ନମେଣ୍ଟ ଆଭିଏସନ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ(ଗତି)ରେ କାର୍ଯ୍ୟ କରିଥିଲେ। ରାଜ୍ୟର ବହୁ ଯୁବ ପାଇଲଟଙ୍କୁ ପ୍ରଶିକ୍ଷଣ ଦେଇ ଦକ୍ଷ କରିବାରେ ତାଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ୪୬ ବର୍ଷର ତ୍ରୁଟିଶୂନ୍ୟ ଚାକିରି କାଳ ତାଙ୍କ ପାଇଁ ଅବିସ୍ମରଣୀୟ ହୋଇ ରହିବ। କଟକ ଜିଲା ନରସିଂହପୁରରେ ଜନ୍ମିତ କ୍ୟାପଟେନ୍ ମିଶ୍ର ରବିବାର ୬୫ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ 'ଧରିତ୍ରୀ' ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।



ଭୁବନେଶ୍ୱର ବିମାନବନ୍ଦରରେ ଅଧିକାରୀଓ କର୍ମଚାରୀଙ୍କ ଗହଣରେ କ୍ୟାପ୍‌ଟେନ୍ ଦୁର୍ଲଭ କୁମାର ମିଶ୍ର ଏବଂ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା।

ହେ ଈଶ୍ୱରଙ୍କର ବୀରସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ- ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ।
-ଶ୍ରୀଅରବିନ୍ଦ

# ନିରପେକ୍ଷ ତୃତୀୟ

ଅଯୋଧ୍ୟାରେ ଷୋଡ଼ଶ ଶତାବ୍ଦୀର ବାବ୍ରୀ ମସଜିଦ୍‌କୁ ୧୯୯୨ ଡିସେମ୍ବର ୬ରେ କର ସେବକମାନେ ଭାଙ୍ଗି ଦେଇଥିଲେ। କର ସେବକମାନଙ୍କ ଜିଦ୍ ଯେ ରାମ ଜନ୍ମଭୂମି ସ୍ଥାନରେ ବାବ୍ରୀ ମସ୍‌ଜିଦ ନିର୍ମାଣ କରାଯାଇଥିବାରୁ ତାହା ହିନ୍ଦୁମାନଙ୍କ ଭାବାବେଗକୁ ଆଘାତ ଦେଇଛି। ତେଣୁ ସେହି ସ୍ଥାନରେ ପୁନଃ ରାମଙ୍କୁ ଅବସ୍ଥାପିତ କରାଯିବା ଦରକାର ବୋଲି ହିନ୍ଦୁ ସଙ୍ଗଠନଗୁଡ଼ିକ ମଧ୍ୟ ଆଶା ବାନ୍ଧି ବସିଛନ୍ତି। ଦେଶର ଅନ୍ୟତମ ଜାତୀୟ ଦଳ ଭାରତୀୟ ଜନତା ପାର୍ଟି (ଭାଜପା) ପ୍ରତ୍ୟେକ ସାଧାରଣ ନିର୍ବାଚନ ଆସିଲେ ଅଯୋଧ୍ୟା ପ୍ରସଙ୍ଗକୁ ଚିଆଁଇ ଦେଇ ରାଜନୈତିକ ଫାଇଦା ନେବାକୁ ଚେଷ୍ଟା କରିଛି। ଅନୁରୂପ ଭାବେ କଂଗ୍ରେସ ଉକ୍ତ ଘଟଣା ପାଇଁ ଭାଜପାକୁ ଦାୟୀ କରି ସଂଖ୍ୟାଲଘୁ ଭୋଟ କଥା ଚିନ୍ତା କରିଚାଲିଛି। କିନ୍ତୁ, ଦେଖିବାକୁ ଗଲେ, ଭାରତବର୍ଷରେ ମନ୍ଦିରର ଅଭାବ ନାହିଁ। ପ୍ରାଚୀନ ମନ୍ଦିରଗୁଡ଼ିକର ରକ୍ଷଣାବେକ୍ଷଣ କରିବା ସକାଶେ କୌଣସି ବ୍ୟବସ୍ଥା ମଧ୍ୟ କରାଯାଇପାରୁ ନାହିଁ। ଏଭଳି ପ୍ରଚ୍ଛଦପଟରେ ଅଯୋଧ୍ୟାର ବିବାଦୀୟ ସ୍ଥାନରେ ଏକ ନୂଆ ରାମ ମନ୍ଦିର ହେଲେ ଭାରତ ଭଳି ବିରାଟକାୟ ଦେଶରେ କୌଣସି ପ୍ରଭାବ ପଡ଼ିବା କଥା ନୁହେଁ। କାରଣ ହିନ୍ଦୁ ଧର୍ମରେ ରାମ ଏକମାତ୍ର ଠାକୁର ନୁହନ୍ତି।

ଆଇନଗତ ବିବାଦ ଦେଖିଲେ ବାବ୍ରୀ ମସ୍‌ଜିଦ୍ ଭଙ୍ଗ ପରେ ଏକାଧିକ ମାମଲା ଅଦାଲତରେ ଗଡ଼ି ଚାଲିଛି। ତେବେ ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟଙ୍କ ସଦ୍ୟ ନିଷ୍ପତ୍ତିକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା ହେଉଛି। ମାର୍ଚ୍ଚ ୮ରେ ସର୍ବୋଚ୍ଚ ଅଦାଲତ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ୍ ଜମି ବିବାଦ ମାମଲାକୁ ମଧ୍ୟସ୍ଥ କମିଟିକୁ ହସ୍ତାନ୍ତର କରିଛନ୍ତି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଏଫ୍.ଏମ୍.ଆଇ. କାଲିଫୁଲ୍ଲାଙ୍କ ନେତୃତ୍ୱରେ ଗଠିତ କମିଟିରେ ଆଧ୍ୟାତ୍ମିକ ଗୁରୁ ତଥା ଆର୍ଟ ଅଫ୍ ଲିଭିଂର ସଂସ୍ଥାପକ ଶ୍ରୀଶ୍ରୀ ରବିଶଙ୍କର ଓ ଜଣାଶୁଣା ଆଇନଜୀବୀ ଶ୍ରୀରାମ ପଞ୍ଚୁ ସଦସ୍ୟ ଅଛନ୍ତି। ଦେଖିବାକୁ ଗଲେ ଏହି ୩ ମଧ୍ୟସ୍ଥ ହେଉଛନ୍ତି ତାମିଲନାଡୁର। ଆଲୋଚନା ହେଉଛି ଯେ, ଉତ୍ତର ଭାରତଭିତ୍ତିକ ଏହି ବିବାଦର ସମାଧାନ ଦିଗରେ ଦକ୍ଷିଣ ଭାରତୀୟଙ୍କ ନିଷ୍ପତ୍ତି ନିର୍ଣ୍ଣାୟକ ହେବ। ହେଲେ ୩ ମଧ୍ୟସ୍ଥଙ୍କୁ ଦେଖିଲେ କାଲିଫୁଲ୍ଲା ମୁସଲମାନ ସମ୍ପ୍ରଦାୟର ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ହିନ୍ଦୁ। ଏଭଳି ସ୍ଥଳେ ତୃତୀୟ ସଦସ୍ୟ ଭାବେ ବୌଦ୍ଧ, ଶିଖ୍ କିମ୍ବା ଅନ୍ୟ ଧର୍ମାବଲମ୍ବୀଙ୍କ ମଧ୍ୟରୁ କାହାକୁ ନିଆଯାଇପାରିଥାଆନ୍ତା। ପୁଣି ମଧ୍ୟସ୍ଥ ମଣ୍ଡଳୀରେ ଶ୍ରୀଶ୍ରୀ ରବିଶଙ୍କରଙ୍କୁ ନିଆଯାଇଥିବାରୁ ନୂଆ ବିବାଦ ଉପୁଜିଛି। ସେ ଏକଦା କହିଥିଲେ ଯେ, ଅଯୋଧ୍ୟା ମାମଲାରେ ଯଦି ମୁସଲମାନ ଜାଗା ଛାଡ଼ିବେ ନାହିଁ, ତାହା ହେଲେ ଭାରତରେ ସିରିଆ ଭଳି ସ୍ଥିତି ସୃଷ୍ଟି ହୋଇ ଗୃହଯୁଦ୍ଧ ହେବ। ଏଭଳି ମନ୍ତବ୍ୟ ରଖିଥିବା ବ୍ୟକ୍ତିଙ୍କଠାରୁ ନିରପେକ୍ଷ ମତ ପାଇବା କଷ୍ଟକର ହୋଇପଡ଼ିବ। ସୁପ୍ରିମକୋର୍ଟ ୩ ଜଣିଆ କମିଟିରେ ରବିଶଙ୍କରଙ୍କୁ ରଖିଥିବା ବିଷୟ ଘୋଷଣା ହେବା ପରେ ତାଙ୍କ ନିରପେକ୍ଷତା ଉପରେ ଏଆଇଏମ୍ଆଇଏମ୍ ନେତା ଆସାଦୁଦ୍ଦିନ ଓ୍ୱାଇସି ପ୍ରଶ୍ନ ଉଠାଇଛନ୍ତି। ଓ୍ୱାଇସିଙ୍କୁ ଆହୁରି ଅନେକେ ସମର୍ଥନ ମଧ୍ୟ କଲେଣି।

ରାମ ଜନ୍ମଭୂମି ବାବ୍ରୀ ମସ୍‌ଜିଦର ଜମିକୁ ନେଇ ଉଠିଥିବା ବିବାଦ ଦେଓ୍ୱାନୀ ମାମଲା ଭିତରେ ସୀମିତ ରହୁ ନାହିଁ। ଏହା ସହିତ ଦୁଇ ଧର୍ମର ବିଶ୍ୱାସ ଜଡ଼ିତ ଥିବାରୁ ମଧ୍ୟସ୍ଥମାନେ ଏ ଦିଗରେ ଠିକ୍ ରାସ୍ତା ଦେଖାଇପାରିବେ ବୋଲି ଆଶା ରଖି ସର୍ବୋଚ୍ଚ ଅଦାଲତ ଏପରି ନିଷ୍ପତ୍ତି ନେଇଥିବା କୁହାଯାଉଛି। ୮ ସପ୍ତାହ ମଧ୍ୟରେ ସମସ୍ତ ପକ୍ଷଙ୍କ ସହ ଆଲୋଚନା ଶେଷ କରି ରିପୋର୍ଟ ଦେବା ଲାଗି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ମାର୍ଚ୍ଚ ୧୦ରେ ନିର୍ବାଚନ କମିଶନ ପକ୍ଷରୁ ସାଧାରଣ ନିର୍ବାଚନ ପାଇଁ ଭୋଟ ଗ୍ରହଣ ତାରିଖ ଘୋଷଣା କରାଯାଇଛି। ଏପ୍ରିଲ ୧୧ରୁ ଭୋଟ ଗ୍ରହଣ ଆରମ୍ଭ ହୋଇ ମେ ୧୯ ଯାଏ ଚାଲିବ। ଏହି ପରିପ୍ରେକ୍ଷୀରେ ଅଯୋଧ୍ୟା ମାମଲା ସଂକ୍ରାନ୍ତ ମଧ୍ୟସ୍ଥଙ୍କ ରିପୋର୍ଟ ଆସିଲା ବେଳକୁ ନିର୍ବାଚନ ସରିଆସୁଥିବ। କିନ୍ତୁ ଭାରତୀୟ ବ୍ୟବସ୍ଥାକୁ ଦେଖିଲେ କୌଣସି କମିଶନ ବା କମିଟି ନିର୍ଦ୍ଧାରିତ ସମୟରେ ରିପୋର୍ଟ ଦେବାର ନଜିର ମନେପଡୁ ନାହିଁ। ଏଥିରୁ ବୁଝିବାକୁ ହେବ ଯେ, ରାମ ଜନ୍ମଭୂମି ବାବ୍ରୀ ମସ୍‌ଜିଦ୍ ସଂକ୍ରାନ୍ତ ରାୟ ଆଉ ଏକ ସାଧାରଣ ନିର୍ବାଚନ ଅତିକ୍ରମ କରିଦେବ।

ଅଯୋଧ୍ୟା କାଣ୍ଡର ଘଟଣାକ୍ରମ ଦେଖିଲେ ଏହା ଅସମାହିତ ପ୍ରଶ୍ନ ସୃଷ୍ଟି କରିଚାଲିଛି। ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ଐତିହାସିକ ରାୟ ଦେଇଥିଲେ ଯେ, ୨.୭୭ ଏକର ବିବାଦୀୟ ଜମିକୁ ନିର୍ମୋହୀ ଆଖଡ଼ା, ସୁନ୍ନୀ ଓ୍ୱାକଫ୍ ବୋର୍ଡ ଏବଂ ରାମଲାଲା ମଧ୍ୟରେ ସମାନ ଭାବରେ ବାଣ୍ଟି ଦିଆଯାଉ। ହେଲେ ଫଳ କିଛି ହେଲା ନାହିଁ। ଏବେ ନିର୍ବାଚନ ଚାପରୁ ରକ୍ଷା ପାଇବା ପାଇଁ ମଧ୍ୟସ୍ଥ ଚିନ୍ତାଧାରା ସର୍ବୋଚ୍ଚ ଅଦାଲତଙ୍କୁ ବେଶ୍ ସୁହାଇବ। ତେବେ ଏକ ଦୀର୍ଘବର୍ଷର ମାମଲାକୁ ମଧ୍ୟସ୍ଥ କମିଟି ହାତକୁ ଟେକି ଦିଆଯିବା ଯେତିକି ଆଶ୍ଚର୍ଯ୍ୟ ଲାଗୁଛି ସେତିକି ଅସଙ୍ଗତ ମନେହେଉଛି।

# ଓଡ଼ିଆ ଭାଷା: ଶାସ୍ତ୍ରୀୟତା ଓ ଉତ୍ତରଦାୟ



ଡ. ତମସାରାଣୀ ଦାସମହାପାତ୍ର

ଆଞ୍ଚଳିକ ଭାଷାଗୁଡ଼ିକର ବିକାଶ ଉଦ୍ଦେଶ୍ୟରେ ୨୦୦୪ ମସିହାରେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଏକ ଅଧିନିୟମ ଜାରି କରିଥିଲେ, ଯେଉଁଥିରେ କୁହାଯାଇଥିଲା ଯେ, ଯେଉଁ ଭାଷା ପ୍ରାଚୀନ, ଅପ୍ରତିହତ ଓ ଅବିଚ୍ଛିନ୍ନ ଭାବେ ମୌଳିକ ସଂସ୍କୃତିକୁ ବହନ କରୁଥିବ ଏବଂ ସୁଦୀର୍ଘ ସାହିତ୍ୟ ପରମ୍ପରାରେ ସମୃଦ୍ଧ ହୋଇଥିବ, ସେ ଭାଷା କ୍ଲାସିକାଲ୍ ପର୍ଯ୍ୟାୟଭୁକ୍ତ ହୋଇପାରିବ। ଏହି କ୍ରମରେ ପ୍ରଥମେ ତାମିଲଭାଷା ଦ୍ରାବିଡ଼ ପରିବାରର ପ୍ରାଚୀନ ଓ ସମୃଦ୍ଧ ଭାଷା ବୋଲି ଦାବିକରି ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତହେଲା ଓ ତତ୍‌ପରେ ସଂସ୍କୃତ ଭାଷା ଏହି ମାନ୍ୟତା ପାଇଲା। ୨୦୦୬ ମସିହାରେ କେନ୍ଦ୍ର ସରକାର ପୁନଶ୍ଚ ଶାସ୍ତ୍ରୀୟ ମାନ୍ୟତାର ଚାରିଟି ମାନଦଣ୍ଡ ଘୋଷଣାକଲେ, ସେଗୁଡ଼ିକ ଯଥାକ୍ରମେ- ୧. ଶାସ୍ତ୍ରୀୟମାନ୍ୟତା ଦାବି କରୁଥିବା ଭାଷାଭାଷୀ ଜାତିର ୧୫୦୦ରୁ ୨୦୦୦ ବର୍ଷର ଲିପିବଦ୍ଧ ଇତିହାସ ଓ ସଂସ୍କୃତିର ପ୍ରାଚୀନ ଐତିହ୍ୟ ଥିବ, ୨. ଯୁଗଯୁଗ ଧରି ମହତ୍ତ୍ୱପୂର୍ଣ୍ଣ ବୋଲି ମନେକରାଯାଉଥିବା ପ୍ରାଚୀନ ସାହିତ୍ୟ ଓ ଗ୍ରନ୍ଥ ରଚନାର ପରମ୍ପରା ଥିବ, ୩. ଅନ୍ୟ କୌଣସି ଭାଷା ଦ୍ୱାରା ପ୍ରଭାବିତ ନ ହୋଇ ବା ଧାର ନ ଧାରି ମୌଳିକ ସୃଷ୍ଟି ସମ୍ଭାରରେ ସମୃଦ୍ଧ ହୋଇଥିବ ଏବଂ ୪. ଆଧୁନିକ ଭାଷାଠାରୁ ସମ୍ପୂର୍ଣ୍ଣ ଭାବେ ସ୍ୱତନ୍ତ୍ର ଓ ବୈଶିଷ୍ଟ୍ୟପୂର୍ଣ୍ଣ ହୋଇଥିବାରୁ ସେହି ପ୍ରାଚୀନ ଭାଷା ଓ ତା'ର ଉପଜାତି ଆଧୁନିକ ଭାଷା ଭିତରେ ଅବିଚ୍ଛିନ୍ନତା ରହିଥିବ।

ସୁତରାଂ ଏହିସବୁ ଲକ୍ଷଣଯୁକ୍ତ ଭାଷା ଶାସ୍ତ୍ରୀୟମାନ୍ୟତା ପାଇବାକୁ ହକ୍‌ଦାର। କେନ୍ଦ୍ର ସରକାର ସେହି ଭାଷାର ବିକାଶ, ପ୍ରଚାର, ପ୍ରସାର ଶିକ୍ଷା ଗବେଷଣା ଓ ଅନ୍ତର୍ଜାତୀୟ ମର୍ଯ୍ୟାଦାପ୍ରାପ୍ତି ନିମନ୍ତେ ନିମ୍ନଲିଖିତ ପଦକ୍ଷେପମାନ ଗ୍ରହଣ କରିବେ, ଯଥା- ସେହି ଭାଷାର ଗବେଷଣା, ଅଧ୍ୟୟନ ପାଇଁ ଉଚ୍ଚମାନର ଗବେଷଣା ପ୍ରତିଷ୍ଠାନ ସ୍ଥାପିତ ହେବ। ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ଅନୁମୋଦିତ ବିଭିନ୍ନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରଫେସରିଆଲ୍ ଚେୟାର ପ୍ରତିଷ୍ଠା ହେବା ସହ ଏକଶହ କୋଟି ଟଙ୍କା ଅନୁଦାନ ମିଳିବ।

ଏତଦ୍‌ବ୍ୟତୀତ ସେହି ଭାଷାସାହିତ୍ୟରେ ଉଚ୍ଚାଙ୍ଗ ଗବେଷଣା କରୁଥିବା ଗବେଷକମାନଙ୍କ ପାଇଁ ବର୍ଷକୁ ଦୁଇଟି ମୂଲ୍ୟବାନ ଅନ୍ତର୍ଜାତୀୟ ପୁରସ୍କାର ପ୍ରଦାନ ବ୍ୟବସ୍ଥା ହେବା ସହ ସେହି ଭାଷାର ପ୍ରଚାର, ପ୍ରସାର ତଥା ଅନ୍ତର୍ଜାତୀୟ ଅଧ୍ୟୟନ କେନ୍ଦ୍ର ଓ ଦ୍ୱିପାକ୍ଷିକ ସମ୍ପର୍କ ତଥା ଉନ୍ନତିକଳ୍ପେ ପ୍ରତିବର୍ଷ କେନ୍ଦ୍ର ବଜେଟରୁ ୫ କୋଟି ଟଙ୍କା ଅନୁଦାନ ମିଳିବ।

ବହୁ ଆନନ୍ଦର କଥା, ଓଡ଼ିଆ ଭାଷା ୨୦୧୪ ମସିହା ମାର୍ଚ୍ଚ ୧୧ ତାରିଖରେ ବିଧିବଦ୍ଧ ଭାବରେ ଶାସ୍ତ୍ରୀୟ ଭାଷା ଘୋଷିତ ହେଲା। କହିବା ବାହୁଲ୍ୟ, ଓଡ଼ିଆ ଭାଷା ଖ୍ରୀଷ୍ଟପୂର୍ବକାଳୀନ ସମସ୍ତ ଶାସ୍ତ୍ରୀୟ ଲକ୍ଷଣଯୁକ୍ତ ପ୍ରାଚୀନ ସମୃଦ୍ଧ ଭାଷା। ଲିପି ଓ ଭାଷାବିକାଶର କ୍ରମବିବର୍ତ୍ତନ, ସଂରଚନାର ସ୍ୱାତନ୍ତ୍ର୍ୟ, ଦାର୍ଶନିକ ତଥା ଭାଷାତାତ୍ତ୍ୱିକ ଭିତ୍ତିଭୂମି ସହ ଆହରଣଶୀଳତା ତଥା ଏହାର ମୌଳିକ ସାହିତ୍ୟ ପରମ୍ପରା ଆଦିକୁ ଅବଲୋକନ କଲେ ଏହି ଭାଷାର ସ୍ୱତନ୍ତ୍ରତା ଓ ପ୍ରାଚୀନତା ବେଶ୍ ଲକ୍ଷଣୀୟ। ଇଣ୍ଡୋୟୁରୋପୀୟ ଭାଷା ପରିବାରର ଏକ ମହତ୍ତ୍ୱପୂର୍ଣ୍ଣ ଶାଖା ଭାରତୀୟ ଆର୍ଯ୍ୟଭାଷା।

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଉପଲକ୍ଷେ

ଏହି ଗୋଷ୍ଠୀର ପ୍ରମୁଖ ଭାଷା ହେଉଛି ଓଡ଼ିଆ।

ଶାସ୍ତ୍ରୀୟ ଲକ୍ଷଣ ଦୃଷ୍ଟିରୁ ଯଦି ଓଡ଼ିଆ ଭାଷାକୁ ଅନୁଧ୍ୟାନ କରାଯାଏ, ତେବେ ଆମେ ଜାଣୁ ଉତ୍କଳ, କଳିଙ୍ଗ, ଓଡ୍ର, କୋଶଳ, କଙ୍ଗୋଦ, ଉଡ୍ର ଆଦି ଓଡ଼ିଶାର ପ୍ରାଚୀନ ନାମ। ଏହାର ସୁଦୀର୍ଘ ଇତିହାସ, ସଂସ୍କୃତି ଓ ପରମ୍ପରା, କଳାନୈପୁଣ୍ୟ, ସମୃଦ୍ଧ ବାଣିଜ୍ୟ ପରମ୍ପରା, ସମରକୌଶଳର ଦକ୍ଷତା, ସାହସ ଆଦିର ଲିପିବଦ୍ଧ ଇତିହାସର ପ୍ରମାଣ ଦିଏ ବିଦେଶାଗତ ବହୁ ଜ୍ଞାନୀ, ଦୂତମାନଙ୍କର ବିଭିନ୍ନ ବିବରଣୀ, ଶିଳାଲେଖ, ତାମ୍ରପତ୍ର ଓ ପ୍ରାଚୀନ ସାହିତ୍ୟ। ଓଡ଼ିଶା ରାଜ୍ୟର ପ୍ରାଚୀନତା ମହାଭାରତ, ହରିବଂଶ, ସ୍କନ୍ଦ ପୁରାଣ ଆଦି ଗ୍ରନ୍ଥରେ କଳିଙ୍ଗ, ଉତ୍କଳର ସବିଶେଷ ବର୍ଣ୍ଣନା, ପୁଣି ଭରତଙ୍କ ନାଟ୍ୟଶାସ୍ତ୍ରରେ ଉଡ୍ରମାଗଧୀ ଓ ଉଡ୍ରବିଭାଷାର ସୂଚନା, ଲଳିତବିସ୍ତରରେ ବୁଦ୍ଧଦେବ ଶିଖିଥିବା ୬୪ ଗୋଟି ଲିପି ମଧ୍ୟରୁ 'ଉଗ୍ରଲିପି' ବା ଯାହାକୁ 'ଉଡ୍ରୀଲିପି' ବୋଲି କୁହାଯାଏ, ଲିପିତାତ୍ତ୍ୱିକ ଦୃଷ୍ଟିରୁ ନିରୀକ୍ଷଣ କଲେ ଏହା ୨୦୦୦ ବର୍ଷ ପୂର୍ବର। ଏଥିସହିତ ସମ୍ରାଟ ଅଶୋକ ଓ ଖାରବେଳଙ୍କ ଶିଳାଲେଖରେ ଥିବା ଅବିକଳ ଓଡ଼ିଆଶବ୍ଦ ପ୍ରାଚୀନ ଓଡ଼ିଆ ଲିପିର ପ୍ରମାଣଦିଏ।

ନିଜସ୍ୱ ମୌଳିକ ସାହିତ୍ୟରଚନା ପ୍ରତି ଦୃଷ୍ଟିଦେଲେ, ପ୍ରତ୍ୟେକ ଭାଷାର ଉନ୍ମେଷ କାଳରେ ମହାଭାରତ, ରାମାୟଣ ଓ ପୁରାଣମାନ ରଚିତ ହେବା ପରି ଓଡ଼ିଆ ଭାଷା ଆଦ୍ୟରେ ଓଡ଼ିଆ ନାଥ ସିଦ୍ଧାଚାର୍ଯ୍ୟଙ୍କ ଚର୍ଯ୍ୟାଗୀତିକା, ସାରଳାଦାସଙ୍କ ମହାଭାରତ, ବଳରାମ ଦାସଙ୍କ ରାମାୟଣ ଓ ଜଗନ୍ନାଥ ଦାସଙ୍କ ଭାଗବତ, ଅଚ୍ୟୁତାନନ୍ଦଙ୍କ ହରିବଂଶ ପୁରାଣ ଆଦି ବୃହତ୍ ରଚନାଠାରୁ ଆରମ୍ଭ କରି ଭଞ୍ଜଯୁଗୀୟ କାବ୍ୟ ସାହିତ୍ୟ, ପଦାବଳୀ ସାହିତ୍ୟ ଓ ପରେ ପରେ ଆଧୁନିକ ଯୁଗର ଗଦ୍ୟ, ପଦ୍ୟ, କାବ୍ୟାଦି ବହୁ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟିର ପରମ୍ପରା ଅବିଚ୍ଛିନ୍ନ ଭାବେ ରହିଆସିଛି, ଯାହା ଓଡ଼ିଆ ସାହିତ୍ୟର ନିଜସ୍ୱ ମୌଳିକ ରଚନା, କାହାଠାରୁ ଧାରଅଣା ନୁହେଁ। ତେଣୁ ଏହା ନିର୍ବିବାଦରେ କୁହାଯାଇପାରେ ଯେ, ଓଡ଼ିଆ ଏକ ଶାସ୍ତ୍ରୀୟ ଲକ୍ଷଣଯୁକ୍ତ ଉଚ୍ଚାଙ୍ଗ ଭାଷା।

ଓଡ଼ିଆ ଭାଷା ଶାସ୍ତ୍ରୀୟମାନ୍ୟତା ପାଇବା ପରେ ରାଜ୍ୟ ସରକାର ଓଡ଼ିଆ ଭାଷାର ସମୃଦ୍ଧି ଓ ଗବେଷଣା ପାଇଁ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ସାରଳାଦାସ ଚେୟାର ପ୍ରତିଷ୍ଠା କରିବା ସହ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଚେୟାର ପ୍ରତିଷ୍ଠା ପାଇଁ ଆବଶ୍ୟକ ତଥ୍ୟ ସହିତ ଅର୍ଥ ପ୍ରଦାନ କରିସାରିଛନ୍ତି। ଓଡ଼ିଶା ସରକାରୀ ଭାଷା ଅଧିନିୟମ ୧୯୫୪ର ସଂଶୋଧନ କରି ଓଡ଼ିଆ ଭାଷାକୁ ସରକାରୀ ଭାଷା ଭାବେ ପ୍ରଚଳନ କରିଛନ୍ତି। ଓଡ଼ିଆ ଭାଷାର ବିକାଶ, ପ୍ରସାର, ଶିକ୍ଷା ତଥା ଗବେଷଣା ଓ ଅଧ୍ୟୟନ ପାଇଁ ଉଚ୍ଚମାନର ଗବେଷଣା ପ୍ରତିଷ୍ଠାନ ସ୍ଥାପନ ନିମନ୍ତେ ରାଜ୍ୟ ସରକାର ଭିତ୍ତିଭୂମି ସହିତ ସମସ୍ତ ଆନୁଷଙ୍ଗିକ ବିଷୟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିସାରିଛନ୍ତି, ଯାହା ସମ୍ଭବତଃ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ।

ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହୋଇ ଆଗେଇ ଚାଲିଛି। ଏହାଛଡ଼ା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁଜରାଟର ଗାନ୍ଧୀନଗର ଓ ହାଇଦ୍ରାବାଦର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ କୁନ୍ତଳାକୁମାରୀ ଓ ମଧୁସୂଦନ ରାଓଙ୍କ ନାମରେ ଦୁଇଟି ପ୍ରଫେସରିଆଲ ଚେୟାର ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦିଆଯାଇଛି। ଭାଷାର ବିକାଶ ତଥା ଅଭିବୃଦ୍ଧି କେବଳ ସରକାରୀ ତତ୍ପରତାରେ ସମ୍ଭବ ହୁଏନାହିଁ। ଏଥିପାଇଁ ସାମୂହିକ ଉଦ୍ୟମ ଲୋଡ଼ା। ଆଜିର ସମାଜ ଭାଷାରେ ତଥ୍ୟ ଖୋଜୁଛି। ପ୍ରତିଯୋଗିତାମୂଳକ ଭାବନାରେ ଜୀବନ ଆଗେଇ ଚାଲିଛି, ତା' ସହିତ ଖାପ୍ ଖୁଆଇ ଭାଷା ମଧ୍ୟ ଜ୍ଞାନବିଜ୍ଞାନର କୌଶଳ ହେବାକୁ ଚାହୁଁଛି। ଯେଉଁ ଭାଷାରେ ତଥ୍ୟ ଭଣ୍ଡାର ବେଶି, ମାଧ୍ୟମ ବେଶି, ସେ ଭାଷାର ଆଦର ବେଶି। ସେଥିପାଇଁ ପ୍ରତିଯୋଗିତାର ଘୋଡ଼ାଦୌଡ଼ରେ ବିବଶ ହୋଇ ଅଭିଭାବକମାନେ ଇଂରେଜ ଭାଷାର ସର୍ବାଧିକ ଜ୍ଞାନକୌଶଳ ଲାଗି ପିଲାମାନଙ୍କୁ ଇଂଲିଶ ପଢ଼ାଇବାକୁ ଆଜି ବାଧ୍ୟ ହେଉଛନ୍ତି। ଓଡ଼ିଆ ପାଠ୍ୟପୁସ୍ତକର ଗତାନୁଗତିକ ଧାରା, ଏଥିରେ ନୂତନ ଭାବେ ସଂଯୋଜିତ ହେଉଥିବା ପ୍ରଯୁକ୍ତିବିଦ୍ୟା ଓ କମ୍ପ୍ୟୁଟର ଆଦିର ବ୍ୟବହାର ଓଡ଼ିଆ ଭାଷାରେ ନ ହେବା ଦ୍ୱାରା ଆମ ଭାଷା ପଛେଇଯାଉଛି। ଓଡ଼ିଶାରେ ଥିବା ବିଭିନ୍ନ ଉପଭାଷା/ଆଞ୍ଚଳିକ ଭାଷା, ଜନଜାତିଙ୍କ ଭାଷା ସଂସ୍କୃତିକୁ ଉଜ୍ଜୀବିତ କରି ମୁଖ୍ୟଭାଷା ସହ ଏଗୁଡ଼ିକର ଆଦାନପ୍ରଦାନ ବଢ଼ାଇବା ସହ ଓଡ଼ିଆ ଶବ୍ଦଭଣ୍ଡାରକୁ ଅଧିକ ସମୃଦ୍ଧ କରିବାର ଆବଶ୍ୟକତା ରହିଛି। ବ୍ୟକ୍ତିଗତ ବା ଗୋଷ୍ଠୀଗତ ଉଦ୍ୟମରେ ସରକାରୀ ଆର୍ଥିକ ଅନୁଦାନ ଭିତ୍ତିରେ ଏ କାର୍ଯ୍ୟ ସମ୍ପାଦିତ ହୋଇପାରିବ। ଏଥିପାଇଁ ଆମେ ସଙ୍କଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଆଜି ଶାସ୍ତ୍ରୀୟମାନ୍ୟତା ପ୍ରାପ୍ତି ଦିବସରେ ଏହା ଏକ ସଙ୍କଳ୍ପ ହେଉ।

ନିର୍ଦ୍ଦେଶକ, ଓଡ଼ିଆ ଭାଷା ପ୍ରତିଷ୍ଠାନ, ସଂସ୍କୃତି ଭବନ, ଭୁବନେଶ୍ୱର, ମୋ- ୮୮୯୫୬୦୦୮୦୪

# କଳା ଓ ଅଶ୍ଳୀଳତା



ଡ. ଚିନ୍ତାମଣି ପଣ୍ଡା

ଗତ ଖାରବେଳ ମହୋତ୍ସବରେ ଦର୍ଶକଙ୍କ ମନୋରଞ୍ଜନ ନିମିତ୍ତ ଯାତ୍ରା ଜଗତର କଳାକାରଙ୍କ ଦ୍ୱାରା ପ୍ରତିଯୋଗିତାମୂଳକ ଅଙ୍ଗ ପ୍ରଦର୍ଶନ କରାଯାଉଥିବାର ଅଭିଯୋଗ ଏତେ ତୀବ୍ର ଥିଲା ଯେ କିଛି ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଚିତ୍କାରରେ ଖଣ୍ଡଗିରିର ବୁକୁ ଥରିଉଠିବା ସହିତ-ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲା। ଆରକ୍ଷୀବାହିନୀର ହସ୍ତକ୍ଷେପ ପର୍ଯ୍ୟନ୍ତ କଥା ଗଲା ଏବଂ ଏହି ଅଶ୍ଳୀଳତାକୁ ସୀମାବଦ୍ଧ କରିବା ପାଇଁ ଏକ ଲକ୍ଷ୍ମଣରେଖାର ଆବଶ୍ୟକତା ଅନୁଭୂତ ହେଲା।

ଏହିପରି ଦିନେ ୨୦୧୬ ଫେବୃୟାରୀର ଏକ ଶୀତୁଆ ସନ୍ଧ୍ୟାରେ ରବୀନ୍ଦ୍ରମଣ୍ଡପରେ ପ୍ରଦର୍ଶିତ 'ସୋନ୍‌କା' ନାମକ ଏକ ମଞ୍ଚ ନାଟକ ଦର୍ଶକଙ୍କ ମଧ୍ୟରେ ହୋହଲ୍ଲା ସୃଷ୍ଟି କରିଥିଲା। ନାଜୀ ଶାସନର ଅତ୍ୟାଚାରକୁ ମଞ୍ଚରେ ନାଟ୍ୟ ରୂପାନ୍ତର କରିବାକୁ ଯାଇ ଜାତୀୟ ନାଟକ ବିଦ୍ୟାଳୟ ଆନୁକୂଲ୍ୟରେ ପୋଲାଣ୍ଡର ଏକ ନାଟ୍ୟଦଳ ଏହି ନାଟକଟିକୁ ପ୍ରଦର୍ଶନ କରୁଥାନ୍ତି। ଏକ ବଳାତ୍କାର ଦୃଶ୍ୟକୁ ଜୀବନ୍ତ କରିବା ଆଳରେ ଜଣେ ମହିଳା କଳାକାର ମଞ୍ଚରେ ହଠାତ୍ ତାଙ୍କ ବକ୍ଷୋଜକୁ ଅନାବୃତ୍ତ କରିପକାଇଲେ, ଯାହାକି ଦର୍ଶକମାନଙ୍କୁ ସ୍ତମ୍ଭୀଭୂତ କରିଦେଇଥିଲା। ପ୍ରତିକ୍ରିୟାରେ ନାଟକର ପରିସମାପ୍ତି ପରେ ଦର୍ଶକଙ୍କ ସମ୍ମିଳିତ ପ୍ରତିବାଦର ସ୍ୱର ଏତେ ଶାଣିତ ଥିଲା ଯେ ବାଧହୋଇ ଉପସ୍ଥିତ ସଂସ୍କୃତି ମନ୍ତ୍ରୀଙ୍କୁ ବିବୃତି ରଖିବାକୁ ପଡିଲା। ଏହା ଉପରେ 'ସୋନ୍‌କା' ଶୀର୍ଷକରେ 'ଧରିତ୍ରୀ' ପକ୍ଷରୁ ଯେଉଁ ସମ୍ପାଦକୀୟଟି ପ୍ରକାଶିତ ହେଲା ତାହା ଏଠାରେ ପ୍ରଣିଧାନଯୋଗ୍ୟ। ସମ୍ପାଦକ ମହୋଦୟ ସମସ୍ତଙ୍କ ଭାବନାର ଊର୍ଦ୍ଧ୍ୱକୁ ଉଠିଯାଇ ମତ ଦେଇଥିଲେ ଯେ, ନାଟକଟିକୁ କଳାକୁଶଳ ଦୃଷ୍ଟିଭଙ୍ଗୀରେ ବିଚାର ନ କରି ଶାଳୀନତାର ଲକ୍ଷ୍ମଣରେଖା ଟାଣିବା ବୋଧେ ଆମର ହୀନମନ୍ୟତା। ଉଦାହରଣରେ ସେ ପୁରୀର ଶ୍ରୀମନ୍ଦିର ଓ କୋଣାର୍କର ସୂର୍ଯ୍ୟମନ୍ଦିର ଗାତ୍ରରେ ଖୋଦିତ ନଗ୍ନ କଳାକୃତି ସବୁକୁ ଆମେ ଅଶ୍ଳୀଳ ଦୃଷ୍ଟିଭଙ୍ଗୀରେ ଦେଖି ନ ଥିବା ବେଳେ ନାଟକଟିକୁ ଏପରି ଦୃଷ୍ଟିଭଙ୍ଗୀରେ ଦେଖିବାର ତାତ୍ପର୍ଯ୍ୟକୁ ଅନୁଶୀଳନ କଲେ। ଉତ୍କୃଷ୍ଟ କଳାର ଦେଶ ଏ ଉତ୍କଳ। ତଦାନୀନ୍ତନ କୁଶଳୀ ଶିଳ୍ପୀଗଣ ତଥା ଦର୍ଶକବୃନ୍ଦ ଅନ୍ତତଃପକ୍ଷେ କଳା ଭାସ୍କର୍ଯ୍ୟର ମହତ୍ତ୍ୱକୁ ଯେଉଁ ଦୃଷ୍ଟିରେ ଗ୍ରହଣ କରିଥିଲେ ତା'ର ପଟାନ୍ତର ନାହିଁ। ନଚେତ୍ ଚାରିଆଡୁ ବିରୋଧାଭାସରେ ଏସବୁ କଳାକୃତି ସ୍ୱକୀୟ ସ୍ଥିତି ହରାଇ ଇତିହାସ ପାଲଟି ଯାଇଥାନ୍ତା।

ଏହି ପରିପ୍ରେକ୍ଷୀରେ ଦୃଷ୍ଟାନ୍ତଟିଏ ମନକୁ ଆସେ। ଥରେ ଗୁରୁକୁଳରେ ଦୁଇଜଣ ବ୍ରହ୍ମଚାରୀ ଶିକ୍ଷାନବୀଶ ଆଶ୍ରମ ନିକଟସ୍ଥ ନଦୀରେ ସନ୍ଧ୍ୟା ତର୍ପଣ କରୁ କରୁ ହଠାତ୍ ସ୍ରୋତରେ ଏକ ତରୁଣୀର ସଂଜ୍ଞାହୀନ ନିସ୍ତେଜ ଶରୀର ଭାସିଯାଉଥିବାର ଦେଖିଲେ। ପ୍ରଥମ ଶିଷ୍ୟଙ୍କ ବାରଣକୁ ନ ମାନି ଦ୍ୱିତୀୟ ଶିଷ୍ୟ ସହସା ନଦୀସ୍ରୋତକୁ ଲମ୍ଫ ଦେଇ କିଶୋରୀର ଶରୀରଟିକୁ ଉଦ୍ଧାର କରି କୂଳକୁ ଆଣିଲେ। ସଂଜ୍ଞା ଫେରାଇବା ପାଇଁ ବିଭିନ୍ନ ଉପଚାର କରିବା ଦ୍ୱାରା ସାଷ୍ଟାମ ହେବାରୁ ତରୁଣୀଟିର ନଗ୍ନ ଶରୀରକୁ ନିଜ ବସ୍ତ୍ରରେ ଆବୃତ୍ତ କରି ମସ୍ତକରେ ବୋହି ନିକଟସ୍ଥ ଜନପଦରେ ଛାଡି ଦେଇଆସିଲେ। ତଡିତ୍-ବେଗରେ ଗୁରୁଙ୍କ ପାଖରେ ଏ ଦୃଶ୍ୟର ନିଚ୍ଛକ ଅବତାରଣା ପୂର୍ବକ ପ୍ରଥମ ଶିଷ୍ୟ ଜଣକ ଦ୍ୱିତୀୟ ଶିଷ୍ୟଙ୍କ ଧୃଷ୍ଟତା ହେତୁ ବ୍ରହ୍ମଚର୍ଯ୍ୟ ବ୍ରତ ନାରୀ ଅଙ୍ଗ ସ୍ପର୍ଶ ଦ୍ୱାରା ଭଗ୍ନ ହୋଇଥିବାର ପ୍ରମାଣ ରଖିଲେ। ଗୁରୁ ନିରୁତ୍ତର ରହିବାରୁ ପରଦିନ ପୁନଶ୍ଚ ଶିଷ୍ୟ ଜଣକ କଥାଛଳରେ ଘଟଣାଟିର ପୁନରାବୃତ୍ତି ପୂର୍ବକ, ନିଜ ଶରୀରକୁ ଅର୍ଦ୍ଧାବୃତ୍ତ କରି ଏକ ନାରୀକୁ ସେ ବସ୍ତ୍ର ଦେଇଥିବାରୁ ବ୍ରହ୍ମଚର୍ଯ୍ୟ ନଷ୍ଟ ହୋଇଥିବାର ଅଭିଯୋଗ ବାଢିଲେ। ତଥାପି ଗୁରୁ ନୀରବ ରହିବାର ଦେଖି ତୃତୀୟ ଦିନ ସେ ଆପତ୍ତି କଲେ ଯେ ଏକ ନାରୀର ଅର୍ଦ୍ଧାବୃତ୍ତ ଶରୀରକୁ ମୁଣ୍ଡରେ ବୋହି ଜନପଦକୁ ନେଇଥିବାରୁ ଉକ୍ତ ଶିଷ୍ୟ ବ୍ରହ୍ମଚର୍ଯ୍ୟ-ଭ୍ରଷ୍ଟ ହୋଇଛନ୍ତି ଏବଂ ତାଙ୍କୁ ଆଶ୍ରମରୁ ବହିଷ୍କାର କରାଯାଉ।

ଗୁରୁ ଏଥର କହିଲେ- ବତ୍ସ, ସେ ଯେଉଁ କାର୍ଯ୍ୟ କଲା ତାହା ଏକ ବ୍ରହ୍ମଚାରୀ ପକ୍ଷେ ଅନୁଚିତ ହେଲେ ବି ଏକ କଲ୍ୟାଣକାରୀ ପଦକ୍ଷେପ। ତେଣୁ କର୍ତ୍ତବ୍ୟ ଦାୟରେ ମନ ଭିତରେ କୌଣସି ଆବିଳତା ନ ରଖି କାର୍ଯ୍ୟଟିକୁ ତୁଲାଇଥିବାରୁ ସ୍ୱାଭାବିକ ଭାବେ ସେ ଘଟଣାଟି ବିସ୍ମୃତ ହୋଇଥିବା ବେଳେ ତୁମ ମନରେ ତାହା ଏପର୍ଯ୍ୟନ୍ତ ଉଜ୍ଜୀବିତ ରହିଛି। ଏହାଦ୍ୱାରା ତୁମର ମାନସିକ ବ୍ରହ୍ମଚର୍ଯ୍ୟ ନଷ୍ଟ ହୋଇନାହିଁ କି? ତେଣୁ ପାପର ବୋଝକୁ ସେ ନୁହେଁ ବରଂ ତୁମେ ମୁଣ୍ଡେଇଛ। ଶିଷ୍ୟ ଜଣକ ଏହା ଶୁଣି ନିଜର ଭୁଲ୍ ବୁଝିପାରିଲେ। ଏଇ ପରିପ୍ରେକ୍ଷୀରେ ଆମେ ଯଦି କଳାକାରମାନଙ୍କର କଳାକୁଶଳତାକୁ ଉପଭୋଗ ନ କରି ଅଶ୍ଳୀଳତାକୁ ନଜର ଦେବା ତେବେ ଏହା ଆମର ନିଜସ୍ୱ ଦୃଷ୍ଟିଭଙ୍ଗୀ ବୋଲି ବୁଝିବାକୁ ହେବ। ଆଜିକାଲି ଭଜନ ସମାରୋହଠାରୁ ଆରମ୍ଭ କରି ସଙ୍ଗୀତ ସନ୍ଧ୍ୟା ଏପରି କି ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରାରେ ଉଦଣ୍ଡ ନୃତ୍ୟ ନ ଥିଲେ ଏ ପିଢିର ଦର୍ଶକଙ୍କ ମନଛୁଆଁ ହୋଇ ପାରୁନାହିଁ। ରାତ୍ରିର ବିଳମ୍ବିତ ପ୍ରହରରେ ଛାତ୍ରାବାସମାନଙ୍କରେ ଚାଲୁଥିବା ନୃତ୍ୟ ସଙ୍ଗୀତ ଆସରରେ ମଦମତ୍ତ ଛାତ୍ରଙ୍କ ସମ୍ମୁଖରେ ଅନୂଢ଼ା ତରୁଣୀଙ୍କର ଉଦର ନୃତ୍ୟ (ବେଲି ଡ୍ୟାନ୍ସ) କେଉଁ ଆଭିଜାତ୍ୟପୂର୍ଣ୍ଣ ମଧୁଶାଳାର ନର୍ତ୍ତକୀମାନଙ୍କ ଅଙ୍ଗସୌଷ୍ଠବ ପ୍ରଦର୍ଶନଠାରୁ କମ୍ ଅଶ୍ଳୀଳ କି ଆପତ୍ତିଜନକ ନୁହେଁ। ବାହାରେ ସମ୍ପୂର୍ଣ୍ଣ ପାରିବାରିକ ବୋଲି ଫଳକ ଲଗାଇ ଚଳଚ୍ଚିତ୍ର କିମ୍ବା ଯାତ୍ରା ଜଗତରେ ଅଶ୍ଳୀଳ ନୃତ୍ୟର ପ୍ରଦର୍ଶନ ଆପତ୍ତିଜନକ ନିଶ୍ଚୟ। ଏହାକୁ ଆମର ରକ୍ଷଣଶୀଳ ସମାଜ ସ୍ୱୀକୃତି ଦେଇଦେଲେ କ୍ରମେ ତାହା ଆଜିର ଗ୍ରାହକଙ୍କ ଚାହିଦା ନାମରେ ବଢିବଢି ଅଶ୍ଳୀଳତାରୁ ନଗ୍ନତାରେ ଯେ ରୂପାନ୍ତରିତ ହୋଇ ନ ଯିବ ଏଥିରେ ଲେଶ-ମାତ୍ର ସନ୍ଦେହ ନାହିଁ, ଅତଏବ ଆଗରୁ ଏ ଦିଗଟି ପ୍ରତି ଆମେ ସଚେତନ ରହିବା ସମୀଚୀନ ମନେହୁଏ। **ମୋ-୯୪୩୭୧୮୫୧୭୫**

## ଏଇ ଭାରତରେ

ଅଭାବରୁ ସ୍ୱଭାବ ନଷ୍ଟ ହୋଇଥାଏ। ଅଭାବରେ ପଡି ଜଣେ ମହିଳା ତାଙ୍କର ୧୦ଦିନର ଶିଶୁକୁ ୪୦ ହଜାର ଟଙ୍କାରେ ବିକ୍ରି କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଝାଡଖଣ୍ଡରେ ଘଟିଛି ଏପରି ଏକ ଘଟଣା। ନବଜାତ ଶିଶୁପୁତ୍ରକୁ ୪୦ହଜାର ଟଙ୍କାରେ ବିକ୍ରି କରି ସାରିବା ପରେ ମହିଳାଜଣକ ପୁଣି ଫେରାଇ ନେବାକୁ ଅଡି ବସିଥିଲେ। ସ୍ଥାନୀୟ ମାନ୍‌ଗୋ ଶଙ୍କୋସାଇଠାରେ ବାସ କରୁଥିବା ରାଣୀ ଦେବୀ ନାମକ ଏହି ମହିଳା ଷଷ୍ଠ ସନ୍ତାନ ଭାବେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ତେବେ ଆର୍ଥିକ ଅବସ୍ଥା ଖରାପ ଥିବାରୁ ସେ ଶିଶୁପୁତ୍ରକୁ ସ୍ଥାନୀୟ ଶ୍ମଶାନ ଘାଟରେ ବାସ କରୁଥିବା ନିଃସନ୍ତାନ ରୋମା ସରକାରଙ୍କୁ ବିକ୍ରି କରିଥିଲେ। ଏହା ବଦଳରେ ସେ ପାଇଥିଲେ ୪୦ ହଜାର ଟଙ୍କା। କିନ୍ତୁ କିଛି ସମୟ ପରେ ତାଙ୍କ ମାତୃତ୍ୱ ଜାଗି ଉଠିଥିଲା। ସେ ପୁତ୍ରକୁ ଫେରାଇ ନେବାକୁ ଅଡି ବସିଥିଲେ। ଶିଶୁପୁତ୍ରକୁ ବିକ୍ରି ସମୟରେ ଏଗ୍ରିମେଣ୍ଟ କରାଯାଇଥିଲା। ଉକ୍ତ ମାମଲା ଥାନାରେ ପହଞ୍ଚିବା ପରେ ପୋଲିସ ଉଭୟ ପକ୍ଷଙ୍କୁ ବୁଝାଇ ଏହି ଚୁକ୍ତି ରଦ୍ଦ କରିବାକୁ କହିଥିଲେ।

## ଚିରନ୍ତନୀ

ଉଦ୍‌ବେଳିତ କରେ ତାହା ! ତେସନ ନାରୀର ଅନ୍ତସ୍ଥଳେ
ଦେହ ମନ ଅବୟବେ ସୃଜନ ବ୍ୟଥାର ରକ୍ତଗଳେ।
ଯେଉଁ କାଳୁ ଆଦି ନାରୀ ଲଭିଛି ଜନମ,
ଏ ବ୍ୟଥାରେ ବ୍ୟଥିଛି ମରମ।
ସେହିକାଳୁଁ ଶୁଣିଅଛି ଅଜାତ ସେ ଶିଶୁର କ୍ରନ୍ଦନ
ଅନ୍ତରେ ଅନ୍ତରେ ତା'ର ଲାଳିଛି ସେ ପ୍ରାଣର ନନ୍ଦନ,
ତୃପ୍ତିହୀନ ଆଶା ବହି ପରାଣ ପରାସେ
ବସି ରହେ ତାହାରି ସକାଶେ !

(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ମାର୍ଚ୍ଚ ୩- ଜମ୍ମୁ-କଶ୍ମୀରର କୁପ୍‌ୱାଡ଼ାରେ ୫୬ ଘଣ୍ଟା ଧରି ଚାଲିଥିବା ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଥିବା ବେଳେ ୫ ଯବାନ୍ ମଧ୍ୟ ଶହୀଦ ହୋଇଛନ୍ତି।

୪- ନିର୍ବାଚନ ପ୍ରଚାରରେ ପ୍ଲାଷ୍ଟିକ୍ ନିଷିଦ୍ଧ କରିବାକୁ ଗ୍ରୀନ୍ ଟ୍ରିବ୍ୟୁନାଲର ପରାମର୍ଶ।

୫- ଭାରତର ଚାପରେ ପାକିସ୍ତାନ ଆତଙ୍କବାଦୀ ସଂଗଠନ ଜୈଶ୍-ଇ-ମହମ୍ମଦ ମୁଖ୍ୟ ମାସୁଦ ଆଝାରଙ୍କ ଭାଇ ଓ ପୁଅ ଏବଂ ଅନ୍ୟ ୪୨ ଜଣ ଜୈଶ୍ ଆତଙ୍କବାଦୀଙ୍କୁ ଗିରଫ କରିଛି।

୬- କଳାହାଣ୍ଡି ଜିଲା ଭବାନୀପାଟଣା ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ନେଇ ଉଚ୍ଚଶିକ୍ଷା ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

୭- ଆମେରିକାର କଟକଣା ଧମକ ସତ୍ତ୍ୱେ ଭାରତ ରୁଷିଆରୁ ୩ ବିଲିୟନ ଡଲାର ମୂଲ୍ୟର ଆଣବିକ ଶକ୍ତିସମ୍ପନ୍ନ ଆକ୍ରମଣକାରୀ ବୁଡ଼ାଜାହାଜ ଲିଜ୍‌ରେ ଆଣିବା ଲାଗି ଚୁକ୍ତି ସ୍ୱାକ୍ଷର କରିଛି।

୮- ମିଜୋରାମ ରାଜ୍ୟପାଳ କୁମ୍ମନାମ ରାଜଶେଖରନ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ପୁଣି ସକ୍ରିୟ ରାଜନୀତିକୁ ଫେରିବା ନେଇ ଚର୍ଚ୍ଚା ହେଉଛି।

## ଆମ ସମସ୍ୟା

### ରେଳପଥର ଓଡ଼ିଶା ପ୍ରତି ଧ୍ୟାନ ନାହିଁ

ମହାଶୟ,

ଓଡ଼ିଶାରେ ରେଳପଥ ଅଧିକ ରାଜସ୍ୱ ଦେଉଥିଲାବେଳେ ଏହି ବିଭାଗ ଓଡ଼ିଆମାନଙ୍କ ସ୍ୱାର୍ଥ ପ୍ରତି ଧ୍ୟାନ ନ ଦେବାର ଦୃଷ୍ଟାନ୍ତ କଟକ-ବ୍ରହ୍ମପୁର ମେମୁ ଟ୍ରେନ୍‌କୁ ବ୍ରହ୍ମପୁରରୁ ଇଚ୍ଛାପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା। ଏଥିରେ ଅଣଓଡ଼ିଆଙ୍କର ଅଧିକ ଲାଭ ହେବ। ଇଚ୍ଛାପୁରରୁ ବାହାରି ପାରାଦୀପକୁ ଯିବା ବାଟରେ ଏହା ଏକ୍ସପ୍ରେସ୍ ହଲ୍‌ଟ ଷ୍ଟେଶନଗୁଡ଼ିକରେ ରହଣି କରିଥାଏ ଓ ପାସେଞ୍ଜର ଭଡ଼ା ନେଇଥାଏ। ବ୍ରହ୍ମପୁରରୁ କଟକ ମଧ୍ୟରେ ଯିବାଆସିବା କରୁଥିବା ଫାଷ୍ଟ ପାସେଞ୍ଜର ଭୁବନେଶ୍ୱରରୁ ନିତିଦିନ ଯିବାଆସିବା କରୁଥିବା ଚାକିରିଆ, ବେପାରୀ, ଛାତ୍ରମାନଙ୍କୁ ସୁବିଧା ହେଉଥିଲା। ଏହା ଇଚ୍ଛାପୁରରୁ ଆସିଲେ ୧୦ଟା ମଧ୍ୟରେ ଭୁବନେଶ୍ୱରରେ ପହଞ୍ଚିପାରିବ ନାହିଁ ଓ ଏଥିରେ ସୋରିଷ ପକାଇବାକୁ ଜାଗା ରହିବ ନାହିଁ। ଯଦି ବିଶାଖାପାଟଣା-ବ୍ରହ୍ମପୁର ମଧ୍ୟରେ ଗମନାଗମନ ସୁବିଧା ପାଇଁ ଏପରି ପଦକ୍ଷେପ ରେଳପଥ ନେଇଛି ତେବେ ୨ୟ ପଲାସା ଭୁବନେଶ୍ୱର ଟ୍ରେନ୍‌କୁ ଇଚ୍ଛାପୁରରୁ ମେମୁ ଟ୍ରେନ୍‌ରେ ରୂପାନ୍ତର କରି ଚଳାଇଥିଲେ ଅସୁବିଧା ନ ଥାନ୍ତା। ସେହିପରି ଭୁବନେଶ୍ୱରରେ ରହୁଥିବା ବାଙ୍ଗୀରିପୋଷି-ରାଉରକେଲା ପରି ଟ୍ରେନ୍‌କୁ ବ୍ରହ୍ମପୁରଯାଏ ସମ୍ପ୍ରସାରିତ କଲେ ଓଡ଼ିଶାବାସୀଙ୍କ ଉପକାର ହୁଅନ୍ତା।

– ରମାକାନ୍ତ ପୁରୋହିତ, ନିରାକାରପୁର, ଖୋର୍ଦ୍ଧା

### ଡାକ ବିଭାଗର ଦୃଷ୍ଟିପଡୁ

ଡାକ ବିଭାଗ ସଞ୍ଚୟ, ବୀମା ଓ ଅନ୍ୟାନ୍ୟ କାର୍ଯ୍ୟର ସମ୍ପ୍ରସାରଣ ନେଇ ଲୋକପ୍ରିୟ ହେଉଛି। ମାତ୍ର ଦିନକୁ ଦିନ କର୍ମଚାରୀ ଅଭାବ ଓ କାର୍ଯ୍ୟଚାପ ବୃଦ୍ଧି ଯୋଗୁ ଗ୍ରାହକ ସେବା ବାଧାପ୍ରାପ୍ତ ହେଉଛି। ତତ୍‌ସହିତ କର୍ମଚାରୀମାନଙ୍କର ରୁକ୍ଷ ବ୍ୟବହାର ମାନସିକ କଷ୍ଟ ଦେଉଛି। ଶାଖା, ଉପଡାକ ଘର ଏପରି କି ମୁଖ୍ୟ ଡାକଘରେ ମଧ୍ୟ ଏଇ ସମସ୍ୟା। ମାତ୍ର ବ୍ୟାଙ୍କ ସେବା କ୍ଷେତ୍ରରେ ଏପରି ସମସ୍ୟା ନାହିଁ। ଡାକସେବାରେ ଉନ୍ନତି ତଥା ସଂସ୍କାର ପାଇଁ ବିଭାଗ ଧ୍ୟାନ ଦେବା ଉଚିତ।

ଗନ୍ଧର୍ବ ଜେନା, ଡେଲାଙ୍ଗ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## sudoku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 1 | | | | 5 | | 6 | D | | | | 4 | 2 | B |
| | | | | | 2 | | | 3 | | 1 | 5 | | E | |
| | | | | | | | B | | | | | | 8 | C |
| | | | 7 | 6 | | | 4 | 8 | | | | D | 1 | 3 |
| | | | 9 | | | 0 | | | B | | D | | | 7 |
| | 8 | | 4 | | | | | C | 5 | | 1 | | 6 | A |
| | 7 | | | | | | 3 | 9 | | | | | 5 | |
| | D | | 1 | A | E | 8 | | | 6 | | | | | 2 |
| | C | | 6 | D | B | | | 7 | | 8 | A | 9 | | |
| | 2 | 3 | | | | E | 0 | 6 | | 7 | | | | 8 |
| | | 1 | | | | 7 | | | | | 2 | | 4 | |
| 8 | 0 | | D | | 7 | | | | | | | | | |
| | A | | | | 1 | | | | | E | | | | |
| | | B | E | 0 | | 3 | | | 9 | | 4 | | | 6 |
| | | | | | 6 | | | 2 | | A | 0 | C | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 7 | 5 | 0 | B | 4 | A | 1 | 6 | D | 3 | C | 8 | E | 9 |
| 6 | 1 | A | 3 | 7 | D | 9 | 8 | 0 | 4 | E | 5 | B | C | 2 |
| B | 3 | C | 5 | 8 | 9 | 4 | 2 | E | 6 | 0 | 1 | A | 7 | D |
| 4 | E | 9 | 1 | C | 2 | 3 | D | B | 8 | 7 | A | 5 | 0 | 6 |
| 8 | 0 | D | 6 | E | A | C | 7 | 5 | B | 2 | 9 | 1 | 4 | 3 |
| C | 5 | 7 | 8 | 4 | 0 | E | 9 | D | 2 | A | B | 3 | 6 | 1 |
| E | 4 | 3 | 9 | A | 6 | 8 | 0 | 1 | 7 | C | D | 2 | 5 | B |
| A | B | 0 | 7 | 3 | 5 | 6 | C | 2 | 9 | 1 | 8 | E | D | 4 |
| 1 | 2 | 8 | C | D | B | 7 | 4 | 3 | E | 5 | 6 | 0 | 9 | A |
| D | 9 | 6 | 2 | 1 | E | 5 | B | A | 3 | 4 | 0 | C | 8 | 7 |
| 3 | 6 | E | A | 0 | 8 | 2 | 5 | 9 | 1 | D | 4 | 7 | B | C |
| 7 | 8 | B | D | 9 | 3 | 1 | E | C | 0 | 6 | 2 | 4 | A | 5 |
| 9 | C | 1 | E | 5 | 7 | 0 | 6 | 4 | A | B | 3 | D | 2 | 8 |
| 0 | A | 4 | B | 2 | C | D | 3 | 8 | 5 | 9 | 7 | 6 | 1 | E |
| 5 | D | 2 | 4 | 6 | 1 | B | A | 7 | C | 8 | E | 9 | 3 | 0 |

ଗତକାଲିର ଉତ୍ତର



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି
ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ



## ଏପ୍ରିଲ ୧୪ରେ ଆଦର୍ଶ ଗଣବିବାହ

ବରଗଡ଼ ଅଫିସ,୧୦।୩
ବରଗଡ଼ ସହରରେ ଆସନ୍ତା ଅପ୍ରେଲ ୧୪ତାରିଖରେ ଆମ୍ବେଦକର ଜୟନ୍ତୀ ପାଳନ ଅବସରରେ ଆଦର୍ଶ ଗଣବିବାହ କାର୍ଯ୍ୟକ୍ରମ ରହିଛି । ଏହି ପରିପ୍ରେକ୍ଷୀରେ ରବିବାର ସ୍ଥାନୀୟ ହୋଟେଲ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟର ସଭାପତି ଗୁଣମଣି ସୁନାନୀ, ଉଦ୍ୟୋକ୍ତା ତଥା ସଂସ୍ଥାପକ ପବିତ୍ର ଦେହେରୀ, ପରମେଶ୍ୱର ଲୁହା, ଜେଠୁ ଭୋଇ, ଉର୍କୁଲୁ ତାଣ୍ଡି, ମେରିୟମ ବାର୍ଲା, ଭବାନୀ ସାହୁ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ । ଆସନ୍ତା ଏପ୍ରିଲ ୧୩ତାରିଖରେ ସମାଜ ସଂସ୍କାରକ ମହାତ୍ମା ଜ୍ୟୋତିବା ଫୁଲେଙ୍କ ଜୟନ୍ତୀ ଏବଂ ୧୪ତାରିଖରେ ଆମ୍ବେଦକର ଜୟନ୍ତୀ ସହିତ ଗଣବିବାହ କାର୍ଯ୍ୟକ୍ରମ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା । ବରଗଡ଼ ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପରେ ସେହି କାର୍ଯ୍ୟକ୍ରମ ହେବ ବୋଲି ସୂଚନା ଦିଆଯାଇଥିଲା ।



## ଗୋଷ୍ଠୀ ସାଧନକେନ୍ଦ୍ର ଉଦ୍‌ଘାଟିତ

**ବରଗଡ଼ ଅଫିସ,୧୦।୩:**ବରଗଡ଼ ବ୍ଲକ ଦେଓଗାଁ ପଞ୍ଚାୟତ ଅନ୍ତର୍ଗତ ଧମନାମୁଣ୍ଡାରେ ନବନିର୍ମିତ ଗୋଷ୍ଠୀ ସାଧନକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସୁଧାଂଶୁ ତ୍ରିପାଠୀ, କ୍ଷୀରେଶ୍ୱର ମହାନନ୍ଦ, ବୃନ୍ଦାବନ ପଟେଲ, ଅଶ୍ୱିନୀ ଠେଠୁଆର ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମରେ ପାନୀୟଜଳ ସମସ୍ୟା ରହିଥିବାରୁ ମହିଳାମାନେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅତିଶୀଘ୍ର ସେହି ସମସ୍ୟାର ସମାଧାନ ହେବ ବୋଲି ବିଧାୟକ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।

# ଭୋଟର ପରଖିଲେ ଇଭିଏମ ମେଶିନ

ଭଟଲି,୧୦।୩(ଡି.ଏନ୍.ଏ.)

ଭଟଲି ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସ୍ୱତନ୍ତ୍ର ଇଭିଏମ୍ ଓ ଭିଭିପାଟ୍ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକର ସମସ୍ତ ଜିଲା ପରିଷଦ ସଭ୍ୟ, ସମିତି ସଭ୍ୟାସଭ୍ୟ, ସରପଞ୍ଚ, ୱାର୍ଡ଼ ସଭ୍ୟାସଭ୍ୟ, ରାଜନୈତିକ ଦଳର ପ୍ରତିନିଧି ଏବଂ ମିଡ଼ିଆ ସଂଯୋଜକ ମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଡିଓ ଧୀରେନ୍ଦ୍ର କୁମାର ସେଠୀ, ତହସିଲଦାର ଅଞ୍ଜଳିନା ପଧାନ, ଏବିଡିଓ କୃଷ୍ଣଚନ୍ଦ୍ର ସାହୁ, ଜିପିଇଓ ରଞ୍ଜିତ ଜେନା, ଗୋବର୍ଦ୍ଧନ ମେହେର ପ୍ରମୁଖ ଶିବିରର ନେତୃତ୍ୱ ନେଇଥିଲେ । କନିଷ୍ଠ ଯନ୍ତ୍ରୀ ନାଗାର୍ଜୁନ ପଧାନ, ସିପି ଗିରିଧାରୀ ଭୋଇ, ସିଆରସିସି ଗଜରାଜ ଗଡ଼ତିଆ ଏବଂ ଗଣେଶ ଷଡ଼ଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ଗାଇସିଲେଟ,(ଡି.ଏନ.ଏ):** ଗାଇସିଲେଟ ବ୍ଲକ କନ୍‌ଫରେନ୍ସ ହଲରେ ରବିବାର ଇଭିଏମ ଓ ଭିଭିପାଟ୍ ମେଶିନ ଉପରେ ଭୋଟରମାନଙ୍କୁ ସଚେତନ କରାଯାଇଥିଲା । ବିଡିଓ ଆଦିତ୍ୟ କୁମାର ପଣ୍ଡା, ସିପି ବିକାଶ କୁମାର ପଣ୍ଡା, ଜେଇ ଜଗବନ୍ଧୁ ମେହେର ପ୍ରମୁଖ ଯୋଗଦେଇ ଏହି ମେଶିନ ଉପରେ ବିସ୍ତୃତ ବିବରଣୀ ଦେଇତବଲେ । ଜେଇ ଦେଶୋକ ପଟେଲ, ସୁଗୁ ବାଦୀ, ସୁକାନ୍ତୀ ନୀଟି, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରୁଧିର ବାଗ ଉପସ୍ଥିତ ଥିଲେ । ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସଂଯୁକ୍ତା ମାଝୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସୁନୀଲ କୁମାର ସାହୁ ଧନ୍ୟବାଦ ଅର୍ପଣକରିଥିଲେ । ଏଥିରେ ପରୀକ୍ଷାମୂଳକ ଭାବେ ମୋଟ୍ ୫୫ ଜଣ ଭୋଟ ଦେଇଥିଲେ ।



ଭଟଲି ବ୍ଲକରେ ଇଭିଏମ୍ ଓ ଭିଭିପାଟ୍ ମେଶିନ ଉପରେ ସଚେତନ କରାଯାଉଛି ।

**ସୋହେଲା,(ଡି.ଏନ.ଏ):** ସୋହେଲା ବ୍ଲକ ଅଫିସ ସଭାଗୃହରେ ସ୍ୱତନ୍ତ୍ର ଇଭିଏମ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଡିଓ ଅଶୋକ କୁମାର ଗଡତିଆ ସଭାପତିତ୍ୱ କରିଥିଲେ। ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ଅତିତବ ଭାବେ ଯୋଗ ଦେଇଥିଲେ । ସହକାରୀ ଯନ୍ତ୍ରୀ ନରେଶ ଅଗ୍ରୱାଲ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଆଗାମୀ ସାଧାରଣ ନିର୍ବାଚନରେ ବ୍ୟବହୃତ ହେବାକୁ ଯାଉଥିବା ଏହି ସ୍ୱତନ୍ତ୍ର ଇଭିଏମ ଓ ଭିଭିପାଟ୍ ମେଶିନର କାର୍ଯ୍ୟକାରିତା ଉପରେ ବିଡିଓ ଗଡତିଆ ବୁଝାଇଥିଲେ । ସେକ୍ଟର ଅଫିସର ରାଜକୁମାର ସାହୁ, ଅରୁଣ କୁମାର ସାହୁ ଓ ଷଡାନନ ଭୋଇ, ବିଏଲଓ ସୁପରଭାଇଜର ରମେଶ ଚନ୍ଦ୍ର ସାହୁ ସହଯୋଗ କରିଥିଲେ । ଶେଷରେ ସହକାରୀ ଯନ୍ତ୍ରୀ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

**ପଦ୍ମପୁର, (ଡି.ଏନ.ଏ):** ପଦ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଇଭିଏମ୍ ସଚେତନତା କାର୍ଯ୍ୟକ୍ରମରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ସହକାରୀ ଜିଲାପାଳ ସୁଶ୍ରୀ ଦିପ୍ତୀମୟୀ ଭୁଏ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ରାଜବୋଡାସମ୍ବର ବିଡିଓ ଏଲିଜା ମିଶ୍ରଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଯୋଗଦାନ କରିଥିଲେ । ଜେଇ ରାମାଞ୍ଜଳ ଭୋଇ ଏବଂ ସିଆରସିସି ସୀତାରାମ ତ୍ରିପାଠୀ ଇଭିଏମ୍ ଓ ଭିଭିପାଟ୍ ଉପରେ ତାଲିମ ଦେଇଥିଲେ । ସେହିପରି ରାଜବୋଡାସମ୍ବର ବ୍ଲକରେ ଇଭିଏମ ଓ ଭିଭିପାଟ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗିରିନ୍ଦ୍ର ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଜନୀକାନ୍ତ ବହିଦାର, ପିଏ ଝସକେତନ ବାରିକ, ସିଆରସିସି ପ୍ରହଲ୍ଲାସ ମହାନନ୍ଦ, ସିପି ପିତାମ୍ବର ସାହୁ ତଥା ବ୍ଲକର ଅନ୍ୟାନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ବିଜେପୁର, (ଡି.ଏନ.ଏ):** ବିଜେପୁର ବ୍ଲକ ସଭାକକ୍ଷରେ ଇଭିଏମ୍ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ବିଡିଓ ପଦ୍ମନାଭ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ସହକାରୀ ଯନ୍ତ୍ରୀ ଟେକଚାନ୍ଦ କାଲୋ, କନିଷ୍ଠ ଯନ୍ତ୍ରୀ ବସନ୍ତ ବେହେରା ଓ ନିରଞ୍ଜନ ନାୟକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସଞ୍ଜୟ ଭୋଇ ମଞ୍ଚାସୀନ ଥିଲେ । ଅପରପକ୍ଷେ ନିର୍ବାଚନରେ ବ୍ୟବହୃତ ହେବାକୁଥିବା ଇଭିଏମ ଓ ଭିଭିପ୍ୟାଟ ମେସିନ ପ୍ରଦର୍ଶନ କରାଯିବା ସହ ମକପୋଲ ହୋଇଥିଲା ।

## ଉପଖଣ୍ଡ ଚିକିତ୍ସାଳୟ ରୋଗୀ କଲ୍ୟାଣ ସମିତି ବୈଠକ

ପଦ୍ମପୁର, ୧୦।୩ (ଡି.ଏନ.ଏ)

ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟ ରୋଗୀ କଲ୍ୟାଣ ସମିତିର ଏକ ବୈଠକ ରବିବାର ଉପଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଗୀତା ପିୟୁଷ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଉପଖଣ୍ଡ ଚିକିତ୍ସାଳୟର ଉନ୍ନତି ଓ ସୁପରିଚାଳନା ପାଇଁ ଡାକ୍ତରଖାନା ପରିସର ମଧ୍ୟରେ ଥିବା ଡ୍ରେନର ପୁନରୁଦ୍ଧାର ଓ ମରାମତି, ଆମ୍ବୁଲାନ୍ସର ମରାମତି, ବାଉଣ୍ଡାରି ନିର୍ମାଣ, ଚିକିତ୍ସାଳୟ ନିମନ୍ତେ ଆନୁଷଙ୍ଗିକ ସାମଗ୍ରୀ କ୍ରୟ, ଆସବାବପତ୍ର ମରାମତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଏତତ ବ୍ୟତୀତ ଖାଲିଥିବା ଡାକ୍ତର ପଦବୀ ପୂରଣ ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ରାଜବୋଡାସମ୍ବର ପଞ୍ଚାୟତ ସମିତି ଅଧ୍ୟକ୍ଷ କୁମରମଣି ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ରୋଗୀ କଲ୍ୟାଣ ସମିତି ସଦସ୍ୟ ଅଶୋକ ମିଶ୍ର, ଜ୍ୟୋତ୍ସ୍ନାମୟୀ କର, ଚିକିତ୍ସାଳୟ ମ୍ୟାନେଜର ପ୍ରଦୀପ ସାହୁ, ସରୋଜ ଷଡଙ୍ଗୀଙ୍କ ସମେତ ଅନ୍ୟ ସଦସ୍ୟ ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବୈଠକ ପ୍ରାରମ୍ଭରେ ଉପଜିଲାପାଳ, ଉପଖଣ୍ଡ ଚିକିତ୍ସାଧିକାରୀ ଚିକିତ୍ସାଳୟ ପରିସରରେ ଆୟୋଜିତ ପଲ୍‌ସ ପୋଲିଓ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।


ମିଳିତ ଶିକ୍ଷକ ସଂଘ ବାର୍ଷିକ ଉତ୍ସବରେ ମଞ୍ଚାସିନ ଅତିଥି।

# ମିଳିତ ଶିକ୍ଷକ ସଂଘର ପ୍ରଥମ ବାର୍ଷିକୋତ୍ସବ

ଅମ୍ବାଭୋନା, ୧୦।୩ (ଡି.ଏନ.ଏ)

ବରଗଡ ଜିଲା ଅମ୍ବାଭୋନା ବ୍ଲକର ଡୁଙ୍ଗୁରୀ ସ୍ଥିତ ଏସିସି ଖେଳ ପଡିଆଠାରେ ଅମ୍ବାଭୋନା ବ୍ଲକ ମିଳିତ ଶିକ୍ଷକ ସଂଘର ପ୍ରଥମ ବାର୍ଷିକୋତ୍ସବ କେଦାର ଭାରତୀ ୨୦୧୯ ଅନୁଷ୍ଠିତ ହୋଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରଗଡ ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟବକ୍ତା ଭାବେ ସୋହେଲା ମହାବିଦ୍ୟାଳୟର ଅଧ୍ୟାପକ ଟେକଚାନ୍ଦ ଦୁଆନ ଏବଂ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଯୁବରାଜ ଖମାରୀ ଯୋଗଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଡୁଙ୍ଗୁରୀ ଚୁନପଥର ଖଣିର ଡେପୁଟି ଜେନେରାଲ ମ୍ୟାନେଜର ସବ୍ୟସାଚୀ ମିଶ୍ର, ଡୁଙ୍ଗୁରୀ ସରପଞ୍ଚ ପୁଷ୍ପାଞ୍ଜଳି ବିଶ୍ୱାଳ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଜିଲା ଶିକ୍ଷକ ସଂଘର ସଭାପତି ମହାଦେବ ବେହେରା, ସମ୍ପାଦକ ନିଶିକାନ୍ତ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ମହାପାତ୍ର, ଗୌରାଙ୍ଗ ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଅମ୍ବାଭୋନା ବ୍ଲକ ମିଳିତ ଶିକ୍ଷକ ସଂଘର ସଭାପତି ରାଜକୁମାର ବଘେଲ ଏହି ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ରୋହିତ କୁମାର ଭୁଏ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟଅତିଥିଙ୍କ ଦ୍ୱାରା ଏକ ସ୍ମରଣୀକା ଅଭୁଲା ମାଟି ଉନ୍ମୋଚନ କରାଯାଇଥିଲା। ସଭାର ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଡେପୁଟି ରେଜିଷ୍ଟ୍ରାର ଉମାଚରଣ ପତି, ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କଳ୍ପନା ନାଏକ ଏବଂ ସମ୍ମାନୀତ ଅତିଥି ଭାବେ ଏଭାରେଷ୍ଟ ପର୍ବତାରୋହୀ ଯୋଗବ୍ୟାସ ଭୋଇ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଫକୀର ପଧାନ ମଞ୍ଚାସୀନ ଥିଲେ । ରାଜକୁମାର ବଘେଲ ଅଧ୍ୟକ୍ଷତା କରିଥିବା ବେଳେ ଜନ କରାମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ୩୯ ରାଜନୈତିକ ଦଳକୁ ଚିହ୍ନ ବଣ୍ଟନ

ନୂଆଦିଲ୍ଲୀ,୧୦।୩

ନିର୍ବାଚନୀ କାର୍ଯ୍ୟସୂଚୀ ଆନୁଷ୍ଠାନିକ ଭାବେ ଘୋଷଣା ହେବା ପୂର୍ବରୁ ନିର୍ବାଚନ ଆୟୋଗ ରବିବାର କମଲ ହାସନଙ୍କ ଏମ୍‌ଏନ୍‌ଏମ୍ ଏବଂ ଶରଦ ଯାଦବଙ୍କ ଏଲ୍‌ଜେଡି ସମେତ ପଞ୍ଜୀକୃତ ୩୯ ଅଣ-ମାନ୍ୟତାପ୍ରାପ୍ତ ରାଜନୈତିକ ଦଳଗୁଡ଼ିକୁ ଚିହ୍ନ ଆବଣ୍ଟନ କରିଛନ୍ତି। ତାମିଲନାଡୁରେ ଏଆଇଏଡିମେକେ ଏବଂ ଡିଏମ୍‌କେ ସହ ମେଣ୍ଟ ନ କରି ଏକୁଟିଆ ଲୋକ ସଭା ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହୋଇଥିବା ମକ୍କଲ ନିଧି ମାୟିୟମ (ଏମ୍‌ଏନ୍‌ଏମ୍) ଦଳକୁ 'ବ୍ୟାଟେରି ଟର୍ଚ୍ଚ' ଚିହ୍ନ ମିଳିଛି। ଭାରତର ରାଜନୀତିରେ ଏକ ନୂଆ ଅଧ୍ୟାୟର ଆରମ୍ଭ ପୂର୍ବକ ପ୍ରଗତିର ମଶାଲ ବାହକ ଭାବେ ଏହି ଚିହ୍ନ ମିଳିଥିବାରୁ ହାସନ ନିର୍ବାଚନ ଆୟୋଗଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଗତ ଫେବୃୟାରୀରେ ଅଭିନେତା ହାସନ ରାଜନୀତିକୁ ଓହ୍ଲାଇଥିଲେ ଏବଂ ଏମ୍‌ଏନ୍‌ଏମ୍ ରାଜନୈତକ ଦଳ ପ୍ରତିଷ୍ଠା କରିଥିଲେ। ଆସନ୍ତା ନିର୍ବାଚନରେ ତାଙ୍କ ଦଳ ତାମିଲନାଡୁର ୩୯ ଏବଂ ପୁଡୁଚେରୀର ୧ ମୋଟ ୪୦ ଲୋକ ସଭା ଆସନରୁ ପ୍ରାର୍ଥୀ ଛିଡ଼ା କରିବ।

# ମଧ୍ୟପ୍ରଦେଶରେ ଓବିସି ସଂରକ୍ଷଣ ୨୭ ପ୍ରତିଶତକୁ ବୃଦ୍ଧି

ଭୋପାଳ,୧୦।୩

ଲୋକ ସଭା ନିର୍ବାଚନ ଆଚରଣ ବିଧି ଘୋଷଣା ହେବା ପୂର୍ବରୁ ମଧ୍ୟପ୍ରଦେଶ ରାଜ୍ୟପାଳ ଆନନ୍ଦୀବେନ ପଟେଲ ରବିବାର ସରକାରଙ୍କ ୧୪ରୁ ୨୭ ପ୍ରତିଶତ ଓବିସି କୋଟା ବୃଦ୍ଧି ଅଧ୍ୟାଦେଶକୁ ମଞ୍ଜୁର କରିଛନ୍ତି। ଫଳରେ ଦେଶର ପ୍ରଥମ ରାଜ୍ୟ ଭାବେ ମଧ୍ୟପ୍ରଦେଶରେ ଓବିସି କୋଟା ୨୭ ପ୍ରତିଶତରେ ପହଞ୍ଚିଛି। ଲୋକ ସଭା ନିର୍ବାଚନ ପୂର୍ବରୁ ରାଜ୍ୟର ପଛୁଆ ବର୍ଗ ମତଦାତାଙ୍କୁ ହାତମୁଠାକୁ ନେବା ପାଇଁ କମଲନାଥ ସରକାର ଏହି ଅଧ୍ୟାଦେଶ ଆଣିଥିବା ରାଜନୈତିକ ବିଶେଷଜ୍ଞମାନେ ମତ ରଖିଛନ୍ତି। ଶୁକ୍ରବାର ରାଜ୍ୟପାଳ ପଟେଲଙ୍କ ନିକଟକୁ ଏହା ପଠାଯାଇଥିଲା। ସେ ଏହି ଅଧ୍ୟାଦେଶକୁ ସ୍ୱୀକୃତି ଦେଇଥିବାବେଳେ ମୁଖ୍ୟମନ୍ତ୍ରୀ କମଲନାଥ ଶିବରାଜ ସିଂ ଚୌହାନଙ୍କ ନେତୃତ୍ୱାଧୀନ ଭାଜପା ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଚୌହାନ ତାଙ୍କ ୧୫ ବର୍ଷ ଶାସନ କାଳରେ ପଛୁଆ ବର୍ଗଙ୍କୁ ଅଣଦେଖା କରିଥିବା କହିଛନ୍ତି।

# ପଞ୍ଚାୟତସ୍ତରୀୟ ଜନସମ୍ପର୍କ ସମାବେଶ

ଅମ୍ବାଭୋନା, ୧୦।୩ (ଡି.ଏନ.ଏ)

ଅମ୍ବାଭୋନା ବ୍ଲକ ଅଧୀନ ଡୁଙ୍ଗୁରୀଠାରେ ବିଜୁ ଜନତା ଦଳ ତରଫରୁ ପଞ୍ଚାୟତସ୍ତରୀୟ ଜନସମ୍ପର୍କ ସମାବେଶ ରବିବାର ଅନୁଷ୍ଠିତ ହୋଇଛି । ଏହି ଅବସରରେ ଡୁଙ୍ଗୁରୀ ବସ୍‌ଷ୍ଟାଣ୍ଡଠାରୁ ଏକ ପଦଯାତ୍ରା ବାହାରି ସଉନ୍ତାମାଳ ଗ୍ରାମ ପରିକ୍ରମା କରିଥିଲା । ପରେ ଆୟୋଜିତ ସଭାରେ ବିଜେପୁର ବିଧାୟିକା ରୀତା ସାହୁ ମୁଖ୍ୟଅତିଥି, ବିଜୁ କୃଷକ ମୋର୍ଚ୍ଚା ଜିଲା ସଭାପତି ଗୌରହରି ମିଶ୍ର, ଯୁବନେତା ସୁବ୍ରତ ସିଂ, ଜିଲା ବିଜୁ ଜନତା ଦଳ ଉପସଭାପତି କିର୍ତ୍ତିଚନ୍ଦ୍ର ଦୁଆନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ସଫଳତା ବଖାଣିଥିଲେ । ପୂର୍ବତନ ସରପଞ୍ଚ ହୀରାଧର ସାହୁ, ସତ୍ୟଭୂଷଣ ସାହୁ, ଅନନ୍ତରାମ ସାହୁ, ନାଏବ ସରପଞ୍ଚ ଯଶୋଦା ସା, ସମିତି ସଭ୍ୟା ହେମଲତା ବାଗ, ରୁଚିଦା ସରପଞ୍ଚ ରଞ୍ଜିତ ଭୁଏ, କଣ୍ଡପଲା ସରପଞ୍ଚ ଡୋଳାମଣି ପଟେଲ, ଭୈନାତୋରା ସରପଞ୍ଚ ଗୌତମ ଦେହେରୀ, ବ୍ଲକ ଉପାଧ୍ୟକ୍ଷ ଠାକୁରରାମ ପଟେଲ, ବିଜେଡି ବ୍ଲକ ସଭାପତି ରଘୁନାଥ ପଟେଲ, ମିତ୍ରଭାନୁ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସହନ୍ତାମାଳ ଗ୍ରାମରେ ଜଳସଙ୍କଟ, ସ୍କୁଲ ଗୃହ ଓ ପାଚେରୀ ନିର୍ମାଣ, ଡାକ୍ତରଖାନାକୁ ଡାକ୍ତର ଯୋଗାଣ ଆଦି ସମସ୍ୟା ସମାଧାନ ପାଇଁ ଗ୍ରାମବାସୀ ଦାବି କରିଥିଲେ । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ଅଞ୍ଚଳରେ ବେଆଇନ ମଦ କାରବାରକୁ ରୋକାଯିବା ନିମନ୍ତେ ଦାବି କରାଯାଇଥିଲା । ସନ୍ତୋଷ ପଧାନ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।


ପଞ୍ଚାୟତସ୍ତରୀୟ ଜନସମ୍ପର୍କ ସମାବେଶରେ ମଞ୍ଚାସୀନ ଅତିଥିବୃନ୍ଦ ।

## ସହର ଜଗିବ ସିସିଟିଭି

ବରଗଡ଼ ଅଫିସ,୧୦।୩

ବରଗଡ଼ ଜିଲାର ବରଗଡ଼ ସହର, ପଦ୍ମପୁର, ଅତାବିରା, ସୋହେଲାର ବିଭିନ୍ନ ଛକ ସ୍ଥାନ ଗୁଡ଼ିକରେ ଅପରାଧୀଙ୍କ ଉପରେ ନଜର ରଖିବା ପାଇଁ ସିସିଟିଭି ଲଗାଯିବ। ବରଗଡ଼ ସହରର କେତେକ ଛକରେ ଏହା ଲାଗି ସାରିଛି । ଏଥିପାଇଁ ବରଗଡ଼ ଏମପି ଡଃ ପ୍ରଭାସ ସିଂ ପ୍ରଥମ ପର୍ଯ୍ୟାୟରେ ତାଙ୍କ ଅନୁଦାନ ପାଣ୍ଠିରୁ ୭ଲକ୍ଷ ୪୮ହଜାର ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୭ଲକ୍ଷ ୮୯ହଜାର ୬୧୮ ଟଙ୍କା ମଞ୍ଜୁର କରିଛନ୍ତି । ବରଗଡ଼ ଧନୁଯାତ୍ରା ମହୋତ୍ସବ ସମେତ ବିଭିନ୍ନ ଯାତ୍ରା କାର୍ଯ୍ୟକ୍ରମରେ ସିସିଟିଭି କାମରେ ଆସିବ । ଏହା ସହିତ ଅପରାଧ ରୋକିବା ଓ ଅପରାଧୀଙ୍କୁ ଧରିବାରେ ବେଶ ସହାୟକ ହେବ ବୋଲି ବରଗଡ଼ ଏସଡ଼ିପିଓ କ୍ଷୀରସାଗର ନାଏକ ସୂଚନା ଦେଇଛନ୍ତି ।

# ଶିଶୁଙ୍କୁ ଦିଆଗଲା ପୋଲିଓ ବୁନ୍ଦା

ଭଟଲି/ବିଜେପୁର,୧୦।୩(ଡି.ଏନ୍.ଏ.)

ଦେଶକୁ ପୋଲିଓ ମୁକ୍ତ କରିବା ଲକ୍ଷ ନେଇ ରବିବାର ଜନ୍ମରୁ ପାଞ୍ଚ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ପଲ୍‌ସ ପୋଲିଓ ବୁନ୍ଦା ଦିଆଯାଇଛି । ଭଟଲି ବ୍ଲକରେ ମଧ୍ୟ ପ୍ରାୟ ୫୩ଟି ପୋଲିଓ ଟିକାଦାନ କେନ୍ଦ୍ରରେ ୬୦୭୪ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଯାଇଥିଲା । ଏଥିପାଇଁ ସକାଳ ୮ଟାରୁ କେନ୍ଦ୍ର ମାନଙ୍କରେ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା । ଏହି ଅବସରରେ ଡା. ସଞ୍ଜୀବ କୁମାର ଦାଶ, ବିପିଏମ୍ ମନୋରଞ୍ଜନ ପଧାନ, ପିଏଚ୍‌ଇଓ ଝସକେତନ ଧରାଇ ପ୍ରମୁଖ ବିଭିନ୍ନ କେନ୍ଦ୍ର ପରିଦର୍ଶନ କରି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିଥିଲେ । ତେବେ ଯେଉଁ ଶିଶୁମାନେ ରବିବାର ପୋଲିଓ ବୁନ୍ଦା ଖାଇନାହାନ୍ତି ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ଘର ଘର ବୁଲି ପୋଲିଓ ବୁନ୍ଦା ପ୍ରଦାନ କରାଯିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି ।

**ବିଜେପୁର, (ଡି.ଏନ.ଏ):** ବିଜେପୁର ବ୍ଲକରେ ପଲସ ପୋଲିଓ ଅଭିଯାନ ରବିବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବାଳକ ପ୍ରାଥମିକ ବିଦ୍ୟାଳୟ ଓ ମାଳପଡା ଲକ୍ଷ୍ମୀନାରାୟଣ ଯୁବକ ସଂଘ ପରିସରରେ ପୋଲିଥ ବୁଥ ଖୋଲା ଯାଇଥିଲା । ବାଳକ ପ୍ରାଥମିକ ସ୍କୁଲରେ ୨୦୮ ଓ ମାଳପଡା ବୁଥ୍‌ରେ ୧୯୭ ଜଣ ଶିଶୁ ପୋଲିଓ ବୁନ୍ଦା ଖାଇଥିଲେ । ଏନଏସଏସ ପ୍ରୋଗ୍ରାମ ଅଫିସର ଡ. ସୁବ୍ରତାରାଣୀ ରାଉତଙ୍କ ନେତୃତ୍ୱରେ ଡିଗ୍ରୀ କଲେଜର ସ୍ୱେଚ୍ଛାସେବିକା ଘର ଘର ବୁଲି ଅଭିଭାବକମାନଙ୍କୁ ସଚେତନ କରାଇଥିଲେ । ପରେ ଶିଶୁଙ୍କୁ ବୁଥକୁ ଆଣି ପୋଲିଓ ବୁନ୍ଦା ଦେଇଥିଲେ। ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟ ସେବିକା ସହଯୋଗ କରିଥିଲେ ।


ବିଜେପୁରର ଏକ ବୁଥ୍‌ରେ ଶିଶୁଙ୍କୁ ପଲ୍‌ସ ପୋଲିସ ବୁନ୍ଦା ଦିଆଯାଉଛି ।

# କ୍ରିକେଟ: ଶ୍ରୀହରିନଗର ଚାମ୍ପିୟନ

ବରଗଡ଼ ଅଫିସ,୧୦।୩

ବରଗଡ଼ ବ୍ଲକ ଅନ୍ତର୍ଗତ ଧମନାମୁଣ୍ଡା ଗ୍ରାମରେ ସ୍ଥାନୀୟ ଜୟ ବଜରଙ୍ଗବଲୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଉକ୍ତ ପ୍ରତିଯୋଗିତାରେ ଲେହେଙ୍ଗିପଦର, ମୁରୁମକେଲ, ଭଟିଗାଁ, ଗୋଇସର, ପଧାନଟିକ୍ରା, ଡୁମ୍ବେରପାଲି, କଟାପାଲି, ଦେଓଗାଁ, ଜଡ଼ା, ନଅଗାଁ, ବାଗଡ଼ିଆ, ନଦୀପଡ଼ା, ଶକ୍ତିନଗର, ହାଲୁପାଲି, ଦୁଆରି ଗ୍ରାମର କ୍ରିକେଟ ଟିମ୍ ଅଂଶଗ୍ରହଣ କରିଥିଲେ । ଫାଇନାଲ ଖେଳରେ ଗୋଇସର ଦଳକୁ ପ୍ରତିପକ୍ଷ ଶ୍ରୀହରିନଗର ୬ ଉଇକେଟ୍‌ରେ ହରାଇ ଚାମ୍ପିୟନ ହୋଇଥିଲା । ଉଦ୍‌ଯାପନୀ ସମାରୋହରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଏବଂ ସରପଞ୍ଚ କରୁଣାକର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଚାମ୍ପିୟନ ଏବଂ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ସୁଧାଂଶୁ ଶତପଥି, ସାନନ୍ଦ ମହନ୍ତମ, ଭୀଷ୍ମ ପଟେଲ, ପୁରନ୍ଦର ପଟେଲ, ବୃନ୍ଦାବନ ପଟେଲ, ଅଶ୍ୱିନୀ ଠେଠୁଆର, ଟିଙ୍କୁ ରାଉତ, ଲିଙ୍ଗରାଜ ପଟେଲ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।


ମୁଖ୍ୟଅତିଥି ଖେଳାଳିଙ୍କ ସହିତ କରମର୍ଦ୍ଦନ କରୁଛନ୍ତି ।

# ଆଗକୁ ନିର୍ବାଚନ: ନେତା ଏବେ ଗାଁମୁହାଁ

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ,୧୦।୩

ସାଧାରଣ ନିର୍ବାଚନ ପାଇଁ ରବିବାର ତାରିଖ ଘୋଷଣା ହୋଇଛି । ରାଜ୍ୟରେ ୪ଟି ପର୍ଯ୍ୟାୟରେ ଆସନ୍ତା ଏପ୍ରିଲ ୧୧, ୧୮, ୨୩ ଓ ୨୯ ତାରିଖରେ ନିର୍ବାଚନ ହେବ। ନିର୍ବାଚନ ଯେତିକି ପାଖେଇ ଆସୁଛି, ଭୋଟରଙ୍କ ଉତ୍କଣ୍ଠା ସେତିକି ବଢ଼ି ଚାଲିଛି। ସେହିପରି ନିର୍ବାଚନୀ ବୈତରଣୀ ପାରି ହେବା ପାଇଁ ସବୁଦଳରେ ଅଙ୍କକଷା ମଧ୍ୟ ଆରମ୍ଭ ହୋଇଯାଇଛି । ପ୍ରତ୍ୟେକ ଦଳରେ ଆଶାୟୀ ପ୍ରାର୍ଥୀଙ୍କ ତାଲିକା ଲମ୍ବି ଚାଲିଛି । ଏଥିପାଇଁ ସ୍ଥାନୀୟ ନିର୍ବାଚନ ମଣ୍ଡଳୀଠାରୁ ରାଜଧାନୀ ପର୍ଯ୍ୟନ୍ତ ଆଶାୟୀମାନେ ଲବି ଚଳାଇଛନ୍ତି । ଅନ୍ୟପଟେ ଗ୍ରାମାଞ୍ଚଳ ଭୋଟରମାନେ ହିଁ ସାଧାରଣ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବାରେ ପୁରୋଧା ସାଜିଥାନ୍ତି। ଫଳରେ ପ୍ରମୁଖ ଦଳ କଂଗ୍ରେସ, ଭାଜପା, ବିଜେଡ଼ିର ନେତାମାନେ ଦୀର୍ଘଦିନ ପରେ ଏବେ ଗାଁମୁହାଁ ହୋଇଛନ୍ତି । ଗତ ୨୦୧୪ ସାଧାରଣ ନିର୍ବାଚନ ପରଠୁ କାଁ ଭାଁ ଅଳ୍ପ କେଇଦିନ ଛାଡ଼ିଦେଲେ ଗାଁ ଗହଳିର ସମସ୍ୟା ଦୂର କରିବା ତ ଦୂରର କଥା, ଔପଚାରିକତା ଦୃଷ୍ଟିରୁ ନିର୍ବାଚନ ମଣ୍ଡଳୀକୁ ବୁଲି ସୁଦ୍ଧା ଆସି ନ ଥିବା ନେତ୍ରୀନେତାଙ୍କ ପାଦ ଗତ କିଛିଦିନ ହେଲା ଚଳଚଞ୍ଚଳ ହୋଇ ପଡ଼ିଛି। ସେହିପରି ସିଧାସଳଖ କୌଣସି ଦଳରେ ଏପର୍ଯ୍ୟନ୍ତ ସମ୍ପୃକ୍ତ ହୋଇ ନଥିଲେ ହେଁ ଅନେକ ଆଶାୟୀ ବିଭିନ୍ନ ସଙ୍ଗଠନ ନାମରେ ଗାଁ ଗହଳିକୁ ପହଞ୍ଚି ଭୋଟରଙ୍କୁ ସେମାନଙ୍କ ପ୍ରତି ଆକର୍ଷିତ କରିବାରେ ଲାଗି ପଡ଼ିଛନ୍ତି । ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନେଇ ଗଠିତ ବରଗଡ଼ ଜିଲାରେ ଗ୍ରାମାଞ୍ଚଳରେ ସହରାଞ୍ଚଳ ତୁଳନାରେ ଭୋଟରଙ୍କ ସଂଖ୍ୟା ବହୁତ ବେଶୀ ଏବଂ ସାଧାରଣ ନିର୍ବାଚନରେ ସେମାନେ ହିଁ ପ୍ରାର୍ଥୀଙ୍କ ହାର୍‌ଜିତରେ ପ୍ରମୁଖ ଭୂମିକା ନେଇଥାନ୍ତି। ଫଳରେ ଗ୍ରାମାଞ୍ଚଳ ଭୋଟରଙ୍କୁ କିଭଳି ହାତେଇବେ, ସେଥିପାଇଁ ଦଳୀୟ ନେତାମାନେ ଏବେଠାରୁ ଅଧିକାଂଶ ଗାଁ ଗହଳିରେ ସମୟ ବିତାଉଥିବା ଦେଖିବାକୁ ମିଳୁଛି। ଗତ କିଛିଦିନ ହେଲା ନେତାଙ୍କ ଶିଳାନ୍ୟାସ, ଉଦ୍‌ଘାଟନରେ ଗାଁ ଗହଳି ଉଚ୍ଛୁଳି ପଡ଼ିଥିଲା । ରବିବାର ସନ୍ଧ୍ୟାରୁ ସାଧାରଣ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ ସେଥିରେ ଅଙ୍କୁଶ ଲାଗି ଯାଇଛି ।



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।

- ଚାଣକ୍ୟ

## ସଂକ୍ଷେପରେ

### ଭିମସାରରେ ସ୍ୱାଇନ୍ ଫ୍ଲୁ ରୋଗୀ ଚିହ୍ନଟ

**ସମ୍ବଲପୁର,୧୦।୩(ବ୍ୟୁରୋ)** ବୁର୍ଲାସ୍ଥିତ ଭିମ୍‌ସାରରେ ଜଣେ ମହିଳା ସ୍ୱାଇନ୍ ଫ୍ଲୁ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ତାଙ୍କ ରକ୍ତନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟରେ ସେ ସ୍ୱାଇନ୍ ଫ୍ଲୁର ଶିକାର ହୋଇଥିବା ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଜୟଶ୍ରୀ ଦୋରା କହିଛନ୍ତି। ତାଙ୍କୁ ଏକ ସ୍ୱତନ୍ତ୍ର କୋଠରୀରେ ରଖାଯାଇ ଚିକିତ୍ସା କରାଯାଉଛି । ଅନ୍ୟପକ୍ଷେ ଶନିବାର ବରଗଡ଼ ଅଞ୍ଚଳର ଜଣେ ରୋଗୀ ମଧ୍ୟ ସ୍ୱାଇନ୍ ଫ୍ଲୁ ଯୋଗୁ ଆଖିବୁଜିଥିବା ଜଣାପଡ଼ିଛି।

### ରେଢ଼ାଖୋଲରେ ମାସିକ ଗୋଟିଏ ଦିନ ଆରଟିଓ କ୍ୟାମ୍ପ ହେଉ

**ରେଢ଼ାଖୋଲ,୧୦।୩(ଡି.ଏନ.ଏ.)** ରେଢ଼ାଖୋଲ ଉପଖଣ୍ଡରେ ଅନ୍ତତଃ ଗୋଟିଏ ଦିନ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କ୍ୟାମ୍ପ ଅଫିସ ଖୋଲିବାକୁ ଗାଡି ଚାଳକ ଓ ମାଲିକ ସଂଘ ପକ୍ଷରୁ ଦାବି କରାଯାଇଛି। ଟ୍ରକ୍ ମାଲିକ ସଂଘ ସଭାପତି ଗୌରୀଶଙ୍କର ପାତ୍ରଙ୍କ ସଭାପତିତ୍ୱରେ ଏ ସଂକ୍ରାନ୍ତରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥବରେ ଦାବି ନେଇ ଆଲୋଚନା କରାଯାଇଛି। ବୈଠକରେ ରେଢ଼ାଖୋଲ ଟ୍ୟାକ୍ସି ମାଲିକ ସଂଘ, ଅଟୋ ସଂଘ, ଟ୍ରାକ୍ଟର ମାଲିକ ସଂଘ ଓ ଘରୋଇ ଗାଡି ମାଲିକ ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇ ଆଲୋଚନା କରିଥିଲେ। ରେଢ଼ାଖୋଲ ଉପଖଣ୍ଡ ସହ ଆଠମଲ୍ଲିକ ଉପଖଣ୍ଡର କିଶୋରନଗର ବ୍ଲକର ଶତାଧିକ ଛୋଟ,ବଡ ଗାଡି ସମ୍ବଲପୁର ଆଞ୍ଚଳିକ ପରିବହନ କାଯ୍ୟାଳୟରେ ପଞ୍ଜୀକରଣ ହୋଇଛି। ଗାଡି ଫିଟନେସ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ମାଲିକମାନଙ୍କୁ ସମ୍ବଲପୁର ଯିବାକୁ ପଡୁଛି। କେତେକ ସମୟରେ କାମ ନ ହେବା ଯୋଗୁ ପରଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ବୈଠକରେ ପ୍ରଦୀପ ପ୍ରଧାନ, ସୁରେଶ ମହାକୁଡ, ବସନ୍ତ ମହାନନ୍ଦ, ରାମାଲାଲ ଅଗ୍ରୱାଲ, ଶତ୍ରୁଘ୍ନ ସାହୁଙ୍କ ସମେତ ଗାଡି ମାଲିକ ଓ ଚାଳକ ଯୋଗ ଦେଇଥିଲେ।

### ଆଦିବାସୀ ଅଧିକାର ସମାବେଶ

**ଦେବଗଡ,୧୦।୩(ସ୍ୱ.ପ୍ର.)** ଦେବଗଡ ଜିଲା ରିଆମାଳ ବ୍ଲକ ଅଧିନ ଛଲକ ଗ୍ରାମରେ ୪ଟି ପଞ୍ଚାୟତ ପଳସମା, ବାଘବର, କରଲଗା ଓ କଣ୍ଟାବାହାଲର ୧୧ରୁ ଅଧିକ ଗ୍ରାମର ୧୫୦ରୁ ଉର୍ଦ୍ଧ୍ୱ ଆଦିବାସୀଙ୍କୁ ନେଇ ଅଧିକାର ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ନିରାକାର ପ୍ରଧାନ, ରାମସିଂ ମୁଣ୍ଡା, ଡୋଳାକର ଭୋଇ, ରାଜକିଶୋର ସାହ ପ୍ରମୁଖ ଯୋଗ ଦେଇଥିଲେ ।

ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବାଟବଣା

# ଖଟିଆରେ ଦିନ କାଟୁଛନ୍ତି ଗରିବ ମୁକୁନ୍ଦ

**ଭୋକ ଉପାସରେ ଗରିବ ପରିବାର**

**ନୂଆପଡ଼ା ଅଫିସ, ୧୦।୩**

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଗରିବ ଏବଂ ନିଃସ୍ୱ ପରିବାରକୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଅନେକ ଯୋଜନା ଘୋଷଣା କରିଛନ୍ତି । ହେଲେ ଯୋଜନାଗୁଡିକ ପରିଚାଳନା ଅଭାବରୁ ଠିକ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ । ଗରିବ ଲୋକେ ଦୁଃଖ କଷ୍ଟରେ କାଳାତିପାତ ହେଉଛନ୍ତି, ହେଲେ ଯୋଜନାରୁ ସୁଫଳ ପାଇପାରୁନାହାନ୍ତି । ଏହାର ଏକ ନଗ୍ନ ଉଦାହରଣ ନୂଆପଡ଼ା ଜିଲା ଖଡିଆଳ ଥାନା ବାଦି ଗାଁରେ ଦେଖିବାକୁ ମିଳିଛି। ଏଠିକାର ମୁକୁନ୍ଦ ସତନାମୀ (୫୦) ଏକ ବାଇକ୍ ଦୁର୍ଘଟଣାରେ ଆହତ ହୋଇ ଠିକ ଭାବରେ ଚିକିତ୍ସାସେବା ପାଇପାରି ନ ଥିବାରୁ ଖଟିଆରେ ଦିନ କାଟୁଛନ୍ତି । ତାଙ୍କର ଚିକିତ୍ସା ସେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

ଆଜକୁ ପନ୍ଦର ଦିନ ତଳେ ମୁକୁନ୍ଦ କୌଣସି ଏକ କାମରେ ଖଡିଆଳକୁ ସାଇକେଲରେ ଯାଉଥିଲେ । ରାସ୍ତାରେ ଏକ ବାଇକ୍ ପଛପଟୁ ଆସି ଧକ୍କା ଦେଇ ଚାଲିଯାଇଥିଲା । ଫଳରେ ମୁକୁନ୍ଦଙ୍କ ବାମ ଗୋଡ ଭାଙ୍ଗି ଯାଇଥିଲା । ପ୍ରଥମେ ଖଡିଆଳ ସରକାରୀ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ଭବାନୀପାଟଣା ପରେ ବୁର୍ଲାକୁ ସ୍ଥାନାନ୍ତର ହୋଇଥିଲେ । ସେଠାରେ ଚିକିତ୍ସା ଖର୍ଚ୍ଚ ଜୁଟାଇପାରି ନ ଥିବାରୁ ଏବେ ଘରକୁ ଫେରିଆସିଛନ୍ତି । ଘରେ ନିଜର ସ୍ତ୍ରୀ ଗହ୍ନୁଁ ଖାଇ ସତନାମୀ, ଦୁଇ ପୁଅ ଫିରୋଜ ଏବଂ ହେମସାଗର ସତନାମୀ ଚିନ୍ତାରେ ପଡ଼ିଛନ୍ତି। ଘରର ସମସ୍ତ ଆସବାବ ସହ ଗୃହପାଳିତ ପ୍ରାଣୀଙ୍କୁ ବିକ୍ରି କରି ଚିକିତ୍ସା କରିଛନ୍ତି। ହେଲେ ବର୍ତ୍ତମାନ ମୁକୁନ୍ଦ ନିରୁପାୟ ହୋଇପଡିଛନ୍ତି । ଭାଙ୍ଗିଯାଇଥିବା ଗୋଡ ଅବସ୍ଥା ଦିନକୁ ଦିନ ସାଂଘାତିକ ହେବାରେ ଲାଗିଛି। ଗ୍ରାମବାସୀ କିଛିଟା ସଂଗ୍ରହ କରି ଚିକିତ୍ସା ସେବା ସକାଶେ ସହଯୋଗ କରୁଥିବାବେଳେ ପ୍ରଶାସନିକ ବ୍ୟବସ୍ଥାକୁ ସମାଲୋଚନା କରିଛନ୍ତି। ପ୍ରଶାସନ ଏହା ଉପରେ ଦୃଷ୍ଟି ଦେଲେ ମୁକୁନ୍ଦ ଠିକ ହୋଇପାରିବ ବୋଲି ଗ୍ରାମବାସୀ ପରଖିତ ସତନାମୀ, ମିନିକେତନ ସତନାମୀ, ଜମ୍ବୁବତୀ ସତନାମୀ, ଦେବେନ୍ଦ୍ର କୁମାର ସତନାମୀ ପ୍ରମୁଖ ଦାବି କରିଛନ୍ତି ।



ଶଯ୍ୟାଶାୟୀ ମୁକୁନ୍ଦଙ୍କ ନିକଟରେ ପରିବାର ବର୍ଗ ।

ଖବରଦାତା ସମ୍ମିଳନୀରେ ଜୟବ୍ରତଙ୍କ ଅଭିଯୋଗ

# ବିଜେଡିରୁ ବହିଷ୍କାର ପଛରେ ଖଣି ମାଫିଆଙ୍କ ହାତ

**ସମ୍ବଲପୁର, ୧୦।୩ (ବ୍ୟୁରୋ)**

ସ୍ୱଚ୍ଛ ଓ ନିର୍ମଳ ବିଜୁ ଜନତା ଦଳ ସମ୍ପ୍ରତି ମାମୁଁ, ଭଣଜା, ଭିଣୋଇ ପାର୍ଟିରେ ପରିଣତ ହୋଇଛି । ଆପରାଧିକ ତତ୍ତ୍ୱ ଓ ଠିକାଦାରଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର ଖଣି ଓ ଶିଳ୍ପ ମାଫିଆଙ୍କ ପ୍ରାଦୁର୍ଭାବ ବଢ଼ିଛି। ସେମାନଙ୍କ ଚକ୍ରାନ୍ତରେ ବିଜେଡିରୁ ମୋତେ ବହିଷ୍କୃତ କରାଯାଇଛି। ଏପରିକି ବହିଷ୍କାର ପଛରେ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ହାତ ଅଛି। ରବିବାର ସମ୍ବଲପୁର ଭିଏସଏସ ମାର୍ଗସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜୟବ୍ରତ ଦେ ଏହିଭଳି ଅଭିଯୋଗ ଆଣିଛନ୍ତି। ସେ ଆହୁରି କହିଛନ୍ତି ଯେ, ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ପହଞ୍ଚାଇବାକୁ ନେଇ କାର୍ଯ୍ୟ କରୁଥିଲି। ୩୫ ହଜାର ଗରିବ ଖଟିଖିଆ ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ପଟ୍ଟା ଓ ଘର ଦେବାର ଦାବି, ଉଠା ଦୋକାନୀଙ୍କୁ ଥଇଥାନ, ଅଳ୍ପ ସଂଖ୍ୟକ ଭୋଟରଙ୍କ ବିକାଶ ପାଇଁ ସ୍ୱର ଉତ୍ତୋଳନ କରିଥିଲି । ଗତ ଫେବୃୟାରୀ ୨୮ରେ କଚେରି ଛକଠାରେ ଏକ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ବିଧାୟିକା ପାଣିଗ୍ରାହୀ ବିଚଳିତ ହୋଇ ମୋ ବିରୋଧରେ ଷଡଯନ୍ତ୍ର କରିଥିଲେ। ଫଳ ସ୍ୱରୂପ ମୋତେ ବିଜେଡିରୁ ବହିଷ୍କୃତ କରାଯାଇଛି । ତଥାପି ମୁଁ ଖଟିଖିଆ ଓ ବସ୍ତିବାସିନ୍ଦାଙ୍କ ସହିତ ଛିଡ଼ା ହେବି । ବିଧାୟିକା ନାମକୁ ମାତ୍ର ବିକାଶର ବାହାସ୍ଫୋଟ ମାରୁଛନ୍ତି। ୨୦୧୩ରେ ସମ୍ବଲପୁର ବିକାଶ ମଞ୍ଚ ପକ୍ଷରୁ ସମ୍ବଲପୁର ମହାନଗର ନିଗମ, ମହାନଦୀରେ ଦ୍ୱିତୀୟ ସେତୁ, ଧୋବିଯୋର ଓ ଟାଙ୍ଗନାନାଳାର କଂକ୍ରିଟକରଣ, ହୀରାକୁଦରେ ରୋପୱେ, ୧୭୮୦ମିଟର ଫ୍ଲାଏ ଓଭର ବ୍ରିଜ, ଅତ୍ୟାଧୁନିକ ଟ୍ରକ ଟର୍ମିନାଲ୍ସ ନିର୍ମାଣ, ମହାନଦୀରେ ଅପର ପାର୍ଶ୍ୱରେ ରିଂ-ରୋଡ ଓ ହୀରାକୁଦ, ବୁର୍ଲା ବ୍ରିଜ, ପୋଲିସ କମିଶନରେଟ ଦାବି ପୂର୍ବରୁ କରାଯାଇଥିଲା । ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ କରିଛନ୍ତି। ଅପରପକ୍ଷେ ଦଳର ସଭାପତିଙ୍କ ନିର୍ଦ୍ଦେଶରେ ମୋତେ ରାଜ୍ୟ ପରିଷଦ ସଭ୍ୟ,

**ଦଳ ବିରୋଧୀ କାର୍ଯ୍ୟ ପାଇଁ ବହିଷ୍କୃତ ହୋଇଛନ୍ତି**

ତାଳଚେର, ଦେବଗଡ, ବିଜେପୁର, ତଳସରା ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦିଆଯାଇଥିଲା। ତାହାକୁ ମୁଁ ସଫଳତାର ସହ ତୁଲାଇଛି । ତେଣୁ ଦଳରୁ ବହିଷ୍କୃତ ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷର କରିବି ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ସମ୍ବଲପୁର ବିକାଶ ମଞ୍ଚ ଆବାହକ ଦେବାଶିଷ ପୁରୋହିତ ଓ ଶିଶିର ଦଣ୍ଡିଆ ଉପସ୍ଥିତ ଥିଲେ। ଏନେଇ ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେ କହିଥିଲେ ଯେ, ଗତ ସାଢ଼େ ୪ବର୍ଷ ମଧ୍ୟରେ ସମ୍ବଲପୁର ବିକାଶର ଶୀର୍ଷରେ ପହଞ୍ଚିଛି । ଏହା ସହରବାସୀ ହୃଦବୋଧ କରିଛନ୍ତି। ଅନ୍ୟପକ୍ଷେ ମୁଁ କାହା ବିଷୟରେ କେବେ ଷଡଯନ୍ତ୍ର କରିନାହିଁ। ଦଳୀୟ ଶୃଙ୍ଖଳା ଭଙ୍ଗ କଲେ ସଭାପତି ନବୀନ ପଟ୍ଟନାୟକ କର୍ମୀ ଓ ନେତାଙ୍କୁ ବହିଷ୍କୃତ ଓ ନିଲମ୍ବନ କରିଛନ୍ତି।



ରବିବାର ସମ୍ବଲପୁରରେ ଜୟବ୍ରତ ଦେ ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

# ରାଜନୈତିକ ଦଳ ସହ ଉପଜିଲାପାଳଙ୍କ ଆଲୋଚନା

**ରେଢ଼ାଖୋଲ,୧୦।୩(ଡି.ଏନ.ଏ.)**

- ଆଚରଣବିଧି ମାନିବାକୁ ପରାମର୍ଶ
- ବ୍ୟାନର, ପୋଷ୍ଟର ଉପରେ ଲଗାମ
- ପାର୍ଥୀଙ୍କ ଖୋଲିବେ ନୂଆ ବ୍ୟାଙ୍କ ଆକାଉଣ୍ଟ

ଆଗାମି ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଆଦର୍ଶ ଆଚରଣବିଧି ଉପରେ ଶୁକ୍ରବାର ରେଢ଼ାଖୋଲ ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ବିଶିକେଶନ ଦେହୁରୀ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଛନ୍ତି। କୌଣସି ସରକାରୀ କାର୍ଯ୍ୟାଳୟ, ବ୍ୟକ୍ତି ବିଶେଷଙ୍କ ଗୃହ କିମ୍ବା ସର୍ବସାଧାରଣ ସ୍ଥାନମାନଙ୍କରେ ପୋଷ୍ଟର, ବ୍ୟାନର ନ ଲଗାଇବାକୁ ପରାମର୍ଶ ଦେଇଛନ୍ତି। ଏଥି ସହିତ ପ୍ରାର୍ଥୀମାନଙ୍କ ନାମାଙ୍କନ ଦାଖଲ ପୂର୍ବରୁ ନୂତନ ବ୍ୟାଙ୍କ ଆକାଉଣ୍ଟ ଓ ଆଧାରକାର୍ଡ ରହିବା ଜରୁରୀ ବୋଲି ସୂଚିତ କରିଥିଲେ। ନିର୍ବାଚନୀ କଟକଣା ଉପରେ ରାଜନୈତିକ ଦଳର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବା ପରେ ଇଭିଏମ ଓ ନୂତନ ଭାବେ ସଂଯୋଗ ହୋଇଥିବା ଭିଭିପାର୍ଟ ମେଶିନର କାର୍ଯ୍ୟ ପ୍ରଣାଳୀ ଉପରେ ପ୍ରଦର୍ଶନ କରାଯାଇଥିଲା। ଏନଏସି ଅଧକ୍ଷା ସନ୍ଧ୍ୟାରାଣୀ ଦେହୁରୀ, ଉପାଧକ୍ଷ ସୁନିଲ କୁମାର ପ୍ରଧାନ, ବିଜେଡି ନଗର ସଭାପତି ସୁରେନ୍ଦ୍ର ପ୍ରଧାନ, ଭାଜପା ମିଡିଆ ପ୍ରଭାରୀ ନରେନ୍ଦ୍ର ମଲ୍ଲିକ,ଆପ୍‌ର ପ୍ରତିନିଧି ଅଜୟ କୁମାର ସାହୁଙ୍କ ସମେତ ଡେପୁଟି କଲେକ୍ଟର ଅପରାଜିତା ଷଡଙ୍ଗୀ, ଏସ୍‌ଡିପିଓ ଗଜେନ୍ଦ୍ର ବାରିକ, ଏସସିଓ ବିଘ୍ନରାଜ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।



ରେଢ଼ାଖୋଲରେ ଆଚରଣବିଧି ପାଳନ ପାଇଁ ବୈଠକ ବସିଛି।

## ଫଟୋରେ ଖବର



ରବିବାର ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ୨୦୧୯ ସାଧାରଣ ନିର୍ବାଚନ ସକାଶେ ଭିଭିପିଏଟି ଓ ଇଭିଏମ ବ୍ୟବହାର ବିଷୟରେ ପ୍ରଶିକ୍ଷଣ ଦିଆଯାଉଛି ।

# ଇଭିଏମ, ଭିଭିପିଏଟି ବ୍ୟବହାର ସଚେତନତା କାର୍ଯ୍ୟକ୍ରମ

**ରେଙ୍ଗାଲି,୧୦।୩(ଡି.ଏନ.ଏ.)**

ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟରେ ୨୦୧୯ ନିର୍ବାଚନ ପାଇଁ ଇଭିଏମ ଓ ଭିଭିପିଏଟି ବିଷୟରେ ପ୍ରଦର୍ଶନୀ, ସଚେତନତା ଏବଂ ମକପୋଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରବିବାର ରେଙ୍ଗାଲି ବିଡିଓ ଶଙ୍କର ପ୍ରସାଦ ସାହୁ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକର ସମସ୍ତ ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚ ଏବଂ ୱାର୍ଡ ମେମ୍ବରଙ୍କ ଉପସ୍ଥିତିରେ କିପରି ଇଭିଏମ ଏବଂ ଭିଭିପିଏଟିରେ ମତଦାନ କଲା ପରେ ଭୋଟର କେଉଁ ଦଳ ଏବଂ କେଉଁ ପ୍ରାର୍ଥୀଙ୍କୁ ମତଦାନ କରିଛନ୍ତି ତାହା ଡିସପ୍ଲେରେ ଦେଖି ପାରିବେ ବୋଲି ମକପୋଲ କରି ଦେଖାଇଥିଲେ। ଇଭିଏମରେ ଭୋଟର ପ୍ରାର୍ଥୀଙ୍କୁ ଭୋଟ ଦେବ ପରେ ଭିଭିପିଏଟିରେ ୭ ସେକେଣ୍ଡ ପର୍ଯ୍ୟନ୍ତ ଡିସପ୍ଲେରେ ଦେଖି ପାରିବେ ବୋଲି କହିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ବିଡିଓ ଶଙ୍କର ପ୍ରସାଦ ସାହୁ, ଏବିଡିଓ ରବୀନ୍ଦ୍ର ରଣା, ପିଏ ମୋନିକା ବୋହିଦାର, ବ୍ଲକ ଅଧକ୍ଷା ସାଇବାନୀ ସେଟ, ଉପାଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ନାରାୟଣ ଶର୍ମାଙ୍କ ସହ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ସମସ୍ତ ସମିତି ସଭ୍ୟ, ସରପଞ୍ଚ ଏବଂ ୱାର୍ଡ ମେମ୍ବର ଉପସ୍ଥିତ ଥିଲେ।



ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟରେ ସଚେତନତା ସଭା ବସିଛି।

# ୨୮,୨୫୪ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ

**ଦେବଗଡ,୧୦।୩(ସ୍ୱ.ପ୍ର.)**

ଦେବଗଡ ଜିଲାରେ ଶତ ପ୍ରତିଶତ ପଲସ ପୋଲିଓ ଟିକାକରଣକୁ ଆଗେଇ ନେବାପାଇଁ ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପଲସ ପୋଲିଓ ଟିକାରଣ କାର୍ଯ୍ୟକ୍ରମ ରବିବାର ଶୁଭାରମ୍ଭ ହୋଇଯାଇଛି । ତିନିଦିନ ପର୍ଯ୍ୟନ୍ତ ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମନୋଜ କୁମାର ଉପାଧ୍ୟାୟ ଉଦଘାଟନ କରିଥିଲେ। ଜିଲାରେ ଥିବା ୦-୫ ବର୍ଷର ୨୮,୨୫୪ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଥିଲା। ଏଥିପାଇଁ ଜିଲାରେ ୧୫୦ଟି ବୁଥରେ ୬୦୦ଜଣ ପୋଲିଓ ବୁନ୍ଦା ପ୍ରଦାନକାରୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ୬ଟି ମୋବାଇଲ ଟିମ ଏବଂ ୧୨ ଟି ଟ୍ରାନଜିଟ ଟିମକୁ ମଧ୍ୟ ନିୟୋଜିତ କରାଯାଇଛି । କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ୩୫୪ ଆଶାକର୍ମୀ, ୪୫ ସ୍ୱାସ୍ଥ୍ୟକର୍ମୀ, ୧୮୭ ଜଣ ଆଙ୍ଗନବାଡି କର୍ମୀ, ବ୍ଲକ ଓ ଜିଲାର ୫୦ ସୁପରଭାଇଜର ନିୟୋଜିତ କରାଯାଇଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ମାର୍ଚ୍ଚ ୧୦ରୁ ୧୨ ତାରିଖ ମଧ୍ୟରେ ଅଙ୍ଗନବାଡିକର୍ମୀ ଓ ଆଶାକର୍ମୀମାନେ ଘରକୁ ଘର ବୁଲି ପୋଲିଓ ବୁନ୍ଦା ଖାଇ ନ ଥିବା ଶିଶୁଙ୍କୁ ପ୍ରଦାନ କରିବେ । ଅନ୍ୟମାନଙ୍କ ମଧ୍ୟରେ ଜଗବନ୍ଧୁ ଭୋଇ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତ୍ରିଲୋଚନ ପ୍ରଧାନ, ଡିପିଏମ ମନୋରଞ୍ଜନ ସାହୁ, ଦେବାନନ୍ଦ ସାମଲ, ଜ୍ୟୋତ୍ସ୍ନାରାଣୀ ଶର୍ମା, ଭିକାରୀ ବଳିଆରସିଂହ, ବିଳାସିନୀ ମହାନନ୍ଦ, ମହଳା ସ୍ୱାସ୍ଥ୍ୟକର୍ମୀ ଡଲିରାଣୀ ପ୍ରଧାନ, ମାଳତୀ ପୃଷ୍ଟି, ମହେନ୍ଦ୍ର ମିଶ୍ରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଶେଷରେ ଡିପିଏମ ସାହୁ ଧନ୍ୟବାଦ ଦେଇଥିଲେ ।

# ସମ୍ବଲପୁର ହକି ଚାମ୍ପିୟନଶିପ୍ : ଏନ୍‌ଜିଓ କ୍ଲବ ଚାମ୍ପିୟନ

**ସମ୍ବଲପୁର, ୧୦।୩ (ବ୍ୟୁରୋ)**

ପ୍ରଥମ ସମ୍ବଲପୁର ହକି ଚାମ୍ପିୟନଶିପ୍-୨୦୧୯ରେ ଏନଜିଓ କ୍ଲବ ଚାମ୍ପିୟନ ଓ କୁଶମଡିହି ରନର୍ସ ଅପ୍ ଟ୍ରଫି ହାସଲ କରିଛି । ସମ୍ବଲପୁର ହକି ଆସୋସିଏଶନ୍ ଦ୍ୱାରା ଆୟୋଜିତ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଏନଜିଓ କ୍ଲବ ବନାମ କୁସୁମଡିହି ମଧ୍ୟରେ ହୋଇଥିଲା । ଏଥିରେ କୁସୁମଡିହି ୪-୧ ଗୋଲରେ ବିଜୟୀ ହୋଇଥିଲା । ଫାଦର ଅନୀଲ କୁଜୁରଙ୍କୁ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା । ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି, ଜିଲା ସାଧାରଣ ସମ୍ପାଦକ ଦୁଲାଲଚନ୍ଦ୍ର ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ମୋଟ ୪୦ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଦର ପ୍ରକାଶ କିରୋ ଓ ସୁବାଷ ମିଞ୍ଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରାଜେଶ ଖଡିଆ, ବାବୁଲାଲ ତିର୍କୀ, ଅନୁପ ଏକ୍କା ଓ ରବିବାର ଏକ୍କା ଟେକନିକାଲ ଟେବୁଲ ଦାୟୀତ୍ୱ ତୁଲାଇଥିଲେ । ସେହିପରି ବାବୁଲୁ କୁଜୁର, ଅଜୟ କେର୍କେଟା, ଅମିତ ମିଞ୍ଜ, ଅଜୟ ଏକ୍କା ମ୍ୟାଚ ଅମ୍ପାୟାରିଂ କରିଥିଲେ ।



ରବିବାର ସମ୍ବଲପୁର ହକି ଚାମ୍ପିୟନଶିପରେ ଚାମ୍ପିୟନ ଏନଜିଓ କ୍ଲବ ଓ ରନର୍ସ ଅପ୍ କୁସୁମଡିହି ଖେଳାଳିମାନେ ।



ସବୁ ବାଧାବିଘ୍ନ ଅତିକ୍ରମ କରି ଓ କଠିନ ପରିଶ୍ରମ ପରେ ଅନ୍ୟମାନେ ଯେଉଁଠି ପହଞ୍ଚି ପାରନ୍ତି, ସେହି ଚିନ୍ତାରାଜ୍ୟରେ ଯିଏ ବାସ କରନ୍ତି ତାଙ୍କୁ ହିଁ ମୁଁ ବଡ଼ ବୋଲି ମନେ କରେ।

- ଆର. ଡବ୍ଲ୍ୟୁ. ଇମରସନ

## ସଂକ୍ଷେପରେ

### ଭାରସାମ୍ୟ ହରାଇ ୧୪ ଚକିଆ ଟ୍ରକ୍ ଓଲଟିଲା

ରେଙ୍ଗାଲି, ୧୦।୩ (ଡି.ଏନ.ଏ.): ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେ ତଥା ରେଙ୍ଗାଲି ଥାନା ଅନ୍ତର୍ଗତ ପଣ୍ଡଲୋଇ ବ୍ରିଜ ନିକଟରେ ରବିବାର ସନ୍ଧ୍ୟା ୫ଟା ଭାରସାମ୍ୟ ହରାଇ ୧୪ ଚକିଆ ଟ୍ରକ (ଓଡି ୧୫ ଡି-୯୧୯୨) ଓଲଟିଛି। ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି ଡ୍ରାଇଭର। ସମ୍ବଲପୁରରୁ ଝାରସୁଗୁଡା ପଟକୁ ଏହା ଯାଉଥିଲା।

### ଡ୍ରାଇଭରଙ୍କୁ ଛୁରା ମାରି ଲୁଟି ନେଲ ଟଙ୍କା,ଫୋନ୍

ସମ୍ବଲପୁର,୧୦।୩ (ବ୍ୟୁରୋ): ସମ୍ବଲପୁର ଜିଲା ଶାସନ ଥାନା ମାଝିପାଲି ନିକଟରେ ଶନିବାର ବିଳମ୍ବିତ ରାତିରେ ଟ୍ରକ ଡ୍ରାଇଭର ବିଶ୍ୱନାଥ ଧଳଙ୍କୁ ଛୁରା ମାଡ କରି ଦୁର୍ବୃତ୍ତ ଲୁଟ୍ କରିଛନ୍ତି। ତାଙ୍କଠାରୁ ୪୨ ଶହ ଟଙ୍କା ଓ ମୋବାଇଲ ଫୋନ ଲୁଟ୍ ହୋଇଛି। ଆହତ ଅବସ୍ଥାରେ ବିଶ୍ୱନାଥ ଟ୍ରକ ଚଲାଇ ଅଇଁଠାପାଲି ଥାନକୁ ଆସିଥିଲେ। ସେଠାରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାକୁ ପୋଲିସ ନେଇଥିଲା। ଏ ନେଇ ଶାସନ ଥାନରେ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି ।

### ବ୍ଲକସ୍ତରୀୟ ସ୍ୱତନ୍ତ୍ର ଇଭିଏମ, ଭିଭିପାଟ ସଚେତନତା ଦିବସ

ବାରକୋଟ,୧୦।୩(ଡି.ଏନ.ଏ.) ଦେବଗଡ ଜିଲା ବାରକୋଟ ବ୍ଲକ ସମ୍ମିଳନୀ କକ୍ଷଠାରେ ରବିବାର ବ୍ଲକସ୍ତରୀୟ ଇଭିଏମ ଓ ଭିଭିପାଟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାରକୋଟ ତହସିଲଦାର ରାଜୀବ ବେହେରା, ଏବିଡିଓ ବିଭୁ ତରାଇ, ଜିପିଓ କିଶୋର ନାଏକଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଜନପ୍ରତିନିଧି ଏବଂ ମିଡିଆ ପ୍ରତିନିଧିଙ୍କ ଉପସ୍ଥିତିରେ ଇଭିଏମ ଓ ଭିଭିପାଟ ମେଶିନର କାର୍ଯ୍ୟକାରିତା, ମତଦାନ ପ୍ରକ୍ରିୟା, ଭୋଟ ଗଣତି ପ୍ରକ୍ରିୟା ଆଦି ଉପରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଉକ୍ତ ବୈଠକରେ ବାରକୋଟ ପଞ୍ଚାୟତ ସମିତିର ଅଧକ୍ଷା ସୁବାସିନୀ ସାହୁ, ଉପାଧକ୍ଷ ହରମୋହନ ପାଣି ପ୍ରମୁଖ ଉପସ୍ଥିତ ଥିଲେ ।

# ଠିକା କାମକୁ ନେଇ ସ୍କୁଟି ପୋଡିଦେଲେ ଦୁର୍ବୃତ୍ତ, ୩ ଗିରଫ

**ସମ୍ବଲପୁର,୧୦।୩ (ବ୍ୟୁରୋ)**

ସମ୍ବଲପୁର ଗ୍ରାମ୍ୟ ଉନ୍ନୟନ ବିଭାଗ(ଆରଡି) ନିର୍ବାହୀ ଯନ୍ତ୍ରୀ ରମେଶଚନ୍ଦ୍ର ରଥଙ୍କ ସରକାରୀ ବାସଭବନ ସମ୍ମୁଖରେ ରବିବାର ଗଣ୍ଡଗୋଳ ଓ ମାଡପିଟ ହୋଇଛି। ଗଣ୍ଡଗୋଳ ଏଭଳି ଉଗ୍ରରୂପ ନେଇଥିଲା ଯେ, ଟାଉନ ଥାନା ଅଧୀନ ଝାଡୁଆପଡାର କିଶୋର ଷଡଙ୍ଗୀ ନାମକ ଜଣେ ଠିକାଦାରଙ୍କ ସ୍କୁଟି ପୋଡି ପାଉଁଶ ହୋଇଯାଇଛି । ଠିକା କାମକୁ ନେଇ ଦୁଇ ଜଣ ଯୁବକ ଅଙ୍କିତ ସିଂ ଓ ଶ୍ୟାମଲାଲ ଜାଲ ଏହି ଘଟଣା ଭିଆଇଥିବା ପୋଲିସ କହିଛି । ଏ ଦୁହିଁଙ୍କୁ ପୋଲିସ ଗିରଫ କରିଛି। ସେହିଭଳି ଏମାନଙ୍କୁ ଖବର ଦେଇଥିବା ଅଭିଯୋଗରେ ଶଶିଭୂଷଣ ମିଶ୍ର ନାମକ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ମଧ ଗିରଫ ହୋଇଛି। ଥାନାରେ ୯୩/୧୯ରେ ଏକ ମାମଲା ରୁଜୁ ହୋଇଛନ୍ତି।

ଶୁକ୍ରବାର ଅଙ୍କିତ ନିର୍ବାହୀଯନ୍ତ୍ରୀଙ୍କୁ ଠିକା କାମ ଦେବାକୁ କହିଥିଲେ। ରବିବାର ରଥଙ୍କ କ୍ୱାର୍ଟର ସମ୍ମୁଖରେ ଠିକାଦାରଙ୍କ ଭିଡ ଜମିଥିଲା । ରବିବାର କାମ ଚାଲୁଥିବା ନେଇ ଅଙ୍କିତଙ୍କୁ କର୍ମଚାରୀ ଶଶିଭୂଷଣ ଖବର ଦେଇଥିଲେ। ଅଙ୍କିତ ଓ ଶ୍ୟାମଲାଲ ପହଞ୍ଚି ହୋ ହାଲ୍ଲା କରିଥିଲେ । ପୂର୍ବରୁ କିଶୋର ମଧ ସେଠାକୁ କାମରେ ଯାଇଥିଲେ । ଛୁଟଦିନରେ କାମ କରି ଦୁର୍ନୀତି କରୁଛ ବୋଲି ଅଙ୍କିତ ପାଟିତୁଣ୍ଡ କରି ଗାଳିଗୁଲଜ କରିଥିଲେ। କ୍ୱାର୍ଟର ସମ୍ମୁଖରେ ଥିବା କିଶୋରଙ୍କ ସ୍କୁଟିକୁ ପ୍ରଥମେ ଭୁଜାଲିରେ ହାଣି ଦେଇଥିଲେ। ସ୍କୁଟିରୁ ପେଟ୍ରୋଲ ଆଣି ପୋଡି ଦେଇଥିଲେ । ଏକ ମାଉଜର ଦେଖାଇ ପାଟିତୁଣ୍ଡ କରିଥିଲେ । ଗଣ୍ଡଗୋଳ ନେଇ ନିର୍ବାହୀ ଯନ୍ତ୍ରୀ ରଥ ଧନୁପାଲି ଥାନା ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚିବା ବେଳକୁ ସ୍କୁଟି ପୋଡି ପାଉଁଶ ହୋଇଯାଇଥିଲା । ଧନୁପାଲି ଥାନା ଅଧିକାରୀ କମଳ ଲୋଚନ ପଣ୍ଡା ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଅଙ୍କିତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନରେ ମାମଲା ଥିବା ପୋଲିସ କହିଛି । ଏ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ରଥଙ୍କୁ ପଚାରିବାରୁ କ୍ୱାର୍ଟର ସମ୍ମୁଖରେ ଗଣ୍ଡଗୋଳ ହେଉଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ହେଲେ ରବିବାର କୌଣସି କାମ ହେଉ ନ ଥିଲା । ସେମାନେ ତାଙ୍କ ବ୍ୟକ୍ତିଗତ କାମରେ ଆସିଥିବେ ବୋଲି କହିଛନ୍ତି।



ସମ୍ବଲପୁରରେ ନିର୍ବାହୀ ଯନ୍ତ୍ରୀଙ୍କ କ୍ୱାର୍ଟର ସମ୍ମୁଖରେ ସ୍କୁଟି ଜଳୁଛି।



ସମ୍ବଲପୁର ଧନୁପାଲି ଥାନା ପୋଲିସ ନିର୍ବାହୀଯନ୍ତ୍ରୀଙ୍କୁ ପଚରାଉଚୁରା କରୁଛି ।

## ଆଶାୟୀଙ୍କ ଗୋଇନ୍ଦା ରିପୋର୍ଟ ସଂଗ୍ରହ କରୁଛି ଦଳ

**ସମ୍ବଲପୁର,୧୦।୩ (ବ୍ୟୁରୋ)**

ସମ୍ବଲପୁର ଜିଲାରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଆଶାୟୀମାନେ ଆବେଦନ କରି ଲବି କରୁଛନ୍ତି । ବିଭିନ୍ନ ଦଳର ହାଇକମାଣ୍ଡଙ୍କ ପକ୍ଷରୁ ଜିଲା ପ୍ରଶାସନ ଓ ଜିଲା ପୋଲିସ ପାଖରୁ ଆଶାୟୀମାନଙ୍କ ରିପୋର୍ଟ ସଂଗ୍ରହ କରାଯାଉଛି । ଟିକେଟ ବଣ୍ଟନରେ ଦଳ ଏହି ରିପୋର୍ଟକୁ ଆଧାର କରିପାରେ । ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ଦୁଇଜଣଙ୍କ ଆଶାୟୀଙ୍କ ନାମରେ ତୃତୀୟ ମହଲାରୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ରହିଥିଲା । ହେଲେ ସେମାନଙ୍କ ମଧ୍ୟରୁ ଜଣଙ୍କ ନାମରେ ହୋଇଥିବା ରିପୋର୍ଟରେ ଅନେକ ସମସ୍ୟା ଦେଖା ଦେଇଛି । ପୋଲିସ ରିପୋର୍ଟ ଅନୁସାରେ ସେ ଅଞ୍ଚଳରେ ଯୁବକ ଯୁବତୀମାନଙ୍କୁ ଚାକିରି କରାଇ ଦେବା ନାମରେ ଲକ୍ଷାଧିକ ଟଙ୍କା ହେରଫେର କରିଛନ୍ତି । ଅନ୍ୟପଟେ ସେ କମ୍ପାନୀ ଓ ଅନ୍ୟ ବ୍ୟବସାୟୀଙ୍କ ସହ ଭିତିରିଆ ସମ୍ପର୍କରେ ରହିଥିବା ଜଣାଇ ଦିଆଯାଇଛି । ଏ ସମ୍ପର୍କରେ ସଦର ଏସଡିପିଓ ଭବାନୀ ଶଙ୍କର ଉଦଗାତାଙ୍କୁ ପଚାରିବାରୁ ନିର୍ବାଚନ ବେଳେ ଅନେକ ରିପୋର୍ଟ ମଗା ଯାଇଥାଏ । ହେଲେ ତାହା ଗୁପ୍ତ ଭାବେ ଦିଆଯାଏ ବୋଲି କହିଥିଲେ।

## ଯୋଗ ଦୂର କରେ ରୋଗ

**ପଡିଆବାହାଲ, ୧୦।୩ (ଡି.ଏନ.ଏ)**

ନିକଟସ୍ଥ ଡଙ୍ଗରପଡା ଗ୍ରାମଠାରେ ପତଞ୍ଜଳି ଯୋଗ ସମିତି ତରଫରୁ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ନିତ୍ୟାନନ୍ଦ ପଧାନ ଓ ଦୁର୍ଯ୍ୟୋଧନ ବାରିକଙ୍କ ପରିଚାଳନାରେ ଭୁବନେଶ୍ୱର ପଧାନ, ଅନୀଲ ବାରିକ, ପଦ୍ମାଳୟା ପଧାନ, ମଞ୍ଜୁଳତା ବାରିକ, ସୁନିତା ପଧାନ, ଦୁର୍ଯ୍ୟୋଧନ ପଧାନ ପ୍ରମୁଖ ସହଯୋଗ କରିଥିଲେ। ସମ୍ବଲପୁରସ୍ଥିତ ପତଞ୍ଜଳି ଯୋଗ ସମିତିର ଯୋଗ ଶିକ୍ଷକ ବିଜୟ କୁମାର ସାହୁ ୫ ଦିନ ଧରି ପ୍ରାଣାୟାମ, ସୂର୍ଯ୍ୟ ନମସ୍କାର, ଜଳ ନେତି, ସୁତ୍ରନେତି ଏବଂ ଆୟୁର୍ବେଦିକ ଔଷଧ ବ୍ୟବହାର ଉପରେ ପରାମର୍ଶ ଦେଇଥିଲେ। ପ୍ରତିଦିନ ସକାଳେ ଯୋଗ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ।

## ଗାଡ଼ି ଭଡ଼ା ଟଙ୍କାକୁ ନେଇ ଟ୍ରାକ୍ଟର ଡ୍ରାଇଭରଙ୍କୁ ହତ୍ୟା ଘଟଣା

# ୩ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

**ନାକଟିଦେଉଳ, ୧୦।୩ (ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ ଝାରବେଡ଼ା ଗ୍ରାମରେ ଗତ ୭ ତାରିଖ ସନ୍ଧ୍ୟାରେ ଟ୍ରାକ୍ଟର ଗାଡ଼ି ଭଡ଼ା ମାଗିବାକୁ କେନ୍ଦ୍ର କରି ଜଣେ ଡ୍ରାଇଭରଙ୍କୁ ପିଟିପିଟି ହତ୍ୟା ଘଟଣାରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏମାନେ ହେଲେ ଏହି ଥାନା ଅନ୍ତର୍ଗତ କୁଟାସିଂହା ଗ୍ରାମର ଟଙ୍କଧର ଷଣ୍ଢ(୩୫), ବିପିନ ମୁଣ୍ଡା(୨୫) ଏବଂ ଅରକ୍ଷୀତ ଷଣ୍ଢ(୪୦)। ଏମାନଙ୍କୁ ଶନିବାର ପୋଲିସ ଗିରଫ କରିଥିଲା। ୩୦୨/୩୪ ଆଇପିସି ଦଫାରେ ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଏମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ଇସ୍ମାଇଲ ଏକ୍କା ସୂଚନା ଦେଇଛନ୍ତି। ଝାରବେଡ଼ା ଗ୍ରାମର ସୁଶାନ୍ତ ବେହେରା ଟ୍ରାକ୍ଟର ଡ୍ରାଇଭର ଭାବେ କାମ କରୁଥିଲେ। ଗତ ୭ ତାରିଖ ସନ୍ଧ୍ୟାରେ କୁଟାସିଂହା ଗ୍ରାମର ଟଙ୍କଧର, ବିପିନ ଏବଂ ଅରକ୍ଷୀତ ସୁଶାନ୍ତଙ୍କ ଟ୍ରାକ୍ଟରକୁ ଭଡ଼ାରେ ନେଇ ନିକଟସ୍ଥ ଟିକିରା ନଦୀ ଜଙ୍ଗଲକୁ କାଠ ଆଣିବାକୁ ନେଇଥିଲେ । କାଠ ଆଣି ସାରିବା ପରେ ସୁଶାନ୍ତ ଗାଡ଼ିଭଡ଼ା ବାବଦକୁ ୭୦୦ ଟଙ୍କା ମାଗିଥିଲେ। କିନ୍ତୁ ସେମାନେ ୫ଶହ ଟଙ୍କା ଦେବାରୁ ଅବଶିଷ୍ଟ ଟଙ୍କା ସୁଶାନ୍ତ ମାଗିଥିଲେ। ଏହାକୁ ନେଇ ସୁଶାନ୍ତ ଏବଂ ଭଡ଼ା ନେଇଥିବା ଉକ୍ତ ୩ ଜଣଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସେମାନେ ସୁଶାନ୍ତଙ୍କୁ ମାଡ଼ ମାରିବାରୁ ଘଟଣା ସ୍ଥଳରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ସେମାନେ ସୁଶାନ୍ତଙ୍କ ମୃତଦେହକୁ ତାଙ୍କ ଘର ଝାରବେଡ଼ାକୁ ଆଣି ଶୋଇ ଦେଇ ସେ ଅତ୍ୟଧିକ ମଦ ପିଇଛି ବୋଲି ସଫେଇ ଦେଇ ଚାଲି ଯାଇଥିଲେ । କିଛି ସମୟ ପରେ ସୁଶାନ୍ତଙ୍କ ସ୍ତ୍ରୀ ସ୍ୱାମୀର କାନ ଏବଂ ମୁଣ୍ଡରେ ଆଘାତ ଲାଗି ରକ୍ତ ବୋହୁଥିବା ଦେଖି ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଛି ବୋଲି ନାକଟିଦେଉଳ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏ ସମ୍ପର୍କରେ କେସ ନଂ. ୨୫/୧୯ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।



ଗିରଫ ୩ ଅଭିଯୁକ୍ତ।

# କାଳିଆ ଯୋଜନାରେ ଘୋଟାଲା ରହିଛି

**ସମ୍ବଲପୁର, ୧୦।୩ (ବ୍ୟୁରୋ)**

ଓଡିଶାରେ ପ୍ରାକୃତିକ ସମ୍ପଦ ଭରି ରହିଛି। ମୁଖ୍ୟତଃ ପାଣିର ସମସ୍ୟା ମଧ ନାହିଁ । ତଥାପି କୃଷକ ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି । କାରଣ ରାଜ୍ୟ ସରକାର କୃଷକଙ୍କ ସମସ୍ୟା ବୁଝୁ ନାହାନ୍ତି । କୃଷକଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ମଧ କରାଯାଇ ନାହିଁ । କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛନ୍ତି । କିନ୍ତୁ କାଳିଆ ଯୋଜନା ମାଧ୍ୟମରେ ଚାଷୀଙ୍କୁ ଭୂଆଁ ବୁଲା ଯାଉଛି । ପ୍ରକୃତ ଚାଷୀ ସହାୟତା ରାଶି ପାଉ ନାହାନ୍ତି । ବିଜେଡିର କର୍ମୀ ଓ ଏଜେଣ୍ଟମାନେ କାଳିଆ ଯୋଜନାର ଟଙ୍କା ହାତେଇବାରେ ଲାଗିଛନ୍ତି । ସେଥିପାଇଁ ରାଜ୍ୟ ସରକାରଙ୍କ କାଳିଆ ଯୋଜନାରେ ଘୋଟାଲ ରହିଛି । ରବିବାର ଅଇଁଠାପାଲି ସମ୍ବଲପୁର ପ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଓଡିଶା ପ୍ରଦେଶ ଭାଜପା କୃଷକ ମୋର୍ଚ୍ଚା ପ୍ରଭାରୀ ଡ. ରାକେଶ ଶର୍ମା ଏହା କହିଛନ୍ତି । ସେ ଆହୁରି କହିଥିଲେ ଯେ, ୧୦ବର୍ଷ ମଧ୍ୟରେ ରାଜ୍ୟରେ ସାର ଓ କୀଟନାଶକ ଔଷଧର ଦର ବୃଦ୍ଧି ହୋଇଛି । ଚାଷୀମାନଙ୍କୁ ସାର ଓ ଔଷଧ ମଧ ଯୋଗାଇ ଦିଆଯାଉ ନାହିଁ। ଯଦ୍ୱାରା ଗ୍ରାମିଣ କ୍ଷେତ୍ରରେ ବିକାଶ ହେଉନାହିଁ । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ସମୀର ପାତ୍ର, ସମ୍ପାଦକ କିଶୋର ହୋତା, ଜିଲା କୃଷକ ମୋର୍ଚ୍ଚା ସଭାପତି ମୃତ୍ୟୁଞ୍ଜୟ ପାଣିଗ୍ରାହୀ, କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି, ସୁଶାନ୍ତ କୁମାର ପ୍ରଧାନ, ଭାଗିରଥି ବଡ଼େଇ, ଦେବେନ୍ଦ୍ର ପୁରୋହିତ, ରଞ୍ଜିତ ରଥ ଉପସ୍ଥିତ ଥିଲେ ।



ରବିବାର ସମ୍ବଲପୁର ପ୍ରେସ ଭବନଠାରେ ଡ. ରାକେଶ ଶର୍ମା ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

## ନାବାଳିକା ଉଦ୍ଧାର

**ସମ୍ବଲପୁର,୧୦।୩(ବ୍ୟୁରୋ)**

ସମ୍ବଲପୁର ଜଗନ୍ନାଥ କଲୋନୀରୁ ରବିବାର ରାତିରେ ଅଇଁଠାପାଲି ଥାନା ପୋଲିସ ଚାଇଲ୍ଡ ଲାଇନ ସହାୟତାରେ ଜଣେ ବ୍ୟକ୍ତିଙ୍କ ଘରୁ କାମ କରୁଥିବା ଅବସ୍ଥାରେ ଜଣେ ନାବାଳିକାଙ୍କୁ ଉଦ୍ଧାର କରିଛି। ଏହି ନାବାଳିକା ଜଣଙ୍କୁ ଚାଇଲ୍ଡ ଲାଇନ ହେପାଜତରେ ରଖାଯାଇଛି। ତେବେ ଏହି ଘଟଣାରେ ଜଡିତ ଦେହୁରିପାଲିର ଜଣେ ମହିଳାଙ୍କୁ ପୋଲିସ ଗିରଫ କରିଛି।

# ଫେନ୍ସିଂ ତାଲିମ ଚୟନ ଶିବିର




ରବିବାର ସମ୍ବଲପୁର ସେଣ୍ଟ ଜୋସେଫ୍ କନଭେଣ୍ଟ ସ୍କୁଲ ପରିସରରେ ଆୟୋଜିତ ଫେନ୍ସିଂ ତାଲିମ ଚୟନ ଶିବିରରେ ଅତିଥି ଓ ପ୍ରଶିକ୍ଷାର୍ଥୀମାନେ ।

**ସମ୍ବଲପୁର, ୧୦।୩ (ବ୍ୟୁରୋ)**

ଓଡିଶା ଫେନ୍ସିଂ ଆସୋସିଏସନ୍ ପକ୍ଷରୁ ଫେନ୍ସିଂ (ତଲବରା ବାଜି) ତାଲିମ ଓ ଚୟନ ଶିବିର ରବିବାର ସମ୍ବଲପୁର ସେଣ୍ଟ ଜୋସେଫ୍ କନଭେଣ୍ଟ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଓଡିଶା ଫେନ୍ସିଂ ସଂଘ ପ୍ରଶିକ୍ଷକ ସୁକାନ୍ତ ସେଠ ଓ ଲକ୍ଷ୍ମୀକାନ୍ତ ପଟ୍ଟନାୟକ ଯୋଗ ଦେଇଥିଲେ । ସବ୍ ଜୁନିୟର ବର୍ଗରେ ବାଳିକା ବାଳକମାନେ ସାମିଲ ହୋଇଥିଲେ । ରାଜ୍ୟ ସଂଘ ଯୁଗ୍ମ ସମ୍ପଦକ ସୁମିତ ରଞ୍ଜନ ପୁରୋହିତ, ରଶ୍ମିତା ପୁରୋହିତ ତାଲିମ ଶିବିର ସମ୍ପର୍କରେ ପ୍ରଶିକ୍ଷାର୍ଥୀଙ୍କୁ ସୂଚନା ପ୍ରଦାନ କରିଥିଲେ । ସମ୍ବଲପୁରରେ ପ୍ରଥମ ଥର ପାଇଁ ଚୟନ ଶିବିର ହୋଇଛି । ଏହା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ତାଲିମ ଶିବିରରେ ଭଲ ପ୍ରଦର୍ଶନ କରିଥିବା କ୍ରୀଡା ବିତମାନେ ଆଗାମୀ ଦିନରେ ଭୁବନେଶ୍ୱରଠାରେ ହେବାକୁ ଥିବା ତାଲିମ ଶିବିରରେ ଭାଗ ନେବେ ବୋଲି ସଂଘ ପକ୍ଷରୁ ସୂଚୀତ କରାଯାଇଛି ।

## ଏକ ସାମ୍ ଶହୀଦୋ କେ ନାମ୍

# ଝଙ୍କୃତ କଲା ଦେଶାତ୍ମବୋଧକ ସଙ୍ଗୀତର ମୂର୍ଚ୍ଛନା

**ସମ୍ବଲପୁର,୧୦।୩ (ବ୍ୟୁରୋ)**

ହଜରତ ଖ୍ୱାଜା ଗରିବ୍ ନୱାଜ୍ ସୋସିଆଲ ୱେଲଫେୟାର କମିଟି ପକ୍ଷରୁ ଏକ ସାମ୍ ଶହୀଦୋ କେ ନାମ୍ କାର୍ଯ୍ୟକ୍ରମ ରବିବାର ରାତିରେ ଜିଲାସ୍କୁଲ ଛକଠାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଦେଶାତ୍ମବୋଧକ ସଙ୍ଗୀତର ମୂର୍ଚ୍ଛନାରେ ଅଞ୍ଚଳ ଝଙ୍କୃତ ହୋଇଥିଲା। କଣ୍ଠଶିଳ୍ପୀମାନେ ଗୀତ ଗାନ କରି ପୁଲଓ୍ୱାମା ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ଯବାନଙ୍କୁ ସ୍ୱରାଞ୍ଜଳି ଅର୍ପଣ କରିଥିଲେ । ଆୟୋଜକ କମିଟି ସଭାପତି ମହମ୍ମଦ ସଫିଙ୍କ ପରିଚାଳନା ଓ ସୁସ୍ମିତା ପଟ୍ଟନାୟକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ସୀତାଂଶୁ ଷଡଙ୍ଗୀ ମୁଖ୍ୟଅତିଥି ଓ ଏମସି ପତି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଦୁସୈନ୍ଦ୍ରୀ ଟପ୍ପୋ, ଗ୍ଲୋରିଆ କେର୍କେଟା ଓ ଏସଏନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।





ରବିବାର ସମ୍ବଲପୁର ଜିଲାସ୍କୁଲ ଛକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ବୀରନାରୀ ଦୁସୈନ୍ଦ୍ରୀ ଟପ୍ପୋଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି (ବାମ)। ଶିଶୁ କଣ୍ଠଶିଳ୍ପୀ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରୁଛନ୍ତି ।



ପ୍ରତ୍ୟେକ ମନୁଷ୍ୟ ଭିତରେ ପୂର୍ଣ୍ଣ ଶକ୍ତି ପୂର୍ଣ୍ଣ ଜ୍ଞାନ ବିଦ୍ୟମାନ। ତାହାକୁ ବିକାଶ କରିବା ହିଁ କର୍ମଯୋଗର ଉଦ୍ଦେଶ୍ୟ। ଏହି କର୍ମ ଯେପରି ସୁପ୍ତ ଦୈତ୍ୟକୁ ଜାଗ୍ରତ କରିବା ପାଇଁ ଆଘାତ ସ୍ୱରୂପ। – ସ୍ୱାମୀ ବିବେକାନନ୍ଦ

## ସେଲ୍ଫି କର୍ଣ୍ଣର



@ ତାପସ



@ ନେପାଳ



@ ଦେବେନ୍ଦ୍ର

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ସିନ୍ଦୂର ପିନ୍ଧାଇ ବଳପୂର୍ବକ ନାବାଳିକାଙ୍କୁ ବିବାହ

- ଉଦ୍ଧାର କଲା ଚାଇଲ୍ଡଲାଇନ୍
- ପୋଲିସ ପକ୍ଷରୁ ତଦନ୍ତ ଜାରି

**ଆନନ୍ଦପୁର,୧୦।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ବଉଁଶଗଡ ବଡନାଳ ସାହିରେ ବଳପୂର୍ବକ ସିନ୍ଦୂର ପିନ୍ଧାଇ ଜଣେ ନାବାଳିକାଙ୍କୁ ବିବାହ କରାଯିବା ଘଟଣା ପଦାକୁ ଆସିଛି। ସୂଚନା ପାଇବା ପରେ ଆନନ୍ଦପୁର ଚାଇଲ୍ଡଲାଇନର ସଦସ୍ୟମାନେ ଦିନକ ତଳେ ବିବାହ କରିଥିବା ଏହି ୧୧ ବର୍ଷୀୟା ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି। ତାଙ୍କୁ ବିବାହ କରିଥିବା ଅଭିଯୁକ୍ତ ନାବାଳକ ଫେରାର ଥିବା ଜଣାପଡିଛି।

ଉଦ୍ଧାର ନାବାଳିକା ବଧୂଙ୍କ ଘର ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା କେସଡିହା ସାହି ଅଞ୍ଚଳରେ। ଗତ ସପ୍ତାହରେ ତାଙ୍କ ସମ୍ପର୍କୀୟ ଘର ଆନନ୍ଦପୁର ଥାନା ବାଉଁଶଗଡ ବଡନାଳ ସାହିକୁ ସେ ବୁଲି ଆସିଥିଲେ। ସେଠାରେ ଶନିବାର ୧୬ବର୍ଷର ଜଣେ ନାବାଳକ ତାଙ୍କୁ ଜୋର ଜବରଦସ୍ତ ଟାଣିଆଣି ମୁଣ୍ଡରେ ସିନ୍ଦୁର ଲଗାଇ ବିବାହ କରିଥିଲେ। ଏହି ନାବାଳିକାଙ୍କ ପରିବାରବର୍ଗ ଏକଥା ଜାଣିବା ପରେ ବାଉଁଶଗଡ ଆସି ଝିଅକୁ ନେବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ସେମାନେ ଗ୍ରାମର ଜଣେ ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ସହାୟତାରେ ଆନନ୍ଦପୁର ଚାଇଲ୍ଡଲାଇନ୍‌କୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ଚାଇଲ୍ଡଲାଇନ୍ ପକ୍ଷରୁ ଆନନ୍ଦପୁର ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ସତ୍ୟଭାମା ସେଠୀ ଏନେଇ ଆନନ୍ଦପୁର ଥାନାକୁ ଜଣାଇଥିଲେ। ଏହି କ୍ରମରେ ରବିବାର ଆନନ୍ଦପୁର ଥାନା ପକ୍ଷରୁ ପୋଲିସ ଫୋର୍ସ ନେଇ ସିଡିପିଓ ସେଠୀ, ସୁପରଭାଇଜର୍ ଛବିଲତା ଜେନା, ଆନନ୍ଦପୁର ଚାଇଲ୍ଡଲାଇନର ସଦସ୍ୟ ଆଇନଜୀବୀ ଭାଗୀରଥି ଦାଶ, ଆନନ୍ଦ ସାହୁ, ସସ୍ମିତା ମହାନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ପୁଅର ପରିବାରବର୍ଗ ଝିଅ ନିଜ ଇଚ୍ଛାରେ ବିବାହ କରିଥିବା କହୁଥିବାବେଳେ ନାବାଳିକାଙ୍କ ମା' ଓ ବାପା ଜୋର ଜବରଦସ୍ତ ଏହି ବାହାଘର ହୋଇଥିବା ଅଭିଯୋଗ କରିଛନ୍ତି। ବିବାହିତ ନାବାଳକ ଫେରାର ଥିବାରୁ ପୋଲିସ ଓ ଚାଇଲ୍ଡ ଲାଇନ କର୍ତ୍ତୃପକ୍ଷ ଉଦ୍ଧାର ନାବାଳିକାଙ୍କୁ ଥାନା ଆଣି ପରେ ଜିଲା ଶିଶୁ ମଙ୍ଗଳ କମିଟିରେ ହାଜର କରାଇବା ନେଇ ବ୍ୟବସ୍ଥା କରାଯାଉଥିବା ଚାଇଲ୍ଡଲାଇନ୍ ସଦସ୍ୟ ଭାଗୀରଥି ଦାଶ ସୂଚନା ଦେଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛଳକୁ ମରେ;**
**ସବୁ ଚିରାକନା ଗଣ୍ଠିଲି କରେ,**
**ହକାଳି ହକାଳି ଶୁଖେଇ ମରେ ।**

ଗଣ୍ଠିଲି ଯାକ ଚିରାକନାକୁ ଧୋଇ ଶୁଖାଇବା ବଡ଼ କଷ୍ଟକର କାମ ହୋଇଥାଏ। ଏହା ଜାଣିବା ସତ୍ତ୍ୱେ ନିରୀହ ବ୍ୟକ୍ତି ନିଜ ଦୁଃଖକଷ୍ଟକୁ ଭୁଲି ସେଭଳି କାର୍ଯ୍ୟରେ ହାତଦେବାକୁ ବାଧ ହୋଇଥାନ୍ତି। ସାଧାରଣତଃ ସରଳ ପ୍ରକୃତି ବ୍ୟକ୍ତିଙ୍କ ଉପରେ ସମସ୍ତେ ଦାଉ ସାଧିଥାନ୍ତି। ଅନ୍ୟର ଛନ୍ଦ କପଟ ଜାଣୁ ନ ଥିବା ବ୍ୟକ୍ତି ସ୍ଥଳବିଶେଷରେ ହଇରାଣ ହରକତ ହେବା ସହ ଦୁଃଖଦୁର୍ଦ୍ଦଶା ଭୋଗ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛତରଛିଆଇ ପଟ;**
**ଛ'ମାସ ଜଗିଲି ଯମୁନା ଘାଟ,**
**ଦିନେ ନ ପାଇଲି ଭେଟ ।**

ପ୍ରେମରେ ପ୍ରତାରଣା ଦେହ ଓ ମନକୁ କ୍ଷତାକ୍ତ କରିଦିଏ। ଯାହା ଲାଗି ଏତେ ସରି ତା'ସହ ଦୀର୍ଘଦିନ ହେଲା ଦେଖାସାକ୍ଷାତ ନ ହୋଇ ପାରିବା କାରଣରୁ ମନରେ ଖେଦ ଭାବ ସୃଷ୍ଟି ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

■ ଜୀବନ ସହ ସଂଗ୍ରାମ କରୁଛନ୍ତି ଶ୍ରୀକାନ୍ତ

# ଦାଦନ ଶ୍ରମିକଙ୍କ ଗୋଡ଼ କଟିଲା

- ଗୁରୁତର ଶ୍ରମିକଙ୍କୁ ସହଯୋଗୀ ଆଣିଲେ
- ଦାଦନଙ୍କ ଆଉ ଏକ କରୁଣ ଚିତ୍ର

**ନୂଆପଡା ଅଫିସ/ବୋଡେନ, ୧୦।୩**

ନୂଆପଡା ଭଳି ଦାଦନ ପ୍ରବଣ ଜିଲାରୁ ହଜାର ହଜାର ଶ୍ରମିକ ରାଜ୍ୟ ବାହାରେ ଦୟନୀୟ ଅବସ୍ଥାରେ କାମ କରୁଥିବାବେଳେ କାହାରି ହାତ କଟୁଛି ତ କାହାରି ଗୋଡ କଟୁଛି। ଏମାନଙ୍କ ଉପରେ ପ୍ରଶାସନ କି ଶ୍ରମ ବିଭାଗ ଠୋସ ଖବର ରଖୁ ନ ଥିବାରୁ ଶ୍ରମିକ ପରିବାର ସବୁ ଅନ୍ଧାରରେ ରହିଯାଉଛନ୍ତି । ନୂଆପଡ଼ା ଜିଲା ବୋଡେନ ଥାନା ଅନ୍ତର୍ଗତ ବାବେବୀର ଗ୍ରାମପଞ୍ଚାୟତ ଖଇରଭାଡି ଗାଁର ଶ୍ରୀକାନ୍ତ ହଂସ (୩୩) ନାମକ ଜଣେ ଦାଦନ ଶ୍ରମିକଙ୍କ ଅବସ୍ଥା ଏଭଳି ହୋଇଛି। ଦାଦନ ଖଟିବାକୁ ଯାଇ ସେଠାରୁ ଅସଙ୍ଗଠିତ ଅବସ୍ଥାରେ ଫେରୁଥିବା ସମୟରେ ଟ୍ରେନରେ ଗୋଡ କଟିଯାଇଥିଲା। ତାଙ୍କୁ ସହଯୋଗୀମାନେ ଘରକୁ ଧରିଆସିଛନ୍ତି। ଗରିବ ପରିବାରର ଶ୍ରୀକାନ୍ତ ଏବେ ଜୀବନ ସହ ସଂଗ୍ରାମ କରୁଛନ୍ତି । ପ୍ରକାଶ ଯେ, ଆଜକୁ ୩ ମାସ ତଳେ ଶ୍ରୀକାନ୍ତ ସ୍ଥାନୀୟ ଜଣେ ଶ୍ରମିକ ସର୍ଦ୍ଦାରଙ୍କ ସହାୟତାରେ ଚେନ୍ନେଇକୁ ଇଟାଗଡା କାମ କରିବାକୁ ଯାଇଥିଲେ । ସେଠାରେ ତିନିମାସ କାଳ କାମ କରିବା ପରେ ଆଜକୁ ୪ ଦିନ ତଳେ ଟ୍ରେନ ଯୋଗେ ଫେରୁଥିଲେ। ଠିକ ସେହି ସମୟରେ ଟ୍ରେନରେ ଠେଲାପେଲା ବେଳେ ଗେଟରୁ ତଳକୁ ପଡିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ଗୋଡ ଦୁଇଟି କଟିଯାଇଥିଲା। ତାଙ୍କର ସହଯୋଗୀ ଦୁହେଁ ମକର ଧ୍ୱଜ ହଂସ (୩୪) ଏବଂ କପିଳ ହଂସ(୩୨) ତାଙ୍କୁ ସ୍ଥାନୀୟ ଏକ ସରକାରୀ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଧରି ଆସିଛନ୍ତି । ରବିବାର ଗାଁକୁ ଶ୍ରୀକାନ୍ତ ପହଞ୍ଚିବା ପରେ ଗାଁରେ ଦୁଃଖଦ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କର ସମ୍ପର୍କୀୟମାନେ କାନ୍ଦବୋବାଳ ହୋଇ ପଡିଥିଲେ। ଘରେ ଏଣେ ଆର୍ଥିକ ସ୍ଥିତି ଠିକ ନ ଥିବାରୁ ତାଙ୍କୁ ଚିକିତ୍ସା କରିବା କଷ୍ଟକର ହୋଇପଡିଛି। ଏଭଳି ସ୍ଥିତିରେ ଜିଲା ପ୍ରଶାସନର ଶ୍ରମ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଚିକିତ୍ସା ବ୍ୟବସ୍ଥା କରିବା ସହ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଦୁଇଟି ଗୋଡ ହରାଇଥିବା ଶ୍ରୀକାନ୍ତ ହଂସ ।

# କମିବ ସ୍କୁଲ ବ୍ୟାଗ୍ ଓଜନ

## ଆସନ୍ତା ଶିକ୍ଷାବର୍ଷରୁ ଲାଗୁ ହେବ ନୂଆ ଗାଇଡ୍‌ଲାଇନ

**ଭୁବନେଶ୍ୱର,୧୦।୩(ବ୍ୟୁରୋ)**

ସ୍କୁଲ ବ୍ୟାଗ୍‌ରେ ଅତ୍ୟଧିକ ବୋଝ ଯୋଗୁ ପିଲାମାନେ ବିଭିନ୍ନ ଶାରୀରିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ପିଲାଙ୍କ କାନ୍ଧରୁ ବସ୍ତାନି ବୋଝ କମାଇବାକୁ ରାଜ୍ୟ ସରକାର ଚିନ୍ତା କରିଛନ୍ତି। ଏଥିପାଇଁ ୨୦୧୯-୨୦ ଶିକ୍ଷା ବର୍ଷରୁ ନୂଆ ଗାଇଡ୍‌ଲାଇନ ଲାଗୁ ହେବ। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କ ବ୍ୟାଗ୍‌ର ଓଜନ ଦେଢ଼ କିଲୋରୁ ଅଧିକ ହେବ ନାହିଁ। ଏଥିପାଇଁ ସେମାନଙ୍କ ଲାଗି ମାତ୍ର ଦୁଇଟି ବିଷୟ ମାତୃଭାଷା ଓ ଗଣିତ ରଖିବାକୁ କୁହାଯାଇଛି। ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ବ୍ୟାଗ୍‌ର ଓଜନ ୨ରୁ ୩ କିଲୋ ମଧ୍ୟରେ ରହିବ। ଏମାନଙ୍କ ଲାଗି ଗଣିତ, ପରିବେଶ ବିଜ୍ଞାନ, ଇଂଲିଶ ଓ ମାତୃଭାଷା, ଏହିଭଳି ୪ଟି ବିଷୟ ରହିବ। ସେହିଭଳି ଷଷ୍ଠ ଓ ସପ୍ତମ ପିଲାଙ୍କ ବ୍ୟାଗ୍ ୪ କିଲୋ, ୮ମ ଓ ୯ମ ପିଲାଙ୍କ ବ୍ୟାଗ୍ ସାଢ଼େ ୪ କିଲୋ ଏବଂ ଦଶମ ଶ୍ରେଣୀ ପିଲାଙ୍କ ବ୍ୟାଗ୍‌ର ଓଜନ ୫ କିଲୋରୁ ଅଧିକ ହେବ ନାହିଁ। ଏହାସହ ପିଲାଙ୍କୁ ହୋମ୍‌ୱାର୍କ ଦିଆଯିବା ଉପରେ ମଧ୍ୟ କଟକଣା ଲଗାଯାଇଛି। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କୁ ଆଦୌ ହୋମ୍‌ୱାର୍କ ଦିଆଯିବ ନାହିଁ। ଅନ୍ୟ ଶ୍ରେଣୀ ଲାଗି କୌଣସି ବିଷୟ ଶେଷରେ ଦିଆଯାଇଥିବା ଏକ୍ସରସାଇଜ୍‌କୁ କ୍ଲାସ୍ ରୁମ୍‌ରେ ଶିକ୍ଷକଙ୍କ ଆଗରେ ସମାଧାନ କରାଯିବ। ଏଥିଲାଗି ସ୍ୱତନ୍ତ୍ର ପିରିୟଡ୍ ରଖାଯିବ। ପିଲାମାନେ ଯେପରି ନିଜେ ବୁଦ୍ଧି ଖଟାଇ ପ୍ରଶ୍ନର ସମାଧାନ କରିବେ, ସେଥିଲାଗି ସେମାନଙ୍କୁ ଉତ୍ସାହିତ କରାଯିବ। ଷଷ୍ଠରୁ ଦଶମ ଶ୍ରେଣୀ ପିଲାଙ୍କ ହୋମ୍‌ୱାର୍କକୁ ନେଇ ସ୍କୁଲଗୁଡ଼ିକ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରିବେ। କେବଳ ବିଷୟ ଘୋଷା ନ କରି ପିଲାଙ୍କ ମେଧାର ବିକାଶ ଉପରେ ଗୁରୁତ୍ୱ ଦିଆଯିବ। କେବଳ ସେତିକି ନୁହେଁ, ଖେଳକୁଦ ସହ ପ୍ରୋଜେକ୍ଟ, ବିଭିନ୍ନ ସ୍ଥାନ ଭ୍ରମଣ, ବୁକ୍ ରିଭ୍ୟୁ, ସାମ୍ପ୍ରତିକ ବିଷୟରେ ବିତର୍କ ଲାଗି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରାଯିବ। ଗାଇଡ୍ ଓ ଅନ୍ୟାନ୍ୟ ବହି ବ୍ୟବହାରକୁ ନିଷେଧ କରାଯାଇଛି। ସ୍କୁଲଗୁଡ଼ିକ ଷ୍ଟେଟ୍ କାଉନ୍‌ସିଲ ଅଫ୍ ଏଜୁକେଶନ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ(ଏସ୍‌ସିଇଆର୍‌ଟି) ଦ୍ୱାରା ଅନୁମୋଦିତ ବହି ହିଁ ବ୍ୟବହାର କରିବେ। ନୂତନ ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସ୍କୁଲଗୁଡ଼ିକୁ କୁହାଯାଇଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

FINANCE
ବାଲାଜୀ ଫାଇନାନ୍ସ କମ୍ପାନୀ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ।
୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765611461
7839995611

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

DANCE CLASS
Ollywood Choreographer Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact: 9438668573

ଋଣ
ସିଟି ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟରେ ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ, 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି (1ରୁ 50 ଲକ୍ଷ) ଋଣ ଉପଲବ୍ଧ
9205075808
9205047642
citifinanceindialtd@gmail.com
Add : - 41/14, Sec.1, Pushp Vihar, Delhi

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
6205322038
7488802117
Bukaro malepur, jamui Bihar-811313

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Bank Finance
Regd No.- (BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ ସବୁ ଋଣ ମାତ୍ର 24 ଘଣ୍ଟାରେ
9499135756
(ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି)
BALIKUDA, JAGATSINGHPUR

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# ବ୍ୟକ୍ତି ନୁହେଁ, ନେତୃତ୍ୱକୁ ଗୁରୁତ୍ୱ

ହର୍ଷବର୍ଦ୍ଧନ ବେହେରା/ଅଭିମନ୍ୟୁ ମିଶ୍ର,
ଯାଜପୁର ଅଫିସ,୧୦।୩

ଯାଜପୁର ଜିଲାର ଅନ୍ୟ ନିର୍ବାଚନ ମଣ୍ଡଳି ଅପେକ୍ଷା କୋରେଇରେ ରାଜନୈତିକ ଚର୍ଚ୍ଚା ଅଧିକ ଉଷ୍ମ। ଏଠାରେ ଘଡ଼ିକେ ଘୋଡ଼ା ଛୁଟୁଛି । ଶାସକ ଦଳର ପ୍ରାର୍ଥୀ ହେବାକୁ ଏକାଧିକ ଆଶାୟୀ। ଦଳର ରଣନୀତି ଉପରେ ପ୍ରାର୍ଥୀଙ୍କ ଜିତିବା ହାରିବା ଏଠାରେ ନିର୍ଭର କରିଥାଏ। ୨୦୦୦ ରୁ ୨୦୦୪ ପର୍ଯ୍ୟନ୍ତ ୨ଟି ନିର୍ବାଚନରେ ଭାଜପା-ବିଜେଡି ମଧ୍ୟରେ ମେଣ୍ଟ ଥିବାରୁ ଏହି ଆସନ ଭାଜପା ଭାଗରେ ପଡ଼ିଥିଲା। ୨୦୦୦ ନିର୍ବାଚନରେ ଭାଜପା ଏଠାରେ ପରାଜିତ ହୋଇଥିବାବେଳେ ୨୦୦୪ ନିର୍ବାଚନରେ ଭାଜପା ପ୍ରାର୍ଥୀ ସଞ୍ଚିତା ମହାନ୍ତି ଜିତିଥିଲେ। ୨୦୦୯ରେ ମେଣ୍ଟ ଭାଙ୍ଗିବା ପରଠାରୁ ବିଜେଡି ଏଠାରେ ଲଗାତାର ଜିତି ଆସିଛି । ୧୯୮୫ ପରଠାରୁ ଏଠାରେ କଂଗ୍ରେସ ଜିତି ନ ଥିବାରୁ ଚଳିତ ନିର୍ବାଚନରେ ଦଳ କିପରି ଭାବେ ବିଜୟୀ ହେବ ସେନେଇ ରଣନୀତି ଆରମ୍ଭ କରିଛି। ଏଭଳିସ୍ଥିତିରେ ନିର୍ବାଚନ ଅତି ଗୁରୁତ୍ୱପୂର୍ଣ୍ଣ ହୋଇଛି। ଚଳିତ ବିଧାନସଭା ନିର୍ବାଚନ ଲାଗି କୋରେଇ ଆସନରୁ ବିଜେଡିର ପ୍ରାୟ ୫ଜଣ ଆଶାୟୀ ରହିଛନ୍ତି। ସମସ୍ତ ଆଶାୟୀ କହୁଛନ୍ତି ତାଙ୍କର ଟିକେଟ ଫାଇନାଲ। ଏପରିକି ବିଧାୟକ ପ୍ରଣବପ୍ରକାଶ ଦାସ(ବବି) ମଧ୍ୟ କୋରେଇ ଉପରେ ନଜର ରଖିଛନ୍ତି। ବ୍ୟକ୍ତି ନୁହେଁ, ନେତୃତ୍ୱକୁ ଭୋଟର ଏଠାରେ ଗୁରୁତ୍ୱ ଦେଉଥିବାରୁ ଆଗାମୀ ଦିନରେ ୩ପ୍ରମୁଖ ବିଜେଡି, କଂଗ୍ରେସ ଓ ଭାଜପାର ନେତୃତ୍ୱ କିଏ ନେଉଛନ୍ତି ଏବଂ ତାଙ୍କ ନେତୃତ୍ୱରେ ଦଳ କେତେଦୂର ଶକ୍ତିଶାଳୀ ହୋଇ ପାରୁଛି ତାହା ଦେଖିବାକୁ ବାକି ରହିଛି।

କୋରେଇ ନିର୍ବାଚନ ମଣ୍ଡଳୀରେ ୧୦ଟି ନିର୍ବାଚନ ମଧ୍ୟରୁ ୬ ଥର ଅଶୋକ ଦାସ ଏହି ମଣ୍ଡଳୀର ପ୍ରତିନିଧିତ୍ୱ କରିଛନ୍ତି। ୧୯୭୪ ମସିହାରେ ସ୍ୱତନ୍ତ୍ର କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀ ଗଠନ ହୋଇଥିଲା। ଏହାପୂର୍ବରୁ କୋରେଇ ପଶ୍ଚିମ ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ଥିଲା । ଜିଲାର ବ୍ୟାସନଗର ପୌରପରିଷଦ ଓ କୋରେଇ ବ୍ଲକ ସମେତ ରସୁଲପୁର ବ୍ଲକର ଭୋଟକା, ଲକ୍ଷ୍ମୀନଗର, ପହଙ୍ଗା, ବଡକଇଁଚି, ଗନ୍ଧଣ, ଟିକରପଡା, ବାହାଦଲପୁର, ନରସିଂପୁର ଓ ମୁଙ୍ଗପାଳ ଗ୍ରାମପଞ୍ଚାୟତକୁ ନେଇ ଏହି ନିର୍ବାଚନ ମଣ୍ଡଳୀ ପୁନର୍ଗଠିତ ହୋଇଛି। ସେଥିମଧ୍ୟରୁ ବ୍ୟାସନଗର ପୌରପରିଷଦ ଜିଲାର ଅନ୍ୟତମ ବୃହତ ସହରର ମାନ୍ୟତା ପାଇଛି । କଳିଙ୍ଗନଗର ଶିଳ୍ପାଞ୍ଚଳ ପାଇଁ ଏହି ସହରର ଲୋକସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ବିଗତ ୨ଟି ନିର୍ବାଚନ ଫଳାଫଳକୁ ଅବଲୋକନ କଲେ ଏଠାରେ ବିଜେଡି ଭଲ ପ୍ରଦର୍ଶନ କରିଥିଲା। ମାତ୍ର ଗତ ପଞ୍ଚାୟତ ନିର୍ବାଚନରେ ୪ଟି ଜିଲା ପରିଷଦ ଆସନରେ ବିଜେଡି ବିଜୟୀ ହୋଇଥିଲେ ହେଁ କୋରେଇ ବ୍ଲକ ଅଧ୍ୟକ୍ଷ ପଦବୀକୁ ହାତଛଡ଼ା କରିଥିଲା। ତେବେ ବିଜେଡିର ବିଭିନ୍ନ ଯୋଜନାକୁ ନେଇ ବିଧାୟକ ଆକାଶ ଦାସନାୟକ ଲୋକଙ୍କ ନିକଟତର ହୋଇ ପାରିଛନ୍ତି। ସାଂଗଠନିକ ସ୍ଥିତି ଏଠାରେ ସୁଦୃଢ ରହିଥିଲେ ହେଁ ବିଜେଡିରେ ଅନେକ ଫାଟ ଦଳକୁ ଅଡୁଆରେ ପକାଇଛି। ଗତ ୭ ତାରିଖରେ ପାଣିକୋଇଲିଠାରେ ୧୦୦ ଶଯ୍ୟା ବିଶିଷ୍ଟ ଟ୍ରମା କେୟାର ସେଣ୍ଟର ଉଦ୍‌ଘାଟନ ସମୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଆସିବା ପୂର୍ବରୁ ବବି ଉଦ୍‌ବୋଧନ ଦେଇ କୋରେଇବାସୀ ମୋର ଓ ମୋ ବାପାଙ୍କ ମାଲିକ ବୋଲି କହିଥିଲେ। ବାପାଙ୍କ ସ୍ୱପ୍ନ ଏଠାରେ ସାକାର ହେବାରେ ଲାଗିଛି। ତେବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ପହଞ୍ଚିବାର ୧୫ମିନିଟ ପୂର୍ବରୁ ମୁଖ୍ୟମନ୍ତ୍ରୀ ତାଙ୍କୁ ବହୁ କାର୍ଯ୍ୟ ଦେଇଛନ୍ତି, ତାଙ୍କୁ ଯିବାକୁ ପଡ଼ିବ ବୋଲି କହି ଚାଲି ଯାଇଥିଲେ। ଏହି ଉଦ୍‌ବୋଧନକୁ ନେଇଏବେ ଅନେକ ଚର୍ଚ୍ଚା ଜୋର ଧରିଛି। ଟିକେଟକୁ ନେଇ ଛକାପଞ୍ଝା ଲାଗି ରହିଛି । ତେବେ ବିଧାୟକ ଆକାଶ ଦାସନାୟକ କୁହନ୍ତି ନବୀନ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତିରେ ପାଦ ଥାପିଛି। ତାଙ୍କର ପ୍ରେରଣାରେ ଜନ୍ମମାଟିର ସେବା କରିବାର ସୁଯୋଗ ମିଳିଛି । ତେଣୁ ସେ ଯେତେବେଳେ ଯେଉଁ ଦାୟିତ୍ୱ ଦେବେ ତାକୁ ସୂଚାରୁରୂପେ ତୁଲାଇବାକୁ ଚେଷ୍ଟା କରିବେ। ଗତ ୪ବର୍ଷ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଗମନାଗମନର ଉନ୍ନତିରେ ପ୍ରାୟ ୯୫ପ୍ରତିଶତ ସଫଳତା ଆଣି ପାରିଛନ୍ତି। ବନ୍ୟା ନିୟନ୍ତ୍ରଣରେ ମଧ୍ୟ ସଫଳତା ମିଳିଛି। ବୈତରଣୀ ବ୍ରିଜ୍ ନିର୍ମାଣ ସ୍ୱପ୍ନ ପୂରଣ ହୋଇଛି । ଏହାସହ ୧୨୦ କୋଟି ଟଙ୍କାର ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଯେଉଁଥିରେ ରସୁଲପୁର ଓ କୋରେଇ ବ୍ଲକର ୨୦ଟି ପଞ୍ଚାୟତବାସୀ ଉପକୃତ ହୋଇ ପାରିବେ। ଆଗାମୀ ଦିନରେ ଯାଜପୁରରୋଡରେ ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ବ୍ୟାସ ସରୋବରକୁ ମହାଭାରତର ଚିତ୍ର ଦେବା ଆଦି ତାଙ୍କର ଲକ୍ଷ୍ୟ ରହିଛି । ଯଦି ଟିକେଟ ନ ମିଳିଲେ ମଧ୍ୟ ଏକ ଶୃଙ୍ଖଳିତ କର୍ମୀ ଭାବରେ କାର୍ଯ୍ୟ କରିବେ ।

ଅର୍ଥ ବିଭାଗର ଯୁଗ୍ମ ସଚିବ ପାହ୍ୟା ଅଧିକାରୀ ପିୟୁଷ ପାଣି ବିଜେଡି ଟିକେଟ ପାଇବା ଆଶାରେ ରହିଛନ୍ତି । ସେ କର୍ମରୁ ଛୁଟି ନେଇ ବିଭିନ୍ନ ସାମାଜିକ କାର୍ଯ୍ୟରେ ଲିପ୍ତ ଅଛନ୍ତି। ତେଣୁ ତାଙ୍କୁ ଟିକେଟ ମିଳିଲେ ଲୋକ ସହିତ ରହିବାର ସୁଯୋଗ ମିଳିବ ବୋଲି କହିଛନ୍ତି । ଯୁବ ବିଜେଡିର ଜିଲା ସଭାପତି ପ୍ରତାପ ମହାନ୍ତି ମଧ୍ୟ ଟିକେଟ ଆଶାରେ ରହିଛନ୍ତି। ସେ ବି ଟିକେଟ ମିଳିଲେ ନିଶ୍ଚିତ ଭାବେ ଅଞ୍ଚଳର ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି କହିବା ସହିତ ଟିକେଟ ନ ମିଳିଲେ ବି କର୍ମୀ ଭାବେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ୨୦୧୪ ନିର୍ବାଚନରେ ଦ୍ୱିତୀୟ ସ୍ଥାନ ରଖିଥିବା ବିଶ୍ୱଜିତ ନାୟକ କଂଗ୍ରେସ ଦଳ ଛାଡି ଭାଜପାରେ ଯୋଗ ଦେଇଛନ୍ତି । ସେହିପରି ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି ଓ ଯୁବ ନେତା ଆଲେକଜାଣ୍ଡାର ଦାସଙ୍କ ପ୍ରଚେଷ୍ଟାରେ ଭାଜପାର ସାଂଗଠନିକ ସ୍ଥିତିରେ ସୁଧାର ଆସିଛି। ଏହି ଦୃଷ୍ଟିରୁ ଭାଜପା ଏଠାରେ ଏକ ଶକ୍ତିଶାଳୀ ଦଳ ଭାବେ ଉଭା ହୋଇଛି । ସଞ୍ଚିତା ମହାନ୍ତି ଟିକେଟ ପାଇବା ନେଇ ଏକ ପ୍ରକାର ନିଶ୍ଚିତ ଅଛନ୍ତି। ଦଳ ସହିତ କାର୍ଯ୍ୟ ଜାରି ରଖିଛନ୍ତି ବୋଲି କହିଛନ୍ତି। ବିଶ୍ୱଜିତ କୁହନ୍ତି ଭାଜପା ଦଳରେ ସେ ସକ୍ରିୟ ଭାବେ ଜଡିତ ରହିଛନ୍ତି । ଟିକେଟ ପାଇବା ନିଶ୍ଚିତ ତଥାପି ଯଦି ନ ମିଳେ ତେବେ ବି ଦଳରେ ରହି କାର୍ଯ୍ୟ କରିବେ। ସେହିପରି ଆଲେକଜାଣ୍ଡାର କହିଛନ୍ତି ଜିଲାର ଯୁବକର୍ମୀଙ୍କୁ ସେ ଏକଜୁଟ କରି ସଂଗଠନ ଜାରି ରଖିଛନ୍ତି । ସ୍ଥାନୀୟ ନିଯୁକ୍ତି, ଦୁର୍ନୀତି ଉପରେ ଲଢେଇ ଜାରି ରଖିଛନ୍ତି । ଟିକେଟ ପାଇଲେ ସେ ନିଶ୍ଚିତ ଭାବେ ବିଜୟୀ ହେବାର ଆଶା ରଖିଛନ୍ତି ।

୧୯୮୫ ପରେ କଂଗ୍ରେସ ଏଠାରେ ଲଗାତାର ଭାବେ ପରାଜିତ ହୋଇଛି। ଗତ ପଞ୍ଚାୟତ ନିର୍ବାଚନ ପରେ ବହୁ ତୁଙ୍ଗ ନେତା କଂଗ୍ରେସ ଦଳ ଛାଡିବାରୁ ଦୁର୍ବଳ ଅବସ୍ଥାରେ ପହଞ୍ଚିଥିଲା। କିନ୍ତୁ ଗତ ପ୍ରାୟ ୧ବର୍ଷ ହେବ କଂଗ୍ରେସ ଦଳକୁ ସଜାଡିବାକୁ ନେତୃବର୍ଗ ଅଣ୍ଟା ଭିଡିଛନ୍ତି। ପୂର୍ବତନ ପୌରାଧକ୍ଷା ବନ୍ଦିତା ପରିଡା ବିଭିନ୍ନ ଗ୍ରାମ ବୁଲି କଂଗ୍ରେସ କର୍ମୀଙ୍କୁ ଏକାଠି କରିବାରେ ଲାଗିଛନ୍ତି । ଏବେ ଟିକେଟ ଦୌଡରେ ସେ ସର୍ବାଗ୍ରେ ରହିଛନ୍ତି । ଯଦି ଟିକେଟ ନ ମିଳେ ତେବେ ବି କଂଗ୍ରେସ ସହିତ ରହିବେ ବୋଲି ସେ କହିଛନ୍ତି । ପୂର୍ବତନ ଜିଲା ପରିଷଦ ସଭ୍ୟ ହରେକୃଷ୍ଣ ସାହୁ, ମନୋଜ ଜେନା, ବିଦ୍ୟାଧର ମହାନ୍ତି ମଧ୍ୟ କଂଗ୍ରେସ ଟିକେଟ ଲବିରେ ରହିଛନ୍ତି।

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ଆକାଶ ଦାସନାୟକ | ୭୩,୯୬୬ |
| କଂଗ୍ରେସ | ବିଶ୍ୱଜିତ ନାୟକ | ୩୧,୦୯୯ |
| ଭାଜପା | ସଞ୍ଚିତା ମହାନ୍ତି | ୧୫,୭୬୧ |

| ୨୦୦୯ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ପ୍ରୀତିରଞ୍ଜନ ଘଡେଇ | ୬୧,୪୪୮ |
| କଂଗ୍ରେସ | ହେମଲତା ଖୁଣ୍ଟିଆ | ୩୬,୩୩୬ |




**୨୦୦୯: ମୋଟ ଭୋଟର ସଂଖ୍ୟା** ୧,୭୪,୮୧୨

| ପୁରୁଷ ଭୋଟର | ମହିଳା ଭୋଟର |
|---|---|
| ୯୩,୧୯୯ | ୮୧,୭୧୩ |

**୨୦୧୪: ମୋଟ ଭୋଟର ସଂଖ୍ୟା** ୧,୮୯,୭୨୪

| ପୁରୁଷ ଭୋଟର | ମହିଳା ଭୋଟର |
|---|---|
| ୯୯,୮୪୪ | ୮୯,୮୪୯ |

**ଅନ୍ୟାନ୍ୟ:** ୩୧


ଆକାଶ ଦାସନାୟକ


ପିୟୁଷ ପାଣି


ବନ୍ଦିତା ପରିଡା


ସଞ୍ଚିତା ମହାନ୍ତି


ଆଲେକଜାଣ୍ଡର ଦାସ


ଲଲାଟେନ୍ଦୁ ମହାପାତ୍ର


ପ୍ରଶାନ୍ତ ମୁଦୁଲି


ରଘୁନନ୍ଦନ ଦାସ


ସାରଦା ଜେନା

# ନିର୍ଣ୍ଣାୟକ ହେବ କଂଗ୍ରେସର ପ୍ରାର୍ଥୀ ଚୟନ

ପ୍ରମୋଦ କୁମାର ନାୟକ
ଜଗତ୍‌ସିଂହପୁର ଅଫିସ,୧୦।୩

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ଦଳର ଆଶାୟୀ ପ୍ରାର୍ଥୀଙ୍କୁ ନେଇ ଏବେ ସାରା ଜଗତସିଂହପୁର ଜିଲାରେ ଚର୍ଚ୍ଚା ଜୋର ଧରିଛି। ବିଶେଷକରି ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରୁ କିଏ କଂଗ୍ରେସ ପ୍ରାର୍ଥୀ ହେବେ ତାହା ଉପରେ ସମସ୍ତଙ୍କ ନଜର। କାରଣ ବିଗତ ନିର୍ବାଚନଗୁଡ଼ିକୁ ଅନୁଶୀଳନ କଲେ ଜଣାଯାଏ ଯେ କଂଗ୍ରେସ ଗୋଷ୍ଠୀ କନ୍ଦଳ ବିଜେଡିକୁ ସୁହାଇଛି। ଅନ୍ୟପକ୍ଷରେ ବରିଷ୍ଠ ନେତା ଦାମୋଦର ରାଉତ ବିଜେଡିରୁ ବହିଷ୍କୃତ ହେବା ପରଠାରୁ ଜଗତ୍‌ସିଂହପୁର ଜିଲା ରାଜନୀତିରେ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ କ୍ଷମତା ବୃଦ୍ଧି ପାଇଛି। ସେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଓ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଅଛନ୍ତି। ତେଣୁ ମୁଦୁଲିଙ୍କୁ ଟକ୍କର ଦେବାକୁ କଂଗ୍ରେସ ଓ ଭାଜପା ଉପଯୁକ୍ତ ପ୍ରାର୍ଥୀ ଦେଉଛନ୍ତି ନା ବିଗତ ନିର୍ବାଚନଗୁଡିକ ପରି କୋହଳ ନୀତି ଆପଣାଉଛନ୍ତି, ତାହା ଦେଖିବାକୁ ରହିଲା।

ଭାଜପାରୁ ଏକମାତ୍ର ରଘୁନନ୍ଦନ ଦାସ ଆଶାୟୀ ଥିବା କୁହାଯାଉଛି। ସେ ୧୯୮୪ରେ ଜନତା ପାର୍ଟିରୁ ବାଲିକୁଦା ବ୍ଲକ ଅଧ୍ୟକ୍ଷ, ୧୯୯୨ରେ ବାଲିକୁଦା ପଞ୍ଚାୟତରୁ ସମିତି ସଭ୍ୟ ଓ ୧୯୯୩ରେ କାର୍ଡ ବ୍ୟାଙ୍କ ସଭାପତି ପାଇଁ ଲଢେଇ କରିଥିଲେ। ୨୦୦୦ରୁ ୨୦୧୨ ପର୍ଯ୍ୟନ୍ତ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଥିଲେ। ୨୦୦୦ରେ ସେ ତତ୍କାଳୀନ ବାଲିକୁଦା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ହୋଇଥିଲେ। ୨୦୦୪ରେ ତାଙ୍କୁ ଟିକେଟ ନ ମିଳିବାରୁ ସ୍ୱାଧୀନ ଭାବେ ମଇଦାନକୁ ଓହ୍ଲାଇ ପାଖାପାଖି ୪୦ ହଜାର ଭୋଟପାଇଥିଲେ। ୨୦୦୯ରେ ନିର୍ବାଚନମଣ୍ଡଳୀ ପୁନର୍ଗଠନ ହେଲା। ସେତେବେଳେ ଦଳ ତାଙ୍କୁ ପୁନର୍ବାର ଅଣଦେଖା କରି ପ୍ରଶାନ୍ତ ମୁଦୁଲିଙ୍କୁ ପ୍ରାର୍ଥୀ କଲା। ଉକ୍ତ ନିର୍ବାଚନରେ ସେ ମୁଦୁଲିଙ୍କୁ ସମର୍ଥନ କରି ଜିତାଇବାରେ ସହଯୋଗ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଦଳ ତାଙ୍କୁ ପୂର୍ବପରି ଅଣଦେଖା କରିବାରୁ ୨୦୧୪ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ। ୨୦୧୪ ଅକ୍ଟୋବରରେ ବିଧିବଦ୍ଧ ଭାବେ ଭାଜପାରେ ମିଶି ଏବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଛନ୍ତି। ତେଣୁ ଆସନ୍ତା ନିର୍ବାଚନରେ ସେ ଭାଜପାରୁ ପ୍ରାର୍ଥୀ ହେବାକୁ ଆଶା ରଖିଛନ୍ତି। କିନ୍ତୁ ସେପଟେ ଦାମ ଭାଜପାରେ ମିଶିବା ନେଇ ଚର୍ଚ୍ଚା ହେଉଛି। ଯଦି ଦାମ ଭାଜପାରେ ମିଶନ୍ତି, ତେବେ ଦଳ ତାଙ୍କୁ ପାରାଦୀପ କିମ୍ବା ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରିପାରେ।

ବିଜେଡିରୁ ବିଧାୟକ ପ୍ରଶାନ୍ତ ମୁଦୁଲି ପୁଣିଥରେ ପ୍ରାର୍ଥୀ ହେବେ ବୋଲି କୁହାଯାଉଛି। ସେ ୧୯୯୨ରେ ସରପଞ୍ଚ ପ୍ରାର୍ଥୀ ହୋଇ ହାରିଥିଲେ ସୁଦ୍ଧା ୧୯୯୭ରେ ପଞ୍ଚାୟତ ସମିତି ସଭ୍ୟ ହୋଇଥିଲେ। ପରେ ରଘୁନନ୍ଦନଙ୍କ ସହଯୋଗରେ ଆଗକୁ ବଢିଥିଲେ। ୨୦୦୨ରେ ବାଲିକୁଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ୨୦୦୭ରେ ଜିଲା ପରିଷଦ ସଭ୍ୟ ହୋଇଥିଲେ। ୨୦୦୯ ସାଧାରଣ ନିର୍ବାଚନରେ ରଘୁନନ୍ଦନଙ୍କୁ ପଛରେ ପକାଇ ସେ ବିଧାୟକ ପ୍ରାର୍ଥୀ ହୋଇ ଜିତିଥିଲେ। ପ୍ରଶାନ୍ତଙ୍କ କହିବା କଥା ହେଲା ତାଙ୍କ ସମୟରେ ଏହି ନିର୍ବାଚନମଣ୍ଡଳୀରେ ଅନେକ ଉନ୍ନତି ହୋଇଛି। ପାନୀୟଜଳ ପ୍ରମୁଖ ସମସ୍ୟା ହୋଇଥିବାବେଳେ ଏବେ ମେଗା ଜଳ ଯୋଗାଣ ପ୍ରକଳ୍ପ କାମ ଚାଲିଛି। ତେଣୁ ଜନମତ ତାଙ୍କ ସପକ୍ଷରେ ଯିବ ବୋଲି ସେ କହିଛନ୍ତି। କଂଗ୍ରେସ ପ୍ରାର୍ଥୀ ହେବାକୁ ଏକାଧିକ ଆଶାୟୀ ଅଛନ୍ତି। ସେମାନେ ହେଲେ ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର(ଜିତୁ), ସାରଦା ଜେନା ଓ ଶିବବ୍ରତ ଦାଶ। ଲଲାଟେନ୍ଦୁ ୧୯୯୧ରେ ପିସିସି ସଭ୍ୟ ଓ ୧୯୯୫ରେ ବିଧାୟକ ହେବାର ଗୌରବ ହାସଲ କରିଥିଲେ। ୨୦୦୪ରୁ ୨୦୧୮ ପର୍ଯ୍ୟନ୍ତ ପିସିସି ମୁଖପାତ୍ର ଏବଂ ଏବେ ଏଆଇସିସି ସଭ୍ୟ ଅଛନ୍ତି। ସେ କହିଛନ୍ତି ଯେ, ଲୋକଙ୍କ ସୁଖଦୁଃଖରେ ସେ ସବୁବେଳେ ଅଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ଦଳ ଏଠାରେ ଭଲ ପ୍ରଦର୍ଶନ କରିଥିଲା। ଆଗାମୀ ନିର୍ବାଚନରେ ସେ ପ୍ରାର୍ଥୀ ହେଲେ ଜିତିବେ ବୋଲି ଆଶା ରଖିଛନ୍ତି। ସେହିପରି ସାରଦା ୧୯୯୪ରେ ଏରସମା ବ୍ଲକ ଯୁବ କଂଗ୍ରେସ ସଭାପତି ହୋଇଥିଲେ। ୧୯୯୭ରେ ଏକକାଳୀନ ଏରସମା ଜିଲା ପରିଷଦ ଜୋନ ସଂଖ୍ୟା ୩ ସଭ୍ୟ ଓ ଭିତର ଅନ୍ଧାରୀ ସମିତି ସଭ୍ୟ ଭାବେ ଜିତିଥିଲେ। ୧୯୯୮ରେ ଜିଲା ଯୁବ କଂଗ୍ରେସ ସଭାପତି ହୋଇଥିଲେ। ୨୦୦୨ ଓ ୨୦୦୭ରେ ସେ କ୍ରମାଗତ ଭାବେ ଏରସମା ଜିଲା ପରିଷଦ ଜୋନ ସଂଖ୍ୟା ୧ ଓ ୩ ରୁ ଜିତିଥିଲେ। ୨୦୧୨ରେ ଜୋନ୍ ସଂଖ୍ୟା ୪ରୁ ମଧ୍ୟ ବିଜୟୀ ହୋଇଥିଲେ। ୨୦୧୪ରେ ପ୍ରଥମ ଥର ପାଇଁ ଏହି ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇ ଭଲ ଭୋଟ ପାଇଥିଲେ। ଜମିହରାଙ୍କ ପାଇଁ ଆନ୍ଦୋଳନ କରି ସେ ଜେଲ ଯାଇଥିଲେ। ତେଣୁ ଦଳ ତାଙ୍କୁ ପ୍ରାର୍ଥୀ କରିବ ବୋଲି ଆଶାବାଦୀ ଥିବା କହିଛନ୍ତି। ଶିବବ୍ରତ ଓକିଲାତି ଛାଡି ୨୦୦୨ରେ ଅଡଙ୍ଗା ପଞ୍ଚାୟତ ସମିତି ସଭ୍ୟ ହୋଇଥିଲେ। ୨୦୧୨ରେ ବାଲିକୁଦା ଜିଲା ପରିଷଦ ଜୋନ୍ ସଂଖ୍ୟା ୨ରୁ ପ୍ରାର୍ଥୀ ହୋଇ ଜିତିଥିଲେ। ୨୦୧୭ରେ ବାଲିକୁଦା ଜୋନ ସଂଖ୍ୟା ୩ରୁ ପ୍ରାର୍ଥୀ ହୋଇଥିଲେ। ପୂର୍ବରୁ ସେ ଜିଲା ସାଧାରଣ ସମ୍ପାଦକ ଓ ଏବେ ଜିଲା କାର୍ଯ୍ୟକାରୀ ସଭାପତି ଅଛନ୍ତି।




| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ପ୍ରଶାନ୍ତ କୁମାର ମୁଦୁଲି | ୬୯,୩୩୫ |
| କଂଗ୍ରେସ | ଲଲାଟେନ୍ଦୁ ମହାପାତ୍ର | ୩୯,୯୮୧ |
| ସ୍ୱାଧୀନ | ରଘୁନନ୍ଦନ ଦାସ | ୩୨,୧୩୫ |
| ସ୍ୱାଧୀନ | ସାରଦା ଜେନା | ୨୩,୯୪୮ |

୨୦୧୯ ଭୋଟର ତାଲିକା ଅନୁଯାୟୀ ମତଦାତାଙ୍କ ସଂଖ୍ୟା -୨,୫୦,୮୪୩

# ଗୋଷ୍ଠୀ ବିବାଦ
## ସବୁ ଦଳ ପାଇଁ ଚିନ୍ତା

ଶୁଭାଶିଷ ପାଢ଼ୀ
ସମ୍ବଲପୁର,୧୦।୩(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନ ପାଇଁ ରବିବାର ତାରିଖ ଘୋଷଣା ହୋଇଛି। ରାଜ୍ୟରେ ଏକା ସଙ୍ଗରେ ଲୋକ ସଭା ଓ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ରାଜନୈତିକ ବାତାବରଣ ସରଗରମ ରହିଛି। ବିଶେଷ କରି ତିନି ପ୍ରମୁଖ ଦଳ ଭାଜପା, କଂଗ୍ରେସ ଓ ବିଜେଡିରୁ ଟିକେଟ୍ ପାଇବା ପାଇଁ ଆଶାୟୀମାନେ ଜୋରଦାର ଉଦ୍ୟମ ଚଳାଇଛନ୍ତି। ଏକଦା ସମ୍ବଲପୁର ବିଧାନସଭା କ୍ଷେତ୍ର କଂଗ୍ରେସର ଗଡ଼ ଥିଲା। ୨୦୦୦ ଓ ୨୦୦୪ ନିର୍ବାଚନରେ ଏଠାରୁ ବିଜେଡି-ଭାଜପା ମେଣ୍ଟ ପ୍ରାର୍ଥୀ ଜୟନାରାୟଣ ମିଶ୍ର ବିଜୟୀ ହୋଇଥିଲେ। ୨୦୦୯ରେ ମେଣ୍ଟ ଭାଙ୍ଗିବା ପରେ ଭାଜପା ଟିକେଟରେ ଜୟନାରାୟଣ ପୁଣି ବିଧାୟକ ହୋଇଥିଲେ। ହେଲେ ୨୦୧୪ରେ ବିଜେଡି ଏଠାରେ ନୂଆ ଚେହେରା ଭାବେ ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ପ୍ରାର୍ଥୀ କରି ସଫଳତା ପାଇଥିଲା। ତେଣୁ ୨୦୧୯ରେ ଏଠାରେ ମୁଖ୍ୟତଃ ତିନି ପ୍ରମୁଖ ଦଳ ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ ହେବ ବୋଲି ଆକଳନ କରାଯାଉଛି। ହେଲେ ତିନିଦଳରେ ଗୋଷ୍ଠୀ ବିବାଦ ଲାଗି ରହିଛି, ଯାହା ସବୁ ଦଳ ପାଇଁ ଚିନ୍ତାର କାରଣ ପାଲଟିଛି।

୨୦୧୪ ନିର୍ବାଚନରେ ବିଧାୟିକା ପାଣିଗ୍ରାହୀଙ୍କ ବଡ଼ଭାଇ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀବଲ୍ଲଭ ପାଣିଗ୍ରାହୀଙ୍କ ସମର୍ଥନ, ସହଯୋଗ ତାଙ୍କୁ ସୁହାଇଥିଲା। ସଂଖ୍ୟାଲଘୁ ଭୋଟରଙ୍କ ସମର୍ଥନ ମଧ୍ୟ ରାସେଶ୍ୱରୀଙ୍କୁ ମିଳିଥିଲା। ହେଲେ ଇତିମଧ୍ୟରେ ଶ୍ରୀବଲ୍ଲଭଙ୍କ ଦେହାନ୍ତ ହୋଇଯାଇଥିବାରୁ ତାଙ୍କ ସହଯୋଗ ଆଉ ବିଧାୟିକାଙ୍କୁ ମିଳିବ ନାହିଁ। ସେହିପରି ସଂଖ୍ୟାଲଘୁ ଭୋଟ ମଧ୍ୟ ବିଭାଜନ ହେବାର ଆଶଙ୍କା ଉପୁଜିଛି। ପୂର୍ବତନ ଜିଲା ବିଜେଡି ସଭାପତି ପ୍ରମୋଦ ରଥ ଓ ତାଙ୍କ ସମର୍ଥକ ବିଧାୟିକାଙ୍କୁ ବିରୋଧ କରୁଛନ୍ତି। ଅନ୍ୟତମ ବିଜେଡି ଟିକେଟ ଆଶାୟୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟବ୍ରତ ଦେ ବିଧାୟିକାଙ୍କୁ ବିରୋଧ କରି ତାଙ୍କ ଅପାରଗତା ଓ ଦୁର୍ନୀତିକୁ ନେଇ ବାରମ୍ବାର ବିଭିନ୍ନ ସ୍ଥାନରେ ବୈଠକ, ରାଲି ଆୟୋଜନ କରୁଛନ୍ତି। ଦଳବିରୋଧୀ କାର୍ଯ୍ୟ ପାଇଁ ଗତ ଶନିବାର ତାଙ୍କୁ ବହିଷ୍କାର କରାଯାଇଛି। ଏଣୁ ଜୟବ୍ରତ ମଧ୍ୟ ନିର୍ବାଚନରେ ବିଧାୟିକାଙ୍କୁ ତୀବ୍ର ବିରୋଧ କରିବା ଏକପ୍ରକାର ସ୍ପଷ୍ଟ ହୋଇଯାଇଛି। ବିଧାୟିକା ପାଣିଗ୍ରାହୀଙ୍କ ସମେତ ବିଜେଡି ରାଜ୍ୟ ସମ୍ପାଦିକା ଚନ୍ଦ୍ରଲେଖା ବହିଦାର, ଯୁବନେତା ସଞ୍ଜିତ ମହାନ୍ତି ମଧ୍ୟ ସମ୍ବଲପୁର ବିଧାନସଭା ଆସନରୁ ଟିକେଟ ଦାବିଦାର ରହିଛନ୍ତି। ପୁଣି ଜଣେ ନୂଆ ମୁହଁ ତଥା ମହିଳାଙ୍କୁ ସମ୍ବଲପୁରରେ ଦଳ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି। ଟିକେଟ ଆଶାୟୀ ନେତାମାନେ ଏବେ ଭୁବନେଶ୍ୱରରେ ଡେରା ପକାଇଛନ୍ତି।

ଭାଜପାରେ ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର ଓ ଦଳର ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀଙ୍କ ମଧ୍ୟରେ ବିବାଦ କାହାକୁ ଅଛପା ନାହିଁ। ଗତ ନିର୍ବାଚନରେ ଗୋଷ୍ଠୀ ବିବାଦ ଜୟନାରାୟଣଙ୍କ ପରାଜୟର ପ୍ରମୁଖ କାରଣ ବୋଲି ତାଙ୍କ ସମର୍ଥକ ସ୍ୱୀକାର କରିଛନ୍ତି। ତେଣୁ ଉଭୟ ମିଶି କାମ କରିବାକୁ ଉପରୁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ରହିଥିବା ମନାନ୍ତର ବିଭିନ୍ନ ସଭାସମିତିରେ ସ୍ପଷ୍ଟ ବାରି ହୋଇପଡୁଛି।

ତେବେ ସମ୍ବଲପୁର ଆସନରୁ ଜୟନାରାୟଣ ଭାଜପାର ପ୍ରମୁଖ ଟିକେଟ ଦାବିଦାର ହୋଇଥିବାବେଳେ ଯଦି କୌଣସି କାରଣରୁ ସେ ନିର୍ବାଚନରୁ ଦୂରେଇ ରୁହନ୍ତି ତେବେ ତାଙ୍କ ସମର୍ଥକଙ୍କୁ ହିଁ ଟିକେଟ ମିଳିବ ବୋଲି ଆଲୋଚନା ହେଉଛି। ସେହିପରି ପୂର୍ବତନ ଭିମ୍‌ସାର ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀ ଭାଜପାରେ ଯୋଗଦେଇ ସମ୍ବଲପୁର ବିଧାନସଭା କ୍ଷେତ୍ରରୁ ଟିକେଟ ଆଶାୟୀ ଭାବେ ଉଭା ହୋଇଥିଲେ। ହେଲେ ଦଳର ଜଣେ ବରିଷ୍ଠ ନେତାଙ୍କ ବିରୋଧ ଯୋଗୁ ସେ ଏହି ଦୌଡ଼ରୁ ଓହରିଯାଇଥିବା କୁହାଯାଉଛି। କଂଗ୍ରେସ ପକ୍ଷରୁ ସମ୍ବଲପୁର ପାଇଁ ୭ ଜଣ ଆଶାୟୀ ସ୍କ୍ରିନିଂ କମିଟି ନିକଟରେ ଆବେଦନ କରିଥିଲେ। ହେଲେ ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁ, ଯୁବନେତା ଦୁଲାଳ ପ୍ରଧାନ, ନିରଞ୍ଜନ ତ୍ରିପାଠୀ, ସୁଧୀର ପଣ୍ଡା ପ୍ରମୁଖ ଦାବିଦାର ହୋଲି କୁହାଯାଉଛି। ପ୍ରତ୍ୟେକ ଦଳରେ ଏକାଧିକ ଟିକେଟ ଆଶାୟୀ ଓ ଗୋଷ୍ଠୀ ବିବାଦ ସମ୍ପୃକ୍ତ ଦଳକୁ ଅଡୁଆରେ ପକାଇବା ସମ୍ଭାବନା ରହିଛି।

ବିଧାୟିକା ତଥା ବିଜେଡି ନେତ୍ରୀ ରାସେଶ୍ୱରୀ ପାଣିଗ୍ରାହୀ କୁହନ୍ତି, ବିଜେଡି ସରକାର ସମୟରେ ସମ୍ବଲପୁରରେ ଅନେକ ବିକାଶମୂଳକ କାମ ହୋଇଛି। ବିକାଶ ପାଇଁ ଭୋଟର ତାଙ୍କୁ ସମର୍ଥନ କରିବେ। ବ୍ୟକ୍ତିଗତ ଭାବେ ଲୋକଙ୍କ ସହ ଭଲ ସମ୍ପର୍କ ରହିଛି। ଟିକେଟ ପ୍ରଦାନ ନେଇ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେବେ। ଅନ୍ୟତମ ବିଜେଡି ଟିକେଟ ଆଶାୟୀ ତଥା ଦଳର ରାଜ୍ୟ ସମ୍ପାଦିକା ଚନ୍ଦ୍ରଲେଖା ବହିଦାର କୁହନ୍ତି, ବିଜେଡିରେ ଅଛି। ବିଭିନ୍ନ ସାମାଜିକ କାମରେ ନିଜକୁ ନିୟୋଜିତ କରିଛି। ଲୋକଙ୍କ ସହ ସମ୍ପର୍କ ଭଲ ରହିଛି। ତେଣୁ ନିର୍ବାଚନ ଲଢ଼ିବା ପାଇଁ ଆଶା ରଖିଛି। ଦଳ ସଭାପତି ନବୀନ ପଟ୍ଟନାୟକ ଯାହା ନିଷ୍ପତ୍ତି ନେବେ ବୋଲି ବହିଦାର କହିଛନ୍ତି।

ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର କୁହନ୍ତି, ଦଳର ସଂଗଠନ ଏଠାରେ ବହୁ ପୁରୁଣା। ଦଳ ସଂଗଠିତ ହୋଇ ରହିଛି। କେଉଁ ପ୍ରାର୍ଥୀ କିମ୍ବା ଦଳକୁ ଲୋକେ ଭୋଟ ଦେବେ ତାହା ସେମାନେ ନିଷ୍ପତ୍ତି ନେବେ। ଯେଉଁ ନେତା ଲୋକଙ୍କ ଆସ୍ଥାଭାଜନ ହୋଇପାରିବେ ସେ ବିଜୟୀ ହେବେ ବୋଲି ମିଶ୍ର କହିଛନ୍ତି। ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଅଶ୍ୱିନୀ ଗୁରୁ କୁହନ୍ତି, ସାଧାରଣ ଲୋକଙ୍କ ମୌଳିକ ସମସ୍ୟା ଦୂର ହୋଇନାହିଁ। ଏ ସମ୍ପର୍କରେ ଦଳ ଲୋକଙ୍କୁ ସଚେତନ କରିବ। ପୂର୍ବଅପେକ୍ଷା ଦଳର ସ୍ଥିତିରେ ଯଥେଷ୍ଟ ସୁଧାର ଆସିଛି। ଟିକେଟ ଯାହାକୁ ମିଳିଲେ ମଧ୍ୟ ଦଳ ଏକଜୁଟ ହୋଇ କାମ କରିବ।ବିଜେଡି ବିଧାୟିକା ପାଣିଗ୍ରାହୀଙ୍କ କହିବାନୁଯାୟୀ ଗତ ୫ବର୍ଷ ମଧ୍ୟରେ ଏଠାରେ ଅନେକ ବିକାଶମୂଳକ କାମ ହୋଇଛି। ହେଲେ ଏବେ ବି ଅନେକ ମୌଳିକ ସମସ୍ୟା ସମାଧାନ ହୋଇପାରି ନାହିଁ। ସବୁ ଲୋକଙ୍କ ପାଖରେ ବିଜୁଳି, ପାଣି, ରାସ୍ତାଘାଟ ପହଞ୍ଚି ପାରିନାହିଁ ବୋଲି ବିରୋଧୀ କହୁଛନ୍ତି। ହାଇକୋର୍ଟ ସ୍ଥାୟୀ ବେଞ୍ଚ, ଭୂମିହୀନଙ୍କୁ ପଟ୍ଟା ପ୍ରଦାନ, ଭିମ୍‌ସାରରେ ଅଚଳାବସ୍ଥା ସହ ଡାକ୍ତର ଅଭାବ, ଡ୍ରେନେଜ ନିର୍ମାଣ ପ୍ରସଙ୍ଗକୁ ବିରୋଧୀ ଏଠାରେ ଅସ୍ତ୍ର କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି।




| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ରାସେଶ୍ୱରୀ ପାଣିଗ୍ରାହୀ | ୪୮,୩୬୨ |
| ଭାଜପା | ଜୟନାରାୟଣ ମିଶ୍ର | ୩୮,୪୦୪ |
| କଂଗ୍ରେସ | ସୁରେଶ୍ୱର ମିଶ୍ର | ୧୯,୦୨୦ |

**ମୋଟ ଭୋଟର ସଂଖ୍ୟା** ୧,୯୮,୫୫୫

**ପୁରୁଷ ଭୋଟର** ୧୦୦,୯୮୬

**ମହିଳା ଭୋଟର** ୯୭,୫୨୬

**ଅନ୍ୟାନ୍ୟ** ୪୩


ରାସେଶ୍ୱରୀ ପାଣିଗ୍ରାହୀ


ଜୟନାରାୟଣ ମିଶ୍ର


ଚନ୍ଦ୍ରଲେଖା ବହିଦାର


ଅଶ୍ୱିନୀ କୁମାର ଗୁରୁ

# ଗ୍ରହାଣୁରୁ ମୃତ୍ତିକା ସଂଗ୍ରହ



ଇଂ ମାୟାଧର ସ୍ୱାଇଁ





ଆମ ସୌରଜଗତର ମଙ୍ଗଳ ଓ ବୃହସ୍ପତି କକ୍ଷର ମଧ୍ୟସ୍ଥଳରେ ଅନେକ ଛୋଟ ଛୋଟ ମହାକାଶ ପିଣ୍ଡ ସୂର୍ଯ୍ୟକୁ ପରିକ୍ରମଣ କରୁଛି । ଏଗୁଡିକର ସଂଖ୍ୟା ପ୍ରାୟ ଦଶଲକ୍ଷ ହେବ । ପ୍ରତ୍ୟେକ ପିଣ୍ଡକୁ ଗ୍ରହାଣୁ ବା ଗୌଣ ଗ୍ରହ କୁହାଯାଏ ଏବଂ ମିଳିତ ଭାବେ ଏଗୁଡିକୁ ଗ୍ରହାଣୁପୁଞ୍ଜ କୁହାଯାଏ। ସବୁଠାରୁ ବଡ଼ ଗ୍ରହାଣୁର ବ୍ୟାସ ୮୦୦ କି.ମି. ହୋଇଥିବା ବେଳେ କ୍ଷୁଦ୍ରତମ ଗ୍ରହାଣୁର ବ୍ୟାସ ଅଧ କି.ମି.ରୁ ମଧ୍ୟ କମ୍ ।

ବୈଜ୍ଞାନିକମାନେ ଜାଣି ପାରିଛନ୍ତି ଯେ ଆମ ପୃଥିବୀ ଓ ଗ୍ରହାଣୁପୁଞ୍ଜ ୪୫୦ କୋଟି ବର୍ଷ ପୂର୍ବେ ଏକ ସଙ୍ଗେ ସମାନ ବସ୍ତୁରୁ ସୃଷ୍ଟି ହୋଇଛି। ଗ୍ରହାଣୁଗୁଡିକରେ ଥିବା ମୃତ୍ତିକା ଓ ପଥରଗୁଡିକ ସୃଷ୍ଟି ସମୟରେ ଯେପରି ଥିଲା, ଏବେ ମଧ୍ୟ ସେହିପରି ଅଛି । ଏଣୁ ସେଗୁଡିକୁ ଅଧ୍ୟୟନ କଲେ ପୃଥିବୀର ଆଦିମ ଅବସ୍ଥା କିପରି ଥିଲା ଏବଂ କେଉଁ ପରିସ୍ଥିତିରେ ଏଥିରେ ଜୀବଜଗତର ଉଦ୍ଭବ ହେଲା, ତାହା ଜାଣିବା ପାଇଁ ବୈଜ୍ଞାନିକମାନେ ଆଶା କରୁଛନ୍ତି । ଏଥିପାଇଁ ଗ୍ରହାଣୁ ପୃଷ୍ଠକୁ ଯାନ ପଠାଇ ସେଠାରୁ ମୃତ୍ତିକା ସଂଗ୍ରହ କରିବା ପାଇଁ ଚେଷ୍ଟା କରାଯାଉଛି ।

ଯୁକ୍ତରାଷ୍ଟ୍ର ଆମେରିକାର 'ନାସା' ଏବଂ ୟୁରୋପୀୟ ମହାକାଶ ସଂସ୍ଥା ଗ୍ରହାଣୁ ନିକଟକୁ କେତୋଟି ଯାନ ପଠାଇ ଚିତ୍ର ଓ ତଥ୍ୟ ସଂଗ୍ରହ କରିଛି । ଜାପାନ 'ଗ୍ରହାଣୁ ୨୫୧୪୩ ଇତୋକାୱା' ଅଭିମୁଖେ ହୟାବୁସା ଯାନକୁ ୨୦୦୩ ମେ ୯ ତାରିଖରେ ପଠାଇଥିଲା । ଏହା ୨୦୦୫ ନଭେମ୍ବର ୧୯ ତାରିଖରେ ଗ୍ରହାଣୁ ପୃଷ୍ଠରେ ଅବତରଣ କରି ମୃତ୍ତିକା ସଂଗ୍ରହ କରିଥିଲା ଏବଂ ମୃତ୍ତିକା ନେଇ ପୃଥିବୀକୁ ୨୦୧୦ ଜୁନ ୧୩ ତାରିଖରେ ଫେରି ଆସିଥିଲା । ଜାପାନ ୨୦୧୪ ଡିସେମ୍ବର ୩ ତାରିଖରେ ଅନ୍ୟ ଗୋଟିଏ 'ଗ୍ରହାଣୁ ୧୬୨୧୭୩ ର୍ୟୁଗୁ' ପାଖକୁ ମହାକାଶ ଯାନ ପଠାଇଛି । ଗ୍ରହାଣୁଟି ହେଉଛି ଛୋଟ ଓ ଏହାର ବ୍ୟାସ ପ୍ରାୟ ଏକ କି.ମି. । ଏହାକୁ ୧୯୯୯ ମେ ୧୦ ତାରିଖରେ ଆବିଷ୍କାର କରାଯାଇଥିଲା । ଏହା ସୂର୍ଯ୍ୟଠାରୁ ୦.୯୬ରୁ ୧.୪୧ ଜ୍ୟୋତିର୍ବିଦୀୟ ଏକକ (ଏୟୁ) ଦୂରତା ରହି ସୂର୍ଯ୍ୟକୁ ପ୍ରତି ୧୬ ମାସରେ ଥରେ ପ୍ରଦକ୍ଷିଣ କରୁଛି । ଜାପାନ ଏହା ନିକଟକୁ ପଠାଇଥିବା ଯାନର ନାମ ହୟାବୁସା-୨। ହୟାବୁସା-୨ ୨୦୧୮ ଜୁନ ୧୭ ତାରିଖରେ ର୍ୟୁଗୁ ପାଖରେ ପହଞ୍ଚି ଏହାକୁ ପରିକ୍ରମା କରୁଛି । ଏହା ପଠାଇଥିବା ଚିତ୍ରକୁ ବିଶ୍ଳେଷଣ କରି ବୈଜ୍ଞାନିକମାନେ ଜାଣି ପାରିଛନ୍ତି ଯେ ନିକେଲ, ଲୁହା, କୋବାଲଟ, ଜଳ, ଯବକ୍ଷାରଜାନ, ଉଦ୍‌ଜାନ ଓ ଆମୋନିଆକୁ ନେଇ ଗ୍ରହାଣୁ ଗଠିତ। ମହାକାଶ ଅଭିଯାନରେ ଯାଇ ଏଠାରୁ ଖଣିଜ ଉତ୍ତୋଳନ କରିବା ଲାଭଜନକ ହେବ ବୋଲି ବୈଜ୍ଞାନିକମାନେ କଳନା କରିଛନ୍ତି । ହୟାବୁସା-୨ ଅଭିଯାନରେ ଚାରିଟି ରୋଭର୍ ଅଛି । ଏଥି ମଧ୍ୟରୁ ପ୍ରଥମ ଦୁଇଟି ରୋଭରକୁ ୨୦୧୮ ସେପ୍ଟେମ୍ବର ୨୧ ତାରିଖରେ ଗ୍ରହାଣୁ ପୃଷ୍ଠରେ ଅବତରଣ କରିଥିଲା। ତୃତୀୟ ଓ ଚତୁର୍ଥ ରୋଭର ଯଥାକ୍ରମେ ୨୦୧୮ ଅକ୍ଟୋବର ୩ ତାରିଖ ଓ ୨୦୧୮ ଅକ୍ଟୋବର ୧୩ ତାରିଖରେ ଅବତରଣ କରି ତଥ୍ୟ ସଂଗ୍ରହ କରୁଛି । ମୁଖ୍ୟ ହୟାବୁସା-୨ ଯାନ ୨୦୧୯ ଫେବୃୟାରୀ ୨୨ ତାରିଖରେ ଅଳ୍ପ ସମୟ ପାଇଁ ଗ୍ରହାଣୁ ପୃଷ୍ଠରେ ଅବତରଣ କରି ଏହାର ପୃଷ୍ଠକୁ ଗୋଟିଏ ବୁଲେଟ ମାଡ଼ କରିଥିଲା । ଏହା ଫଳରେ ଗ୍ରହାଣୁ ପୃଷ୍ଠରୁ ଧୂଳି ଓ ମାଟି ଉପରକୁ ଉଠିବା ପରେ ଯାନ ଏସବୁକୁ ସଂଗ୍ରହ କରିଛି । ଏହି ପ୍ରକ୍ରିୟାରେ ଆଉ ଦୁଇ ଥର ମୃତ୍ତିକା ସଂଗ୍ରହ କରି ଯାନଟି ୨୦୨୦ ଡିସେମ୍ବରରେ ଭୂପୃଷ୍ଠକୁ ପ୍ରତ୍ୟାବର୍ତ୍ତନ କରିବ । ହୟାବୁସା-୨ ଯାନର ଓଜନ ୬୦୯ କି.ଗ୍ରା ଏବଂ ସୌର ଫଳକ ସାହାଯ୍ୟରେ ଏହା ପ୍ରାୟ ୨.୫ କିଲୋୱାଟ୍ ବିଦ୍ୟୁତ୍ ଉତ୍ପାଦନ କରୁଛି । ଏଥିରେ ଚାରିଟି ଆୟନ ଇଞ୍ଜିନ ଅଛି । ଏହି ଇଞ୍ଜିନର ବିଶେଷତ୍ୱ ହେଉଛି ଯେ ଏହା ମାଇକ୍ରୋୱେଭ୍ ବ୍ୟବହାର କରି ଜେନନ୍‌କୁ ପ୍ଲାଜମା ବା ଆୟନ୍‌ରେ ପରିଣତ କରିଥାଏ । ସୌର ଫଳକରୁ ଉତ୍ପାଦିତ ବିଦ୍ୟୁତ୍ ସାହାଯ୍ୟରେ ଭୋଲଟେଜ୍ ପ୍ରୟୋଗ କରି ଆୟନ୍‌ଗୁଡିକୁ ତ୍ୱରିତ କରାଯାଏ, ଯାହା ଇଞ୍ଜିନ୍‌ର ପଛ ପଟେ ପ୍ରବଳ ବେଗରେ ବାହାରି ଯାଇଥାଏ । ନିଉଟନଙ୍କ ତୃତୀୟ ଗତିଜ ନିୟମ ଅନୁଯାୟୀ ଯାନଟି ଆଗକୁ ଯାଇଥାଏ । ଅନ୍ୟ ଇଞ୍ଜିନ ଭଳି ଏଥିରେ କଠିନ କିମ୍ବା ତରଳ ଇନ୍ଧନ ବ୍ୟବହାର କରାଯାଉ ନ ଥିବାରୁ ଏହାର ଦକ୍ଷତା ଅଧିକ ହୋଇଥାଏ । ହୟାବୁସା-୨ ଗ୍ରହାଣୁ ପୃଷ୍ଠରୁ ଦୁଇଥର ମୃତ୍ତିକା ନମୁନା ସଂଗ୍ରହ କରିବ ଏବଂ ଶେଷ ନମୁନା ଏହା ପୃଷ୍ଠର ବହୁତ ଗଭୀରରୁ ସଂଗ୍ରହ କରିବ । ଶେଷ ନମୁନା ୨୦୧୯ ଏପ୍ରିଲରେ ସଂଗୃହୀତ ହେବ । ବୈଜ୍ଞାନିକମାନେ ଆଶା କରୁଛନ୍ତି ଯେ ସେମାନେ ଏହି ମୃତ୍ତିକାକୁ ବିଶ୍ଳେଷଣ କରି ସୌରଜଗତର ଗଠନ ସମ୍ବନ୍ଧରେ କିଛି ତଥ୍ୟ ପାଇପାରିବେ ଏବଂ ଗ୍ରହାଣୁରୁ ଖଣିଜ ଉତ୍ତୋଳନ ପ୍ରସ୍ତାବ ଏହାଦ୍ୱାରା ଗ୍ରହଣୀୟ ହୋଇପାରିବ ।

*-୭୦, ଲକ୍ଷ୍ମୀବିହାର ଫେଜ୍-୧, ଭୁବନେଶ୍ୱର*
*ମୋ : ୯୪୩୮୬୯୩୭୨୪*

**''ହୟାବୁସା-୨ ଅଭିଯାନରେ ଚାରିଟି ରୋଭର୍ ଅଛି । ଏଥି ମଧ୍ୟରୁ ପ୍ରଥମ ଦୁଇଟି ରୋଭରକୁ ୨୦୧୮ ସେପ୍ଟେମ୍ବର ୨୧ ତାରିଖରେ ଗ୍ରହାଣୁ ପୃଷ୍ଠରେ ଅବତରଣ କରିଥିଲା। ତୃତୀୟ ଓ ଚତୁର୍ଥ ରୋଭର ଯଥାକ୍ରମେ ୨୦୧୮ ଅକ୍ଟୋବର ୩ ତାରିଖ ଓ ୨୦୧୮ ଅକ୍ଟୋବର ୧୩ ତାରିଖରେ ଅବତରଣ କରି ତଥ୍ୟ ସଂଗ୍ରହ କରୁଛି । ମୁଖ୍ୟ ହୟାବୁସା-୨ ଯାନ ୨୦୧୯ ଫେବୃୟାରୀ ୨୨ ତାରିଖରେ ଅଳ୍ପ ସମୟ ପାଇଁ ଗ୍ରହାଣୁ ପୃଷ୍ଠରେ ଅବତରଣ କରି ଏହାର ପୃଷ୍ଠକୁ ଗୋଟିଏ ବୁଲେଟ ମାଡ଼ କରିଥିଲା ।''**

# ନିଆରା ଭୂତତ୍ତ୍ୱ ବିଜ୍ଞାନୀ ସତ୍ୟାନନ୍ଦ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଆମ ରାଜ୍ୟର ଅନନ୍ୟ ଭୂତତ୍ତ୍ୱ ବିଜ୍ଞାନୀ ପ୍ରଫେସର ଭାବରେ ପରିଚିତ ସତ୍ୟାନନ୍ଦ ଆଚାର୍ଯ୍ୟ। ପ୍ରାକୃତିକ ଶୋଭାର ପସରା ଶିମିଳିପାଳର ସହର ବାରିପଦାରେ ତାଙ୍କର ଜନ୍ମ (୧୯୩୪ ମସିହା ଅକ୍ଟୋବର ୯)। ତାଙ୍କର ପିତା ତଥା ଓଡ଼ିଶାର ଅନ୍ୟତମ ବରପୁତ୍ର ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ଏବଂ ମାତା ସୁଗୃହିଣୀ ଲକ୍ଷ୍ମୀପ୍ରିୟା ଦେବୀଙ୍କ ଆଦର୍ଶରେ ସେ ବେଶ୍ ପ୍ରଭାବିତ ହୋଇ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥିଲେ। ଅନ୍ୟପକ୍ଷରେ ଜ୍ୟେଷ୍ଠଭ୍ରାତା ସ୍ୱନାମଧନ୍ୟ ଭୂଗୋଳ ପ୍ରଫେସର ବୃନ୍ଦାବନ ଆଚାର୍ଯ୍ୟଙ୍କ ପ୍ରଭାବ ମଧ୍ୟ କମ୍ ପଡି ନ ଥିଲା ତାଙ୍କ ଉପରେ।

ସ୍ଥାନୀୟ ବାରିପଦା ଉଚ୍ଚବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ (୧୯୫୦) ଉତ୍ତୀର୍ଣ୍ଣ ହେଲାପରେ ୧୯୫୪ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ସେ ସ୍ନାତକ ଏବଂ ପାଟଣା ବିଶ୍ୱବିଦ୍ୟାଳୟରୁ ୧୯୫୬ ମସିହାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ସ୍ନାତକୋତ୍ତର ଉପାଧି ହାସଲ କରିଥିଲେ। ସେହି ବର୍ଷକରେ ଅଧ୍ୟାପକ ରୂପେ ଯୋଗ ଦେଇଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟରେ। ଏହାର କିଛି ବର୍ଷ ପରେ ଉଚ୍ଚତର ଶିକ୍ଷା ପାଇଁ ସେ ଖଡଗପୁରସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି)ର ପ୍ରୟୋଗିକ ଭୂତତ୍ତ୍ୱବିଜ୍ଞାନ ବିଭାଗରେ ଗବେଷଣା ଛାତ୍ର ରୂପେ ଯୋଗ ଦେଇ୧୯୬୪ରେ ସେଠାରୁ ଡକ୍ଟରେଟ୍ ଉପାଧି ପ୍ରାପ୍ତ ହେଲେ। ତାଙ୍କ ଗବେଷଣାର ବିଷୟବସ୍ତୁ ଥିଲା 'ଓଡ଼ିଶାର ଦୈତାରି-ଟମ୍‌କା ଅଞ୍ଚଳର ଖଣିରେ ମିଳୁଥିବା ଲୌହ ଧାତୁପିଣ୍ଡ ଉପରେ ଅଧ୍ୟୟନ'।

ସେଠାରୁ ସେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଫେରି ଆସିଲା ପରେ ତାଙ୍କୁ ୧୯୬୫ରେ ପ୍ରାଧ୍ୟାପକ ଏବଂ ୧୯୬୮ରେ ପ୍ରଫେସର ପଦବୀକୁ ପଦୋନ୍ନତି ଦିଆଗଲା। ମାତ୍ର ୩୪ ବର୍ଷ ବୟସରେ ସେ ହୋଇପାରିଥିଲେ ରାଜ୍ୟର ସର୍ବକନିଷ୍ଠ ପ୍ରଫେସର। ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ କାଳ ଧରି ସେ ବିଭାଗୀୟ ମୁଖ୍ୟ ହିସାବରେ ଭୂତତ୍ତ୍ୱବିଜ୍ଞାନ ବିଭାଗକୁ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଦିଗ୍‌ଦର୍ଶନ ଦେଇଥିଲେ। ସତାବନ ବର୍ଷ ବୟସରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପଦ (୧୯୯୧)ମଣ୍ଡନ କଲେ। ନିଜର ସାଧୁତା ଓ ସରଳତା ଯୋଗୁଁ ସେ ଛାତ୍ରୀଛାତ୍ର, ଅଧ୍ୟାପକ-ଅଧ୍ୟାପିକା ଏବଂ ଅନ୍ୟ ସମସ୍ତ କର୍ମଚାରୀଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲେ।

ପ୍ରଫେସର ଆଚାର୍ଯ୍ୟ ୧୯୭୪ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଓଡ଼ିଶା ଜିଓଲୋଜିକ୍ ପ୍ରୋଗ୍ରାମିଂ ବୋର୍ଡର ସଦସ୍ୟ ଥିଲେ। ତାଙ୍କର କିଛି ସହଯୋଗୀମାନଙ୍କ ସହିତ ମିଶି ୧୯୮୦ ମସିହାରେ ସେ ଗଠନ କରିଥିଲେ ସୋସାଇଟି ଫର ଜିଓ-ସାଇଣ୍ଟିଷ୍ଟସ ଏଣ୍ଡ ଆଲାଏଡ ଟେକ୍ନୋଲୋଜିଷ୍ଟସ। ଦୀର୍ଘଦିନ ଧରି ଏହାର ସାଧାରଣ ସମ୍ପାଦକ ଓ ସଭାପତି ରୂପେ (୨୦୦୫ ମସିହା ପର୍ଯ୍ୟନ୍ତ) କାର୍ଯ୍ୟ ସମ୍ପାଦନ କରିଥିଲେ। ପୁଣେଠାରେ ୨୦୦୦ ମସିହାରେ ଅନୁଷ୍ଠିତ ଇଣ୍ଡିଆନ ସାଇନ୍ସ କଂଗ୍ରେସ ଆସୋସିଏଶନର ଅଧିବେଶନରେ ସେ ଆର୍ଥିକ ସିଷ୍ଟମ୍ ସାଇନ୍ସ ବିଭାଗର ସଭାପତି ଆସନ ଅଳଙ୍କୃତ କରିଥିଲେ। ପୁନଶ୍ଚ ସେଥିରେ ମାଇନିଂ ଇଞ୍ଜିନିୟର୍ସ ଆସୋସିଏଶନ, ଓଡ଼ିଶାର ପ୍ରଥମ ସଭାପତି ଏବଂ ଓଡ଼ିଶା ପରିବେଶ ସମିତିର ସଭାପତି ପଦ ମଣ୍ଡନ କରିଥିଲେ। ଇତିମଧ୍ୟରେ ସେ ଭାରତ ସରକାରଙ୍କ ପରମାଣୁ ଶକ୍ତି ବିଭାଗର 'ଆପେକ୍ସ ଏକ୍ସପ୍ଲୋରେଶନ୍ ରିସର୍ଚ୍ଚ ଆଡଭାନ୍ସମେଣ୍ଟ କମିଟି', 'ଇଣ୍ଡିଆନ ମେଟାଲସ୍ ଏଣ୍ଡ ଫେରୋଆଲଏଜ୍ ଲିମିଟେଡ୍' ଏବଂ ଓଡିଶା 'ମାଇନିଂ କର୍ପୋରେଶନ ଲିମିଟେଡ'ର ନିର୍ଦ୍ଦେଶକ, ଧାନବାଦସ୍ଥିତ ଇଣ୍ଡିଆନ ସ୍କୁଲ୍ ଅଫ୍ ସାଇନ୍ସ ବିଶ୍ୱବିଦ୍ୟାଳୟର ଅନୁଦାନ କର୍ତ୍ତୃପକ୍ଷଙ୍କ ମନୋନୀତ ସଦସ୍ୟ, ଜିଓଲୋଜିକାଲ୍ ସୋସାଇଟି ଅଫ୍ ଇଣ୍ଡିଆ, ମିନେରୋଲୋଜିକାଲ ସୋସାଇଟି ଅଫ ଇଣ୍ଡିଆ ଏବଂ ମାଇନିଂ ଏଣ୍ଡ ମେଟାଲର୍ଜିକାଲ ସୋସାଇଟି ଅଫ୍ ଇଣ୍ଡିଆର କାର୍ଯ୍ୟକାରିଣୀ ସଦସ୍ୟ ତଥା ରାଉରକେଲାସ୍ଥିତ ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ବୋର୍ଡ ଅଫ୍ ଗଭର୍ନର୍ସର ସଦସ୍ୟ ରୂପେ କାର୍ଯ୍ୟନିର୍ବାହ କରିଥିଲେ।

ଗବେଷଣା କ୍ଷେତ୍ରକୁ ତାଙ୍କର ପ୍ରମୁଖ ଅବଦାନ ମଧ୍ୟରେ ରହିଛି ଜାତୀୟ ତଥା ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ତାଙ୍କର ୬୭ଟି ଗବେଷଣାପତ୍ର ଏବଂ ବହୁ ଆଲୋଚନାଚକ୍ରରେ ପ୍ରଦତ୍ତ ଅଭିଭାଷଣ। ତାଙ୍କ ତତ୍ତ୍ୱାବଧାନରେ ୬ଜଣ ବରିଷ୍ଠ ଗବେଷକ ଡକ୍ଟରେଟ୍ ଉପାଧି ହାସଲ କରିଛନ୍ତି। ସେ ମଧ୍ୟ ଲୌହ ଧାତୁପିଣ୍ଡ ସମୃଦ୍ଧ ଯୋଡା-କୋଇରା ଉପତ୍ୟକାର ପୁଙ୍ଖାନୁପୁଙ୍ଖ ସର୍ବେକ୍ଷଣ କରି ତାହାର ଏକ ଭୂତାତ୍ତ୍ୱିକ ମାନଚିତ୍ର ପ୍ରସ୍ତୁତ କରିଛନ୍ତି।



**ବିଶିଷ୍ଟ ବୈଜ୍ଞାନିକ**
**ପ୍ରଫେସର ସତ୍ୟାନନ୍ଦ ଆଚାର୍ଯ୍ୟ**

ସାଉଥ୍ ଏସିଆନ୍ ଆସୋସିଏଶନ ଅଫ ଇକୋନୋମିକ୍ ଜିଓଲୋଜିଷ୍ଟ ପୁରସ୍କାର-୨୦୧୩, ଓଡ଼ିଶା ବିଜ୍ଞାନ ଓ ଏକାଡେମୀ ଦ୍ୱାରା ପ୍ରଦତ୍ତ ରାଜ୍ୟର ବରିଷ୍ଠ ବୈଜ୍ଞାନିକ ସମ୍ମାନ-୨୦୧୪, ଇଣ୍ଡିଆନ୍ ସାଇନ୍ସ କଂଗ୍ରେସ ଆସୋସିଏଶନ ଦ୍ୱାରା ୨୦୦୦ ମସିହାରେ ପ୍ରଦତ୍ତ ସମଗ୍ର ଦେଶରେ ପ୍ରଥମ 'ଦ କନ୍‌ସେପ୍ଟ ଅଫ୍ ରିମେନାଣ୍ଟ ମାଗ୍ନେଟିଜିମ୍ ଫର୍ ଓର୍-ଜେନେଟିକ୍ ଷ୍ଟଡିଜ୍' ଲାଗି ପୁରସ୍କାର ଏବଂ ଖଡଗପୁରସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଡାଇମଣ୍ଡ ଜୁବିଲି ସମ୍ବର୍ଦ୍ଧନା-୨୦୧୧ ଆଦି ପୁରସ୍କାର ତାଙ୍କ ବ୍ୟକ୍ତିତ୍ୱକୁ ଆହୁରି ପ୍ରସ୍ଫୁଟିତ କରିଥିଲା।

ରାଜ୍ୟ ଏହି ଅନନ୍ୟ ଭୂତତ୍ତ୍ୱବିଜ୍ଞାନୀ ପ୍ରଫେସର ଆଚାର୍ଯ୍ୟ ବିଗତ ଫେବୃୟାରୀ ୨୨ ତାରିଖ (୨୦୧୯)ରେ ଇହଲୀଳା ସମ୍ବରଣ କରିଛନ୍ତି। ଫଳରେ ସାମଗ୍ରିକଭାବେ ଆମ ଦେଶ ଏବଂ ନିର୍ଦ୍ଦିଷ୍ଟ ଭାବେ ଆମ ରାଜ୍ୟର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ସୃଷ୍ଟି ହୋଇଛି ଏକ ଅପୂରଣୀୟ ଶୂନ୍ୟସ୍ଥାନ। ତେବେ ଓଡ଼ିଶାକୁ ଖଣିଜସମ୍ପଦ ସମୃଦ୍ଧ କରିବା ଦିଗରେ ତାଙ୍କର ଅନନ୍ୟ ଭୂମିକା ଚିରସ୍ମରଣୀୟ ହୋଇ ରହିବ।

*-ଉଷା ନିବାସ, ୧୨୪/୨୪୪୫*
*ଖଣ୍ଡଗିରିବିହାର, ଭୁବନେଶ୍ୱର,*
*ମୋ-୯୯୩୭୯୮୫୭୬୭*

# ହାକୁଟିର ଘରୋଇ ଉପଚାର



କଥିତଅଛି ଯେ ହାକୁଟି ମାରିଲେ କେହି ନିକଟତର ଲୋକ ଆପଣଙ୍କୁ ମନେ ପକାଇଥାଆନ୍ତି। ହେଲେ ଏଭଳି ଧାରଣା ଅମୂଳକ। ସାଧାରଣତଃ ଶରୀରରେ ଜଳୀୟ ଅଂଶ କମିଗଲେ ହାକୁଟି ଆସିଥାଏ। ଛାତି ଏବଂ ପେଟ ମଧ୍ୟ ଭାଗରେ ଡାୟଫ୍ରାମ ନାମକ ଏକ ପରଦା ରହିଛି। ଏଥିରେ କମ୍ପନ ସୃଷ୍ଟି ହେଲେ ଶ୍ୱାସକ୍ରିୟାରେ ବାଧା ସୃଷ୍ଟି ହୁଏ ଏବଂ ହାକୁଟି ଆସେ। ଏଥିରୁ ଉପଶମ ପାଇବା ପାଇଁ କେତୋଟି ଘରୋଇ ଉପଚାର ଆପଣେଇ ପାରନ୍ତି। ବାରମ୍ବାର ହାକୁଟି ଆସିଲେ ଥଣ୍ଡା ପାଣି ପିଅନ୍ତୁ। ଯଦି ଆପଣ ବାହାରେ ଅଛନ୍ତି ତେବେ ଏପରି ସମସ୍ୟା ସୃଷ୍ଟି ହେଲେ ଦୁଇ କାନରେ ଆଙ୍ଗୁଠି ଦେଇ କିଛି ସମୟ ନିଃଶ୍ୱାସ ବନ୍ଦ କରିଦିଅନ୍ତୁ। ଏହାଦ୍ୱାରା ହାକୁଟିରୁ ଆରାମ ମିଳିବ। ଶୁଦ୍ଧ ଦେଶୀ ଘିଅକୁ ଉଷୁମ କରି ଖାଇପାରନ୍ତି। ତୁଳସୀ ପତ୍ରକୁ ବାଟି ସେଥିରେ ଅଳ୍ପ ଚିନି ମିଶାଇ ଖାଇଲେ ହାକୁଟି ବନ୍ଦ ହୋଇଥାଏ। ଯଦି ଅଧିକ ହାକୁଟି ଆସୁଛି ତେବେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

# ଅଧିକ ରାଗୁଥିଲେ..



ଅତ୍ୟଧିକ ରାଗିବା କ୍ଷତିକାରକ। ତଥାପି ଏହାକୁ କେତେକେ ଗୁରୁତ୍ୱ ଦେଇ ନ ଥାନ୍ତି। ହଠାତ୍ ରାଗିବା ଦ୍ୱାରା ହୁଏ ତ କାହାକୁ କ୍ଷଣିକ ମାନସିକ ଶାନ୍ତି ମିଳିଥାଇପାରେ, ହେଲେ ଏହାର କୁପ୍ରଭାବ ଶରୀର ଉପରେ ପଡିଥାଏ। ବିଶେଷଭାବରେ ସବୁବେଳେ ଅଧିକ ରାଗିଲେ ତାହା ବ୍ଲଡପ୍ରେସର, ହାର୍ଟ ଆଟାକ ପରି ଗୁରୁତର ସମସ୍ୟାକୁ ପରୋକ୍ଷରେ ଡାକି ଆଣିଥାଏ। କିନ୍ତୁ ନିକଟରେ ଏଭଳି ଏକ ଡିଭାଇସ୍ ପ୍ରସ୍ତୁତ କରାଯାଇଛି ଯାହାଦ୍ୱାରା ଜଣେ ଏଭଳି ଅଭ୍ୟାସଠାରୁ ନିଜକୁ ଅନେକାଂଶରେ ଦୂରେଇ ରଖିପାରିବ। ତାରବିହୀନ ଏପରି ଏକ ଡିଭାଇସ୍‌କୁ ଚାଇନାର ବୈଜ୍ଞାନିକମାନେ ପ୍ରସ୍ତୁତ କରିଛନ୍ତି। ଜଣେ ବ୍ୟକ୍ତି ରାଗିଲେ ଏହାକୁ ତୁରନ୍ତ ତାଙ୍କର ବାହୁରେ ବାନ୍ଧି ଦେଲେ ତାଙ୍କର ରାଗ ଅଳ୍ପ ସମୟ ଭିତରେ କମି ଯାଇଥାଏ। ଏହାକୁ କିପରି ଆହୁରି ଉନ୍ନତ ଜ୍ଞାନକୌଶଳବିଶିଷ୍ଟ କରାଯାଇପାରିବ ସେ ନେଇ ଚାଇନାର ବୈଜ୍ଞାନିକମାନେ ଚେଷ୍ଟା ଜାରି ରଖିଛନ୍ତି।

# ଜଗିଙ୍ଗ କରୁଥିଲେ..

**ଆଜିକାଲିର ବ୍ୟସ୍ତମୟ ଜୀବନରେ ନିଜକୁ ଫିଟ୍ ରଖିବା ବଡ଼ କଥା। ଏଥିପାଇଁ ଅନେକେ ବ୍ୟାୟାମକୁ ନିଜ ରୁଟିନ୍ କାର୍ଯ୍ୟକ୍ରମରେ ସାମିଲ କରିଥାଆନ୍ତି। ଯଦି ଆପଣ ପ୍ରତିଦିନ ଜଗିଙ୍ଗ କରୁଛନ୍ତି ତେବେ ତାହା ଶରୀର ପାଇଁ ଲାଭଦାୟକ ହୋଇଥାଏ। ସେ ସମ୍ପର୍କରେ...**



- ସବୁଦିନ ସକାଳେ ହେଉ କି ସନ୍ଧ୍ୟାରେ ଅତିକମ୍‌ରେ ୧୫-୩୦ ମିନିଟ୍ ଜଗିଙ୍ଗ କରନ୍ତୁ।
- ନିୟମିତ ଜଗିଙ୍ଗ କରିବା ଦ୍ୱାରା ଶରୀରକୁ ଫ୍ରେଶ ଅମ୍ଳଜାନ ଯାଇଥାଏ।
- ଏହାଦ୍ୱାରା ଅବସାଦ ଏବଂ ଟେନସନ୍‌ରୁ କେତେକାଂଶରେ ଉପଶମ ମିଳେ।
- ପ୍ରତିଦିନ ଜଗିଙ୍ଗ କଲେ ଶରୀର ଅଙ୍ଗପ୍ରତ୍ୟଙ୍ଗ ପୂର୍ବାପେକ୍ଷା ଆହୁରି ଦୃଢ଼ ହୋଇଥାଏ।
- ଡାଇବେଟିସ ରୋଗୀଙ୍କ ପାଇଁ ନିୟମିତ ଜଗିଙ୍ଗ ଏକ ବରଦାନ ସଦୃଶ ହୋଇଥାଏ। ଏହାଦ୍ୱାରା ରକ୍ତରେ ସୁଗାର ପରିମାଣ ଅନେକାଂଶରେ ସନ୍ତୁଳିତ ରହିଥାଏ।
- ଯଦି ଜଣେ ବ୍ୟକ୍ତି ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ କିଛି ସମୟ ଜଗିଙ୍ଗ କରନ୍ତି ତେବେ ତାଙ୍କ ରକ୍ତ ସଞ୍ଚାଳନ ଆହୁରି ସକ୍ରିୟ ହୋଇଥାଏ।
- ଏପରି ଅଭ୍ୟାସ ଦ୍ୱାରା ହାର୍ଟ ଆଟାକ ଏବଂ ଷ୍ଟ୍ରୋକ୍ ପରି ଆଶଙ୍କା କେତେକାଂଶରେ କମ୍ ଥାଏ।
- ଆଜିକାଲି ମେଦବହୁଳତା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଏଥିରୁ ନିଜକୁ ଦୂରେଇ ରଖିବାର ଏକ ସହଜ ଉପାୟ ହେଉଛି ଜଗିଙ୍ଗ। ଏହାକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ।

# ଉପକାରୀ ହେଙ୍ଗୁ



ହେଙ୍ଗୁରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହାକୁ ଖାଇଲେ ରକ୍ତରେ ସୁଗାର ପରିମାଣ ସନ୍ତୁଳିତ ରହିଥାଏ। ଜଣେ ଡାଇବେଟିସ୍ ରୋଗୀ ନିୟମିତ ଏହାକୁ ଖାଇଲେ କିଛି କ୍ଷତି ନାହିଁ। ଆଣ୍ଠୁଗଣ୍ଠି ଦରଜକୁ ନେଇ ଆପଣ ଚିନ୍ତିତ କି ? ଯଦି ହଁ, ତେବେ ପାଣିରେ ଅଳ୍ପ ହେଙ୍ଗୁ ମିଶାଇ ଯନ୍ତ୍ରଣା ସ୍ଥାନରେ ମାଲିସ କରନ୍ତୁ। ଏହାଦ୍ୱାରା ସେଥିରୁ କେତେକାଂଶରେ ଉପଶମ ମିଳିଥାଏ। ଅଳ୍ପ ପାଣିରେ ଚିମୁଟାଏ ହେଙ୍ଗୁ ଏବଂ ଅଳ୍ପ ଖାଇବା ସୋଡ଼ା ମିଶାଇ ପିଇଲେ କଫଜନିତ ସମସ୍ୟା ଦୂର ହୋଇଥାଏ। ଦାନ୍ତ ଦରଜ ଏବଂ ବିନ୍ଧାରୁ ଏହା କେତେକାଂଶରେ ଉପଶମ ଦେଇଥାଏ। ଦାନ୍ତର ସେହି ଦରଜ ସ୍ଥାନରେ ଛୋଟ ହେଙ୍ଗୁଟିଏ ରଖିଦେଲେ ସେଥିରୁ ଉପଶମ ମିଳିଥାଏ।



“୫୯ ମିନିଟ୍ ଋଣ ପୋର୍ଟାଲରେ ୧୬୦୦ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ୬୮୯ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି।
– ସୁନୀଲ ମେହେଟ୍ଟା, ଏମ୍‌ଡି, ପିଏନ୍‌ବି



“ଏଲ୍‌ଆଇସି ସହ ଚୁକ୍ତି ଦ୍ୱାରା ବ୍ୟାଙ୍କ ଏବଂ ବୀମା ସେବା ଗୋଟିଏ ଛାତ ତଳେ ଉପଲବ୍ଧ କରାଉଥିବାରୁ ଆଇଡିବିଆଇକୁ ବିଶେଷ ଲାଭ ମିଳି ପାରିବ।
– ରାକେଶ ଶର୍ମା, ଏମ୍‌ଡି, ଆଇଡିବିଆଇ ବ୍ୟାଙ୍କ

## ସଂକ୍ଷେପରେ

### ଆଧାର ଇ-କେୱାଇସି ଚାର୍ଜକୁ ଶିଳ୍ପ ଜଗତର ବିରୋଧ

**ନୂଆଦିଲ୍ଲୀ,୧୦-୩:** ଘରୋଇ କମ୍ପାନୀଙ୍କ ଦ୍ୱାରା ଆଧାର ସତ୍ୟତା ଯାଞ୍ଚ ଲାଗି କେନ୍ଦ୍ର ସରକାର ଚାର୍ଜ ଆଦାୟ କରିବାକୁ ନିଷ୍ପତ୍ତି ନେଇଥିବାରୁ ଉଦ୍ୟୋଗ ଜଗତ ଏହାକୁ ବିରୋଧ କରିଛି। ଏହାଦ୍ୱାରା ସେବା ପ୍ରଦାନ ମହଙ୍ଗା ହେବ ଏବଂ ଶେଷରେ ଗ୍ରାହକ ଏହାଦ୍ୱାରା ପ୍ରଭାବିତ ହେବେ ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି। ଉଲ୍ଲେଖଥାଉ କି, ଗତ ଗୁରୁବାର ଆଧାର ଜାରି କରୁଥିବା ସଂସ୍ଥା ୟୁଆଇଡିଏଆଇ ଘରୋଇ କମ୍ପାନୀଙ୍କ ଠାରୁ ପ୍ରତି ଆଧାର ଇ-କେୱାଇସି ଯାଞ୍ଚ ବାବଦରେ ୨୦ ଟଙ୍କା ଏବଂ ସତ୍ୟତା ଜାଣିବା ଲାଗି ‘ହ/ନା’କହିବା ପାଇଁ ୫୦ ପଇସା ଆଦାୟ କରିବ ବୋଲି ଘୋଷଣା କରିଛି। ଗତ ସପ୍ତାହରେ କେନ୍ଦ୍ର କ୍ୟାବିନେଟ ଆଧାର ସଂଶୋଧନ ଅଧ୍ୟାଦେଶକୁ ଲାଗୁ କରିଛନ୍ତି। ଏହାଦ୍ୱାରା ଏଣିକି ଘରୋଇ କମ୍ପାନୀମାନେ ଆଧାରକୁ ଇ-କେୱାଇସି ପାଇଁ ବ୍ୟବହାର କରିପାରିବେ। ଉଦ୍ୟୋଗ ଜଗତ ଚାର୍ଜ ଆଦାୟକୁ ବିରୋଧ କରି କହିଛି ଯେ, ଏହାଦ୍ୱାରା ସରକାରଙ୍କ ଡିଜିଟାଲୀକରଣକୁ ଜୋର୍ ଝଟ୍‌କା ଲାଗିବ। ଏହାଦ୍ୱାରା ସରକାରଙ୍କ ଉଦ୍ଦେଶ୍ୟ ସାଧନ ହେବ ନାହିଁ ବୋଲି ସେଲ୍ୟୁଲାର ଅପରେଟର୍ସ ଆସୋସିଏଶନ ଅଫ୍ ଇଣ୍ଡିଆର ମହା ନିର୍ଦ୍ଦେଶକ ରଞ୍ଜନ ମ୍ୟାଥ୍ୟୁସ କହିଛନ୍ତି। ଫଳରେ ପ୍ରତ୍ୟେକ ଆଧାର ସତ୍ୟତା ଯାଞ୍ଚ ଲାଗି ୪୧ ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

### କୋଇଲା ଖଣି ନିଲାମ ରଦ୍ଦ

**ନୂଆଦିଲ୍ଲୀ,୧୦-୩:** କେନ୍ଦ୍ର ସରକାର କୋଇଲା ଖଣିର ୬ଷ୍ଠ ଓ ୭ମ ପର୍ଯ୍ୟାୟ ନିଲାମକୁ ରଦ୍ଦ କରିଦେଇଛନ୍ତି। ଏହା ଜରିଆରେ ସରକାର ୧୯କୋଇଲା ବ୍ଲକ୍ ବିକ୍ରି କରିବାର ଯୋଜନା ପ୍ରସ୍ତୁତ କରିଥିଲେ। ତେବେ ନିଲାମୀ ରଦ୍ଦର କାରଣ ସମ୍ପର୍କରେ ସରକାର କିଛି ଜଣାଇନାହାନ୍ତି। ସୂଚନାଥାଉ କି, ୬ଷ୍ଠ ପର୍ଯ୍ୟାୟ ଅନ୍ତର୍ଗତରେ ଆଲୁମିନିୟମ, ସିମେଣ୍ଟ, ଲୁହା ଏବଂ ଇସ୍ପାତ ସମେତ ନିୟମିତ କ୍ଷେତ୍ର ଲାଗି ୧୩ କୋଇଲା ବ୍ଲକ୍‌ର ନିଲାମ ହେବ ବୋଲି କୋଇଲା ମନ୍ତ୍ରଣାଳୟ ଘୋଷଣା କରିଥିଲେ। କମ୍ପାନୀ ନିଜ ଉତ୍ପାଦନର ୨୫% କୋଇଲାକୁ ଖୋଲା ବଜାରରେ ବିକ୍ରି କରିବା ନେଇ ଅନୁମତି ପାଇଥାନ୍ତେ।

### ଚାକିରି ବଦଳିବା ମାତ୍ରେ ସ୍ୱତଃ ସ୍ଥାନାନ୍ତର ହେବ ଇପିଏଫ୍ ଆକାଉଣ୍ଟ

**ନୂଆଦିଲ୍ଲୀ,୧୦-୩:** କର୍ମଚାରୀ ଭବିଷ୍ୟନିଧି ସଂଗଠନ(ଇପିଏଫ୍‌ଓ)ର ସଦସ୍ୟମାନଙ୍କୁ ଆସନ୍ତା ଆର୍ଥିକ ବର୍ଷରୁ ଚାକିରି ପରିବର୍ତ୍ତନ କାଳରେ ଇପିଏଫ ଆକାଉଣ୍ଟକୁ ସ୍ଥାନାନ୍ତର କରିବା ଲାଗି ଅନୁରୋଧ କରିବାକୁ ପଡିବନି। ଏହି ପ୍ରକ୍ରିୟାକୁ ସ୍ୱୟଂଚାଳିତ କରିବା ନେଇ ଇପିଏଫ୍‌ଓ ପକ୍ଷରୁ କାର୍ଯ୍ୟାରମ୍ଭ ହୋଇଛି ବୋଲି ଶ୍ରମ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଥାଉ କି, ବର୍ତ୍ତମାନର ବ୍ୟବସ୍ଥାରେ ୟୁନିଭର୍ସାଲ ଆକାଉଣ୍ଟ ନମ୍ବର(ୟୁଏଏନ୍) ସଂଗ୍ରହ କରିବା ପରେ ଇପିଏଫ ସ୍ଥାନାନ୍ତର ଲାଗି ସ୍ୱତନ୍ତ୍ର ଭାବେ ଆବେଦନ କରିବାକୁ ପଡିଥାଏ। ବର୍ଷକୁ ପ୍ରାୟ ୮ ଲକ୍ଷ ଏଭଳି ଆବେଦନ ଇପିଏଫ୍‌ଓକୁ ମିଳେ। ଏଣୁ ଚାକିରି ବଦଳିବା ମାତ୍ରେ ଇପିଏଫ ଆକାଉଣ୍ଟକୁ ସ୍ୱତଃ ସ୍ଥାନାନ୍ତର କରିବା ଲାଗି ଇପିଏଫ୍‌ଓ ପ୍ରଯୁକ୍ତିର ସହାୟତା ନେବାକୁ ଯାଉଛି ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। ନିଜକୁ ଏକ କାଗଜବିହୀନ ସଂଗଠନ ଭାବେ ପରିଚିତ କରିବା ଲାଗି ଇପିଏଫ୍‌ଓ ସି-ଡାକ୍‌କୁ ଏହାର ଦାୟିତ୍ୱ ଦେଇଛି। ନୂଆ ବ୍ୟବସ୍ଥା ଅନୁଯାୟୀ, ନିଯୁକ୍ତିଦାତା ନୂତନ ନିଯୁକ୍ତି ସମ୍ପର୍କରେ ଜଣାଇ ତାଙ୍କର ଇପିଏଫ୍ ରିଟର୍ନ ଦାଏର କରିବା ମାତ୍ରେ(ନୂଆ କର୍ମଚାରୀଙ୍କ ୟୁଏଏନ୍ ସାମିଲ ରହିଥିବ) ତତ୍‌କ୍ଷଣାତ ତାଙ୍କର ଇପିଏଫ୍ ଆକାଉଣ୍ଟ ଟ୍ରାନ୍ସଫର ହୋଇଯିବ।

### ଆର୍‌ଟିଆଇ ଜବାବରେ ମାନିଲା ଆର୍‌ବିଆଇ

# ଅଚଳ ନୋଟ ବ୍ୟବହାର ତଥ୍ୟ ନାହିଁ

**ମୁମ୍ବାଇ,୧୦-୩**



- ୨୩ ସେବାରେ ଅଚଳ ନୋଟ୍ ବ୍ୟବହାରକୁ ଅନୁମତି ଦେଇଥିଲା କେନ୍ଦ୍ର
- ୨୦୧୬ ନଭେମ୍ବର ୮ରେ ହୋଇଥିଲା ବିମୁଦ୍ରୀକରଣ
- ୯୯.୩% ଅଚଳ ୫୦୦,୧୦୦୦ଟଙ୍କିଆ ନୋଟ୍ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଫେରିଥିଲା

ବିମୁଦ୍ରୀକରଣ ବେଳେ ପେଟ୍ରୋଲ ପମ୍ପ, ରେଲୱେ ଟିକେଟ କ୍ରୟ, ବିଜୁଳି, ପାଣି ବିଲ୍ ପ୍ରଦାନ ଆଦି ୨୩ ପ୍ରକାର ସେବା ଯୋଗାଣ କ୍ଷେତ୍ରରେ ବ୍ୟବହୃତ ଅଚଳ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ସମ୍ପର୍କରେ ଏହା ନିକଟରେ କୌଣସି ତଥ୍ୟ ନାହିଁ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଆରଟିଆଇ ଜବାବରେ ସ୍ୱୀକାର କରିଛି। ଏହି ସେବା ଗୁଡ଼ିକ ମାଧ୍ୟମରେ ଲୋକେ କଳାଧନକୁ ବ୍ୟବହାର କରିବାରେ ସଫଳ ହୋଇଥିଲେ ବୋଲି ମନେ କରାଯାଉଛି।

ସୂଚନା ଅଧିକାର ଆଇନ ଅଧୀନରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଆର୍‌ବିଆଇ କହିଛି ଯେ, ବିମୁଦ୍ରୀକରଣ ବେଳେ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର କିଛି ସମୟ ପାଇଁ ୨୩ ସେବାରେ ଅଚଳ ନୋଟ୍ ବ୍ୟବହାର ଲାଗି ଅନୁମତି ଦେଇଥିଲେ। ସେଗୁଡ଼ିକ ହେଲା ହସ୍ପିଟାଲ, ରେଳ, ରାଷ୍ଟ୍ରାୟତ୍ତ ପରିବହନ, ବିମାନ ବନ୍ଦରରେ ଟିକେଟ କିଣିବା, ଦୁଗ୍ଧ କେନ୍ଦ୍ର, ଶ୍ମଶାନ/କବରସ୍ଥାନ, ପେଟ୍ରୋଲ ପମ୍ପ, ମେଟ୍ରୋ ରେଳ ଟିକେଟ କିଣା, ଡାକ୍ତରଙ୍କ ପ୍ରେସ୍‌କ୍ରିପ୍ସନରେ ଔଷଧ କ୍ରୟ, ଏଲ୍‌ପିଜି ସିଲିଣ୍ଡର, ରେଳରେ ଖାଇବାପିଇବା, ବିଜୁଳି,ପାଣି ବିଲ୍ ପ୍ରଦାନ, ଏଏସ୍‌ଆଇ ସ୍ମାରକରେ ପ୍ରବେଶ ଟିକେଟ, ଟୋଲ ଟିକସ ଆଦି ୨୩ ପ୍ରକାର ସେବାରେ ଅଚଳ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ବ୍ୟବହାରକୁ ଅନୁମତି ଦିଆଯାଇଥିଲା। ସରକାର ୨୦୧୬ ନଭେମ୍ବର ୨୫ରୁ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ବଦଳ ବନ୍ଦ କରିଦେଇଥିଲେ ଏବଂ ଉକ୍ତ ସେବା ପାଇଁ କେବଳ ଅନୁମତି ଦେଇଥିଲେ। ଏହା ଡିସେମ୍ବର ୧୫ ଯାଏ ମିଳିଥିଲା। ତେବେ ଡିସେମ୍ବର ୨ରୁ ପେଟ୍ରୋଲ ପମ୍ପ ଓ ବିମାନ ବନ୍ଦରରେ ଟିକେଟ କ୍ରୟରେ ଅଚଳ ନୋଟ୍ ବ୍ୟବହାରକୁ ରୋକିଥିଲେ। ଆର୍‌ଟିଆଇ ଜବାବରେ ଆର୍‌ବିଆଇ କହିଛି ଯେ, ବିଲ୍ ଦେୟ ପ୍ରଦାନ ଲାଗି ବ୍ୟବହୃତ ଅଚଳ ନୋଟ୍ ସମ୍ପର୍କରେ ଏହା ନିକଟରେ କୌଣସି ତଥ୍ୟ ଉପଲବ୍ଧ ନାହିଁ। ସୂଚନାଥାଉ କି, ବ୍ୟାଙ୍କିଙ୍ଗ ପ୍ରଣାଳୀରେ ୯୯.୩ ପ୍ରତିଶତ ଅଚଳ ନୋଟ୍ ଫେରି ଆସିଛି ବୋଲି ଆର୍‌ବିଆଇ ଗତବର୍ଷ ଅଗଷ୍ଟରେ ସ୍ପଷ୍ଟ କରିଥିଲା। ବିମୁଦ୍ରୀକରଣ ବେଳେ ୧୫.୪୧ ଲକ୍ଷ କୋଟି ଟଙ୍କାର ୫୦୦ ଓ ୧୦୦୦ ଟଙ୍କିଆ ମୂଲ୍ୟର ନୋଟ ପ୍ରଚଳନରେ ଥିଲା ବୋଲି ଆର୍‌ବିଆଇ କହିଥିଲା। ଏଥିରୁ ୧୫.୩୧ ଲକ୍ଷ କୋଟି ଟଙ୍କା ବ୍ୟାଙ୍କକୁ ଫେରି ଆସିଛି। ଅଚଳ ଓ ବଦଳା ଯାଇଥିବା ନୋଟ୍ ସଂଖ୍ୟା ଓ ମୂଲ୍ୟ ଉପରେ ପ୍ରଶ୍ନ ହେବାରୁ ରିଜର୍ଭ ବ୍ୟାଙ୍କ ୨୦୧୬ ନଭେମ୍ବର ୨୮ରେ ଜାରି ବୟାନକୁ ଉଲ୍ଲେଖ କରିଛି। ଏଥିରେ କୁହାଯାଇଥିଲା ଯେ, ନଭେମ୍ବର ୧୦ରୁ ୨୭ ଯାଏ ବ୍ୟାଙ୍କଗୁଡ଼ିକରେ ୮,୪୪,୯୮୨ କୋଟି ଟଙ୍କା ଅଚଳ ହୋଇଛି ଅଥବା ବଦଳାଯାଇଛି। ଏଥିରେ ୩୩,୯୪୮ କୋଟି ଟଙ୍କାର ପୁରୁଣା ନୋଟ୍ ବଦଳାଯାଇଛି ଓ ୮,୧୧,୦୩୩ କୋଟି ଟଙ୍କା ଜମା କରାଯାଇଛି।



## ରିୟଲ୍‌ମି ଆଣିଲା ନୂଆ ସ୍ମାର୍ଟଫୋନ

**ନୂଆଦିଲ୍ଲୀ, ୧୦-୩**

ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ରିୟଲ୍‌ମି ନୂଆ ‘ରିୟଲ୍‌ମି ୩’ ସ୍ମାର୍ଟଫୋନ ବଜାରକୁ ଆଣିଛି। ଏହା ବ୍ଲାକ, ଡାଇନାମିକ ବ୍ଲାକ ଏବଂ ରେଡିଆଣ୍ଟ ବ୍ଲୁ ରଙ୍ଗରେ ବଜାରକୁ ଆସିଛି। ଏଆଇ ମାଷ୍ଟର ମେଡିଆଟେକ୍ ହେଲିଓ ପି୭୦ ପ୍ରୋସେସର ଉନ୍ନତ ବ୍ୟାଟେରି ବ୍ୟାକଅପ୍, ୩ଜିବି ର୍‍ୟାମ, ୩୨ ଜିବି ରମ୍ ଫିଚର ଥିବା ଫୋନର ଦାମ ୮,୯୯୯ ଟଙ୍କା ରହିଛି। ସେହିଭଳି ୪ ଜିବି ଏବଂ ଏବଂ ୬୪ ଜିବି ରମ୍ ବିଶିଷ୍ଟ ମଡେଲର ଦାମ ୧୦,୯୯୯ ଟଙ୍କା ରହିଛି। ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଏକ ଉନ୍ନତ ସ୍ମାର୍ଟଫୋନ ପ୍ରଦାନ ଲାଗି ଏଭଳି ମଡେଲ ବଜାରକୁ ଆଣିଥିବା କମ୍ପାନୀର ଇଣ୍ଡିଆ ସିଇଓ ମାଧବ ସେଠ୍ ସୂଚନା ଦେଇଛନ୍ତି। ଏହା ଦ୍ୱାରା ଗ୍ରାହକ ଉନ୍ନତ ବ୍ୟାଟେରି ତଥା ଫିଚର ଲାଭ କରିବାକୁ ସକ୍ଷମ ହେବେ ବୋଲି ମିଡ଼ିଆଟେକ ଭାରତର କର୍ପୋରେଟ ସେଲ ନିର୍ଦ୍ଦେଶକ କୁଲଦୀପ ମଲ୍ଲିକ କହିଛନ୍ତି।

## ଏମ୍‌ଡିଏସ୍‌ଏଲ୍‌ର ବିତରଣ ବ୍ୟବସ୍ଥା ଦୃଢୀକରଣ ଲକ୍ଷ୍ୟ

**ନୂଆଦିଲ୍ଲୀ, ୧୦-୩**

ମିଣ୍ଡା ଡିଷ୍ଟ୍ରିବ୍ୟୁଶନ ଆଣ୍ଡ ସର୍ଭିସେସ ଲିମିଟେଡ ବିଶ୍ୱ ସ୍ତରରେ ଏହାର ବିତରଣ ବ୍ୟବସ୍ଥାକୁ ଆହୁରି ଦୃଢ କରିବାକୁ ଲକ୍ଷ୍ୟ ରଖିଛି। ଏନ୍.କେ. ମିଣ୍ଡା ଗ୍ରୁପର ଏହା ଏକ ସଂସ୍ଥା ହୋଇଥିବା ବେଳେ ଦେଶର ଏକ ପ୍ରମୁଖ ଆଫ୍‌ଟର ମାର୍କେଟ ଅଟୋମୋଟିଭ୍ କମ୍ପାନୀ ଭାବେ ବେଶ୍ ଜଣାଶୁଣା। ଏନ୍.କେ. ମିଣ୍ଡା ଗ୍ରୁପର ବର୍ତ୍ତମାନ ସୁଦ୍ଧା ସାରା ବିଶ୍ୱରେ ୫୮ ମାନୁଫାକଚରିଂ ୟୁନିଟ ରହିଛି। ୧୬ଟି ବର୍ଗରେ ୨୫ରୁ ଅଧିକ ପ୍ରଡକ୍ଟ ଏହା ପ୍ରସ୍ତୁତ କରୁଛି। ଭାରତ ସମେତ ବିଦେଶର ପ୍ରମୁଖ ଓଇଏମ୍‌ଗୁଡ଼ିକୁ ଏହା ପ୍ରଡକ୍ଟ ରପ୍ତାନି କରୁଛି। ସମସ୍ତ ଅଂଶୀଦାରଙ୍କୁ ମୂଲ୍ୟଯୁକ୍ତ ସେବା ଯୋଗାଣକୁ କମ୍ପାନୀ ପ୍ରାଥମିକତା ଦେଉଥିବା ପ୍ରକାଶ କରିଛି। ବର୍ତ୍ତମାନ ମିଣ୍ଡା ଡିଷ୍ଟ୍ରିବ୍ୟୁଶନ ସର୍ଭିସ ଲିମିଟେଡ ୧୨ ପ୍ରମୁଖ ଉତ୍ପାଦ ଶୃଙ୍ଖଳା ଯୋଗାଉଛି। ଏହାର ୬୬୦ରୁ ଉର୍ଦ୍ଧ୍ୱ ବିଜନେସ ପାର୍ଟନର, ୧୯ ହଜାରରୁ ଉର୍ଦ୍ଧ୍ୱ ରିଟେଲର ଏବଂ ୧୨ ହଜାରରୁ ଉର୍ଦ୍ଧ୍ୱ ମେକାନିକ୍ସ ରହିଛି। ଗୁଣବତ୍ତା ପ୍ରଡକ୍ଟ ସହ ସସ୍‌ପେନଶନ ସେଗ୍‌ମେଣ୍ଟରେ ଏହା ପ୍ରବେଶ କରିଛି। କମ୍ପାନୀ ନୂଆ କରି ସକ୍‌ସ ଏବଂ ଷ୍ଟ୍ରକ୍ଟସ୍ ବଜାରକୁ ଆଣିଛି। କମ୍ପାନୀ ପାସେଞ୍ଜର କାର ସେଗମେଣ୍ଟରେ ପ୍ରଡକ୍ଟ ଯୋଗାଉଥିବା ବେଳେ ଏହାର ଫାଷ୍ଟ ମୁଭିଂ ଭେଇକିଲ ସକ୍‌ସ, ଷ୍ଟ୍ରକ୍ଟସ୍ ଆସେମ୍ବଲି ଏବଂ ରିପେୟାର କିଟ୍ ଉପଲବ୍ଧ ରହିଛି।





## ହୋଣ୍ଡା ପକ୍ଷରୁ ହେଲମେଟ୍ ଅନ୍ ଲାଇଫ୍ ଅନ୍

**ଭୁବନେଶ୍ୱର, ୧୦-୩**

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ‘ହେଲ୍‌ମେଟ ଅନ୍ ଲାଇଫ୍ ଅନ’ ଦେଶର ୨୧ ସହରରେ ଅନୁଷ୍ଠିତ ହୋଇ ଯାଇଛି। ମହିଳାଙ୍କ ମଧ୍ୟରେ ସଡକ ସୁରକ୍ଷା ସଚେତନତାକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ହାତକୁ ନିଆଯାଇଛି। ସେହିଭଳି ୯ଟି ସହରର ଟ୍ରାଫିକ କେନ୍ଦ୍ରରେ ଏହାକୁ ଆୟୋଜନ କରାଯାଇଛି। ଏଥିରେ ୧୪,୦୦୦ରୁ ଉର୍ଦ୍ଧ୍ୱ ମହିଳା ଅଂଶଗ୍ରହଣ କରିଥିଲେ। ଯୁବବର୍ଗଙ୍କ ମଧ୍ୟରେ ମହିଳା ସଶକ୍ତୀକରଣ ବାର୍ତ୍ତା ପହଞ୍ଚାଇବା ପାଇଁ ୪ ହଜାରରୁ ଉର୍ଦ୍ଧ୍ୱ ପୁରୁଷ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ‘ବାଲାନ୍ସ ଫର ବେଟର’ ବିଷୟବସ୍ତୁ ଉପରେ ଏହା ପର୍ଯ୍ୟବସିତ ଥିଲା। ସଡ଼କ ଲାଗି ବିଶ୍ୱାସୀ ଦୁଇ ଚକିଆ ଚାଳକଙ୍କୁ ପ୍ରସ୍ତୁତି ଦିଗରେ ଏଭଳି କାର୍ଯ୍ୟକ୍ରମ ସହାୟକ ହେବ ବୋଲି କମ୍ପାନୀର ବ୍ରାଣ୍ଡ ଏବଂ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି।

## କେନ୍ଦ୍ରୀୟ ସରକାରୀ ସଂସ୍ଥାର ସମ୍ପତ୍ତି ବିକ୍ରି ଉପରେ ଲାଭାଂଶ ନେବ କେନ୍ଦ୍ର

**ନୂଆଦିଲ୍ଲୀ,୧୦-୩**

କେନ୍ଦ୍ରୀୟ ସରକାରୀ ସଂସ୍ଥାର ଅଣ ପ୍ରମୁଖ ସମ୍ପତ୍ତି ବିକ୍ରି ବାବଦରେ ପ୍ରାପ୍ତ ଅର୍ଥରୁ କେନ୍ଦ୍ର ସରକାର ଲାଭାଂଶ ନେବେ। ଏ ସମ୍ପର୍କରେ ଅର୍ଥ ମନ୍ତ୍ରଣାଳୟ ଏଭଳି ଏକ ବ୍ୟବସ୍ଥା ଆପଣାଇବାକୁ ଯାଉଛି। ଏ ସମ୍ପର୍କରେ ସୂଚନା ଦେଇ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ରଣନୈତିକ ପୁଞ୍ଜିପ୍ରତ୍ୟାହାର ଲାଗି ମନୋନୀତ ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ଅଣ ପ୍ରମୁଖ ସମ୍ପତ୍ତି ବିକ୍ରିରୁ ପ୍ରାପ୍ତ ଅର୍ଥ ଏବଂ ଶତ୍ରୁ ସମ୍ପତ୍ତି ବିକ୍ରିରୁ ଉପଲବ୍ଧ ଅର୍ଥକୁ ପୁଞ୍ଜି ପ୍ରତ୍ୟାହାରରୁ ପ୍ରାପ୍ତ ଆୟ ଭାବେ ଧରାଯିବ। କେନ୍ଦ୍ର କ୍ୟାବିନେଟ ଗତ ସପ୍ତାହରେ ଏସମ୍ପର୍କରେ ଆଗତ ପ୍ରସ୍ତାବକୁ ଅନୁମୋଦନ କରିଥିଲେ। ବିକ୍ରି ହେବାକୁ ଥିବା ଅଣ ପ୍ରମୁଖ ସମ୍ପତ୍ତିକୁ ଚିହ୍ନଟ କରି ତାଲିକା ପ୍ରସ୍ତୁତ କରିବା ଲାଗି ନୀତି ଆୟୋଗକୁ ପୂର୍ବରୁ ଦାୟିତ୍ୱ ଦିଆଯାଇଥିଲା। ବିକ୍ରିରୁ ପ୍ରାପ୍ତ ଅର୍ଥର ଏକ ଅଂଶକୁ ସରକାର ଲାଭାଂଶ ବାବଦରେ ନେବେ। ଏହାଦ୍ୱାରା ଆସନ୍ତା ଆର୍ଥିକ ବର୍ଷରେ ଲାଭାଂଶ ଓ ଲାଭ ବାବଦରେ ସରକାର ୧.୩୬ ଲକ୍ଷ କୋଟି ଟଙ୍କା ପାଇପାରିବେ।

## କେଟିଏମ୍ ପକ୍ଷରୁ ଷ୍ଟଣ୍ଟ ଶୋ’





**ଭୁବନେଶ୍ୱର, ୧୦-୩**

ୟୁରୋପର ରେସିଂ ବାଇକ୍ ନିର୍ମାତା କେଟିଏମ୍ ପକ୍ଷରୁ ବାଲୁଗାଁରେ ଏକ ଷ୍ଟଣ୍ଟ ଶୋ’ ଅନୁଷ୍ଠିତ ହୋଇଯାଇଛି। ରମ୍ଭା ପେଟ୍ରୋଲ ପମ୍ପ ନିକଟସ୍ଥ ସାନ ରାମଚନ୍ଦ୍ରପୁରରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଫେଶନାଲ ଷ୍ଟଣ୍ଟ ପ୍ରଦର୍ଶନକାରୀ ଆକର୍ଷଣୀୟ ଷ୍ଟଣ୍ଟ ପ୍ରଦର୍ଶନ କରିଛନ୍ତି। ଗ୍ରାହକଙ୍କୁ କେଟିଏମ୍ ବାଇକର ରୋମାଞ୍ଚର ଅନୁଭବ ଦେବା ଲାଗି ଏଭଳି ଶୋ’ ଆୟୋଜନ କରାଯାଉଥିବା ବଜାଜ ଅଟୋ ପ୍ରୋ ବାଇକିଂ ଉପସଭାପତି ଅମିତ ନନ୍ଦୀ ସୂଚନା ଦେଇଛନ୍ତି। ଏଭଳି ଶୋ’କୁ ଅଧିକରୁ ଅଧିକ ସହରରେ ଆୟୋଜନ କରିବାକୁ ଯୋଜନା ରହିଛି। ବର୍ତ୍ତମାନ ସୁଦ୍ଧା ଏହି ଶୋ’ କାଞ୍ଚିପୁରମ, କୋଏମ୍ବାଟୁର, ଚେନ୍ନାଇ, ବିଜୟପୁର, ଲକ୍ଷ୍ନୌ, ଇନ୍ଦୋର ସହ ରାଜ୍ୟର କଟକ, ରାଉରକେଲା, ବ୍ରହ୍ମପୁର ଏବଂ ବାଲେଶ୍ୱର ଭଳି ସହରଗୁଡ଼ିକରେ ଅନୁଷ୍ଠିତ ହୋଇଥିବା ସେ କହିଛନ୍ତି।

# ନିର୍ବାଚନ ପୂର୍ବରୁ ପେଟ୍ରୋଲ ମହଙ୍ଗା

**ନୂଆଦିଲ୍ଲୀ,୧୦-୩**

### ତୈଳ ଭଣ୍ଡାରରେ ନିବେଶ ନେଇ ପ୍ରସ୍ତାବ

ଭାରତର ରଣକୌଶଳଗତ ତୈଳ ଭଣ୍ଡାର ନିର୍ମାଣ କ୍ଷେତ୍ରରେ ନିବେଶ ଲାଗି ସୌଦି ଆରବକୁ ଅନୁରୋଧ କରାଯାଇଛି। ସୌଦି ତୈଳ ମନ୍ତ୍ରୀ ଖାଲିଦ ଅଲ୍-ଫଲିହଙ୍କ ସହ ଆଲୋଚନା କାଳନରେ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ପ୍ରସ୍ତାବ ଦେଇଛନ୍ତି। ମହାରାଷ୍ଟ୍ରରେ ନିର୍ମାଣ ହେବାକୁ ଥିବା ୪୪ ବିଲିୟନ ଡଲାର ମୂଲ୍ୟର ରିଫାଇନେରୀ ପ୍ରକଳ୍ପରେ ସୌଦି ଆରବ ନିବେଶ କରିବାକୁ ଇଚ୍ଛୁକ୍। ଏହାକୁ ଦୃଷ୍ଟିରେ ରଖି ଫଲିହ ୩ ସପ୍ତାହ ମଧ୍ୟରେ ଦ୍ୱିତୀୟ ଥର ଭାରତ ଗସ୍ତରେ ଆସି ପ୍ରଧାନଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି।



### ସୌଦିର ହସ୍ତକ୍ଷେପ ଲୋଡ଼ିଲେ ଧର୍ମେନ୍ଦ୍ର

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ଲାଗି ପଦକ୍ଷେପ ନେବାକୁ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୌଦି ଆରବକୁ ରବିବାର ଅନୁରୋଧ କରିଛନ୍ତି।

ଉଲ୍ଲେଖ କରାଯାଇପାରେ ଯେ, ଦେଶରେ ନିର୍ବାଚନୀ ରାଜନୀତି ସରଗରମ ରହିଥିବା ବେଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରବୃଦ୍ଧି କାରଣରୁ ଦେଶରେ ମାସେ ହେବ ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ୨ ଟଙ୍କାରୁ ଅଧିକ ବଢ଼ିସାରିଲାଣି। ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଶେଷ କରିବା ନେଇ ଆଲୋଚନା ଓ ତୈଳ ଉତ୍ପାଦନକାରୀ ରାଷ୍ଟ୍ରସମୂହ ଓପେକ୍‌ର ସହଯୋଗୀ ରୁଷ ଉତ୍ପାଦନ ହ୍ରାସ କରିବା ଲାଗି ନିଷ୍ପତ୍ତି ନେବା ଯୋଗୁ ଅଶୋଧିତ ତେଲ ଦର ବଢ଼ିବାରେ ଲାଗିଛି। ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଆର୍ଥିକ କାରବାର ଧୀମା ପଡ଼ିବା ଆରମ୍ଭ ହୋଇଥିଲା। ଏହାର ପ୍ରଭାବରେ ଅଶୋଧିତ ତେଲ ଦର ହ୍ରାସ ପାଇବାକୁ ଲାଗିଥିଲା। ଭାରତ ଗସ୍ତରେ ଆସିଥିବା ସୌଦି ଆରବ ତୈଳ ମନ୍ତ୍ରୀ ଖାଲିଦ୍ ଅଲ୍-ଫଲିହଙ୍କୁ ସାକ୍ଷାତ କରିବା ଅବସରରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତେଲ ଦର ନିୟନ୍ତ୍ରଣ ପାଇଁ ଅନୁରୋଧ କରିଥିଲେ। ସୌଦି ଆରବ ଏ ଦିଗରେ ନିଜର ଭୂମିକା ନିର୍ବାହ କରୁ ବୋଲି ସେ ତାଙ୍କ ପ୍ରତିପକ୍ଷଙ୍କୁ ବୁଝାଇ ଥିଲେ।

### ଜିଏସ୍‌ଟି ଆଦାୟ ବେଳେ ଟିସିଏସ୍‌କୁ ଅଲଗା ରଖାଯିବ

## କାର୍, ଗହଣା ହେବ ଶସ୍ତା

**ନୂଆଦିଲ୍ଲୀ,୧୦-୩**

ଜିଏସଟି ଆଦାୟ ବେଳେ ସ୍ରୋତ ଉପରେ ଆଦାୟ(ଟିସିଏସ୍ ବା ଟ୍ୟାକ୍ସ କଲେକ୍ଟେଡ ଆଟ୍ ସୋର୍ସ)କୁ ଅଲଗା ରଖାଯିବ ବୋଲି କେନ୍ଦ୍ରୀୟ ଅପ୍ରତ୍ୟକ୍ଷ କର ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ସ୍ପଷ୍ଟ କରିଛି। ଫଳରେ ଦାମୀ କାର୍ ଓ ଗହଣା କ୍ରେତାଙ୍କୁ ଆଶ୍ୱସ୍ତି ମିଳିବ। କାରଣ ଏଗୁଡିକ କିଣିବା ବେଳେ କମ୍ ଟିକସ ଦେବାକୁ ପଡିବ। ସୂଚନାଥାଉ କି, ଆୟକର ଅଧିନିୟମ ଅନୁଯାୟୀ, ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର କାର୍, ପାଞ୍ଚ ଲକ୍ଷ ଟଙ୍କାରୁ ଅଧିକ ଗହଣା ଓ ଦୁଇ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସୁନା-ରୁପା ଆଦି କିଣିବା ବେଳେ ୧ ପ୍ରତିଶତ ଟିସିଏସ ଆଦାୟ କରାଯାଇଥାଏ। ସେହିପରି ଅନ୍ୟାନ୍ୟ ସାମଗ୍ରୀ କ୍ରୟରେ ମଧ ଭିନ୍ନ ଭିନ୍ନ ଟିସିଏସ ଆଦାୟ ହୁଏ। ସିବିଆଇସି ପକ୍ଷରୁ କୁହାଯାଇଛି ଯେ, ଜିଏସ୍‌ଟି ଦେୟ ଗଣନା କଲା ବେଳେ ଟିସିଏସ୍ ରାଶିକୁ ସାମଗ୍ରୀ ମୂଲ୍ୟଠାରୁ ଅଲଗା ରଖାଯିବ। ତେବେ ସାମଗ୍ରୀ ମୂଲ୍ୟ ସହ ଏହାକୁ ସାମିଲ କରାଯିବ ବୋଲି ବୋର୍ଡ ଡିସେମ୍ବରରେ ପ୍ରକାଶ କରିଥିଲା। ବିଭିନ୍ନ କ୍ଷେତ୍ରରୁ ମିଳିଥିବା ପ୍ରତିକ୍ରିୟା ଓ ସିବିଡିଟି ସହ ଆଲୋଚନା ପରେ ସିବିଆଇସି ଉକ୍ତ ନିଷ୍ପତ୍ତି ନେଇଛି।

OFFICE OF THE PRINCIPAL
GOVT. COLLEGE OF PHYSICAL EDUCATION, SAMBALPUR, KULUNDI

Letter No. 140 Date: 09.03.2019

TENDER CALL NOTICE

Sealed Tendrs are invited from authorised suppliers/ Dealers and registered farms having valid TIN/VAT/ OST and GST Clearance Certificate for supply of sports uniforms for use of the students of Govt. College of Physical Education Sambalpur, Kulundi during the session of 2017-19 and 2018-20 batch. The detail information will be obtained through Tender papers. The Tender papers will be available in the college office from 12.03.2019 to 20.03.2019 between 11 AM to 4 PM on every working day on payment of Rs. 100/- (Rupees one hundred) only each. The last date for receive tender documents is fixed on dtd. 26.03.2019 by 12 Noon and open on dtd. 26.03.2019 at 12.30 PM. The undersigned reserves the right to accept or reject this tender in fully or partly without assigning any reason thereof.

Sd./- Principal

INTEGRATED TRIBAL DEVELOPMENT AGENCY, NABARANGPUR

No. /2019 Date: / /2019

e-Procurement Notice

Bid Identification No. ITDANBG-06/18-19

Bids are invited from the eligible Contractors for Construction of Museum (01 No. of project) through e-tender process. The details of the tender are available in the website: https://tendersodisha.gov.in from 15.00 hours of 11.03.2019 to 17.00 hours of 02.04.2019 for online bidding. The bids received online shall be opened on 11.00 hours of 06.04.2019 in this office. The original bid security, Demand Draft towards cost of Bid, GST Certificate, Work Performane Certificate and affidavit in original shall be submitted in this office on or before 17.00 hours of 05.04.2019 by Regd. Post/ Speed Post only during office hours. The bidders shall have to participate in online bidding only. Further, any addendum/ corrigendum/ cancellation of tender can be seen in the website only. The authority reserves the right to reject any or all bid without assigning any reason thereof.

Sd./- P.A., ITDA, Nabarangpur

ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

ମାର୍ଚ୍ଚ ୧୧ ତାରିଖ

‘ମାତୃଭୂମି ମାତୃଭାଷାରେ ମମତା
ଯା’ହୃଦେ ଜନମି ନାହିଁ,
ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ?’

-ସ୍ୱଭାବ କବି ଗଙ୍ଗାଧର ମେହେର

ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାର ୫ ବର୍ଷ ପୂର୍ତ୍ତି ଅବସରରେ ଉତ୍କଳୀୟ ସଂସ୍କୃତି, ସାହିତ୍ୟ, ଭାଷାର ସମୃଦ୍ଧି ସାଧନ କରିବା ସଙ୍ଗେସଙ୍ଗେ ମାତୃଭାଷାର ମହିମାକୁ ଋଦ୍ଧିମନ୍ତ କରିବାରେ ଆମ୍ଭେମାନେ ଯତ୍‌ପରୋନାସ୍ତି ଉଦ୍ୟମ କରିବା, ଏହାହିଁ ଆମର ଶପଥ ହେଉ।

ଆମ ମାତୃଭାଷା ଓଡ଼ିଆ ପାଇଁ ଆମେ ଗର୍ବିତ

ଓଡ଼ିଆ ଭାଷା ପ୍ରତିଷ୍ଠାନ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
ସଂସ୍କୃତି ଭବନ, ଭୁବନେଶ୍ୱର-୧୪, ଇମେଲ୍ : odiabhasa@nic.in

No. 55-RR
27009/11/0002/1819

" ଚାମ୍ପିୟନ୍ସ ଲିଗ୍‌ରେ ଆମ ଦଳ ମାଞ୍ଚେଷ୍ଟର ୟୁନାଇଟେଡ୍‌ଠାରୁ ପରାଜିତ ହେବାପରେ ମୁଁ ଗୋଟିଏ ରାତି ଭଲରେ ଶୋଇପାରିନି ।
–କିଲିଆନ ଏମ୍‌ବାପେ, ପ୍ୟାରିସ୍ ସେଣ୍ଟ ଜର୍ମେନ ଟିମ୍ ଖେଳାଳି



" ଆଗକୁ ବିଶ୍ୱକପ୍ ଦୃଷ୍ଟିରୁ ବିରାଟ କୋହଲି ଓ ଯଶପ୍ରୀତ ବୁମ୍‌ରାଙ୍କ ଭଳି ଖେଳାଳି ଆଇପିଏଲ୍‌ରେ ଇଞ୍ଜୁରି ପ୍ରତି ସତର୍କ ରହିବା ଆବଶ୍ୟକ ।
–ହରଭଜନ ସିଂ, ଭାରତୀୟ ସ୍ପିନର



## ସଂକ୍ଷେପରେ

### ଆଇସିସିଠାରୁ ଅନୁମତି ନେଇଥିଲା ବିସିସିଆଇ

**ମୁମ୍ବାଇ,୧୦।୩(ପି.ଟି.):** ରାଞ୍ଚିରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଭାରତୀୟ କ୍ରିକେଟର ମାନେ ମିଲିଟାରୀ ଟୋପି ପରିଧାନ କରିଥିଲେ। ଏବେ ଏ ସଂକ୍ରାନ୍ତରେ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଜବାବ ରଖିଛି। ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ୪୪ଜଣ ସିଆରପିଏଫ୍ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ତଥା ସମ୍ମାନ ଜଣାଇ କ୍ରିକେଟରମାନେ ଏହି ସେନାବାହିନୀ ଟୋପି ପିନ୍ଧିଥିଲେ। ଭାରତୀୟ ଦଳ ମଧ ଶହୀଦଙ୍କ ପରିବାରକୁ ଏହି ମ୍ୟାଚ୍‌ର ପାଉଣା ଦାନ କରିଥିଲେ। ତେବେ ପାକିସ୍ତାନ ଏହାର ବିରୋଧ କରି ଆଇସିସି ନିକଟରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା। ଭାରତୀୟ ଦଳ କ୍ରିକେଟର ରାଜନୀତିକରଣ କରୁଛି ବୋଲି ପାକିସ୍ତାନ ଅଭିଯୋଗ ଆଣିଥିଲା। ତେବେ ଏଥିପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅନୁମତି ଲୋଡିଥିଲା ବୋଲି ଆଇସିସି ତରଫରୁ ସ୍ପଷ୍ଟ କରାଯାଇଛି। ଭାରତୀୟ ଖେଳାଳିମାନେ ପ୍ରଥମଥର ପାଇଁ ଏଭଳି କିଛି ପରିଧାନ କରିନାହାନ୍ତି। ପୂର୍ବରୁ ମଧ ଭାରତୀୟ ଖେଳାଳି ବିଭିନ୍ନ ସମାଜ ମଙ୍ଗଳକାର୍ଯ୍ୟ ପାଇଁ ବିଭିନ୍ନ ଜିନିଷ ପରିଧାନ କରିବାର ଉଦାହରଣ ରହିଛି। ଗତ ବର୍ଷ ଓଭାଲରେ ଖେଳାଯାଇଥିବା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଉଭୟ ଭାରତ ଓ ଘରୋଇ ଇଂଲଣ୍ଡ ଖେଳାଳିମାନେ ଖଦି ତିଆରି ହୋଇଥିବା ଏକ ପପି ବା ପୋଷ୍ତା ପରିଧାନ କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭାରତୀୟ ସୈନିକଙ୍କୁ ସମ୍ମାନ ଜଣାଇ ଖେଳାଳିମାନେ ଏହା ପରିଧାନ କରିଥିଲେ। ସେହିପରି କିଛିମାସ ତଳେ ସିଡନୀରେ ଅନୁଷ୍ଠିତ ଟେଷ୍ଟରେ ବିରାଟ କୋହଲି ପିଙ୍କ୍ ଟେଷ୍ଟକୁ ସମର୍ଥନ କରି ନିଜସ୍ୱ ଢଙ୍ଗରେ ପିଙ୍କ ଗ୍ରିପ୍ ଓ ଷ୍ଟିକର ପରିଧାନ କରିଥିଲେ।

### ଜାତୀୟ ଜୁନିୟର ହକି ଶିବିରରେ ଯୋଗଦେବେ ୬ ଓଡ଼ିଆ

**ବେଙ୍ଗାଲୁରୁ,୧୦।୩(ପିଟି):** ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ମାର୍ଚ୍ଚ ୧୧ରୁ ୩୧ ତାରିଖ ପର୍ଯ୍ୟନ୍ତ ସାଇ କେନ୍ଦ୍ରଠାରେ ଜାତୀୟ ଜୁନିୟର ହକି ଶିବିର ଅନୁଷ୍ଠିତ ହେବ। ଏଥିଲାଗି ଏଚ୍‌ଆଇ ରବିବାର ୬୦ ଖେଳାଳିଙ୍କ ନାମ ଘୋଷଣା କରିଛି। ଏମାନଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ୬ ଜଣ ଓଡ଼ିଆ ଖେଳାଳି। ସେମାନେ ହେଲେ ଗୋଲକିପର ସାହିଲ କୁମାର ନାୟକ, ଡିଫେଣ୍ଡର ସୁମନ ବେକ୍, ଇନୋସେଣ୍ଟ ମୁଣ୍ଡା, ନବୀନ କୁଜୁର, ମିଡ୍‌ଫିଲ୍ଡର ଗ୍ରେକୋରୀ ଖେଜ ଓ ସୁନିତ ଲାକ୍ରା। ଜୁନିୟରସ୍ତରରେ ଚଳିତ ବର୍ଷ ପ୍ରଥମ ଥର ଲାଗି ଶିବିର ଆୟୋଜନ କରାଯାଉଛି। କ୍ୟାମ୍ପ୍‌ରେ ଯୋଗଦେବାକୁ ଥିବା ଖେଳାଳିଙ୍କ ମଧ୍ୟରୁ କୋଚିଂ ଓ ସପୋର୍ଟ ଷ୍ଟାଫ୍ ଭଲ ଗ୍ରୁପ୍ ଚୟନ କରିବେ ବୋଲି ଏଚ୍‌ଆଇ ସାଧାରଣ ସମ୍ପାଦକ ରାଜିନ୍ଦର ସିଂ କହିଛନ୍ତି।

### ତୃତୀୟ ରାଉଣ୍ଡରେ ଜୋକୋଭିଚ, ଭେନସ୍

**ଇଣ୍ଡିଆନ ୱେଲ୍ସ,୧୦।୩(ଏଏଫପି):** ଅଭିଜ୍ଞ ସର୍ବିୟା ଟେନିସ୍ ତାରକା ନୋଭାକ ଜୋକୋଭିଚ୍ ଆମେରିକାର ଇଣ୍ଡିଆନ ୱେଲ୍ସରେ ଚାଲିଥିବା ଏଟିପି ମାଷ୍ଟର୍ସ ଟୁର୍ନାମେଣ୍ଟରେ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରୁ ଅଭିଯାନ ଆରମ୍ଭ କରିଥିବା ଜୋକୋଭିଚ୍ ଆମେରିକା କ୍ୟାଲିଫର୍ନିୟର ବିଜୋର୍ନ ଫ୍ରାଟାଙ୍ଗେଲୋଙ୍କୁ ୭-୬, ୬-୨ ସେଟରେ ପରାସ୍ତ କରି ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ଗତଥରର ଚାମ୍ପିୟନ ତଥା ବିଶ୍ୱର ୧ ନମ୍ବର ଖେଳାଳି ଜାପାନର ନାଓମି ଓସାକା ରାଉଣ୍ଡ ଅଫ୍ ୬୪ରେ ଫ୍ରାନ୍ସର କ୍ରିଷ୍ଟିନା ମ୍ଲାଡେନୋଭିକଙ୍କୁ ୬-୩,୬-୪ ସେଟରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସେ ପରବର୍ତ୍ତୀ ରାଉଣ୍ଡରେ ୨୫ତମ ଆମେରିକୀୟ ଖେଳାଳି ଡାନିଏଲେ କଲିନ୍ସଙ୍କୁ ଭେଟିବେ। କଲିନ୍ସ ବେଲଜିୟମର କିର୍ଷ୍ଟେନ ଫ୍ଲପ୍‌କେନ୍ସଙ୍କୁ ୬-୪, ୬-୧ ସେଟରେ ହରାଇ ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିଛନ୍ତି।

## ଧାୱନ ଧମାକା ପରେ ହ୍ୟାଣ୍ଡ୍ସକମ୍ବ, ଟର୍ନରଙ୍କ ଚମକ

# ଅଷ୍ଟ୍ରେଲିଆର ଚମକପ୍ରଦ ବିଜୟ






ରବିବାର ମୋହାଲିରେ ଶତକ ହାସଲ ପରେ ଅଷ୍ଟ୍ରେଲିଆର ପିଟର ହ୍ୟାଣ୍ଡ୍ସକମ୍ବ ଓ ଭାରତର ଶିଖର ଧାୱନ।

**ମୋହାଲି, ୧୦।୩**

ମୋହାଲିର ବ୍ୟାଟିଂ ଟ୍ରାକ୍‌ରେ ୩୫୮ ରନ୍ ପର୍ଯ୍ୟାପ୍ତ ହେଲାନି। ଭାରତର ଶିଖର ଧାୱନଙ୍କ ଶ୍ରେଷ୍ଠ ଇନିଂସ୍ ପରେ ଅଷ୍ଟ୍ରେଲିଆର ପିଟର ହ୍ୟାଣ୍ଡ୍ସକମ୍ବ ହାସଲ କଲେ କ୍ୟାରିୟରର ପ୍ରଥମ ଶତକ। ଶେଷଭାଗରେ ଆଷ୍ଟନ ଟର୍ନରଙ୍କ ଇନିଂସ ହେଲା ଟର୍ନିଂ ପଏଣ୍ଟ। ହାଇ ସ୍କୋରିଂ ମ୍ୟାଚ୍‌ରେ ଭାରତକୁ ୪ ଉଇକେଟରେ ହରାଇଲା ଅଷ୍ଟ୍ରେଲିଆ। ଭାରତ ପକ୍ଷରୁ ଧାର୍ଯ୍ୟ ୩୫୯ ରନ ବିଜୟ ଲକ୍ଷ୍ୟକୁ ୪୭.୫ ଓଭରରେ ୬ ଉଇକେଟ ହରାଇ ହାସଲ କଲା ଅଷ୍ଟ୍ରେଲିଆ। ଏକଦିବସୀୟ କ୍ରିକେଟରେ ଭାରତ ବିପକ୍ଷରେ କୌଣସି ଦଳର ଏହା ସର୍ବାଧିକ ରନ ଚେଜ୍। ବିସ୍ଫୋରକ ଇନିଂସ ପାଇଁ ଟର୍ନର ହେଲେ ମ୍ୟାନ୍ ଅଫ୍ ଦି ମ୍ୟାଚ୍। ଅଷ୍ଟ୍ରେଲିଆର ଏହି ଚମକପ୍ରଦ ବିଜୟ ଫଳରେ ୫ ମ୍ୟାଚବିଶିଷ୍ଟ ସିରିଜ ଏବେ ୨–୨ ସ୍ଥିତିରେ ପହଞ୍ଚିଛି।

### ହ୍ୟାଣ୍ଡ୍ସକମ୍ବଙ୍କ ପ୍ରଥମ ଶତକ

ବୃହତ୍ ୩୫୯ ରନ୍ ବିଜୟ ଲକ୍ଷ୍ୟର ପିଛା କରିଥିବା ଅଷ୍ଟ୍ରେଲିଆ ମାତ୍ର ୧୨ ରନ୍ ମଧ୍ୟରେ ଅଧିନାୟକ ଆରୋନ ଫିଞ୍ଚ୍(୦) ଓ ଶନ୍ ମାର୍ଶ(୬)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଭୁବନେଶ୍ୱର କୁମାର ପ୍ରଥମ ଓଭରର ୪ର୍ଥ ବଲ୍‌ରେ ଫିଞ୍ଚ୍ ଏବଂ ଯଶପ୍ରୀତ ବୁମ୍‌ରା ୪ର୍ଥ ଓଭରର ୩ୟ ବଲ୍‌ରେ ମାର୍ଶଙ୍କୁ କ୍ଲିନ୍ ବୋଲ୍ଡ କରି ଚାପ ପ୍ରୟୋଗ କରିଥିଲେ। ମାତ୍ର ଉସ୍‌ମାନ ଖ୍ୱାଜା ଓ ପିଟର ହ୍ୟାଣ୍ଡ୍ସକମ୍ବ ପ୍ରଥମେ ସତର୍କତାର ସହ ଏବଂ ପରେ ଦ୍ରୁତ ଇନିଂସ୍ ଖେଳି ୧୯୨ ରନ୍‌ର ଭାଗୀଦାରି ଗଢ଼ିବାରୁ ଅଷ୍ଟ୍ରେଲିଆ ମ୍ୟାଚ୍‌କୁ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଦୁଇ ବ୍ୟାଟ୍ସମ୍ୟାନ ଭାରତୀୟ ବୋଲରଙ୍କୁ ନାକେଦମ୍ କରିଥିବାବେଳେ ୩୪ତମ ଓଭରର ପ୍ରଥମ ବଲ୍‌ରେ ଖ୍ୱାଜାଙ୍କୁ ଆଉଟ କରି ଭାରତକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ ବୁମ୍‌ରା। ୯୯ ବଲ୍ ଖେଳିଥିବା ଖ୍ୱାଜା ୯ ଚୌକା ସହାୟତାରେ ୯୧ ରନ୍ କରିଥିବାବେଳେ ବୁମ୍‌ରାଙ୍କ ବଲ୍‌ରେ ଫାଇନ୍ ଲେଗ୍‌ରେ କୁଲଦୀପ ଯାଦବଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ସେତେବେଳକୁ ଅଷ୍ଟ୍ରେଲିଆ ସ୍କୋର ୩୩.୧ ଓଭରରେ ୨୦୪ରେ ପହଞ୍ଚି ସାରିଥିଲା। ବିପଜ୍ଜନକ ବ୍ୟାଟ୍ସମ୍ୟାନ ଗ୍ଲେନ ମ୍ୟାକ୍ସୱେଲ ୧୩ ବଲ୍‌ରୁ ୨୩(୨ ଚୌକା, ୧ ଛକା) ରନ୍ କରି ଆଉଟ ହୋଇଥିଲେ ହେଁ ହ୍ୟାଣ୍ଡ୍ସକମ୍ବ ହାସଲ କରିଥିଲେ କ୍ୟାରିୟରର ପ୍ରଥମ ଦିନିକିଆ ଶତକ। ୧୦୫ ବଲ୍‌ରୁ ବ୍ୟକ୍ତିଗତ ୧୧୭ ରନ୍ କରି ଆଉଟ ହୋଇଥିବା ହ୍ୟାଣ୍ଡ୍ସକମ୍ବ ନିଜ ଇନିଂସ ମଧ୍ୟରେ ୮ ଚୌକା, ୩ ଛକା ମାରିଥିଲେ।

### ଟର୍ନର ଟର୍ନିଂ ପଏଣ୍ଟ

ରନ୍ ହାର କ୍ରମେ ବଢ଼ିଚାଲିଥିବାବେଳେ ଅଷ୍ଟ୍ରେଲିଆ ପାଇଁ ଚମତ୍କାର ଇନିଂସ ଖେଳିଥିଲେ ଆଷ୍ଟନ ଟର୍ନର। ଜୀବନର ମାତ୍ର ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ଟର୍ନର ବିସ୍ଫୋରକ ବ୍ୟାଟିଂ କରି ଭାରତ ହାତରୁ ମ୍ୟାଚ୍ ଛଡ଼ାଇ ଆଣିଥିଲେ। ସେ ହ୍ୟାଣ୍ଡ୍ସକମ୍ବଙ୍କ ସହ ୫ମ ଉଇକେଟରେ ୪୨ ଓ ୬ଷ୍ଠ ଉଇକେଟରେ ଆଲେକ୍ସ କାରେଙ୍କ ସହ ମୂଲ୍ୟବାନ ୮୬ ରନ୍ ଯୋଗକରି ଅଷ୍ଟ୍ରେଲିଆକୁ ବିଜୟୀ କରାଇଥିଲେ। କ୍ୟାରିୟରର ପ୍ରଥମ ମ୍ୟାଚ୍‌ରେ ମାତ୍ର ୨୧ ରନ କରିଥିବା ଟର୍ନର ଏଠାରେ କିନ୍ତୁ ଦ୍ୱିତୀୟ ମ୍ୟାଚ୍‌ରେ ୪୩ ବଲ୍‌ରୁ ବିସ୍ଫୋରକ ୮୪ ରନ ସଂଗ୍ରହ କରିଥିଲେ। ଶେଷଭାଗରେ ଭୁବନେଶ୍ୱର କୁମାର ଓ ଯଶପ୍ରୀତ ବୁମ୍‌ରାଙ୍କୁ ଧୂଳେଇ କରିଥିବା ଟର୍ନର ନିଜ ଇନିଂସ୍ ମଧ୍ୟରେ ୫ ଚୌକା ଓ ୬ ଛକା ମାରିଥିଲେ। କାରେ ୨୧ ରନ କରି ଆଉଟ ହୋଇଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ବୁମ୍‌ରା ୩ଟି ଏବଂ ଭୁବନେଶ୍ୱର, କୁଲଦୀପ ଓ ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ଧାୱନଙ୍କ ଶ୍ରେଷ୍ଠ ଇନିଂସ

ଟସ୍ ଜିତି ବିରାଟ କୋହଲି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ପିଚ୍ କଣ୍ଡିଶନରୁ ଫାଇଦା ଉଠାଇ ରୋହିତ ଶର୍ମା ଓ ଶିଖର ଧାୱନ ଖେଳିଥିଲେ ଚମତ୍କାର ଇନିଂସ। ଦୁହେଁ ଅଷ୍ଟ୍ରେଲୀୟ ବୋଲରଙ୍କୁ ଧୂଳେଇ କରି ଓପନିଂ ଯୋଡ଼ିରେ ୧୯୩ ରନ୍ ସଂଗ୍ରହ କରିବା ସହ ଭାରତକୁ ବଡ଼ ସ୍କୋର ଆଡ଼କୁ ନେଇଯାଇଥିଲେ। ଗତ କିଛି ମ୍ୟାଚ୍‌ରେ ଫର୍ମରେ ନ ଥିବା ଶିଖର ଏଠାରେ ଶତକୀୟ ଇନିଂସ ଖେଳିଥିବାବେଳେ ରୋହିତ ଅଳ୍ପକେ ମାତ୍ର ୫ ରନ୍ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ୯୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରୋହିତ ୭ ଚୌକା ଓ ୨ ଛକା ସହାୟତାରେ ୯୫ ରନ୍ କରିଥିବାବେଳେ ଝେ ରିଚାର୍ଡଶନଙ୍କ ବଲ୍‌ରେ ପିଟର ହ୍ୟାଣ୍ଡ୍ସକମ୍ବଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ୩୧ତମ ଓଭରର ଶେଷ ବଲ୍‌ରେ ରିଚାର୍ଡଶନ ଅଷ୍ଟ୍ରେଲିଆକୁ ବହୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ଧାୱନ କିନ୍ତୁ ଖେଳିଥିଲେ କ୍ୟାରିୟରର ଶ୍ରେଷ୍ଠ ଇନିଂସ। ୧୧୫ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଧାୱନ ୧୮ ଚୌକା ଓ ୩ ଛକା ସହାୟତାରେ ୧୪୩ ରନ୍ କରି ଦ୍ୱିତୀୟ ଖେଳାଳି ଭାବେ ଆଉଟ ହୋଇଥିଲେ। ଏକଦିବସୀୟ କ୍ରିକେଟରେ ପୂର୍ବରୁ ଧାୱନଙ୍କର ସର୍ବାଧିକ ସ୍କୋର ଥିଲା ୧୩୭(ବନାମ ଦକ୍ଷିଣ ଆଫ୍ରିକା, ମେଲବୋର୍ନ, ୨୦୧୫)। ଦିନିକିଆ କ୍ରିକେଟରେ ଏହା ଥିଲା ତାଙ୍କର ୧୬ତମ, ଘରୋଇ ପରିବେଶରେ ପ୍ରଥମ ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ୩ୟ ଶତକ। ୧୮ ଇନିଂସ ପରେ ସେ ମ୍ୟାଜିକ୍ ତିନିଅଙ୍କ ସ୍କୋର ସ୍ପର୍ଶ କରିଥିଲେ। ୨୦୧୮ ସେପ୍ଟେମ୍ବରରେ ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷରେ ସେ ଶେଷଥର ପାଇଁ ଶତକ ହାସଲ କରିଥିଲେ।

ଧାୱନ ଆଉଟ ହେବାବେଳକୁ ଭାରତର ସ୍କୋର ୩୭.୪ ଓଭରରେ ୨୫୪ ହୋଇ ସାରିଥିଲା। ଦ୍ରୁତ ରନ୍ ସଂଗ୍ରହ ଚକ୍କରରେ ଅଧିନାୟକ ବିରାଟ କୋହଲି ୭, ରିଷଭ ପନ୍ତ ୨୪ ବଲ୍‌ରୁ ୩୬(୪ ଚୌକା, ୧ ଛକା), କେଦାର ଯାଦବ ୧୦ ରନ୍ କରି ଆଉଟ ହୋଇଥିବାବେଳେ ବିଜୟ ଶଙ୍କର ୧୫ ବଲ୍‌ରୁ ଦ୍ରୁତ ୨୬(୧ ଚୌକା, ୨ ଛକା) ରନ ସଂଗ୍ରହ କରିବାରୁ ଭାରତୀୟ ସ୍କୋର ୩୫୦ ଅତିକ୍ରମ କରିଥିଲା। ଟେଲ୍ ଏଣ୍ଡର ଭୁବନେଶ୍ୱର କୁମାର ୧ ଓ ଯୁଜ୍‌ବେନ୍ଦ୍ର ଚହଲ ଖାତା ଖୋଲିପାରି ନ ଥିବାବେଳେ ଯଶପ୍ରୀତ ବୁମ୍‌ରା ଖେଳିଥିବା ଗୋଟିଏ ବଲ୍‌କୁ ଛକାରେ ପରିଣତ କରି ଭାରତୀୟ ଇନିଂସ୍‌ର ରୋମାଞ୍ଚକ ପରିସମାପ୍ତି ଘଟାଇଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ପ୍ୟାଟ୍ କମିନ୍ସ ୫ ଉଇକେଟ ସଫଳତା ପାଇଥିବାବେଳେ ରିଚାର୍ଡଶନ ୩ଟି ଏବଂ ଆଡାମ ଜାମ୍ପା ଗୋଟିଏ ଉଇକେଟ ନେଇଥିଲେ।

ଏହି ମ୍ୟାଚ୍‌ରେ ଭାରତ ୩ ପରିବର୍ତ୍ତନ ସହ ପଡ଼ିଆକୁ ଓହ୍ଲାଇଥିଲା। ପୂର୍ବ ମ୍ୟାଚ୍ ଖେଳିଥିବା ମହେନ୍ଦ୍ର ସିଂ ଧୋନୀ, ରବୀନ୍ଦ୍ର ଜାଡେଜା ଓ ଅମ୍ବାତି ରାୟୁଡୁଙ୍କ ସ୍ଥାନରେ ରିଷଭ ପନ୍ତ, ଯୁଜ୍‌ବେନ୍ଦ୍ର ଚହଲ ଓ ଲୋକେଶ ରାହୁଲଙ୍କୁ ସୁଯୋଗ ମିଳିଥିଲା।

### ସ୍କୋର ବୋର୍ଡ

**ଭାରତ ଇନିଂସ**

ରୋହିତ–କ–ହ୍ୟାଣ୍ଡ୍ସକମ୍ବ–ବୋ–ରିଚାର୍ଡଶନ–୯୫
ଧାୱନ–ବୋ–କମିନ୍ସ–୧୪୩
ଲୋକେଶ–କ–କାରେ–ବୋ–ଜାମ୍ପା–୨୬
କୋହଲି–କ–କାରେ–ବୋ–ରିଚାର୍ଡଶନ–୭
ପନ୍ତ–କ–ଫିଞ୍ଚ୍–ବୋ–କମିନ୍ସ–୩୬
କେଦାର–କ–ରିଚାର୍ଡଶନ–ବୋ–କମିନ୍ସ–୧୦
ବିଜୟ–କ–ମ୍ୟାକ୍ସୱେଲ–ବୋ–କମିନ୍ସ–୨୬
ଭୁବନେଶ୍ୱର–କ–କାରେ–ବୋ–ରିଚାର୍ଡଶନ–୧
କୁଲଦୀପ–ନଟଆଉଟ–୧
ଚହଲ–କ ଆଣ୍ଡ ବୋ–କମିନ୍ସ–୦
ବୁମ୍‌ରା–ନଟଆଉଟ–୬
ଅତିରିକ୍ତ–୭
**ମୋଟ(୯ ଉଇକେଟ, ୫୦ ଓଭର) ୩୫୮**
ଉଇକେଟ ପତନ: ୧/୧୯୩, ୨/୨୫୪, ୩/୨୬୬, ୪/୨୯୬, ୫/୩୧୪, ୬/୩୩୧, ୭/୩୪୪, ୮/୩୫୧, ୯/୩୫୨।
**ବୋଲିଂ(ଅଷ୍ଟ୍ରେଲିଆ)**
କମିନ୍ସ ୧୦–୦–୭୦–୫
ବେହରେନଡର୍ଫ ୧୦–୧–୬୧–୦
ରିଚାର୍ଡଶନ ୯–୦–୮୫–୩
ମ୍ୟାକ୍ସୱେଲ ୮–୧–୬୧–୦
ଜାମ୍ପା ୧୦–୦–୫୭–୧
ଫିଞ୍ଚ୍ ୩–୦–୨୨–୦।

**ଅଷ୍ଟ୍ରେଲିଆ ଇନିଂସ**

ଫିଞ୍ଚ୍–ବୋ–ଭୁବନେଶ୍ୱର–୦
ଖ୍ୱାଜା–କ–କୁଲଦୀପ–ବୋ–ବୁମ୍‌ରା–୯୧
ଶନ୍ ମାର୍ଶ–ବୋ–ବୁମ୍‌ରା–୬
ହ୍ୟାଣ୍ଡ୍ସକମ୍ବ–କ–ଲୋକେଶ–ବୋ–ଚହଲ–୧୧୭
ମ୍ୟାକ୍ସୱେଲ–ଏଲବିଡବ୍ଲ୍ୟୁ–କୁଲଦୀପ–୨୩
ଟର୍ନର– ନଟଆଉଟ–୮୪
କାରେ–କ–ଧାୱନ–ବୋ–ବୁମ୍‌ରା–୨୧
ରିଚାର୍ଡଶନ–ନଟଆଉଟ–୦
ଅତିରିକ୍ତ–୧୭
**ମୋଟ(୪୭.୫ ଓଭର, ୬ ଉଇକେଟ) ୩୫୯**
ଉଇକେଟ ପତନ: ୧/୩, ୨/୧୨, ୩/୨୦୪, ୪/୨୨୯, ୫/୨୭୧, ୬/୩୫୭।
**ବୋଲିଂ(ଭାରତ)**
ଭୁବନେଶ୍ୱର ୯–୦–୬୭–୧
ବୁମ୍‌ରା ୮.୫–୦–୬୩–୩
ବିଜୟ ୫–୦–୨୯–୦
କୁଲଦୀପ ୧୦–୦–୬୪–୧
କେଦାର ୫–୦–୪୪–୦
ଚହଲ ୧୦–୦–୮୦–୧

### ଏକଦିବସୀୟ କ୍ରିକେଟରେ ସର୍ବାଧିକ ରନଚେଜ୍

**୪୩୮/୯( ୪୯.୫ ଓଭର):** ଦକ୍ଷିଣ ଆଫ୍ରିକା ବନାମ ଅଷ୍ଟ୍ରେଲିଆ, ଜୋହାନ୍ସବର୍ଗ, ମାର୍ଚ୍ଚ ୧୨, ୨୦୦୬
**୩୭୨/୬(୪୯.୨ ଓଭର):** ଦକ୍ଷିଣ ଆଫ୍ରିକା ବନାମ ଅଷ୍ଟ୍ରେଲିଆ, ଡର୍ବାନ, ଅକ୍ଟୋବର ୫, ୨୦୧୬
**୩୬୪/୪ (୪୮.୪ ଓଭର):** ଇଂଲଣ୍ଡ ବନାମ ୱେଷ୍ଟଇଣ୍ଡିଜ, ବ୍ରିଜ୍ ଟାଉନ, ଫେବୃୟାରୀ ୨୦, ୨୦୧୯
**୩୬୨/୧ (୪୩.୩ ଓଭର):** ଭାରତ ବନାମ ଅଷ୍ଟ୍ରେଲିଆ, ଜୟପୁର, ଅକ୍ଟୋବର ୧୬, ୨୦୧୩
**୩୫୯/୬(୪୭.୫ ଓଭର):** ଅଷ୍ଟ୍ରେଲିଆ ବନାମ ଭାରତ, ମୋହାଲି, ମାର୍ଚ୍ଚ ୧୦, ୨୦୧୯

### ସର୍ବାଧିକ ଓପନିଂ ଭାଗୀଦାରି ବନାମ ଅଷ୍ଟ୍ରେଲିଆ

୧୯୩: ରୋହିତ ଶର୍ମା–ଶିଖର ଧାୱନ, ମୋହାଲି, ୨୦୧୯
୧୭୮: ରୋହିତ ଶର୍ମା–ଶିଖର ଧାୱନ,ନାଗପୁର, ୨୦୧୩
୧୭୬: ରୋହିତ ଶର୍ମା–ଶିଖର ଧାୱନ,ଜୟପୁର, ୨୦୧୩
୧୭୫: ସଚିନ ତେନ୍ଦୁଲକର, ସୌରଭ ଗାଙ୍ଗୁଲି, କାନ୍‌ପୁର, ୧୯୯୮

**ପ୍ରଥମ ବ୍ୟାଟିଂରେ ଅଷ୍ଟ୍ରେଲିଆ ବିପକ୍ଷରେ ସର୍ବାଧିକ ସ୍କୋର**

୩୮୩/୬, ବେଙ୍ଗାଲୁରୁ, ୨୦୧୩
୩୫୮/୯, ମୋହାଲି, ୨୦୧୯
୩୫୪/୭, ନାଗପୁର, ୨୦୦୯

**ମୋହାଲି ଗ୍ରାଉଣ୍ଡରେ ସର୍ବାଧିକ ସ୍କୋର**

୩୯୨/୪: ଭାରତ ବନାମ ଶ୍ରୀଲଙ୍କା, ୨୦୧୭
୩୫୮/୯: ଭାରତ ବନାମ ଅଷ୍ଟ୍ରେଲିଆ, ୨୦୧୯

**ଭାରତରେ ଭାରତ ବିପକ୍ଷରେ ସର୍ବାଧିକ ୩ୟ ଉଇକେଟ ଭାଗୀଦାରି**

୧୯୨: ଉସମାନ ଖ୍ୱାଜା–ପିଟର ହ୍ୟାଣ୍ଡ୍ସକମ୍ବ, ମୋହାଲି, ୨୦୧୯
୧୮୧: ଏ.ପାରୋରେ–.କ.ରଥରଫୋର୍ଡ, ବରୋଦା, ୧୯୯୪
୧୭୩*: ଜ୍ୟାକ୍ସ କାଲିସ–ଏବି ଡିଭିଲର୍ସ, ଅହମ୍ମଦାବାଦ, ୨୦୧୦
୧୭୧*: ମାର୍ଟିନ କ୍ରୋ–ଷ୍ଟିଫେନ ଫ୍ଲେମିଂ, ଜାମସେଦପୁର, ୧୯୯୫

## ଦ୍ୱିତୀୟ ଟେଷ୍ଟ: ବାଂଲାଦେଶ ୨୧୧ରେ ଅଲଆଉଟ

**ୱେଲିଂଟନ,୧୦।୩ (ଏଏଫପି)**

ବର୍ଷା ଯୋଗୁ ପ୍ରଥମ ଦୁଇ ଦିନ ଖେଳ ବାତିଲ ହେବା ପରେ ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ବାଂଲାଦେଶ ମଧ୍ୟରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ତୃତୀୟ ଦିନରେ ଖେଳ ସମ୍ଭବ ହୋଇଛି। ସ୍ଥାନୀୟ ବେସିନ ରିଜର୍ଭ ଗ୍ରାଉଣ୍ଡରେ ଟସ୍ ଜିତି ନ୍ୟୁଜିଲାଣ୍ଡ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଇନିଂସରେ ୮୧ ଓଭରରେ ୨୧୧ ରନ କରି ଅଲଆଉଟ ହୋଇଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୧.୪ ଓଭରରେ ୨ ଉଇକେଟ ହରାଇ ୩୮ ରନ ସଂଗ୍ରହ କରିଛି। ଫଳରେ ୮ ଉଇକେଟ ହାତରେ ରଖି ନ୍ୟୁଜିଲାଣ୍ଡ ୧୭୩ ରନ ପଛରେ ପଡ଼ିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ କେନ୍ ୱିଲିୟମସନ ୧୦ ଓ ଅଭିଜ୍ଞ ରସ୍ ଟେଲର ୧୯ ରନ କରି ଅପରାଜିତ ରହିଛନ୍ତି। ୬ ରନରେ ଦୁଇ ଓପନରଙ୍କୁ ହରାଇ ନ୍ୟୁଜିଲାଣ୍ଡ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଜିତ ରାଭାଲ ୩ ଓ ଟମ୍ ଲଥାମ ୪ ରନ କରି ଦ୍ରୁତ ବୋଲର ଆବୁ ଜାଏଦଙ୍କ ଦ୍ୱାର ଆଉଟ ହୋଇଥିଲେ।

ପ୍ରଥମ ଇନିଂସରେ ବାଂଲାଦେଶ ତରଫରୁ ଓପନର ତାମିମ ଇକବାଲ ସର୍ବାଧିକ ୭୪, ଉଇକେଟ କିପର ବ୍ୟାଟ୍ସମ୍ୟାନ ଲିଟନ ଦାସ ୩୩, ଶଦମନ ଇସ୍‌ଲାମ ୨୭, ସୌମ୍ୟ ସରକାର ୨୦, ମୋମିନୁଲ ହକ ୧୫, ଅଧିନାୟକ ମହମୁଦୁଲ୍ଲା ୧୩ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ପକ୍ଷରୁ ନିଲ ୱାଗନର ସର୍ବାଧିକ ୪, ଟ୍ରେଣ୍ଟ ବୋଲ୍ଟ ୩, ଟିମ ସାଉଦି, କଲିନ ଡି ଗ୍ରାଣ୍ଡହୋମ, ମ୍ୟାଟ ହେନେରୀ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

## ଟି୨୦: ମନ୍ଧାନାଙ୍କୁ କ୍ୟାରିୟରର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ

**ଦୁବାଇ, ୧୦।୩ (ପି.ଟି.)**

ସଦ୍ୟ ପ୍ରକାଶିତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ମହିଳା ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଓପନର ସ୍ମୃତି ମନ୍ଧାନା କ୍ୟାରିୟରର ଶ୍ରେଷ୍ଠ ତୃତୀୟ ସ୍ଥାନକୁ ଉଠିଛନ୍ତି। ହରମନପ୍ରୀତ କୌରଙ୍କ ଅନୁପସ୍ଥିତିରେ ମନ୍ଧାନା ଟି୨୦ରେ ଭାରତର ନେତୃତ୍ୱ ନେଇଥିଲେ। ଗତ ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜରେ ସେ ୭୨ ରନ ସଂଗ୍ରହ କରିଥିଲେ। ତୃତୀୟ ମ୍ୟାଚ୍‌ରେ ସେ ଅର୍ଦ୍ଧଶତକ ହାସଲ କରିଥିଲେ। ଇଞ୍ଜୁରି କାରଣରୁ ଏହି ସିରିଜରୁ ବାଦ ପଡିଥିବା ହରମନପ୍ରୀତ ଦୁଇଟି ସ୍ଥାନ ତଳକୁ ଖସି ୯ମ ସ୍ଥାନରେ ରହିଛନ୍ତି। ବୋଲିଂ ତାଲିକାରେ ରାଧା ଯାଦବ ୫ଟି ସ୍ଥାନ ଉପରକୁ ଉଠି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟ ବାମହାତୀ ସ୍ପିନର ଏକତା ବିଷ୍ଟ ୩ଟି ସ୍ଥାନ ଉପରକୁ ଉଠି ୫୬ତମ ସ୍ଥାନ ଅଧିକାର କରିଛନ୍ତି। ଅଫ ସ୍ପିନର ଅନୁଜା ପାଟିଲ ୩୫ରୁ ୩୧ତମ ସ୍ଥାନକୁ ଉଠିଛନ୍ତି।

ଇଂଲଣ୍ଡର ଡାନିଏଲେ ୱାଟ୍ ଦୁଇଟି ସ୍ଥାନ ଉପରକୁ ଉଠି ବ୍ୟାଟିଂ ତାଲିକାରେ କ୍ୟାରିୟରର ଶ୍ରେଷ୍ଠ ୧୭ତମ ସ୍ଥାନ ଅଧିକାର କରିଛନ୍ତି। ୩ଟି ମ୍ୟାଚ ଖେଳି ସେ ୧୨୩ ରନ କରି ଦଳକୁ ୩–୦ରେ କ୍ଲିନ୍ ସୁଇପ୍ କରାଇବା ସହ ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ସେହିପରି ଟାମି ବିୟୁମାଉଣ୍ଟ ଓ ଅଧିନାୟକ ହିଦର ନାଇଟ୍ ଦୁଇଟି ଲେଖାଏ ସ୍ଥାନ ଉପରକୁ ଉଠି ଯଥାକ୍ରମେ ୨୬ ଓ ୩୩ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୮ଟି ସ୍ଥାନ ଉପରକୁ ଉଠି ଲୌରେନ ୱିନ୍‌ଫିଲ୍ଡ ୪୫ତମ ସ୍ଥାନରେ ରହିଛନ୍ତି। ସେହିପରି ସୋଫିଆ ଡଙ୍କଲି ୧୬ଟି ସ୍ଥାନ ଉପରକୁ ଉଠି ୮୬ତମ ସ୍ଥାନ ଅଧିକାର କରିଛନ୍ତି। ଇଂଲଣ୍ଡ ବାମହାତୀ ସ୍ପିନର ଲିନ୍‌ସେ ସ୍ମିଥ୍ ସିରିଜରେ ୫ ଉଇକେଟ ଅକ୍ତିଆର କରି ୧୮୫ଟି ସ୍ଥାନ ଉପରକୁ ଉଠି ୯୫ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି କାଥେରିନ କ୍ରସ୍ ୭୧ତମ ସ୍ଥାନରେ ରହିଛନ୍ତି।

ଦଳୀୟ ର୍‍ୟାଙ୍କିଙ୍ଗ୍‌ରେ ନ୍ୟୁଜିଲାଣ୍ଡକୁ ପଛରେ ପକାଇ ଇଂଲଣ୍ଡ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ୩ ପଏଣ୍ଟ ପାଇ ଇଂଲଣ୍ଡ ମୋଟ ୨୭୭ ପଏଣ୍ଟ ହାସଲ କରି ଏହି ସଫଳତା ପାଇଛି। ତେବେ ୬ ପଏଣ୍ଟ ଅଧିକ ପାଇ ଅଷ୍ଟ୍ରେଲିଆ ଦଳୀୟ ତାଲିକାର ଶୀର୍ଷରେ ରହିଛି।



ସ୍ମୃତି ମନ୍ଧାନା

## ଅଣ୍ଟାଜନିତ ସମସ୍ୟାରେ ପଡ଼ିପାରନ୍ତି ବୁମ୍‌ରା

**ନୂଆଦିଲ୍ଲୀ, ୧୦।୩ (ପିଟି):** ଦିନିକିଆ ଫର୍ମାଟ୍‌ର ନଂ.୧ ବୋଲର ଯଶପ୍ରୀତ ବୁମ୍‌ରା ନିଜର ପାରମ୍ପରିକ ବୋଲିଂ ଷ୍ଟାଇଲ ଯୋଗୁ ଅଣ୍ଟାଜନିତ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଏହା ଅନୁଭବ କରୁଛନ୍ତି ଶରୀର ରଚନା ବିଶେଷଜ୍ଞ ଡାକ୍ତର ସିମୋନ ଫେରସ। ଭାରତୀୟ ବୋଲରଙ୍କ ବୋଲିଂ ଶୈଳୀ ଉପରେ ଅଷ୍ଟ୍ରେଲିଆର ଭିକ୍ଟୋରିଆସ୍ଥିତ ଡିକିନ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଦଳ ସହ ଜଡ଼ିତ ଥିବା ଫେରସ ଓ ଫିଜିଓଥେରାପିଷ୍ଟ ଜନ ଗ୍ଲୋଷ୍ଟର ଅଧ୍ୟୟନ କରିଛନ୍ତି। ବିଶ୍ୱର କ୍ରୀଡ଼ା ବିଜ୍ଞାନ କ୍ଷେତ୍ରରେ ଡିକିନ ବିଶ୍ୱବିଦ୍ୟାଳୟର ମାନ୍ୟତା ୩ୟ। ବୋଲିଂ କରିବାବେଳେ ସାମ୍ନା ଗୋଡ଼ର ଲାଇନ୍ ବାହାରେ ବଲ୍ ଛାଡ଼ିବା ବୁମ୍‌ରାଙ୍କ ଅଭ୍ୟାସ। ଏଥିଯୋଗୁ ବଲ୍ ଇନ୍‌ସୁଇଙ୍ଗ କରେ। ଯାହାଫଳରେ ସେ ଡାହାଣହାତୀ ବ୍ୟାଟ୍ସମ୍ୟାନଙ୍କୁ ସହଜରେ ଅସୁବିଧାରେ ପକାଇପାରନ୍ତି।

“ଏଏଫ୍‌ସି କ୍ୱାଲିଫାୟର ପାଇଁ ଆମେ ନିଜକୁ କେମିତି ପ୍ରସ୍ତୁତ କରିଛୁ, ତାହା କାତାର ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଜଣାପଡ଼ିବ ।

–ଡେରିକ୍ ପେରିରା
ଭାରତର ୨୩ ବର୍ଷରୁ କମ୍ ଫୁଟ୍‌ବଲ କୋଚ୍



“ଇଣ୍ଡିଆନ୍ ୱେଲ୍ସରେ ବିୟର୍ନ ଫ୍ରାଟାଙ୍ଗେଲୋ ବିପକ୍ଷ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଆରମ୍ଭରେ ମୁଁ ସାମାନ୍ୟ ନର୍ଭସ ହୋଇଯାଇଥିଲି ।

–ନୋଭାକ ଜୋକୋଭିଚ୍, ସର୍ବୀୟ ଟେନିସ୍ ଖେଳାଳି



## ସଂକ୍ଷେପରେ

### ଇଣ୍ଡିଆନ୍ ୱେଲ୍ସ ଏଟିପି: ବିପର୍ଯ୍ୟୟ ଘଟାଇଲେ ପ୍ରଜନେଶ

**ଇଣ୍ଡିଆନ ୱେଲ୍ସ, ୧୦।୩(ପି.ଟି.):** ଏଠାରେ ଚାଲିଥିବା ଇଣ୍ଡିଆନ ୱେଲ୍ସ ଏଟିପି ମାଷ୍ଟର୍ସ ଟୁର୍ନାମେଣ୍ଟରେ ଭାରତୀୟ କ୍ୱାଲିଫାୟର ପ୍ରଜନେଶ ଗୁଣେଶ୍ୱରନ ବିପର୍ଯ୍ୟୟ ଘଟାଇବା ସହ କ୍ୟାରିୟରର ସର୍ବବୃହତ୍ ବିଜୟ ହାସଲ କରିଛନ୍ତି। ଟୁର୍ନାମେଣ୍ଟ ମୁଖ୍ୟ ଡ୍ର’ ସିଙ୍ଗଲ୍ସରେ ସେ ପ୍ରଥମ ଥର ପାଇଁ ଅଂଶଗ୍ରହଣ କରିଥିଲେ। ଗୁଣେଶ୍ୱରନ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ବିଶ୍ୱର ୧୮ ନମ୍ବର ଖେଳାଳି ଜର୍ଜିଆର ନିକୋଲୋଜ ବାସିଲାଶଭିଲିଙ୍କୁ ୬-୪, ୬-୭, ୭-୬ ସେଟ୍‌ର ପରାସ୍ତ କରି ଅଗ୍ରଗତି କରିଛନ୍ତି। ବିଜୟୀ ହେବା ପାଇଁ ତାଙ୍କୁ ଦୁଇ ଘଣ୍ଟା ୩୨ ମିନିଟ ସମୟ ଆବଶ୍ୟକ ହୋଇଥିଲା। ବିଶ୍ୱ ର୍‌ୟାଙ୍କିଙ୍ଗ୍‌ର ୯୭ ନମ୍ବର ସ୍ଥାନରେ ରହିଥିବା ଗୁଣେଶ୍ୱରନ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ନିଜ ପ୍ରଦର୍ଶନରେ ସେ ବେଶ୍ ଖୁସି ଜାହିର କରିଛନ୍ତି। ପ୍ରଥମଥର ପାଇଁ ସେ ଶ୍ରେଷ୍ଠ ୨୦ରେ ସ୍ଥାନ ପାଇଥିବା କୌଣସ ଖେଳାଳିଙ୍କୁ ହରାଇଛନ୍ତି। ତୃତୀୟ ରାଉଣ୍ଡରେ ପ୍ରଜନେସ ଏବେ କ୍ରୋଏସିଆର ୮୯ ନମ୍ବର ଖେଳାଳି ଇଭୋ କାର୍ଲୋଭିକଙ୍କୁ ଭେଟିବେ। ପୂର୍ବରୁ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ପ୍ରଜନେଶ ଫ୍ରାନ୍ସର ବେନୋଇଟ୍ ପାଇରେଙ୍କୁ ୭-୬, ୬-୪ ସେଟରେ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଥିଲେ। ଏହା ପୂର୍ବରୁ ଗତବର୍ଷ ବିଶ୍ୱର ୨୩ ନମ୍ବର ଖେଳାଳି ଡେନିସ୍ ଶାପୋଭାଲୋଭଙ୍କୁ ଷ୍ଟୁଟ୍‌ଗାର୍ଟରେ ହରାଇ କ୍ୟାରିୟରର ବୃହତ୍ ବିଜୟ ହାସଲ କରିଥିଲେ।

# ଜାତୀୟ ତୀରନ୍ଦାଜୀ ଚାମ୍ପିୟନଶିପ୍ ଉଦ୍‌ଘାଟିତ



ସିନିୟର ଜାତୀୟ ତୀରନ୍ଦାଜୀ ଚାମ୍ପିୟନଶିପ ଉଦ୍‌ଘାଟନୀ ଅବସରରେ ବିଭିନ୍ନ ଦଳର ପ୍ରତିଯୋଗୀମାନେ।

**କଟକ ଅଫିସ,୧୦।୩**

ବାରବାଟୀ ଷ୍ଟାଡିୟମ୍‌ରେ ରବିବାରଠାରୁ ଆରମ୍ଭ ହୋଇଛି ୩୯ତମ ସିନିୟର ଜାତୀୟ ତୀରନ୍ଦାଜୀ ଚାମ୍ପିୟନଶିପ୍। ପ୍ରଥମ ଦିବସରେ ଉଭୟ ପୁରୁଷ, ମହିଳା ବର୍ଗର ସିଙ୍ଗଲ୍ସ ଓ ଦଳଗତ ରିକର୍ଭ ରାଉଣ୍ଡ ପ୍ରତିଯୋଗିତା ହୋଇଛି। ଦୁଇ ରାଉଣ୍ଡ ଖେଳ ଶେଷ ହୋଇଥିବା ବେଳେ ସୋମବାର ସିଙ୍ଗଲ୍ସ ଏଲିମେନେଶନ ଓ ଫାଇନାଲ ମୁକାବିଲା ସହ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ମଙ୍ଗଳବାରଠାରୁ ଆରମ୍ଭ ହେବ ପ୍ରତିଯୋଗିତାର କମ୍ପାଉଣ୍ଡ ରାଉଣ୍ଡ। ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ମହିଳା ସିଙ୍ଗଲ୍ସରେ ଅଗ୍ରଣୀ ରହିଛନ୍ତି ଆର୍‌ଏସ୍‌ପିବିର ଏଲ୍. ବୋମ୍ବାଲ୍ୟ ଦେବୀ। ୭୦ମିଟର ବିଶିଷ୍ଟ ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରେ ୩୨୯ ପଏଣ୍ଟ ଓ ଦ୍ୱିତୀୟ ରାଉଣ୍ଡରେ ୩୧୩ ପଏଣ୍ଟ ହାସଲ କରି ବୋମ୍ବାଲ୍ୟ ଶୀର୍ଷ ସ୍ଥାନରେ ରହିଛନ୍ତି। ତାଙ୍କ ପଛକୁ ଝାଡ଼ଖଣ୍ଡର ଅଙ୍କିତା ଭକତ (୬୩୯ ପଏଣ୍ଟ), ହରିୟାଣାର ପ୍ରୀତି (୬୨୮ ପଏଣ୍ଟ), ରିଦ୍ଧି ଫୋର( ୬୨୮ ପଏଣ୍ଟ), ସଙ୍ଗୀତା( ୬୨୫ ପଏଣ୍ଟ) ରହିଛନ୍ତି। ଅନ୍ତର୍ଜାତୀୟ ତାରକା ଖେଳାଳି ଦୀପିକା କୁମାରୀ ଏହି ଇଭେଣ୍ଟରେ ୬୨୨ ପଏଣ୍ଟ ହାସଲ କରି ୭ମ ସ୍ଥାନରେ ଅଛନ୍ତି। ସେହିପରି ମହିଳା ଦଳଗତ ପ୍ରତିଯୋଗିତାରେ ଅଗ୍ରଣୀ ନେଇଛି ଝାଡ଼ଖଣ୍ଡ। ଦୀପିକା କୁମାରୀ, ଅଙ୍କିତା ଭକତ, କୋମଳିକା ବାରି, ସୁସ୍ମିତା ବିରୁଲିଙ୍କୁ ନେଇ ଗଠିତ ଝାଡ଼ଖଣ୍ଡ ଦଳ ମୋଟ ୧୮୮୩ ପଏଣ୍ଟ ହାସଲ କରି ପ୍ରଥମ ହୋଇଛି। ସେହିପରି ୧୮୮୧ ପଏଣ୍ଟ ସହ ହରିୟାଣା ଦ୍ୱିତୀୟ, ୧୮୪୯ ପଏଣ୍ଟ ସହ ଆର୍‌ଏସ୍‌ପିବି ତୃତୀୟ, ଏଆଇପିଏସ୍‌ସିବି ୧୮୨୦ ଚତୁର୍ଥ ଏବଂ ୧୮୦୭ ପଏଣ୍ଟ ସହ ପଞ୍ଜାବ ପଞ୍ଚମ ସ୍ଥାନରେ ରହିଛି। ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସରେ ମହାରାଷ୍ଟ୍ରର ସୁଖମଣି ବାବରେକର ୬୫୫ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛନ୍ତି। ତାଙ୍କ ପଛକୁ ଏସ୍‌ଏସ୍‌ସିବିର ପ୍ରବୀଣ ଯାଦବ(୬୫୩ ପଏଣ୍ଟ), ତରୁଣଦୀପ ରାୟ(୬୫୨ ପଏଣ୍ଟ), ଏଆଇପିଏସ୍‌ସିବିର ଚମନ ସିଂ(୬୫୧ପଏଣ୍ଟ) ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥ ସ୍ଥାନ ମଧ୍ୟରେ ରହିଛନ୍ତି। ପୁରୁଷ ଦଳଗତ ମୁକାବିଲାରେ ଏସ୍‌ଏସ୍‌ସିବି ଅଗ୍ରଣୀ ନେଇଛି। ଏସ୍‌ଏସ୍‌ସିବି ମୋଟ୍ ୧୯୫୨ ପଏଣ୍ଟ ହାସଲ କରିଛି। ମହାରାଷ୍ଟ୍ର (୧୯୨୯ ପଏଣ୍ଟ), ଦିଲ୍ଲୀ (୧୯୦୦ ପଏଣ୍ଟ) ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଏତଦ୍‌ବ୍ୟତୀତ ରିକର୍ଭ ମିକ୍ସଡ ପ୍ରତିଯୋଗିତାରେ ଝାଡ଼ଖଣ୍ଡ ଶୀର୍ଷରେ ରହିଛି। ଓଡ଼ିଶା ତୀରନ୍ଦାଜୀ ସଂଘ ସଭାପତି ଅଜିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ଶଶିଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଭାରତୀୟ ତୀରନ୍ଦାଜୀ ମହାସଂଘ ସଭାପତି ଭି.ଭି.ପି. ରାଓ, ଉପସଭାପତି ଆଇ.ଏସ୍ ତୋମାର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ରାଜ୍ୟ ଆସୋସିଏଶନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ବିବରଣୀ ପାଠ କରିଥିବା ବେଳେ ଉପସଭାପତି ଡ. ସରୋଜ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସେଣ୍ଟ ଜାଭିୟର୍ସ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଓଡ଼ିଶାର ନୈରାଶ୍ୟଜନକ ପ୍ରଦର୍ଶନ

ଘରୋଇ ମାଟିରେ ଓଡ଼ିଶାର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ରିକର୍ଭ ଇଭେଣ୍ଟର କୌଣସି ବର୍ଗରେ ଓଡ଼ିଶା ପଦକ ଜିତିବାର ସୁଯୋଗ ସୃଷ୍ଟି କରିପାରିନି। ମହିଳା ସିଙ୍ଗଲ୍ସରେ ଓଡ଼ିଶାର ଚନ୍ଦ୍ରମଣି ମୁଣ୍ଡା ୮୫ତମ ସ୍ଥାନ, ବାଲି ବନସିଂ ୯୦ତମ, ଆଶାଲତା ଦାସ ୯୨ତମ, ସୁମି ମୁଣ୍ଡା ୯୫ତମ ସ୍ଥାନରେ ରହିଥିଲେ। ମହିଳା ଦଳଗତ ବିଭାଗରେ ଓଡ଼ିଶା ସବୁଠାରୁ ଶେଷ ର୍‌ୟାଙ୍କ୍ ତଥା ୨୩ତମ ସ୍ଥାନରେ ରହିଥିଲା। ପୁରୁଷ ବର୍ଗରେ ଓଡ଼ିଶା ଉନ୍ନତ ପ୍ରଦର୍ଶନ କରିଥିଲା। ରଞ୍ଜିତ ନାୟକ ୬୩୪ ପଏଣ୍ଟ ପାଇ ୧୮ତମ ସ୍ଥାନରେ ରହିଥିଲେ। ଅଳ୍ପ ପଏଣ୍ଟ ବ୍ୟବଧାନରେ ସେ ଶୀର୍ଷ ୧୦ରୁ ଦୂରରେ ରହିଥିଲେ। ଏହାଛଡ଼ା ସୂର୍ଯ୍ୟମଣି ମାଝି ୫୫ତମ, ସୀମାଞ୍ଚଳ କନ୍ଦ୍ରକ ୮୦ତମ, ପ୍ରଭାତ ମିଞ୍ଜ ୮୫ତମ ସ୍ଥାନ ହାସଲ କରିଥିଲେ। ପୁରୁଷ ଦଳଗତରେ ଓଡ଼ିଶା ୧୭ତମ ସ୍ଥାନରେ ରହିଥିଲା। ସେହିପରି ମିକ୍ସଡ ଇଭେଣ୍ଟରେ ଓଡ଼ିଶା ୨୩ତମ ସ୍ଥାନରେ ରହିଥିଲା।

**ସ୍ପାନିଶ୍ ଲା ଲିଗା**

## ମେସି, ସୁଆରେଜ ବାର୍ସିଲୋନାକୁ ଜିତାଇଲେ

**ମାଡ୍ରିଡ, ୧୦।୩ (ଏଏଫପି):** ସ୍ପାନିଶ୍ ଲା ଲିଗାର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ସୁପରଷ୍ଟାର ଲିଓନେଲ ମେସି ଓ ଲୁଇସ୍ ସୁଆରେଜଙ୍କ ଗୋଲ ବଳରେ ବାର୍ସିଲୋନା ବିଜୟୀ ହୋଇଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବାର୍ସିଲୋନା ୩-୧ ଗୋଲରେ ରାୟୋ ଭାଲେକାନୋକୁ ପରାସ୍ତ କରିଛି। ୧-୦ ଗୋଲରେ ପଛରେ ଥାଇ ବାର୍ସିଲୋନା ପ୍ରତ୍ୟାବର୍ତ୍ତନ କରି ଏହି ବିଜୟ ହାସଲ କରିଥିଲା। ୨୪ତମ ମିନିଟ୍‌ରେ ଭାଲେକାନୋ ତରଫରୁ ଡି ଟେମାସ ଗୋମେଜ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ଏହାପରେ ଗେରାର୍ଡ ପିକ୍ ୩୮ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ସମାନ ସ୍ଥିତିକୁ ଆଣିଥିଲେ। ଏହାପରେ ପେନାଲ୍ଟି ଜରିଆରେ ମେସି ୫୧ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଶେଷରେ ସୁଆରେଜ ୮୨ତମ ମିନିଟ୍‌ରେ ଗୋଲ ଦେଇ ବାର୍ସିଲୋନାକୁ ବିଜୟୀ କରାଇଥିଲେ। ଏହି ବିଜୟ ସହ ବାର୍ସିଲୋନା ୨୭ଟି ମ୍ୟାଚ୍ ଖେଳି ୬୩ ପଏଣ୍ଟ ପାଇ ଶୀର୍ଷରେ ରହିଛି। ସେହିପରି ଆଟଲେଟିକୋ ମାଡ୍ରିଡ ୨୭ ଟି ମ୍ୟାଚ୍ ଖେଳି ୫୬ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ରିୟଲ ମାଡ୍ରିଡ ୨୭ଟି ମ୍ୟାଚ୍ ଖେଳି ୪୮ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି।

# ସୁପର କପ୍ ପାଇଁ କଳିଙ୍ଗ ପ୍ରସ୍ତୁତ



**ଭୁବନେଶ୍ୱର, ୧୦।୩ (କ୍ରୀଡ଼ା ପ୍ରତିନିଧି)**

ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସଂସ୍କରଣ ପାଇଁ କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ। ଏଠାରେ ମାର୍ଚ୍ଚ ୧୫ରୁ ଏପ୍ରିଲ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଫୁଟବଲର ଏହି ମହାପର୍ବ। ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ ପକ୍ଷରୁ ରବିବାର ପ୍ରକାଶିତ କାର୍ଯ୍ୟସୂଚୀ ଅନୁସାରେ ମାର୍ଚ୍ଚ ୧୫ ଓ ୧୬ ତାରିଖ ଦୁଇଦିନଧରି ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ଖେଳାଯିବ। ମାର୍ଚ୍ଚ ୨୯ରୁ ଆରମ୍ଭ ହେବ ପ୍ରି-କ୍ୱାର୍ଟର ଫାଇନାଲ। କ୍ୱାର୍ଟର ଫାଇନାଲ ଏପ୍ରିଲ ୪ରୁ ୭, ସେମିଫାଇନାଲ ୯ ଓ ୧୦ ଏବଂ ଫାଇନାଲ ଏପ୍ରିଲ ୧୩ରେ ଅନୁଷ୍ଠିତ ହେବ। ଫର୍ମାଟ ଅନୁସାରେ ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିବେ। ଆଇ-ଲିଗ୍ ଏବଂ ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ)ର ଶ୍ରେଷ୍ଠ ୬ଟି ଲେଖାଏ ଦଳ ସିଧା ପ୍ରି-କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ୨ଟି ଲିଗ୍‌ର ନିମ୍ନ ର୍‌ୟାଙ୍କ୍‌ପ୍ରାପ୍ତ ୪ଟି ଲେଖାଏ ଦଳ ଯୋଗ୍ୟତା ପର୍ଯ୍ୟାୟ ଖେଳିବେ। ସେଥିରୁ ୪ଟି ଦଳ ପୂର୍ବ ୧୨ ଦଳ ସହ ଯୋଗଦେବେ। ସେହି ଅନୁସାରେ ଆଇ-ଲିଗ୍‌ରୁ ଚାମ୍ପିୟନ ଚେନ୍ନାଇ ସିଟି, ଇଷ୍ଟ ବେଙ୍ଗଲ, ରିୟଲ କଶ୍ମୀର, ଚର୍ଚ୍ଚିଲ ବ୍ରଦର୍ସ ଓ ମୋହନ ବାଗାନ ଏବଂ ଆଇଏସଏଲରୁ ବେଙ୍ଗାଲୁରୁ ଏଫସି, ଗୋଆ ଏଫସି, ନର୍ଥ ଇଷ୍ଟ ୟୁନାଇଟେଡ, ମୁମ୍ବାଇ ସିଟି, ଜାମସେଦପୁର ଏଫସି ଓ ଆଟଲେଟିକୋ ଡି କୋଲକାତା(ଏଟିକେ) ସିଧା ମୁଖ୍ୟ ଟୁର୍ନାମେଣ୍ଟକୁ ଯୋଗ୍ୟତା ପାଇଛନ୍ତି। ଆଇ-ଲିଗ୍‌ରୁ ଆଇଜଲ ଏଫସି, ଇଣ୍ଡିଆନ ଆରୋଜ୍, ଗୋକୁଲମ୍ କେରଳ ଓ ମିନର୍ଭା ପଞ୍ଜାବ ଏବଂ ଆଇଏସଏଲରୁ ପୁଣେ ସିଟି, ଦିଲ୍ଲୀ ଡାଇନାମସ, କେରଳ ବ୍ଲାଷ୍ଟର୍ସ ଓ ଚେନ୍ନାଇନ୍ ଏଫସି ଯୋଗ୍ୟତା ପର୍ଯ୍ୟାୟ ଖେଳିବେ।

## କାର୍ଯ୍ୟସୂଚୀ

**କ୍ୱାଲିଫାୟର**

ମାର୍ଚ୍ଚ ୧୫: ପୁଣେ ସିଟି ବନାମ ମିନର୍ଭା ପଞ୍ଜାବ/ଗୋକୁଲମ କେରଳ, ସମୟ: ଅପରାହ୍ନ ୫ଟା

ମାର୍ଚ୍ଚ ୧୫: କେରଳ ବ୍ଲାଷ୍ଟର୍ସ ବନାମ ଇଣ୍ଡିଆନ ଆରୋଜ, ସମୟ: ରାତି ୮ଟା ୩୦

ମାର୍ଚ୍ଚ ୧୬: ଦିଲ୍ଲୀ ଡାଇନାମସ ବନାମ ଗୋକୁଲମ କେରଳ/ମିନର୍ଭା ପଞ୍ଜାବ, ସମୟ: ଅପରାହ୍ନ: ୫ଟା

ମାର୍ଚ୍ଚ ୧୬: ଚେନ୍ନାଇନ୍ ଏଫସି ବନାମ ଆଇଜଲ ଏଫସି, ସମୟ: ରାତି ୮ଟା ୩୦

**ପ୍ରି-କ୍ୱାର୍ଟର ଫାଇନାଲ**

ମାର୍ଚ୍ଚ ୨୯: କ୍ୱାଲିଫାୟର-୪ ବନାମ ମୁମ୍ବାଇ ସିଟି, ସମୟ: ରାତି ୮ଟା ୩୦

ମାର୍ଚ୍ଚ ୩୦: କ୍ୱାଲିଫାୟର-୨ ବନାମ ଏଫସିଗୋଆ, ସମୟ: ଅପରାହ୍ନ ୫ଟା

ମାର୍ଚ୍ଚ ୩୦: କ୍ୱାଲିଫାୟର-୩ ବନାମ ଇଷ୍ଟବେଙ୍ଗଲ, ସମୟ: ରାତି ୮ଟା ୩୦

ମାର୍ଚ୍ଚ ୩୧: ମୋହନ ବାଗାନ ବନାମ ବେଙ୍ଗାଲୁରୁ ଏଫସି, ସମୟ: ଅପରାହ୍ନ ୫ଟା

ମାର୍ଚ୍ଚ ୩୧: କ୍ୱାଲିଫାୟର-୧ ବନାମ ଚେନ୍ନାଇ ସିଟି, ସମୟ: ରାତି ୮ଟା ୩୦

ଏପ୍ରିଲ ୧: ଏଟିକେ ବନାମ ରିୟଲ କଶ୍ମୀର, ସମୟ: ରାତି ୮ଟା ୩୦

ଏପ୍ରିଲ ୨: ଜାମସେଦପୁର ଏଫସି ବନାମ ଚର୍ଚ୍ଚିଲ ବ୍ରଦର୍ସ, ସମୟ: ରାତି ୮ଟା ୩୦

ଏପ୍ରିଲ ୩: ନେରୋକା ଏଫସି ବନାମ ନର୍ଥ ଇଷ୍ଟ ୟୁନାଇଟେଡ, ସମୟ: ରାତି ୮ଟା ୩୦

(ସୁପର କପ୍ କ୍ୱାର୍ଟର ଫାଇନାଲ ଏପ୍ରିଲ ୪ରୁ ୭, ସେମିଫାଇନାଲ ୯ ଓ ୧୦ ଏବଂ ଫାଇନାଲ ଏପ୍ରିଲ ୧୩ରେ ଅନୁଷ୍ଠିତ ହେବ। ସମସ୍ତ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ)।

# ସେମିରେ ୟୁନିୟନ ସ୍ପୋର୍ଟିଂ

**ଭୁବନେଶ୍ୱର,୧୦।୩(ସ୍ପୋର୍ଟ୍ସ ବ୍ୟୁରୋ)**



ଅତିଥି ଯଜ୍ଞଜିତ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

ପାରାମାଉଣ୍ଟ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଚାଲିଥିବା ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ୟୁନିୟନ ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଖେଳାଯାଇଥିବା ୩ୟ କ୍ୱାର୍ଟର ଫାଇନାଲରେ ୟୁନିୟନ ସ୍ପୋର୍ଟିଂ ୬ ଉଇକେଟରେ ଓସ୍କାର ସ୍ପୋର୍ଟିଂକୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓସ୍କାର ୨୯.୫ ଓଭରରେ ମାତ୍ର ୯୪ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ବୋଲିଂରେ ୟୁନିୟନ ତରଫରୁ ଯଜ୍ଞଜିତ ସାହୁ ୬ ଉଇକେଟ ନେଇଥିଲେ। ଜବାବରେ ୟୁନିୟନ ସ୍ପୋର୍ଟିଂ ମାତ୍ର ୨୪.୩ ଓଭରରେ ୪ ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ବିଜୟୀ ଦଳ ପାଇଁ ଚିତ୍ତରଞ୍ଜନ ବେହେରା ୪୧ ରନ୍ କରି ଅପରାଜିତ ଥିଲେ। ବିଜୟୀ ଦଳ ପକ୍ଷରୁ ଜବରଦସ୍ତ ବୋଲିଂ କରିଥିବା ଯଜ୍ଞଜିତ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ବେଷ୍ଟ ଫିଲ୍ଡର ପୁରସ୍କାର ପାରାମାଉଣ୍ଟ କ୍ଲବର ପ୍ରତିଷ୍ଠାତା ସଭ୍ୟ ବିବେକାନନ୍ଦ ଦାସ ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ଅମ୍ପାୟର ଭାବେ ପ୍ରଦୀପ ଜେନା ଓ ସୁଶାନ୍ତ ଦାସ ପରିଚାଳନା କରିଥିଲେ। ରଶ୍ମିରଞ୍ଜନ ମଲ୍ଲ ଓ ରାଜୀବ ସର୍ଦ୍ଦାର ସ୍କୋରର ଦାୟିତ୍ୱରେ ଥିବାବେଳେ ଅଭିନାଶ ସାମଲ ଭାଷ୍ୟକାରିତା କରିଥିଲେ। ପ୍ରତିଯୋଗିତାର ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଗ୍ରୀନ୍ସ ଏକାଡେମୀ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଖେଳାଯିବ।

# କାଭିନ୍ଦରଙ୍କୁ ସ୍ୱର୍ଣ୍ଣ, ଭାରତକୁ ୪ ରୌପ୍ୟ

**ନୂଆଦିଲ୍ଲୀ, ୧୦।୩ (ପି.ଟି.)**

ଫିନ୍‌ଲାଣ୍ଡର ହେଲସେଙ୍କିଠାରେ ଚାଲିଥିବା ୩୮ତମ ଜିବି ବକ୍ସିଂ ଟୁର୍ନାମେଣ୍ଟରେ କାଭିନ୍ଦର ସିଂ ବିସ୍ତ (୫୬କେଜି) ସ୍ୱର୍ଣ୍ଣ ଜିତିଥିବାବେଳେ ଶିବା ଥାପ୍ପା (୬୦କେଜି) ଏବଂ ଅନ୍ୟ ୩ଜଣ ଭାରତୀୟ ବକ୍ସର ରୌପ୍ୟ ଜିତିଛନ୍ତି। ଶିବାଙ୍କୁ ଛାଡ଼ି ରୌପ୍ୟ ଜିତିଥିବା ଅନ୍ୟ ବକ୍ସରମାନେ ହେଲେ ଗୋବିନ୍ଦ ସାହାଣୀ (୪୯କେଜି), ରାଜ୍ୟଗୋଷ୍ଠୀ ବ୍ରୋଞ୍ଜ ପଦକ ବିଜୟୀ ମହମ୍ମଦ ହୁସାମୁଦ୍ଦିନ (୫୬କେଜି) ଓ ଦୀନେଶ ଡାଗର (୬୯କେଜି)। ୫୬କେଜି ଟାଇଟଲ ମୁକାବିଲା ଦୁଇ ଭାରତୀୟ ବିସ୍ତ ଓ ହୁସାମୁଦ୍ଦିନଙ୍କ ମଧ୍ୟରେ ହୋଇଥିଲା, ଯାହାକି ଏକ ବିରଳ ଦୃଷ୍ଟାନ୍ତ। ଉଭୟ ବକ୍ସର ସର୍ଭିସେସ୍ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ଏସ୍‌ଏସ୍‌ସିବି)ର ହୋଇଥିବାରୁ ପରସ୍ପରଙ୍କ ଟେକ୍‌ନିକ୍ ବିଷୟରେ ଅବଗତ। ତେଣୁ ଫାଇନାଲ ଲଢେଇ ଖୁବ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏଥିରେ କିନ୍ତୁ ବିସ୍ତ ବାଜି ମାରି ନେଇଥିଲେ। ଅନ୍ୟପକ୍ଷରେ ଥାଇଲାଣ୍ଡର ଥିତିସାନ ପାନ୍‌ମୋଦଙ୍କ ବିପକ୍ଷ ଟାଇଟଲ ମୁକାବିଲାର ଓପନିଂ ରାଉଣ୍ଡରେ ସାହାଣୀ ବିଜୟ ଲାଭ କରିଥିଲେ ମଧ୍ୟ ଜଜ୍‌ମାନେ ପରବର୍ତ୍ତୀ ଦୁଇ ରାଉଣ୍ଡରେ ପାନ୍‌ମୋଦ୍‌ଙ୍କ ସପକ୍ଷରେ ଯାଇଥିଲେ। ଶେଷରେ ଥାଇ ବକ୍ସର ଏହି ବାଉଟ୍‌କୁ ୩-୨ରେ ଜିତିଥିଲେ। ତିନିଥର ଏସିଆନ ପଦକ ବିଜେତା ଥାପ୍ପା (୬୦କେଜି) ସ୍ଥାନୀୟ ଫେଭରାଇଟ୍ ଆର୍‌ସ୍ଲାନ୍ ଖାତାଏଭ୍‌ଙ୍କଠାରୁ ୧-୪ରେ ହାରିଯାଇଥିଲେ। ସେହିପରି ଗତବର୍ଷ ଇଣ୍ଡିଆ ଓପନ୍‌ରେ ରୌପ୍ୟ ଜିତିଥିବା ଡାଗର ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ଇଂଲଣ୍ଡର ପ୍ୟାଟ୍ ମ୍ୟାକ୍‌କୋରମାକ୍‌ଙ୍କଠାରୁ ହାରିଯାଇଥିଲେ। ଅନ୍ୟପକ୍ଷରେ ସୁମିତ ସାଙ୍ଗୱାନ (୯୧କେଜି), ପୂର୍ବତନ ୟୁଥ୍ ୱାର୍ଲ୍ଡ ଚାମ୍ପିୟନ ସଚିନ ସିୱାଚ (୫୨କେଜି) ଓ ନବୀନ କୁମାର (+୯୧କେଜି) ପ୍ରମୁଖ ସେମାନଙ୍କ ସେମିଫାଇନାଲ ବାଉଟ୍ ହାରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।



TVS 3 YEAR WARRANTY
FOR ALL INSTITUTIONAL/BULK REQUIREMENTS PLEASE MAIL corporatecustomersupport@tvsmotor.com Authorised Main Dealers: SAMBALPUR: Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628. BHAWANIPATNA: Barun TVS, Ph: 8260430746; ROURKELA: Gurugobind TVS, Ph: 8260566699; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph : 6370700730, 6370700734. Authorised Dealers: Rengali, Kalinga Automobiles, Ph.: 9437052831; Deogarh, Saswati Motors, Ph : 9437392892; Charbahal, RB Motors, Ph.: 9853406294; Junagarh, Indian Automobiles, Ph.: 9437092284, 9437939586; Nuapara, G K Motors, Ph.: 9937653638; Raj Khariar, Classic Auto, 9439144433; Muniguda, Bhagabati Motors, Ph : 9583860028; Dharmagarh, Gayatri Enterprises, Ph : 9938883405; Belpahar, Sova Automobiles, Ph.: 9238581791; Binka, Chandralata Motors, Ph : 7894255589; Attabira, Swati Auto, Ph : 9853157276; Barpali, Shree Krishna Motors, Ph.: 9777703149; Patnagarh, Samleshwari Motors, Ph.: 9938621078; Dungripally, Pabnee Motors, Ph.: 9937926986; Sundergarh, S. B. Automobiles, Ph.: 06622-274361, 9437139011; Rajgangpur, Bramha Motors, Ph : 9861265188 ; San Balichuan, Gayatri Motors, Ph : 8658502167; Khariar Road, Nanesh Auto, Ph.: 9938098888; Sohela, Khamari Auto, Ph.: 9938739550; Thuvapali, Goyal Auto, Ph : 9937452169 ; Bhatli, Saraswati Motors, Ph : 9090140103; Titlagarh, Maruti, 9438096285; Boudh, M.D. Motors, Ph.: 9439238768; Kantabanji, Nownit Auto Agency, Ph : 9437210599; Gaisilat, Akankshya Motors, Ph : 9937408645; Jaipatna, Kaveri Motors, Ph : 9178280401;Padampur, Alisha Motors, Ph : 9938110070; Sambalpur, Shakti Motors, Ph : 9337016000; Bamra, Regent Motors, Ph : 9437535172; Kuchinda, Jay Maa Automobiles, Ph : 9437058129; Tarbha : Deosar Motors, Ph : 9439135679 ; Redhakhol : Palak Trading Company, Ph : 7978349822; Saintala : Balaji Motors, Ph : 9853781372; Gaisilat, Akankshya Motors, Ph: 7683848645, A Kantapali, Hariom Automobiles, Ph: 8342939695; Paikmal, Mangal Motors, Ph : 9938119999; Laikera, Ritesh Automobiles, Ph : 9938465363 Narla Road, Niladri Motors, Ph : 7326933067; Bheden, Mohit Automobiles, Ph : 7008024042; Bangamunda, Binod Auto Work, Ph : 9937526500; Tusura, Shree Laxmi Ganesh Motors, Ph : 9437890955, 9439581200; Bandhabahal, Maa Tarini Automobiles, Ph : 6371909005 ; Udanbandh, Vinit Automobiles, Ph : 7326042333, 7326042335.
dentsuindia/dha sam/08/19

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ମାର୍ଚ୍ଚ ୧୧/୨୦୧୯ Sambalpur, Monday, March 11 / 2019

## ସଂକ୍ଷେପରେ

### ବନ୍ଧୁକ, ଭୁଜାଲି ଦେଖାଇ ଗହଣା ଲୁଟ୍

ବାହାନଗା, ୧୦।୩(ଡି.ଏନ.ଏ.)
ବାଲେଶ୍ୱର ଜିଲା ବାହାନଗା ବ୍ଲକ ୧୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ଜିରିତାଳ ଗ୍ରାମରେ ରହୁଥିବା ହରେକୃଷ୍ଣ ପ୍ରଧାନଙ୍କ ଘରେ ଦୁର୍ବୃତ୍ତମାନେ ପଶି ସୁନା ଗହଣା ଲୁଟି ନେଇଛନ୍ତି। ଶନିବାର ରାତିରେ ସେମାନେ ପଶି ବନ୍ଧୁକ ଓ ଭୁଜାଲି ଦେଖାଇ ଭୟଭୀତ କରିବା ପରେ ଗହଣା ଲୁଟିନେବାରେ ସଫଳ ହୋଇଥିଲେ। ଯାହାର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କା ହେବ। ଜିରିତାଳ ଗ୍ରାମରେ ଦିଲୀପ୍ କୁମାର ସଙ୍କର ଏକ କବାଡ଼ିଆ ଦୋକାନ ଅଛି। ସେହି ଦୋକାନକୁ ଦିଲୀପଙ୍କ ସଡୁ ହରେକୃଷ୍ଣ ପ୍ରଧାନ ବୁଝାଶୁଝା କରନ୍ତି ଓ ସେଠାରେ ପରିବାର ସହ ରହୁନ୍ତି। ଶନିବାର ରାତି ପ୍ରାୟ ୯ଟା ୪୫ ହେବ। ଜଣେ ଯୁବକ ଦିଦି ବୋଲି ହରେକୃଷ୍ଣଙ୍କ ସ୍ତ୍ରୀଙ୍କୁ ଡାକି ପାଣି ମାଗିଥିଲେ। ହରେକୃଷ୍ଣଙ୍କ ସ୍ତ୍ରୀ କବାଟ ଖୋଲିବା ମାତ୍ରେ ମୁହଁରେ କଳା କପଡା ବାନ୍ଧିଥିବା ୪ଜଣ ଯୁବକ ଘର ଭିତରକୁ ପଶିଯାଇଥିଲେ। ଏହି ସମୟରେ ଜଣେ ଯୁବକ ପ୍ରଥମେ ବନ୍ଧୁକ ଦେଖାଇବା ସହ ଅନ୍ୟଜଣେ ଭୁଜାଲିରେ ଆକ୍ରମଣ କରିବା ସହ ସୁନା ଅଳଙ୍କାର ଲୁଟି ନେଇ ଫେରାର ହୋଇଯାଇଥିଲେ।

# ବରଯାତ୍ରୀ ଗାଡ଼ି ଦୁର୍ଘଟଣାଗ୍ରସ୍ତ

ତରଭା, ୧୦।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅଧୀନ ରଙ୍ଗପୁର ଗ୍ରାମ ପାଖରେ ବରଯାତ୍ରୀଙ୍କୁ ନେଇ ଯାଉଥିବା ଟାଟା ସୁମୋ ଗାଡି ଶନିବାର ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଗାଡ଼ିଟି ଓଲଟି ପଡିବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୭ ଜଣ ଆହତ ହୋଇଛନ୍ତି। ମୃତ ବରଯାତ୍ରୀ ହେଲେ ବୈଦ୍ୟନାଥ ଗ୍ରାମର ରବି ଥନାପତି (୩୮)। ଗାଡିରେ ଥିବା ଉକ୍ତ ଗ୍ରାମର ନିମେଇଁ ନାଏକ(୨୮), ଗଣେଶ ବଡମାଲୀ(୨୪), ହରିଶ୍ଚନ୍ଦ୍ର ବାଗ(୩୨), ପ୍ରଦୀପ ବାଗ (୨୪), ସୁବ୍ରତ ବଡମାଲୀ(୨୮), ରମାକାନ୍ତ ବଡମାଲୀ(୨୬) ଓ ଆଦିତ୍ୟ ପାତ୍ରୀ(୨୮) ଆହତ ହୋଇଛନ୍ତି। ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ସୋନପୁର ଜିଲା ଡାକ୍ତରଖାନାକୁ ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ଗୁରୁତର ଆହତ ସୁବ୍ରତ ବଡମାଲୀଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଗାଡି ଚାଳକ ଦୁର୍ଘଟଣା ପରେ ଫେରାର ହୋଇଯାଇଛନ୍ତି। ତରଭା ପୋଲିସ ମୃତଦେହକୁ ତରଭା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାର



ଦୁର୍ଘଟଣାଗ୍ରସ୍ତ ଟାଟା ସୁମୋ ।

## ଜଣେ ମୃତ, ୭ ଆହତ

ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ତରଭା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ଡୋଳାମଣି ଭୋଇ କହିଛନ୍ତି । ସୂଚନାଯୋଗ୍ୟ, ସୋନପୁର ଥାନା ଅଧୀନ ବୈଦ୍ୟନାଥ ଗ୍ରାମରୁ ଏକ ବରଯାତ୍ରୀ ଦଳ ଶନିବାର ରାତିରେ ଫକିରିଆମୁଣ୍ଡା ଗ୍ରାମକୁ ବିବାହ ପାଇଁ ଆସିଥିଲେ । ଭୋଜି ଖାଇ ବରଯାତ୍ରୀମାନେ ଟାଟା ସୁମୋ(ନଂ.ଓଡି ୩୧ବି ୯୯୦୭)ରେ ଫେରୁଥିବା ସମୟରେ ରଙ୍ଗପୁର ଗ୍ରାମ ପାଖରେ ଥିବା ପେଟେନମୁଣ୍ଡା ଠାରେ ଗାଡିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## ବରଯାତ୍ରୀଙ୍କ ମଜା କାଳ ହେଲା

# ବାଣରୁ ଅଗ୍ନିକାଣ୍ଡ, ଜଳିଗଲା ୬ ବଖରା



ବାଣରୁ ନିଆଁ ପଡି ତପନ ପ୍ରଧାନଙ୍କ ଘର ସମ୍ପୂର୍ଣ୍ଣ ଜଳି ଯାଇଛି ।

ଅମରପାଲି, ୧୦।୩(ଡି.ଏନ.ଏ.)
ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେଞ୍ଜିରିଆପାଲି ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ୬ବଖରା ଜଳିଯାଇଛି। ଗ୍ରାମର ତପନ ପ୍ରଧାନଙ୍କ ଘର ଗାଁ ମୁଣ୍ଡରେ। ଗତ ରାତି ପ୍ରାୟ ୧୨ଟା ବେଳେ ଷଣ୍ଢା ଗ୍ରାମର ଗୁରୁକିଶୋର ଡାଙ୍ଗଙ୍କ ବରଯାତ୍ରୀ ପହଞ୍ଚିଥିଲା କେଞ୍ଜିରିଆପାଲି ଗ୍ରାମରେ। ଗ୍ରାମବାସୀ ମନା କରିବା ସତ୍ତ୍ୱେ ବରଯାତ୍ରୀ ଶୋଭାଯାତ୍ରାରେ ବାଣ ଫୁଟାଇଥିଲେ। ବାଣ ନିଆଁ ତପନ ପ୍ରଧାନଙ୍କ ଘର ଚାଳରେ ପଡିଥିଲା। ମାତ୍ର ବରଯାତ୍ରୀମାନେ ନିଆଁ ଲିଭାଇବା ପରିବର୍ତ୍ତେ ସେଠାରୁ ପଳାଇ ଯାଇଥିଲେ। ସେହିଘରେ ତପନ ଓ ତାଙ୍କ ସ୍ତ୍ରୀ ଶୋଇଥିଲେ। ନିଆଁ ଦେଖି ସେମାନେ ହୋହଲ୍ଲା କରିଥିଲେ। ଗ୍ରାମବାସୀ ଆସି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସବୁଘର ଜଳି ଯାଇଥିଲା । ବୀରମହାରାଜପୁରରୁ ଅଗ୍ନିଶମ କର୍ମଚାରୀ ଦମକଳ ସହ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସବୁ ଛାରଖାର ହୋଇଯାଇଥିଲା। ଘର କରିବା ପାଇଁ ରଖାଯାଇଥିବା ୮୦ବସ୍ତା ସିମେଣ୍ଟ, ୩୦ବସ୍ତା ଚାଉଳ, ୧୨ ବସ୍ତା ଧାନ ସହିତ ବିଦ୍ୟୁତ୍ ଉପକରଣ, ଲୁଗାପଟା ଓ ଗୃହୋପକରଣ ସାମଗ୍ରୀ ସମ୍ପୂର୍ଣ୍ଣ ପୋଡିଯାଇଛି। ଏ ନେଇ ଅଗ୍ନି ବିପନ୍ନ ପରିବାର ପକ୍ଷରୁ ବୀରମହାରାଜପୁର ଥାନାରେ ଅଭିଯୋଗ କରାଯାଇଛି । ଘଟଣାସ୍ଥଳକୁ ପୋଲିସ ଯାଇ ତଦନ୍ତ ଚଳାଇଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇଛି ।








Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି
ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



**ସଂକ୍ଷେପରେ**



## ଏପ୍ରିଲ ୧୪ରେ ଆଦର୍ଶ ଗଣବିବାହ

ବରଗଡ଼ ଅଫିସ,୧୦।୩

ବରଗଡ଼ ସହରରେ ଆସନ୍ତା ଅପ୍ରେଲ ୧୪ତାରିଖରେ ଆମ୍ବେଦକର ଜୟନ୍ତୀ ପାଳନ ଅବସରରେ ଆଦର୍ଶ ଗଣବିବାହ କାର୍ଯ୍ୟକ୍ରମ ରହିଛି । ଏହି ପରିପ୍ରେକ୍ଷୀରେ ରବିବାର ସ୍ଥାନୀୟ ହୋଟେଲ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟର ସଭାପତି ଗୁଣମଣି ସୁନାନୀ, ଉଦ୍ୟୋକ୍ତା ତଥା ସଂସ୍ଥାପକ ପବିତ୍ର ଦେହେରୀ, ପରମେଶ୍ୱର ଲୁହା, ଜେଠୁ ଭୋଇ, ଉର୍କୁଲୁ ତାଣ୍ଡି, ମେରିୟମ ବାର୍ଲା, ଭବାନୀ ସାହୁ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ । ଆସନ୍ତା ଏପ୍ରିଲ ୧୩ତାରିଖରେ ସମାଜ ସଂସ୍କାରକ ମହାତ୍ମା ଜ୍ୟୋତିବା ଫୁଲେଙ୍କ ଜୟନ୍ତୀ ଏବଂ ୧୪ତାରିଖରେ ଆମ୍ବେଦକର ଜୟନ୍ତୀ ସହିତ ଗଣବିବାହ କାର୍ଯ୍ୟକ୍ରମ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା । ବରଗଡ଼ ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପରେ ସେହି କାର୍ଯ୍ୟକ୍ରମ ହେବ ବୋଲି ସୂଚନା ଦିଆଯାଇଥିଲା ।



## ଗୋଷ୍ଠୀ ସାଧନକେନ୍ଦ୍ର ଉଦ୍‌ଘାଟିତ

**ବରଗଡ଼ ଅଫିସ,୧୦।୩:** ବରଗଡ଼ ବ୍ଲକ ଦେଓଗାଁ ପଞ୍ଚାୟତ ଅନ୍ତର୍ଗତ ଧମନାମୁଣ୍ଡାରେ ନବନିର୍ମିତ ଗୋଷ୍ଠୀ ସାଧନକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସୁଧାଂଶୁ ତ୍ରିପାଠୀ, କ୍ଷୀରେଶ୍ୱର ମହାନନ୍ଦ, ବୃନ୍ଦାବନ ପଟେଲ, ଅଶ୍ୱିନୀ ଠେଠୁଆର ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମରେ ପାନୀୟଜଳ ସମସ୍ୟା ରହିଥିବାରୁ ମହିଳାମାନେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅତିଶୀଘ୍ର ସେହି ସମସ୍ୟାର ସମାଧାନ ହେବ ବୋଲି ବିଧାୟକ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।

# ଭୋଟର ପରଖିଲେ ଇଭିଏମ ମେଶିନ

ଭଟଲି,୧୦।୩(ଡି.ଏନ୍.ଏ.)

ଭଟଲି ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସ୍ୱତନ୍ତ୍ର ଇଭିଏମ୍ ଓ ଭିଭିପାଟ୍ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକର ସମସ୍ତ ଜିଲା ପରିଷଦ ସଭ୍ୟ, ସମିତି ସଭ୍ୟାସଭ୍ୟ, ସରପଞ୍ଚ, ୱାର୍ଡ଼ ସଭ୍ୟାସଭ୍ୟ, ରାଜନୈତିକ ଦଳର ପ୍ରତିନିଧି ଏବଂ ମିଡ଼ିଆ ସଂଯୋଜକ ମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଡିଓ ଧୀରେନ୍ଦ୍ର କୁମାର ସେଠୀ, ତହସିଲଦାର ଅଞ୍ଜଳିନା ପଧାନ, ଏବିଡିଓ କୃଷ୍ଣଚନ୍ଦ୍ର ସାହୁ, ଜିପିଇଓ ରଞ୍ଜିତ ଜେନା, ଗୋବର୍ଦ୍ଧନ ମେହେର ପ୍ରମୁଖ ଶିବିରର ନେତୃତ୍ୱ ନେଇଥିଲେ । କନିଷ୍ଠ ଯନ୍ତ୍ରୀ ନାଗାର୍ଜୁନ ପଧାନ, ସିପି ଗିରିଧାରୀ ଭୋଇ, ସିଆରସିସି ଗଜରାଜ ଗଡ଼ତିଆ ଏବଂ ଗଣେଶ ଷଡ଼ଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ଗାଇସିଲେଟ,(ଡି.ଏନ.ଏ):** ଗାଇସିଲେଟ ବ୍ଲକ କନ୍‌ଫରେନ୍ସ ହଲରେ ରବିବାର ଇଭିଏମ ଓ ଭିଭିପାଟ୍ ମେଶିନ ଉପରେ ଭୋଟରମାନଙ୍କୁ ସଚେତନ କରାଯାଇଥିଲା । ବିଡିଓ ଆଦିତ୍ୟ କୁମାର ପଣ୍ଡା, ସିପି ବିକାଶ କୁମାର ପଣ୍ଡା, ଜେଇ ଜଗବନ୍ଧୁ ମେହେର ପ୍ରମୁଖ ଯୋଗଦେଇ ଏହି ମେଶିନ ଉପରେ ବିସ୍ତୃତ ବିବରଣୀ ଦେଇତବଲେ । ଜେଇ ଦେଶୋକ ପଟେଲ, ସୁଗୁ ବାଦୀ, ସୁକାନ୍ତୀ ନୀଟି, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରୁଧିର ବାଗ ଉପସ୍ଥିତ ଥିଲେ । ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସଂଯୁକ୍ତା ମାଝୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସୁନୀଲ କୁମାର ସାହୁ ଧନ୍ୟବାଦ ଅର୍ପଣକରିଥିଲେ । ଏଥିରେ ପରୀକ୍ଷାମୂଳକ ଭାବେ ମୋଟ୍ ୫୫ ଜଣ ଭୋଟ ଦେଇଥିଲେ ।




ଭଟଲି ବ୍ଲକରେ ଇଭିଏମ୍ ଓ ଭିଭିପାଟ୍ ମେଶିନ ଉପରେ ସଚେତନ କରାଯାଉଛି ।

**ସୋହେଲା,(ଡି.ଏନ.ଏ):** ସୋହେଲା ବ୍ଲକ ଅଫିସ ସଭାଗୃହରେ ସ୍ୱତନ୍ତ୍ର ଇଭିଏମ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଡିଓ ଅଶୋକ କୁମାର ଗଡତିଆ ସଭାପତିତ୍ୱ କରିଥିଲେ । ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ଅତିତବ ଭାବେ ଯୋଗ ଦେଇଥିଲେ । ସହକାରୀ ଯନ୍ତ୍ରୀ ନରେଶ ଅଗ୍ରୱାଲ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଆଗାମୀ ସାଧାରଣ ନିର୍ବାଚନରେ ବ୍ୟବହୃତ ହେବାକୁ ଯାଉଥିବା ଏହି ସ୍ୱତନ୍ତ୍ର ଇଭିଏମ ଓ ଭିଭିପାଟ୍ ମେଶିନର କାର୍ଯ୍ୟକାରିତା ଉପରେ ବିଡିଓ ଗଡତିଆ ବୁଝାଇଥିଲେ । ସେକ୍ଟର ଅଫିସର ରାଜକୁମାର ସାହୁ, ଅରୁଣ କୁମାର ସାହୁ ଓ ଷଡାନନ ଭୋଇ, ବିଏଲଓ ସୁପରଭାଇଜର ରମେଶ ଚନ୍ଦ୍ର ସାହୁ ସହଯୋଗ କରିଥିଲେ । ଶେଷରେ ସହକାରୀ ଯନ୍ତ୍ରୀ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

**ପଦ୍ମପୁର, (ଡି.ଏନ.ଏ):** ପଦ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଇଭିଏମ୍ ସଚେତନତା କାର୍ଯ୍ୟକ୍ରମରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ସହକାରୀ ଜିଲାପାଳ ସୁଶ୍ରୀ ଦିପ୍ତୀମୟୀ ଭୁଏ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ରାଜବୋଡାସମ୍ବର ବିଡିଓ ଏଲିଜା ମିଶ୍ରଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଯୋଗଦାନ କରିଥିଲେ । ଜେଇ ରାମାଞ୍ଜଳ ଭୋଇ ଏବଂ ସିଆରସିସି ସୀତାରାମ ତ୍ରିପାଠୀ ଇଭିଏମ୍ ଓ ଭିଭିପାଟ୍ ଉପରେ ତାଲିମ ଦେଇଥିଲେ । ସେହିପରି ରାଜବୋଡାସମ୍ବର ବ୍ଲକରେ ଇଭିଏମ ଓ ଭିଭିପାଟ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗିରିନ୍ଦ୍ର ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଜନୀକାନ୍ତ ବହିଦାର, ପିଏ ଝସକେତନ ବାରିକ, ସିଆରସିସି ପ୍ରହଲ୍ଲାଦ ମହାନନ୍ଦ, ସିପି ପିତାମ୍ବର ସାହୁ ତଥା ବ୍ଲକର ଅନ୍ୟାନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ବିଜେପୁର, (ଡି.ଏନ.ଏ):** ବିଜେପୁର ବ୍ଲକ ସଭାକକ୍ଷରେ ଇଭିଏମ୍ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ବିଡିଓ ପଦ୍ମନାଭ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ସହକାରୀ ଯନ୍ତ୍ରୀ ଟେକଚାନ୍ଦ କାଲୋ, କନିଷ୍ଠ ଯନ୍ତ୍ରୀ ବସନ୍ତ ବେହେରା ଓ ନିରଞ୍ଜନ ନାୟକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସଞ୍ଜୟ ଭୋଇ ମଞ୍ଚାସୀନ ଥିଲେ । ଅପରପକ୍ଷେ ନିର୍ବାଚନରେ ବ୍ୟବହୃତ ହେବାକୁଥିବା ଇଭିଏମ ଓ ଭିଭିପ୍ୟାଟ ମେସିନ ପ୍ରଦର୍ଶନ କରାଯିବା ସହ ମକପୋଲ ହୋଇଥିଲା ।

## ଉପଖଣ୍ଡ ଚିକିତ୍ସାଳୟ ରୋଗୀ କଲ୍ୟାଣ ସମିତି ବୈଠକ

ପଦ୍ମପୁର, ୧୦।୩ (ଡି.ଏନ.ଏ)

ବରଗଡ ଜିଲା ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟ ରୋଗୀ କଲ୍ୟାଣ ସମିତିର ଏକ ବୈଠକ ରବିବାର ଉପଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଗୀତା ପିୟୁଷ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଉପଖଣ୍ଡ ଚିକିତ୍ସାଳୟର ଉନ୍ନତି ଓ ସୁପରିଚାଳନା ପାଇଁ ଡାକ୍ତରଖାନା ପରିସର ମଧ୍ୟରେ ଥିବା ଡ୍ରେନର ପୁନରୁଦ୍ଧାର ଓ ମରାମତି, ଆମ୍ବୁଲାନ୍ସର ମରାମତି, ବାଉଣ୍ଡାରି ନିର୍ମାଣ, ଚିକିତ୍ସାଳୟ ନିମନ୍ତେ ଆନୁଷଙ୍ଗିକ ସାମଗ୍ରୀ କ୍ରୟ, ଆସବାବପତ୍ର ମରାମତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଏତତ ବ୍ୟତୀତ ଖାଲିଥିବା ଡାକ୍ତର ପଦବୀ ପୂରଣ ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ରାଜବୋଡାସମ୍ବର ପଞ୍ଚାୟତ ସମିତି ଅଧ୍ୟକ୍ଷ କୁମରମଣି ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ରୋଗୀ କଲ୍ୟାଣ ସମିତି ସଦସ୍ୟ ଅଶୋକ ମିଶ୍ର, ଜ୍ୟୋତ୍ସ୍ନାମୟୀ କର, ଚିକିତ୍ସାଳୟ ମ୍ୟାନେଜର ପ୍ରଦୀପ ସାହୁ, ସରୋଜ ଷଡଙ୍ଗୀଙ୍କ ସମେତ ଅନ୍ୟ ସଦସ୍ୟ ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବୈଠକ ପ୍ରାରମ୍ଭରେ ଉପଜିଲାପାଳ, ଉପଖଣ୍ଡ ଚିକିତ୍ସାଧିକାରୀ ଚିକିତ୍ସାଳୟ ପରିସରରେ ଆୟୋଜିତ ପଲ୍‌ସ ପୋଲିଓ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

# ମିଳିତ ଶିକ୍ଷକ ସଂଘର ପ୍ରଥମ ବାର୍ଷିକୋତ୍ସବ

ଅମ୍ବାଭୋନା, ୧୦।୩ (ଡି.ଏନ.ଏ)

ବରଗଡ ଜିଲା ଅମ୍ବାଭୋନା ବ୍ଲକର ଡୁଙ୍ଗୁରୀ ସ୍ଥିତ ଏସିସି ଖେଳ ପଡିଆଠାରେ ଅମ୍ବାଭୋନା ବ୍ଲକ ମିଳିତ ଶିକ୍ଷକ ସଂଘର ପ୍ରଥମ ବାର୍ଷିକୋତ୍ସବ କେଦାର ଭାରତୀ ୨୦୧୯ ଅନୁଷ୍ଠିତ ହୋଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରଗଡ ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟବକ୍ତା ଭାବେ ସୋହେଲା ମହାବିଦ୍ୟାଳୟର ଅଧ୍ୟାପକ ଟେକଚାନ୍ଦ ଦୁଆନ ଏବଂ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଯୁବରାଜ ଖମାରୀ ଯୋଗଦେଇ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ଉପରେ ମତ ରଖିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଡୁଙ୍ଗୁରୀ ଚୁନପଥର ଖଣିର ଡେପୁଟି ଜେନେରାଲ ମ୍ୟାନେଜର ସବ୍ୟସାଚୀ ମିଶ୍ର, ଡୁଙ୍ଗୁରୀ ସରପଞ୍ଚ ପୁଷ୍ପାଞ୍ଜଳି ବିଶ୍ୱାଳ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଜିଲା ଶିକ୍ଷକ ସଂଘର ସଭାପତି ମହାଦେବ ବେହେରା, ସମ୍ପାଦକ ନିଶିକାନ୍ତ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ମହାପାତ୍ର, ଗୌରାଙ୍ଗ ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଅମ୍ବାଭୋନା ବ୍ଲକ ମିଳିତ ଶିକ୍ଷକ ସଂଘର ସଭାପତି ରାଜକୁମାର ବଘେଲ ଏହି ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ରୋହିତ କୁମାର ଭୁଏ ଅତିଥି ପରିଚୟ ଦେଇଥିଲେ । ଏହି ଅବସରରେ ମୁଖ୍ୟଅତିଥିଙ୍କ ଦ୍ୱାରା ଏକ ସ୍ମରଣୀକା ଅଭୁଲା ମାଟି ଉନ୍ମୋଚନ କରାଯାଇଥିଲା । ସଭାର ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଡେପୁଟି ରେଜିଷ୍ଟ୍ରାର ଉମାଚରଣ ପତି, ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କଳ୍ପନା ନାଏକ ଏବଂ ସମ୍ମାନୀତ ଅତିଥି ଭାବେ ଏଭାରେଷ୍ଟ ପର୍ବତାରୋହୀ ଯୋଗବ୍ୟାସ ଭୋଇ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଫକୀର ପଧାନ ମଞ୍ଚାସୀନ ଥିଲେ । ରାଜକୁମାର ବଘେଲ ଅଧ୍ୟକ୍ଷତା କରିଥିବା ବେଳେ ଜନକରାମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା ।



ମିଳିତ ଶିକ୍ଷକ ସଂଘ ବାର୍ଷିକ ଉତ୍ସବରେ ମଞ୍ଚାସିନ ଅତିଥି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମାବର୍ତ୍ତନ ଉତ୍ସବ

ପଦ୍ମପୁର, ୧୦।୩ (ଡି.ଏନ.ଏ)

ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମାବର୍ତ୍ତନ ଉତ୍ସବ ରବିବାର କୁସୁନାପାଲି ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ଦ୍ୱାଦଶ କୁମାର ପଧାନ ସଭାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଉଚ୍ଚ ଶିକ୍ଷା ପାଇଁ ମାର୍ଗଦର୍ଶନ କରି ଶିଶୁମାନଙ୍କୁ ସତ୍‌କର୍ମ ପଥରେ ଅଗ୍ରସର ହେବାକୁ ମୁଖ୍ୟଅତିଥି ଉପଦେଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ପୁରାତନ ଛାତ୍ର ସଂସଦ ସଭାପତି ପ୍ରିତେଶ ବହିଦାର ଯୋଗଦାନ କରିଥିଲେ । ବିଦ୍ୟାମନ୍ଦିର ପ୍ରମୁଖ ଚୈତନ୍ୟ ଭୋଇ ଗୁରୁଜୀ ଅତିଥି ପରିଚୟ ସ୍ୱାଗତ ଭାଷଣ ତଥା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କଲ୍ୟାଣୀ ଗୁରୁମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ଛାତ୍ରୀଛାତ୍ରମାନେ ନିଜ ନିଜ ଅନୁଭୂତି କଥନ କହିଥିଲେ । ଦେବରାଜ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ ।



ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ।

# ପଞ୍ଚାୟତସ୍ତରୀୟ ଜନସମ୍ପର୍କ ସମାବେଶ

ଅମ୍ବାଭୋନା, ୧୦।୩ (ଡି.ଏନ.ଏ)

ଅମ୍ବାଭୋନା ବ୍ଲକ ଅଧୀନ ଡୁଙ୍ଗୁରୀଠାରେ ବିଜୁ ଜନତା ଦଳ ତରଫରୁ ପଞ୍ଚାୟତସ୍ତରୀୟ ଜନସମ୍ପର୍କ ସମାବେଶ ରବିବାର ଅନୁଷ୍ଠିତ ହୋଇଛି । ଏହି ଅବସରରେ ଡୁଙ୍ଗୁରୀ ବସ୍‌ଷ୍ଟାଣ୍ଡଠାରୁ ଏକ ପଦଯାତ୍ରା ବାହାରି ସଉନ୍ତାମାଳ ଗ୍ରାମ ପରିକ୍ରମା କରିଥିଲା । ପରେ ଆୟୋଜିତ ସଭାରେ ବିଜେପୁର ବିଧାୟିକା ରୀତା ସାହୁ ମୁଖ୍ୟଅତିଥି, ବିଜୁ କୃଷକ ମୋର୍ଚ୍ଚା ଜିଲା ସଭାପତି ଗୌରହରି ମିଶ୍ର, ଯୁବନେତା ସୁବ୍ରତ ସିଂ, ଜିଲା ବିଜୁ ଜନତା ଦଳ ଉପସଭାପତି କିର୍ତ୍ତିଚନ୍ଦ୍ର ଦୁଆନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ସଫଳତା ବଖାଣିଥିଲେ । ପୂର୍ବତନ ସରପଞ୍ଚ ହୀରାଧର ସାହୁ, ସତ୍ୟଭୂଷଣ ସାହୁ, ଅନନ୍ତରାମ ସାହୁ, ନାଏବ ସରପଞ୍ଚ ଯଶୋଦା ସା, ସମିତି ସଭ୍ୟା ହେମଲତା ବାଗ, ରୁଚିଦା ସରପଞ୍ଚ ରଞ୍ଜିତ ଭୁଏ, କଣ୍ଡପଲା ସରପଞ୍ଚ ଡୋଳାମଣି ପଟେଲ, ଭୈନାତୋରା ସରପଞ୍ଚ ଗୌତମ ଦେହେରୀ, ବ୍ଲକ ଉପାଧ୍ୟକ୍ଷ ଠାକୁରରାମ ପଟେଲ, ବିଜେଡି ବ୍ଲକ ସଭାପତି ରଘୁନାଥ ପଟେଲ, ମିତ୍ରଭାନୁ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସହନ୍ତାମାଳ ଗ୍ରାମରେ ଜଳସଙ୍କଟ, ସ୍କୁଲ ଗୃହ ଓ ପାଚେରୀ ନିର୍ମାଣ, ଡାକ୍ତରଖାନାକୁ ଡାକ୍ତର ଯୋଗାଣ ଆଦି ସମସ୍ୟା ସମାଧାନ ପାଇଁ ଗ୍ରାମବାସୀ ଦାବି କରିଥିଲେ । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ଅଞ୍ଚଳରେ ବେଆଇନ ମଦ କାରବାରକୁ ରୋକାଯିବା ନିମନ୍ତେ ଦାବି କରାଯାଇଥିଲା । ସନ୍ତୋଷ ପଧାନ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।



ପଞ୍ଚାୟତସ୍ତରୀୟ ଜନସମ୍ପର୍କ ସମାବେଶରେ ମଞ୍ଚାସୀନ ଅତିଥିବୃନ୍ଦ ।

## ସହର ଜଗିବ ସିସିଟିଭି

ବରଗଡ଼ ଅଫିସ,୧୦।୩

ବରଗଡ଼ ଜିଲାର ବରଗଡ଼ ସହର, ପଦ୍ମପୁର, ଅତାବିରା, ସୋହେଲାର ବିଭିନ୍ନ ଛକ ସ୍ଥାନ ଗୁଡ଼ିକରେ ଅପରାଧୀଙ୍କ ଉପରେ ନଜର ରଖିବା ପାଇଁ ସିସିଟିଭି ଲଗାଯିବ। ବରଗଡ଼ ସହରର କେତେକ ଛକରେ ଏହା ଲାଗି ସାରିଛି । ଏଥିପାଇଁ ବରଗଡ଼ ଏମପି ଡଃ ପ୍ରଭାସ ସିଂ ପ୍ରଥମ ପର୍ଯ୍ୟାୟରେ ତାଙ୍କ ଅନୁଦାନ ପାଣ୍ଠିରୁ ୭ଲକ୍ଷ ୪୮ହଜାର ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୭ଲକ୍ଷ ୮୯ହଜାର ୬୧୮ ଟଙ୍କା ମଞ୍ଜୁର କରିଛନ୍ତି । ବରଗଡ଼ ଧନୁଯାତ୍ରା ମହୋତ୍ସବ ସମେତ ବିଭିନ୍ନ ଯାତ୍ରା କାର୍ଯ୍ୟକ୍ରମରେ ସିସିଟିଭି କାମରେ ଆସିବ । ଏହା ସହିତ ଅପରାଧ ରୋକିବା ଓ ଅପରାଧୀଙ୍କୁ ଧରିବାରେ ବେଶ ସହାୟକ ହେବ ବୋଲି ବରଗଡ଼ ଏସଡ଼ିପିଓ କ୍ଷୀରସାଗର ନାଏକ ସୂଚନା ଦେଇଛନ୍ତି ।

# ଶିଶୁଙ୍କୁ ଦିଆଗଲା ପୋଲିଓ ବୁନ୍ଦା

ଭଟଲି/ବିଜେପୁର,୧୦।୩(ଡି.ଏନ୍.ଏ.)

ଦେଶକୁ ପୋଲିଓ ମୁକ୍ତ କରିବା ଲକ୍ଷ ନେଇ ରବିବାର ଜନ୍ମରୁ ପାଞ୍ଚ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ପଲ୍‌ସ ପୋଲିଓ ବୁନ୍ଦା ଦିଆଯାଇଛି । ଭଟଲି ବ୍ଲକରେ ମଧ୍ୟ ପ୍ରାୟ ୫୩ଟି ପୋଲିଓ ଟିକାଦାନ କେନ୍ଦ୍ରରେ ୬୦୭୪ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଯାଇଥିଲା । ଏଥିପାଇଁ ସକାଳ ୮ଟାରୁ କେନ୍ଦ୍ର ମାନଙ୍କରେ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା । ଏହି ଅବସରରେ ଡା. ସଞ୍ଜୀବ କୁମାର ଦାଶ, ବିପିଏମ୍ ମନୋରଞ୍ଜନ ପଧାନ, ପିଏଚ୍‌ଇଓ ଝସକେତନ ଧରାଇ ପ୍ରମୁଖ ବିଭିନ୍ନ କେନ୍ଦ୍ର ପରିଦର୍ଶନ କରି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିଥିଲେ । ତେବେ ଯେଉଁ ଶିଶୁମାନେ ରବିବାର ପୋଲିଓ ବୁନ୍ଦା ଖାଇନାହାନ୍ତି ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ଘର ଘର ବୁଲି ପୋଲିଓ ବୁନ୍ଦା ପ୍ରଦାନ କରାଯିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି ।

**ବିଜେପୁର, (ଡି.ଏନ.ଏ):** ବିଜେପୁର ବ୍ଲକରେ ପଲସ ପୋଲିଓ ଅଭିଯାନ ରବିବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବାଳକ ପ୍ରାଥମିକ ବିଦ୍ୟାଳୟ ଓ ମାଳପଡା ଲକ୍ଷ୍ମୀନାରାୟଣ ଯୁବକ ସଂଘ ପରିସରରେ ପୋଲିଓ ବୁଥ ଖୋଲା ଯାଇଥିଲା । ବାଳକ ପ୍ରାଥମିକ ସ୍କୁଲରେ ୨୦୮ ଓ ମାଳପଡା ବୁଥ୍‌ରେ ୧୯୭ ଜଣ ଶିଶୁ ପୋଲିଓ ବୁନ୍ଦା ଖାଇଥିଲେ । ଏନଏସଏସ ପ୍ରୋଗ୍ରାମ ଅଫିସର ଡ. ସୁବ୍ରତାରାଣୀ ରାଉତଙ୍କ ନେତୃତ୍ୱରେ ଡିଗ୍ରୀ କଲେଜର ସ୍ୱେଚ୍ଛାସେବିକା ଘର ଘର ବୁଲି ଅଭିଭାବକମାନଙ୍କୁ ସଚେତନ କରାଇଥିଲେ । ପରେ ଶିଶୁଙ୍କୁ ବୁଥକୁ ଆଣି ପୋଲିଓ ବୁନ୍ଦା ଦେଇଥିଲେ। ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟ ସେବିକା ସହଯୋଗ କରିଥିଲେ ।



ବିଜେପୁରର ଏକ ବୁଥ୍‌ରେ ଶିଶୁଙ୍କୁ ପଲ୍‌ସ ପୋଲିସ ବୁନ୍ଦା ଦିଆଯାଉଛି ।

# କ୍ରିକେଟ: ଶ୍ରୀହରିନଗର ଚାମ୍ପିୟନ

ବରଗଡ଼ ଅଫିସ,୧୦।୩

ବରଗଡ଼ ବ୍ଲକ ଅନ୍ତର୍ଗତ ଧମନାମୁଣ୍ଡା ଗ୍ରାମରେ ସ୍ଥାନୀୟ ଜୟ ବଜରଙ୍ଗବଲୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଉକ୍ତ ପ୍ରତିଯୋଗିତାରେ ଲେହେଙ୍ଗିପଦର, ମୁରୁମକେଲ, ଭଟିଗାଁ, ଗୋଇସର, ପଧାନଟିକ୍ରା, ଡୁମ୍ବେରପାଲି, କଟାପାଲି, ଦେଓଗାଁ, ଜଡ଼ା, ନଅଗାଁ, ବାଗଡ଼ିଆ, ନଦୀପଡ଼ା, ଶକ୍ତିନଗର, ହାଲୁପାଲି, ଦୁଆରି ଗ୍ରାମର କ୍ରିକେଟ ଟିମ୍ ଅଂଶଗ୍ରହଣ କରିଥିଲେ । ଫାଇନାଲ ଖେଳରେ ଗୋଇସର ଦଳକୁ ପ୍ରତିପକ୍ଷ ଶ୍ରୀହରିନଗର ୬ ଉଇକେଟ୍‌ରେ ହରାଇ ଚାମ୍ପିୟନ ହୋଇଥିଲା । ଉଦ୍‌ଯାପନୀ ସମାରୋହରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଏବଂ ସରପଞ୍ଚ କରୁଣାକର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଚାମ୍ପିୟନ ଏବଂ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ସୁଧାଂଶୁ ଶତପଥି, ସାନନ୍ଦ ମହନ୍ତମ, ଭୀଷ୍ମ ପଟେଲ, ପୁରନ୍ଦର ପଟେଲ, ବୃନ୍ଦାବନ ପଟେଲ, ଅଶ୍ୱିନୀ ଠେଠୁଆର, ଟିଙ୍କୁ ରାଉତ, ଲିଙ୍ଗରାଜ ପଟେଲ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।



ମୁଖ୍ୟଅତିଥି ଖେଳାଳିଙ୍କ ସହିତ କରମର୍ଦ୍ଦନ କରୁଛନ୍ତି ।

# ଆଗକୁ ନିର୍ବାଚନ: ନେତା ଏବେ ଗାଁମୁହାଁ

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ,୧୦।୩

ସାଧାରଣ ନିର୍ବାଚନ ପାଇଁ ରବିବାର ତାରିଖ ଘୋଷଣା ହୋଇଛି । ରାଜ୍ୟରେ ୪ଟି ପର୍ଯ୍ୟାୟରେ ଆସନ୍ତା ଏପ୍ରିଲ ୧୧, ୧୮, ୨୩ ଓ ୨୯ ତାରିଖରେ ନିର୍ବାଚନ ହେବ। ନିର୍ବାଚନ ଯେତିକି ପାଖେଇ ଆସୁଛି, ଭୋଟରଙ୍କ ଉତ୍କଣ୍ଠା ସେତିକି ବଢ଼ି ଚାଲିଛି। ସେହିପରି ନିର୍ବାଚନୀ ବୈତରଣୀ ପାରି ହେବା ପାଇଁ ସବୁଦଳରେ ଅଙ୍କକଷା ମଧ୍ୟ ଆରମ୍ଭ ହୋଇଯାଇଛି । ପ୍ରତ୍ୟେକ ଦଳରେ ଆଶାୟୀ ପ୍ରାର୍ଥୀଙ୍କ ତାଲିକା ଲମ୍ବି ଚାଲିଛି । ଏଥିପାଇଁ ସ୍ଥାନୀୟ ନିର୍ବାଚନ ମଣ୍ଡଳୀଠାରୁ ରାଜଧାନୀ ପର୍ଯ୍ୟନ୍ତ ଆଶାୟୀମାନେ ଲବି ଚଳାଇଛନ୍ତି । ଅନ୍ୟପଟେ ଗ୍ରାମାଞ୍ଚଳ ଭୋଟରମାନେ ହିଁ ସାଧାରଣ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବାରେ ପୁରୋଧା ସାଜିଥାନ୍ତି। ଫଳରେ ପ୍ରମୁଖ ଦଳ କଂଗ୍ରେସ, ଭାଜପା, ବିଜେଡ଼ିର ନେତାମାନେ ଦୀର୍ଘଦିନ ପରେ ଏବେ ଗାଁମୁହାଁ ହୋଇଛନ୍ତି । ଗତ ୨୦୧୪ ସାଧାରଣ ନିର୍ବାଚନ ପରଠୁ କାଁ ଭାଁ ଅଳ୍ପ କେଇଦିନ ଛାଡ଼ିଦେଲେ ଗାଁ ଗହଳିର ସମସ୍ୟା ଦୂର କରିବା ତ ଦୂରର କଥା, ଔପଚାରିକତା ଦୃଷ୍ଟିରୁ ନିର୍ବାଚନ ମଣ୍ଡଳୀକୁ ବୁଲି ସୁଦ୍ଧା ଆସି ନ ଥିବା ନେତ୍ରୀନେତାଙ୍କ ପାଦ ଗତ କିଛିଦିନ ହେଲା ଚଳଚଞ୍ଚଳ ହୋଇ ପଡ଼ିଛି। ସେହିପରି ସିଧାସଳଖ କୌଣସି ଦଳରେ ଏପର୍ଯ୍ୟନ୍ତ ସମ୍ପୃକ୍ତ ହୋଇ ନଥିଲେ ହେଁ ଅନେକ ଆଶାୟୀ ବିଭିନ୍ନ ସଙ୍ଗଠନ ନାମରେ ଗାଁ ଗହଳିକୁ ପହଞ୍ଚି ଭୋଟରଙ୍କୁ ସେମାନଙ୍କ ପ୍ରତି ଆକର୍ଷିତ କରିବାରେ ଲାଗି ପଡ଼ିଛନ୍ତି । ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନେଇ ଗଠିତ ବରଗଡ଼ ଜିଲାରେ ଗ୍ରାମାଞ୍ଚଳରେ ସହରାଞ୍ଚଳ ତୁଳନାରେ ଭୋଟରଙ୍କ ସଂଖ୍ୟା ବହୁତ ବେଶୀ ଏବଂ ସାଧାରଣ ନିର୍ବାଚନରେ ସେମାନେ ହିଁ ପ୍ରାର୍ଥୀଙ୍କ ହାର୍‌ଜିତରେ ପ୍ରମୁଖ ଭୂମିକା ନେଇଥାନ୍ତି। ଫଳରେ ଗ୍ରାମାଞ୍ଚଳ ଭୋଟରଙ୍କୁ କିଭଳି ହାତେଇବେ, ସେଥିପାଇଁ ଦଳୀୟ ନେତାମାନେ ଏବେଠାରୁ ଅଧିକାଂଶ ଗାଁ ଗହଳିରେ ସମୟ ବିତାଉଥିବା ଦେଖିବାକୁ ମିଳୁଛି। ଗତ କିଛିଦିନ ହେଲା ନେତାଙ୍କ ଶିଳାନ୍ୟାସ, ଉଦ୍‌ଘାଟନରେ ଗାଁ ଗହଳି ଉଚ୍ଛୁଳି ପଡ଼ିଥିଲା । ରବିବାର ସନ୍ଧ୍ୟାରୁ ସାଧାରଣ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ ସେଥିରେ ଅଙ୍କୁଶ ଲାଗି ଯାଇଛି ।



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ

## ସଂକ୍ଷେପରେ

### ୧୧ ଅଧିକାରୀଙ୍କ ବଦଳି ଦାବି କଲା ଭାଜପା

ବୌଦ୍ଧ,୧୦।୩ (ସ୍ୱ.ପ୍ର)- ସାଧାରଣ ନିର୍ବାଚନ ମୁଖ୍ୟ ନିବାଚନ କମିଶନର ତାରିଖ ଘୋଷଣା କରିବା ସହ ଆଦର୍ଶ ଆଚରଣବିଧି ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏ ନେଇ ଜିଲାରେ ରାଜନୀତି ଜୋର ଧରିଥିବା ବେଳେ ନିର୍ବାଚନରେ ସ୍ୱଚ୍ଛତା ଆଣିବା ପାଇଁ ଭାଜପା ପକ୍ଷରୁ ୧୧ ଜଣ ଅଧିକାରୀଙ୍କ ବଦଳି ଦାବି କରି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି । ଏ ନେଇ ଗତ ୧ ତାରିଖରେ ବୌଦ୍ଧ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଥିବା ବେଳେ କେବଳ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟ୍ଟନାୟକଙ୍କ ବଦଳି ହୋଇଛି । ବାକି ଅନ୍ୟ ଅଧିକାରୀଙ୍କ ବଦଳି ହୋଇନାହିଁ । ଏମାନଙ୍କୁ ତୁରନ୍ତ ବଦଳି କରିବାକୁ ମୁଖ୍ୟ ନିର୍ବାଚନ କମିଶନଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି ।

ଦୁଇ ବାଇକ ମୁହାଁମୁହିଁ ଧକ୍କା ଘଟଣା

### ଗୁରୁତର ଆହତ ଯୁବକଙ୍କ ମୃତ୍ୟୁ

ବୀରମହାରାଜପୁର, ୧୦।୩ (ଡି.ଏନ୍.ଏ.) ବୀରମହାରାଜପୁର ବସ୍ତି ନିକଟ ଷଣ୍ଢା ଗ୍ରାମ ନିକଟରେ ଶନିବାର ଘଟିଥିବା ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ଦୁଇରେ ପହଞ୍ଚିଛି। ଦୁର୍ଘଟଣାରେ ଗୁରୁତର ବାଗବର ଗ୍ରାମର ଈଶ୍ୱର ମହାକୁର(୨୩)ଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ ଯେ, ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରୁ ସୁଦାମ ସେଠୀ (୩୫) ନାମକ ଯୁବକଙ୍କର ମୃତ୍ୟୁ ଘଟିଥିଲା। ମୃତ ସୁଦାମ ବୌଦ୍ଧ ଜିଲା ମନମୁଣ୍ଡା ଥାନ ପଣ୍ଡରିପଡା ଗ୍ରାମର । ଘଟଣା ସମ୍ପର୍କରେ ବୀରମହାରାଜପୁର ପୋଲିସ ଅଧିକ ତଦନ୍ତ ଚଳାଇଛି।

### ୭୬୯୦ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ

ବିନିକା,୧୦।୩(ଡି.ଏନ୍.ଏ.) ବିନିକା ସ୍ୱାସ୍ଥ୍ୟ ବିଭାଗ ତରଫରୁ ରବିବାର ପଲସ ପୋଲିଓ ଟୀକା ପ୍ରଦାନ କରାଯାଇଛି। ୧୧୫ ବୁଥ୍‌ରେ ୫ବର୍ଷ ବୟସ ପର୍ଯ୍ୟନ୍ତ ୭୬୯୦ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି । ଡ଼ାକ୍ତର ଦିଲ୍ଲୀପ କୁମାର ପାଣିଗ୍ରାହୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଅମିତା ଚାନ୍ଦ ବିଭିନ୍ନ ବୁଥ୍‌କୁ ଯାଇ ପୋଲିଓ ବୁନ୍ଦା ପ୍ରଦାନର ଯାଞ୍ଚ କରିଥିଲେ । ସମସ୍ତ ବୁଥ୍‌ରେ ସୁଚାରୁରୂପେ ଟିକା ପ୍ରଦାନ କରାଯାଇଥିବା ଜନସ୍ୱାସ୍ଥ୍ୟ ଅଧିକାରୀ ଚାନ୍ଦ କହିଛନ୍ତି।

ବରାତି ଶୋଭାଯାତ୍ରା ବେଳେ ବାଣ ନିଆଁରୁ ଅଗ୍ନିକାଣ୍ଡ

# ଆତଙ୍କିତ ବର, ବରଯାତ୍ରୀ ଛାଡ଼ି ପଳାଇଲେ

ବୀରମହାରାଜପୁର, ୧୦।୩ (ଡି.ଏନ୍.ଏ.)

କିଛି ଉଶୃଙ୍ଖଳ, ଉନ୍ମତ୍ତ ବରଯାତ୍ରୀଙ୍କ ବେଖିଆଲି କାର୍ଯ୍ୟ ଯୋଗୁଁ ବିବାହ ଉତ୍ସବ ଭଳି ଏକ ହର୍ଷ ଉଲ୍ଲାସର ପର୍ବରେ ଭଙ୍ଗା ପଡିଯାଇଛି। ଗାଁ ଭିତରେ ଚାଲିଥିବା ବରଯାତ୍ରୀଙ୍କ ଶୋଭାଯାତ୍ରା ବେଳେ ଫୁଟାଯାଇଥିବା ବାଣ ନିଆଁରୁ ୬ ବଖରା ଘର ଜଳି ଯାଇଥିବା ବେଳେ ପ୍ରଭୂତ କ୍ଷୟକ୍ଷତି ଘଟିଛି। ଏଭଳି ଘଟଣ ଭିତରେ ଉତ୍‌କ୍ଷିପ୍ତ ଗ୍ରାମବାସୀଙ୍କଠାରୁ ଆକ୍ରମଣ ଆଶଙ୍କା କରି ବର ସହ ସମସ୍ତ ବରଯାତ୍ରୀ ଇତସ୍ତତଃ ଫେରାର ମାରିଥିଲେ । ଶନିବାର ରାତି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଧିନ କେଞ୍ଜରିଆପାଲି ଗ୍ରାମରେ ଘଟିଥିବା ଏଭଳି ଘଟଣା ସାମ୍ନାକୁ ଆସିଛି। ମିଳିଥିବା ଖବର ମୁତାବକ ବୀରମହାରାଜପୁର ନିକଟବର୍ତ୍ତୀ ବାଗବର ପଞ୍ଚାୟତ ଅନ୍ତର୍ଗତ ଷଣ୍ଢା ଗ୍ରାମର ଗୁରୁକିଶୋର ଡାଙ୍ଗ ନାମକ ଯୁବକଙ୍କ ସହିତ କେଞ୍ଜରିଆପାଲି ଗ୍ରାମର ସ୍ୱର୍ଗତ ରାମଚନ୍ଦ୍ର ପଧାନଙ୍କ ଝିଅ ସସ୍ମିତାଙ୍କ ବାହାଘର ପାଇଁ ଶନିବାର ରାତି ଲଗ୍ନ ଧାର୍ଯ୍ୟ ହୋଇଥିଲା। ସେଥିପାଇଁ ଷଣ୍ଢା ଗ୍ରାମରୁ ଯାଇଥିବା ବରଯାତ୍ରୀ ଦଳ କେଞ୍ଜରିଆପାଲି ଗାଁ ମୁଣ୍ଡରେ ପହଞ୍ଚିବା ପରେ କନ୍ୟାଘର ଅଭିମୁଖେ ରୋଶଣି ବାହାରିଥିଲା । ତେବେ ଏହି ଶୋଭାଯାତ୍ରା ବେଳେ ବାଣ ଫୁଟିବା ଆରମ୍ଭ ହେବାରୁ ସ୍ଥାନୀୟ ଅଧିବାସୀ ବାରଣ କରିବା ସତ୍ତ୍ୱେ ତାହାକୁ ବେଖାତିର କରି କେତେକ ବରଯାତ୍ରୀ ବାଣ ଫୁଟାଇବା ଜାରି ରଖିଥିଲେ । ଦୁର୍ଭାଗ୍ୟବଶତଃ ବାଣ ନିଆଁରୁ ଅଗ୍ନିକାଣ୍ଡ ଘଟି ଅଳ୍ପ ସମୟ ମଧ୍ୟରେ ତପନ ପଧାନଙ୍କ ୬ ବଖରା ଘର ଜଳି ଯାଇଥିଲା। ନିଆଁ ଆୟତ୍ତ କରିବା ପାଇଁ ଗ୍ରାମବାସୀ ଘଟଣାସ୍ଥଳକୁ ଧାଇଁବା ବେଳେ ଶୋଭାଯାତ୍ରରେ ସାମିଲ ଥିବା ବରଯାତ୍ରୀ ଦଳ ସେଠାରୁ ଛତ୍ରଭଙ୍ଗ ଦେଇ ଏଣେତେଣେ ଦଉଡି ପଳାଇଥିଲେ। ସୁସଜ୍ଜିତ ଯାନରେ ବସିଥିବା ବରମଧ ଆତ୍ମଗୋପନ କରିବାକୁ ଅନ୍ଧାର ଭିତରେ କୁଆଡେ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ଖବରପାଇ ବୀରମହାରାଜପୁର ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ନିଆଁକୁ



ବାହାଘର ଶୋଭାଯାତ୍ରା ବେଳେ ଫୁଟିଥିବା ବାଣ ନିଆଁରେ ଛାରଖାର ହୋଇଯାଇଥିବା ଏକ ପରିବାରର ୬ ବଖରା ବାସଗୃହ।

ଆୟତ୍ତ କରିଥିଲେ। ଥାନା ଆଇଆଇସି ପ୍ରଭା ଧନ ପୋଲିସ ଫୋର୍ସ ସହ ସମ୍ପୃକ୍ତ ଗ୍ରାମରେ ପହଞ୍ଚି ତାନଘନା ଚଳାଇଥିବା ଜଣାଯାଇଛି। ତେବେ ପୋଲିସ ପହଞ୍ଚିବା ବେଳକୁ ବରଯାତ୍ରୀଙ୍କ ପରିବହନରେ ନିୟୋଜିତ ହୋଇଥିବା ଯାନବାହାନଗୁଡିକ ଘଟଣାସ୍ଥଳରୁ ପଳାଇ ସାରିଥିଲ। କିନ୍ତୁ ବରପାଇଁ ବ୍ୟବହୃତ ସୁସଜ୍ଜିତ ଯାନକୁ ଚାଳକ ଛାଡି ପଳାଇଥିବାରୁ ଗାଡିକୁ ଜବତ କରିଥିଲା ପୋଲିସ। ଏଣେ ମଙ୍ଗୁଳା କନ୍ୟା ସସ୍ମିତାଙ୍କ ବାହାଘର ଅଧାରେ ଅଟକି ଯିବାରୁ ତାଙ୍କର ବିଧବା ମାଁଙ୍କ ସହ ପରିବାର

- ଅଟକିଲା ବାହାଘର
- ଗ୍ରାମବାସୀଙ୍କ ହସ୍ତକ୍ଷେପ,ମନ୍ଦିରରେ ପଡିଲା ହାତଗଣ୍ଠି

ଉପରେ ଚିନ୍ତା ମାଡି ବସିଥିଲା। ତେବେ ଗ୍ରାମର କିଛି ଭଦ୍ରବ୍ୟକ୍ତି ତଥା ସ୍ଥାନୀୟ ସାମଜିକ କର୍ମୀ ଏହି ସମସ୍ୟାର ସମାଧାନ କରିବାକୁ ଆଗଭର ହୋଇଥିଲେ। ସେମାନେ ବରପକ୍ଷଙ୍କ ସହ ଯୋଗାଯୋଗ କରି ବିବାହ କାର୍ଯ୍ୟ ରବିବାର ସମ୍ପନ୍ନ କରିବା ପାଇଁ ଅନୁରୋଧ କରିଥିଲେ। ବରପକ୍ଷ ତହିଁରେ ରାଜି ହୋଇଥିଲେ ବି ପୁନର୍ବାର କେଞ୍ଜରିଆପାଲି ଗ୍ରାମକୁ ଯିବାପାଇଁ ଅମଙ୍ଗ ହୋଇଥିଲେ । ଶେଷରେ ଉଭୟପକ୍ଷଙ୍କ ସହମତି ଭିତ୍ତିରେ ରବିବାର ଷଣ୍ଢା ଗ୍ରାମର ଜଗନ୍ନାଥ ମନ୍ଦିରରେ ବିବାହ ସମ୍ପନ୍ନ ହୋଇଛି। ତେଣେ ଘରପୋଡି ଘଟଣା ନେଇ ବିପନ୍ନ ପରିବାର ପକ୍ଷରୁ ବୀରମହାରାଜପୁର ଥାନାରେ ଲିଖିତ ଏତଲା ଦାୟର କରାଯାଇଥିବାରୁ ପୋଲିସ ତାହାର ଛାନଭିନ ଚଳାଇଛି।

ରାଷ୍ଟ୍ରୀୟ ଲୋକ ଅଦାଲତ

### ୨୩ ମାମଲାର ଫଇସଲା

ବୌଦ୍ଧ,୧୦।୩ (ସ୍ୱ.ପ୍ର)

ବୌଦ୍ଧ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କୋର୍ଟ ପରିସରରେ ରବିବାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ଜିଲା ଦୌରାଜଜ୍ ଅରବିନ୍ଦ କୁମାର ଗୁରୁ, ପାରିବାରିକ ବିଚାରପତି ଗୌରିମାଳି ମହାରଣା, ସିଜେଏମ ପ୍ରଦୀପ୍ତ କୁମାର ସାହୁ, ସବଜଜ୍ ଅଗସ୍ତି କୁମାର ସାହୁ, ରେଜିଷ୍ଟ୍ରାର ଅଜୟ କୁମାର ପ୍ରଧାନ, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ପ୍ରଭୁରାମ ଦାସ ଅଧିକାରୀ, ଏସଡିଜେଏମ ସୂର୍ଯ୍ୟ ଦାସ, ଜେଏମଏଫସି ସନ୍ତୋଷ କୁମାର ବାରିକ ଓ ଗୌରୀଶଙ୍କର ପଣ୍ଡା ପ୍ରମୁଖ ଯୋଗଦେଇ ମାମଲା ଗୁଡିକର ଫଇସଲା କରିଥିଲେ । ଲୋକ ଅଦାଲତରେ ମୋଟ ୨୩ଟି ମକଦ୍ଦମା ଓ ବ୍ୟାଙ୍କ ମାମଲା ଗୁଡିକର ଫଇସଲା କରି ୨୬,୩୯,୦୦୦ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ବହୁତ ଦିନରୁ ଅଲଗା ରହି ଆସୁଥିବା ଦୁଇଟି ପରିବାରକୁ ପରିବାର ଅଦାଲତ ଦ୍ୱାରା ଫଇସଲା କରି ପୁନର୍ବାର ଏକାଠି କରାଯାଇଥିଲା ।

# ଧାନମଣ୍ଡି ବନ୍ଦ ପ୍ରତିବାଦରେ ଆଜି ରାସ୍ତାରୋକୋ

ବୌଦ୍ଧ,୧୦।୩ (ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ଧାନ ମଣ୍ଡିଗୁଡିକୁ ସରକାର ଗତ ୧୯ ତାରିଖରୁ ବନ୍ଦ କରିଦେଇଛନ୍ତି। ଫଳରେ ଅନେକ ଚାଷୀ ସେମାନଙ୍କ ଧାନକୁ ବିକ୍ରୟ କରିପାରି ନାହାନ୍ତି । ଏହାର ପ୍ରତିବାଦରେ ସୋମବାର ବୌଦ୍ଧ ବ୍ଲକର ତେଲିବନ୍ଧ ଠାରେ ଚାଷୀମାନେ ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥ ଅବରୋଧ କରିବାକୁ ନିଷ୍ପତି ଗ୍ରହଣ କରିଥିବା ଚାଷୀ ନେତା ଭୋଳାଗିରି ସାହୁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି। ଜିଲାରେ ବିଳମ୍ବରେ ଧାନମଣ୍ଡି ଖୋଲାଯାଇଥିବାବେଳେ ସରକାର ଶେଷରେ ମାତ୍ର ୧୫ ଦିନ ପାଇଁ ଧାନ କିଣା ସମୟ ବୃଦ୍ଧି କରିଥିଲେ । କିନ୍ତୁ ବୌଦ୍ଧ ଜିଲାର ଅନେକ ଛୋଟ ଚାଷୀ ସେମାନଙ୍କ ଧାନକୁ ବିକ୍ରୟ କରି ନ ପାରି ଘୋର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଅନ୍ୟ ଜିଲାରେ ନଭେମ୍ବର ମାସରୁ ଧାନ କିଣା ଆରମ୍ଭ ହୋଇଥିବାବେଳେ ବୌଦ୍ଧରେ ଡିସେମ୍ବର ଶେଷ ସପ୍ତାହରେ ଏହା ଆରମ୍ଭ ହୋଇଥିଲା । ମିଲର ମାନଙ୍କ ଅସହଯୋଗ ଯୋଗୁ ମଣ୍ଡି ଗୁଡିକରେ ଧାନ ପଡି ରହିବା ସହିତ ଚାଷୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଜିଲାରେ ୧୯ ଲକ୍ଷ ଟନ ଧାନ କିଣିବାକୁ ଲକ୍ଷଧାର୍ଯ୍ୟ କରାଯାଇଥିବାବେଳେ ସରକାର ୧୫ ଲକ୍ଷ ଟନ୍ ଧାନ କିଣିବାକୁ ଅନୁମତି ପ୍ରଦାନ କରିଥିଲେ । ଜିଲାରେ ୧୩ ଲକ୍ଷ ଟନ ଧାନ କିଣା ଯାଇଥିବାବେଳେ ଆହୁରି ବଳକା ୬ ଲକ୍ଷ ଟନ ଧାନ କିଣାଯିବାକୁ ଚାଷୀମାନେ ଦାବି କରିଛନ୍ତି ।

### ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

ଉଲୁଣ୍ଡା, ୧୦।୩(ଡି.ଏନ.ଏ.)

ଉଲୁଣ୍ଡା ବ୍ଲକ ସଦର ସରସ୍ୱତୀ ଶିଶୁ ବିଧ୍ୟାମନ୍ଦିରଠାରେ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଲବ ଭରାସାଗରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକମର ଦ୍ୱିତୀୟ ପର୍ଯ୍ୟାୟରେ ଶିଶୁବାଟିକାରେ ନୂତନ ଭାବରେ ନାମ ଲେଖାଇଥିବା ଶିଶୁମାନଙ୍କ ମା'ମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର କୋଷାଧ୍ୟକ୍ଷ ଅମର କୁମାର ସିଂ ମା' ସରସ୍ୱତୀଙ୍କଠାରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଆୟୋଜିତ ସଭାରେ ସୁବଳୟା ସଙ୍କୁଳ ଶିଶୁ ବାଟିକା ପ୍ରମୁଖ ସୁକାନ୍ତ କୁମାର ପୁରୋହିତ ଅତିଥିଭାବେ ଯୋଗଦେଇ ସନ୍ତୁଳିତ ଆହାର ଉପରେ ମା'ମାନେ କିପରି ଭାବରେ ସଚେତନ ରହିବେ ସେନେଇ ଆଲୋଚନା କରିଥିଲେ। ଅନୁଷ୍ଠାନର ଗୁରୁଜୀ ଠାକୁର ରାଜହଂସ ଏବଂ ଶୁଭକାନ୍ତ ନାଏକ ଉପସ୍ଥିତ ଥିଲେ। ଶେଷରେ ଗୁରୁମା' ସବିତା ମିସ୍ତ୍ରୀ ଧନ୍ୟବାଦ ଦେଇଥିଲେ।

ଖବରଦାତା ସମ୍ମିଳନୀରେ ଭାଜପାର ଅଭିଯୋଗ

# କାଳିଆ ଯୋଜନା ଭୋଟ ପାଇଁ ଉଦ୍ଦିଷ୍ଟ

ବୌଦ୍ଧ,୧୦।୩ (ସ୍ୱ.ପ୍ର.)



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଦଳୀୟ ନେତୃମଣ୍ଡଳୀ ।

ରାଜ୍ୟ ସରକାରଙ୍କ କାଳିଆ ଯୋଜନା ବିଜେଡିର ଭୋଟ ଯୋଜନା ବୋଲି ବୌଦ୍ଧ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ରବିବାର ବୌଦ୍ଧ ପୂର୍ତ୍ତ ବିଭାଗ ବଙ୍ଗଳାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ପ୍ରଭାରୀ ଡ. ରାକେଶ ଶର୍ମା କହିଥିଲେ ଯେ, ଓଡିଶାରେ ୬୫ ଲକ୍ଷ ଚାଷୀ ଅଛନ୍ତି । କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଚାଷୀଙ୍କ ତଥ୍ୟ ମାଗିଥିଲେ ମଧ୍ୟ ମାତ୍ର ୧୫ ଲକ୍ଷ ଚାଷୀଙ୍କ ତାଲିକା ପ୍ରଦାନ କରାଯାଇଛି। ଫଳରେ ରାଜ୍ୟର ଅନେକ ଗରିବ ଚାଷୀ କେନ୍ଦ୍ର ସରକାରଙ୍କ କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି । ରାଜ୍ୟ ସରକାରଙ୍କ ବଜେଟରେ ଅନୁଦାନ ନ ଥାଇ ଯୋଜନା କାର୍ଯ୍ୟକାରୀ କରାଯାଉଛି। କାଳିଆ ଯୋଜନା ନାମରେ ବିଜେଡିର ନେତା ଓ କର୍ମୀଙ୍କ ନାମକୁ ଯୋଡାଯାଇ ନିର୍ବାଚନ ପୂର୍ବରୁ ସେମାନଙ୍କୁ ଆର୍ଥିକ ଲାଭ ପହଞ୍ଚାଇବା ପାଇଁ ଉଦ୍ୟମ କରାଯାଇଛି। ତେଣୁ କାଳିଆ ଯୋଜନା ରାଜ୍ୟରେ ଫେଲ ମାରିଥିବାବେଳେ ଏହା ଶାସକ ବିଜେଡି ଦଳ ପାଇଁ ଆସନ୍ତା ନିର୍ବାଚନରେ ଭୋଟ ପାଇଁ ଉଦ୍ଦିଷ୍ଟ ବୋଲି ଭାଜପା ନେତାମାନେ ଅଭିଯୋଗ କରିଥିଲେ । ସେହିପରି ଜିଲାସ୍ତରରେ ବହୁମାତ୍ରାରେ ଧାନ ଚାଷୀମାନଙ୍କ ନିକଟରେ ଗଚ୍ଛିତ ଥିବାବେଳେ ମଣ୍ଡି ସବୁ ବନ୍ଦ କରିଦିଆଯାଇଛି । ଫଳରେ ଅନେକ ଚାଷୀ ହତାଶ ହୋଇ ପଡିଛନ୍ତି । ପ୍ରକୃତ ଚାଷୀମାନଙ୍କ ନିକଟରେ ସରକାରୀ ସାହାଯ୍ୟ ପହଞ୍ଚି ପାରୁନାହିଁ ବୋଲି କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ସମିର ପାତ୍ର ପ୍ରକାଶ କରିଛନ୍ତି । ଏଥିରେ କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ମନୋରଞ୍ଜନ ଦାଶ ସ୍ୱାଗତ ଭାଷଣ, ଜିଲା ସାଧାରଣ ସମ୍ପାଦକ ବିପ୍ର ଚରଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ

ଉଲୁଣ୍ଡା, ୧୦।୩(ଡି.ଏନ.ଏ.): ଉଲୁଣ୍ଡା ବ୍ଲକ ଢେରାପଡାରେ ଆସନ୍ତା ୧୩ ତାରିଖ ଭାଗବତ ମନ୍ଦିର ପ୍ରତିଷ୍ଠା ଏବଂ ରାଧାକୃଷ୍ଣ ମୂର୍ତ୍ତି ସ୍ଥାପନ ପାଇଁ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ନରସିଂହ ନାୟକ ଏବଂ ଗଜପତି ପଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ମନ୍ଦିର ପ୍ରତିଷ୍ଠା ପରିଚାଳନା ପରିଷଦ ସଭାପତି ବସୁଦେବ ମେହେର, ଗୁଲୁଠୁ ମେହେର, ମିଶିଲ ଭୋଇ, ମକରଧ୍ୱଜ ମେହେର, ବୈଶାକୁ ଭୋଇ, ସୁରେନ୍ଦ୍ର ଭୋଇ ଉପସ୍ଥିତ ଥିଲେ। ତିନିଦିନ ବ୍ୟାପୀ ହେବାକୁ ଥିବା ଉତ୍ସବ ପାଇଁ କଳସ ଯାତ୍ରା, ଅଷ୍ଟପ୍ରହର ନାମଯଜ୍ଞ, ପାରମ୍ପରିକ ନୀତି ସହ ରାଧାକୃଷ୍ଣ ମୂର୍ତ୍ତି ପ୍ରତିଷ୍ଠା, ପୀଠ ପ୍ରବେଶ ଆଦି କାର୍ଯ୍ୟକୁ ଶୃଙ୍ଖଳିତ ଭାବରେ ସମ୍ପାଦନ କରିବାକୁ ମତପ୍ରକାଶ ପାଇଥିଲା । ଯଜ୍ଞକର୍ତ୍ତା କିଶୋର ମେହେର ଓ ପ୍ରତିଷ୍ଠା କର୍ତ୍ତାଭାବେ ପିଙ୍କୁ ଭୋଇ, ପରମେଶ୍ୱର ଭୋଇ ସପତ୍ନିକ କାର୍ଯ୍ୟ ତୁଲାଇବାକୁ ପ୍ରସ୍ତାପ ଗୃହୀତ ହୋଇଥିଲା।

# ଇଭିଏମ, ଭିଭିପାଟ ବ୍ୟବହାର ସମ୍ପର୍କିତ ସ୍ୱତନ୍ତ୍ର ଅଭିଯାନ

ସୋନପୁର,୧୦।୩ (ନି.ପ୍ର.)

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଇଭିଏମ ଓ ଭିଭିପାଟ ବ୍ୟବହାର ସମ୍ପର୍କିତ ସୁବର୍ଣ୍ଣପୁର ଜିଲାସ୍ତରୀୟ ସ୍ୱତନ୍ତ୍ର ଅଭିଯାନ ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ସଭାଗୃହରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ଗଣମାଧ୍ୟମର ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଇଭିଏମ ଓ ଭିଭିପାଟ ବ୍ୟବହାର ସମ୍ପର୍କରେ ପ୍ରତିଦିନ ଗ୍ରାମାଞ୍ଚଳର ୫ହଜାର ମତଦାତାଙ୍କୁ ସଚେତନ କରାଯାଉଥିବା ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମଧୁସୂଦନ ମିଶ୍ର ସୂଚନା ଦେଇଥିଲେ। ଏଥିସକାଶେ ୬୪-ବୀରମହାରାଜପୁର ନିର୍ବାଚନମଣ୍ଡଳୀକୁ ୬ଟି ଓ ୬୫-ବୀରମହାରାଜପୁର ନିର୍ବାଚନମଣ୍ଡଳୀକୁ ୭ଟି ଗାଡି ଦିଆଯାଇଛି। ପ୍ରତ୍ୟେକ ଗାଡିକୁ ଇଭିଏମ ଓ ଭିଭିପାଟ ଦେବା ସହିତ ତାଲିମପ୍ରାପ୍ତ ପ୍ରଦର୍ଶକ ଦଳଙ୍କୁ ନିୟୋଜତି କରାଯାଇଛି। ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଗ୍ରାମରେ ଯେପରି ସଚେତନତା କାର୍ଯ୍ୟକ୍ରମ ହେବ ଏବଂ ଅତିକମରେ ୧୦୦ ଗୋଟି ମକ୍ ପୋଲ ହେବ ସେଥିପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଉପଜିଲାପାଳ ତଥା ରିଟର୍ଣ୍ଣି ଅଫିସରମାନେ ରୁଟ୍‌ଚାଟ୍ ତିଆରି କରିବା ସହିତ ଗ୍ରାମ ମାନଙ୍କରେ ଆଗୁଆ ସୂଚନା ପହଞ୍ଚାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଥିବା ଜିଲାପାଳ କହିଥିଲେ। ଅତିରିକ୍ତ ଜିଲାପାଳ ତଥା ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ପଣ୍ଡାଙ୍କ ସମେତ ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ସହକାରୀ ଜିଲାପାଳ(ନିର୍ବାଚନ)ମୁକ୍ତେଶ୍ୱର ପାଣିଗ୍ରାହୀ, ନବୀନ କଛୁମାର ପାଢୀ, ରାଜନୈତିକ ଦଳର ପ୍ରତିନିଧିଙ୍କ ମଧ୍ୟରେ ବିଜେଡିରୁ କଇରୁ ସ୍ୱାଇଁ, ଭାଜପାରୁ ଦିଲ୍ଲିପ ପୂଜାହାରୀ ଓ ଏସ୍‌ୟୁସିଆଇରୁ ଗୋବିନ୍ଦ ମହାରଣା ପ୍ରମୁଖ ଯୋଗ ଦେଇଥିଲେ ।

### ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବିନିକା,୧୦।୩ (ଡି.ଏନ୍.ଏ)

ବିନିକା ପାପକ୍ଷୟ ଘାଟ ପରିସରରେ ରବିବାର ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଜିତେନ୍ଦ୍ର ପର୍ଡ଼ିଆଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଦିନକୁ ଦିନକୁ ବଢ଼ି ଚାଲିଥିବା ପରିବେଶ ପ୍ରଦୂଷଣକୁ ରୋକବା ପାଇଁ କି ପଦକ୍ଷେପ ଗ୍ରହଣ କଲେ ଆଗାମୀ ଯୁବପିଢ଼ୀ ପାଇଁ ଫଳପ୍ରଦ ହେବ ସେ ନେଇ ସଚେତନ କରାଯାଇଥିଲା । ଏଥିରେ ଶତ୍ରୁଘ୍ନ ମେହେର, ଧନସିଂ କାଣ୍ଡ, ସାଗର କାଣ୍ଡ, ଜଗମୋହନ ଭୁଏ, ଆଶରାମ ସାହୁ, ପବିତ୍ର ଭୁଏ, ସୁଶାନ୍ତ ଭୁଏ, ପବିତ୍ର ମେହେର, ଲୋକନାଥ ସାହୁଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ ।




ଡୁମାଲ ସମାଜ ବୈଠକରେ ଉପସ୍ଥିତ ସଭ୍ୟମାନେ ।

# ଜିଲା ଡୁମାଲ ପରିଷଦର ବାର୍ଷିକ ବୈଠକ

ଜହ୍ନାପଙ୍କ, ୧୦।୩ (ଡି.ଏନ.ଏ)

ବୌଦ୍ଧ ଜିଲା ଡୁମାଲ ପରିଷଦର ବାର୍ଷିକ ବୈଠକ ବହିରା ପଞ୍ଚାୟତ ଅନ୍ତର୍ଗତ ବଡଝାରକଟା ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ମାହେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ଓଡିଶାର ପ୍ରଥମ ଡୁମାଲ ସ୍ୱାଧୀନ ବିଧାୟକ ସ୍ୱର୍ଗତ ପରିକ୍ଷିତ କର୍ଣ୍ଣଙ୍କ (ବିନିକା ବିଧାୟକ) ବିୟୋଗରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ମହାକୁଡଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଜିଲା ସମ୍ପାଦକ କାହ୍ନୁଚରଣ ମେସୁଆ ବାର୍ଷିକ ବିବରଣୀ ପାଠ କରିଥିଲେ । ରାଜ୍ୟ ପରିଷଦ ଉପସଭାପତି କୃତିବାସ ପଲିଆ ପରିଷଦର ନିୟମାବଳୀ ପାଠ କରିଥିଲେ ରାଜ୍ୟ ସହ ସମ୍ପାଦକ ତଥା ଜିଲା ଯୁବ ଡୁମାଲ ବିକାଶ ପରିଷଦ ସଭାପତି ଶମ୍ଭୁ ଗିରି ଡୁମାଲ ପରିଷଦ ଗଠନରେ ଯୁବ ପରିଷଦର ଭୂମିକା ଉପରେ ଆଲୋଚନା କରିଥିଲେ । ଅନ୍ୟତମ ଉପସଭାପତି ତଥା ନିର୍ବାଚନ ପର୍ଯ୍ୟବେକ୍ଷକ ମୁରଲୀଧର ପାତ୍ରଙ୍କ ତତ୍ତ୍ୱାବଧାନରେ ବଡଝାରକଟା ଡୁମାଲ ସମାଜ କେନ୍ଦ୍ରକୁ ପୁନର୍ଗଠନ କରାଗଲା । ଏଥିରେ ସର୍ବସମ୍ମତିକ୍ରମେ ଶିବ ପ୍ରସାଦ ଗାଇଗୌରିଆ ସଭାପତି, ଷଣ୍ଢେଶ୍ୱର ମହାକୁଳ ଉପସଭାପତି, ପ୍ରଦୀପ କୁମାର ମହାକୁଳ ସମ୍ପାଦକ, ପଲଣ୍ଡା ବସିଣ୍ଡା ସହ ସମ୍ପାଦକ, ସତ୍ୟ ଦନ୍ତା କୋଷାଧକ୍ଷ ଓ ଜିଲା ପ୍ରତିନିଧି ଭାବେ ହିମାଂଶୁ ପ୍ରଧାନ, ପ୍ରଭାତ ଦେହୁରୀଙ୍କୁ ମନୋନୀତ କରାଗଲା। ଏହାସହ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କରାଗଲା । ଏଥିରେ ପବିତ୍ର ଦନ୍ତା, କପିଳେଶ୍ୱର ମହାକୁଳ, ହିମାଂଶୁ ବଘାର ଓ ପ୍ୟାରିମୋହନ ନାୟକଙ୍କୁ ମନୋନୀତ କରାଗଲା । ଏହି ବୈଠକରେ ପୂର୍ବତନ ସଭାପତି ବିଶିକେଶନ ପ୍ରଧାନ, ଜିଲା ସହ ସମ୍ପାଦକ ମୋତିଲାଲ ଡାଙ୍ଗ, କାର୍ଯ୍ୟକାରୀ ସଭ୍ୟ ନିତ୍ୟାନନ୍ଦ କର୍ମି, ରାମଗଡ ଡୁମାଲ ସମାଜ କେନ୍ଦ୍ର ସଭାପତି ଲୋକନାଥ କର୍ଣ୍ଣ, ଚମ୍ପାମାଲ କେନ୍ଦ୍ର ସଭାପତି ଅଗସ୍ତି ପ୍ରଧାନ, ମଧୁରା କେନ୍ଦ୍ର ସମ୍ପାଦକ ପଞ୍ଚାନନ ମହାକୁଡ, ଉପଦେଷ୍ଟା ଶିବ ମହାକୁଡ, ଡାକୁଡ କେନ୍ଦ୍ର ସଭାପତି ବିଶ୍ୱମିତ୍ର ବାରିକ, କୋଷାଧକ୍ଷ ସତ୍ୟନାରାୟଣ ମହାକୁଡ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଶେଷରେ ରାଜ୍ୟ ପ୍ରତିନିଧି ଦେଶବନ୍ଧୁ ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ ।

ରାଜ୍ୟସ୍ତରୀୟ କର୍ମଶାଳା ଘୁମୁରୀ ଘୁମୁରୀ କାନ୍ଦୁଛେ ମୁହୁରୀ

# ଲୋକକଳାର ଅବକ୍ଷୟ ନେଇ ଉଦ୍‌ବେଗ

ସୋନପୁର,୧୦।୩ (ନି.ପ୍ର)

ସୁବର୍ଣ୍ଣପୁର ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପର୍ଏଁରୀ ପକ୍ଷରୁ ଗୋଧନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ସାରସ୍ୱତ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଘୁମୁରୀ ଘୁମୁରୀ କାନ୍ଦୁଛେ ମୁହୁରୀ ଶୀର୍ଷକ କର୍ମଶାଳାରେ ଅନୁଷ୍ଠାନର ସଭାପତି ଲଡୁକିଶୋର ମଲ୍ଲିକ ସଭାକାଯର୍ୟ ପରିଚାଳନା କରିଥିଲେ। ବରିଷ୍ଠ କଳାକାର ଗୋକୁଳ ମାଝୀ ଓ ଭୁଷଣ ଦେହୁରୀ ଆଲୋଚକ ଭାବେ ଯୋଗଦାନ କରି ମୁହୁରୀ ବ୍ୟବହାର ବାଧ୍ୟତାମୂଳକ ଥିବାବେଳେ ତାର ସ୍ୱର ବିଶେଷ ଭାବେ ଲୋକଲୋଚନକୁ ଆସି ପାରିନାହିଁ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବାବୁଲା ଥନାପତି ଓ ଭୀମ ଥନାପତି ଯୋଗଦେଇ ଏହି ଲୋକକଳାର ଅବକ୍ଷୟ ପାଇଁ କ୍ଷୋଭ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଲୋକକଳାର ଗବେଷକ ତଥା ପର୍ଏଁରୀ ଅନୁଷ୍ଠାନର ସମ୍ପାଦକ ଚୌଧୁରୀ ବିଭାର କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସହିତ ଉଡାନ, ଚଘେନ, କାଟେନ, ଉତରେନ, ମୁଡେନ, ଛିଡେନ ଓ ବଡେନ ଆଦି ପାର ବିଷୟରେ ଓ



କର୍ମଶାଳାରେ ମହୁରିଆ ଓ ପର୍ଏଁରୀର କର୍ମକର୍ତ୍ତା ।

ମହୁରୀର ସ୍ୱର ଉପରେ ଆଲୋକପାତ କରିଥିଲେ। ମୁହୁରୀ କେବଳ ବ୍ୟସ୍ତବହୁଳ ଜୀବନକୁ ରଙ୍ଗରସରେ ଭରୁଥିଲା ତାହା ନୁହେଁ, ଜୀବନକୁ ଦେଉଥିଲା ଭିନ୍ନ ଏକ ସ୍ୱାଦ। ସଂସାରର ଚିତ୍ର ଚରିତ୍ରକୁ ପରିସ୍ଫୁଟ କରୁଥିଲା ଏହି ମହୁରୀ । ସବୁ କାର୍ଯ୍ୟକ୍ରମରେ ମହୁରୀ ବାଜୁଥିଲା। ଏବେ ସେଥିରେ ପରିବର୍ତ୍ତନ ଘଟିଲାଣି। କର୍ମଶାଳାରେ ବରିଷ୍ଠ ମହୁରୀଆ ଝୁଗୁଡୁ ଗର୍ଡିଆ, ଗେଠୁଁ ନାଏକ, ଶିବ ନାଏକ, ଶିବ ବଞ୍ଚୁର ଓ ମାଲୁ ନାଏକ ମହୁରୀର ପ୍ରସ୍ତୁତି ଓ ସ୍ୱର ସମ୍ପର୍କରେ ଆଲୋଚନା କରିଥିଲେ। ଅରୁଣ ଦେହୁରୀ ଧନ୍ୟବାଦ ପ୍ରଦାନ କରିଥିଲେ। ଅନୁଷ୍ଠାନର ଶୁକ୍ରୁ ବେହେରା, ସନ ବାଘାର, ଛବି ସେଠୀ, ହଳଧର ପ୍ରଧାନ, ଚନ୍ଦ୍ର ପଧାନ, ବନ୍ଧ ପଧାନ ଓ ତପନ ନାଏକ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



ପ୍ରତ୍ୟେକ ମହତ୍ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ଜଣାପଡ଼େ।
- ଥୋମାସ୍ କାର୍ଲାଇଲ୍



## ସଂକ୍ଷେପରେ

### ବିଜେଡି କର୍ମୀ ସମ୍ମିଳନୀ

**ପାଟଣାଗଡ, ୧୦।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଅନ୍ତର୍ଗତ ବିଲାଇସାଥି ଗ୍ରାମରେ ରବିବାର ପାଟଣାଗଡ ବିଜୁ ଜନତା ଦଳ ତରଫରୁ ଏକ କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଆଲୋକ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ଯୁବନେତା ଡା. ଅମିତାଭ ପୃଷ୍ଟି ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ରାଜ୍ୟରେ ଚାଲିଥିବା ବିଭିନ୍ନ ଜନହିତକର ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଭ୍ୟ ସୁଶିଲ ଗୁରୁ, ଗୋବିନ୍ଦ ବାରିକ, ପ୍ରଫୁଲ୍ଲ ମେହେର, ପ୍ରତାପ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ପାଟଣାଗଡ ନିର୍ବାଚନ ମଣ୍ଡଳୀରେ ବିଗତ ୨୫ ବର୍ଷ ଧରି ବିଧାୟକ ରହିଥିବା ଭାଜପାର କନକବର୍ଦ୍ଧନ ସିଂଦେଓଙ୍କ ବିରୋଧରେଦଳୀୟ ନେତାମାନେ ବିକ୍ଷୋଦ୍‌ଗାର କରିଥିଲେ। ଏହି ଅବସରରେ ନିର୍ବାଚନ ମଣ୍ଡଳୀରେ ଶତାଧିକ ଭାଜପା ଏବଂ କଂଗ୍ରେସ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ।

### ଅଧରାତିରେ ପୋଲିସ ଚଢ଼ାଉ

**ଦେଓଗାଁ,୧୦।୩(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଧଣ୍ଡାମାଲ ପଞ୍ଚାୟତ ଅନ୍ତର୍ଗତ ପିପଲପଦରରେ ଜନୈକ ବ୍ୟକ୍ତିଙ୍କ ଘରକୁ ଶନିବାର ବିଳମ୍ବିତ ରାତିରେ ପୋଲିସ ଟିମ ଅତର୍କିତ ଚଢ଼ାଉ କରି ଆତଙ୍କ ସୃଷ୍ଟି କରିଥିବା ଅଭିଯୋଗ ହୋଇଛି। ୨ଟି ଭ୍ୟାନରେ ମହିଳା ଓ ପୁରୁଷ ପୋଲିସ ତାଙ୍କ ଘରେ ପଶିଥିବା ସୁଧାଂଶୁ କର୍ଣ୍ଣ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ ତାଙ୍କ ଘର ପଛପଟ କବାଟକୁ ପୋଲିସ ଭାଙ୍ଗିଦେଇଥିବା ପରିବାର ଲୋକେ କହିଛନ୍ତି। ଘରେ କେବଳ ମହିଳା ଅଛୁ, ତଦନ୍ତପାଇଁ ସକାଳୁ ଆସନ୍ତୁ ବୋଲି କହିଥିଲେ ପରିବାରର ମହିଳା ସଦସ୍ୟ। ହେଲେ ସୁଧାଂଶୁଙ୍କୁ ପୋଲିସ ନ ପାଇ ଫେରିଯାଇଥିଲା। ଗାଁ ଲୋକ ପରେ ସାହାସ ଜୁଟାଇ ନିକଟସ୍ଥ ବନ୍ଧପଡା ଫାଣ୍ଡିକୁ ଫୋନ ମାଧମରେ ଅବଗତ କରିଥିଲେ। ସକାଳୁ ସୁଧାଂଶୁ ଘରକୁ ଫେରିବା ପରେ ବନ୍ଧପଡା ଫାଣ୍ଡି ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଫାଣ୍ଡି ଅଧିକାରୀ ନବୀନ କୁମାର ଭୋଇ କହିଛନ୍ତି ଯେ, କୌଣସି ଏକ ମାମଲାରେ କେହି ସୁଧାଂଶୁଙ୍କ ନାମ କହିବାରୁ ପୋଲିସ ତାଙ୍କ ଘରକୁ ଯାଇଥିଲା। ତେବେ ତଦନ୍ତରେ ସହଯୋଗ କରିବା ପାଇଁ ସୁଧାଂଶୁଙ୍କୁ ସଦର ଥାନାକୁ ପଠାଇଥିବା ସେ କହିଛନ୍ତି।

## ମଠଖାଇ ଜଙ୍ଗଲରେ ମହିଳାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ମାମଲା

# ଦୁଇ ଅଭିଯୁକ୍ତ ଗିରଫ, କୋର୍ଟଚାଲାଣ

**ବଲାଙ୍ଗୀର ଅଫିସ,୧୦।୩**

ବଲାଙ୍ଗୀର ନିକଟସ୍ଥ ମଠଖାଇ ଜଙ୍ଗଲରେ ଜଣେ ମହିଳାଙ୍କୁ ଉଲଗ୍ନ କରି ମୋବାଇଲରେ ଫଟୋ ଉତ୍ତୋଳନ କରି ଭାଇରାଲ କରିବା ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ ସଦର ଥାନା ପୋଲିସ ଗିରଫ କରିଛି। ରବିବାର ବଲାଙ୍ଗୀର ସଦର ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦେଇଛନ୍ତି ଏସଡିପିଓ ଶ୍ରୀମନ୍ତ ବାରିକ। ତାଙ୍କ ସୂଚନା ଅନୁସାରେ କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନା କନ୍ଦରେଇ ଗାଁର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ତାଙ୍କର କିଛି ସହଯୋଗୀଙ୍କ ସହ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଏପରିକି ସେମାନେ ତାଙ୍କର ନଗ୍ନ ଭିଡିଓ ଉତ୍ତୋଳନ କରି ଭାଇରାଲ କରାଇଛନ୍ତି। ଏ ନେଇ



ସଦର ଥାନାରେ ଦୁଇ ଅଭିଯୁକ୍ତ।

ସଦର ଥାନାରେ ଅଭିଯୋଗ ପରେ ଏକ ମାମଲା(ନଂ.୩୮/୧୯)ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ତଦନ୍ତରୁ ଜଣାପଡିଥିଲା ଯେ, ମଠଖାଇ ଜଙ୍ଗଲ ଭିତରେ କର୍ଲୀକାନୀ ଗାଁର ମନୋଜ ଡୁମନିଆଁ ଓ ଦିଲୀପ ବଗର୍ତ୍ତି ନାମକ ଦୁଇଜଣ ଏହି କାଣ୍ଡ କରିଛନ୍ତି। ପୋଲିସ ତଦନ୍ତ ପରେ ସେହି ଦୁଇଜଣଙ୍କୁ ଗିରଫ କରାଯାଇଥିଲା। ଜେରାବେଳେ ପୋଲିସ ସାମନାରେ ସେମାନେ ସବୁ କଥା ମାନି ଯାଇଥିଲେ। ରବିବାର ଉଭୟଙ୍କୁ ଦଫା ୪୯୮-ଏ, ୩୫୪, ୩୫୪-ବି, ୨୯୨ ଆଇପିସି ଓ ସେକ୍ସନ୍ ୬୬-ଇ/୬୭/୬୭-ମ ଅନୁଯାୟୀ କୋର୍ଟଚାଲାଣ କରାଯାଇଛି। ଦିଲୀପ ବଗର୍ତ୍ତି ଜଙ୍ଗଲ ବିଭାଗରେ ୱାଚର ଭାବରେ କାମ କରୁଛନ୍ତି। ତାଙ୍କଠାରୁ ଏକ ସାମସଙ୍ଗ ମୋବାଇଲ ଜବତ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଏସଡିପିଓ ବାରିକଙ୍କ ସହ ଆଇଆଇସି ଯୋଗେଶ ପଣ୍ଡା ଉପସ୍ଥିତ ରହିଥିଲେ। ପ୍ରକାଶ୍ୟ ଯେ, ବଲାଙ୍ଗୀର ଜିଲାରେ ନିକଟ ଭବିଷ୍ୟତରେ ଏକାଧିକ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ହୋଇସାରିଲାଣି। ଏହି ସବୁ ଘଟଣାରେ ପୋଲିସର ନିଷ୍କ୍ରିୟତା ନେଇ ସାଧାରଣରେ ଆଲୋଚନା ହେଉଥିଲା। ତେବେ ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବାରୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଛି।

# ବାଇକ୍‌କୁ ଧକ୍କା ଦେଲା ଟ୍ରକ୍, ୨ ଗୁରୁତର

**ସଇଁତଲା, ୧୦।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବେଲଗାଁ ଜାତୀୟ ରାଜପଥ-୨୬ର ଲୁହୁରାପାଲି ଛକଠାରେ ବାଇକକୁ ପଛପଟୁ ଏକ ଟ୍ରକ ଧକ୍କା ଦେବାରୁ ଦୁଇ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ବଫଲା ଗ୍ରାମର ମୁରଲୀ ଭୋଇ (୪୦) ଓ ମିଥୁନ ଭୋଇ (୩୦) ବାଇକ ଓଡ଼ି-୦୮-ଏଫ-୯୯୪୩ରେ ରବିବାର ପୂର୍ବାହ୍ନ ୧୨ଟାରେ କୌଣସି କାର୍ଯ୍ୟରେ ବଲାଙ୍ଗୀର ଆସୁଥିଲେ। ଜାତୀୟ ରାଜପଥ-୨୬ କଡ଼ରେ ଥିବା ଭଦ୍ରା ପଞ୍ଚାୟତର ଲୁହୁରାପାଲିଠାରେ ଥିବା ହମ୍ପରେ ବାଇକକୁ ଗତି କମ କଲାପରେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଟ୍ରକ ନଂ.ଓଡ଼ି-୧୭-ଇ-୬୧୭୬ ଧକ୍କା ଦେଇଥିଲା। ଫଳରେ ଦୁଇ ବାଇକ ଆରୋହୀ ତଳେ ପଡ଼ିଯାଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଦ୍ୱୟଙ୍କୁ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗୀର ଭୀମଭୋଇ ମେଡ଼ିକାଲକୁ ପଠାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରିବା ସଙ୍ଗେ ସଙ୍ଗେ ଡ୍ରାଇଭରଙ୍କୁ ଅଟକ ରଖିଛି। ଦୁର୍ଘଟଣା ପରେ ଲୁହୁରାପାଲିଠାରେ ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନକୁ ନେଇ ଘଣ୍ଟାଏ କାଳ ଲୁହୁରାପାଲି ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ସଇଁତଲା ଥାନା ଏସଆଇ ଦୁର୍ବାଦଳ ମେହେର ଓ ଏସଆଇ ବିଚିତ୍ରାନନ୍ଦ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

## ଡାକ୍ତରଖାନାରୁ ନବଜାତ ଚୋରି ଘଟଣା

# ଜେଲଗଲେ ଅଭିଯୁକ୍ତ ଦମ୍ପତି

**ପାଟଣାଗଡ, ୧୦।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ଉପଖଣ୍ଡ ଡାକ୍ତରଖାନାରୁ ଗତ ୬ତାରିଖ ଏକ ନବଜାତ ଶିଶୁ ପୁତ୍ରକୁ ଚୋରି କରି ନେଇଥିବା ଅଭିଯୋଗରେ ଗିରଫ ଦମ୍ପତିଙ୍କୁ ରବିବାର ପାଟଣାଗଡ ଥାନା ପୋଲିସ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଶୁକଦେବ ସାହୁ ଏବଂ ତାଙ୍କ ସ୍ତ୍ରୀ ସବିତାଙ୍କୁ ପାଟଣାଗଡ ଉପକାରାଗାର ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ପାଟଣାଗଡ ଥାନାରେ ଦଫା ୩୬୩ରେ ଏକ ମାମଲା(ନଂ.୫୫/୧୯) ରୁଜୁ ହୋଇଛି। ପାଟଣାଗଡ ମେଡିକାଲରେ ଲାଗିଥିବା ସିସି ଟିଭି ଫୁଟେଜ ଆଧାରରେ ମିଳିଥିବା ତଥ୍ୟ ଅନୁଯାୟୀ ଶନିବାର ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅନ୍ତର୍ଗତ ଘରସରା ଗ୍ରାମରୁ କଳାହାଣ୍ଡି ଜିଲା ବୁର୍ଡି ଗ୍ରାମର ଶୁକଦେବ ଏବଂ ସବିତାଙ୍କ ପାଖରେ ଚୋରି ଶିଶୁପୁତ୍ର ଥିବା ପାଟଣାଗଡ ପୋଲିସ ଠାବ କରିଥିଲା। ଜେରା ବେଳେ ଶୁକଦେବ ଏବଂ ସବିତା କଣ୍ଟାବାଞ୍ଜିର ଜଣେ ବ୍ୟକ୍ତିଙ୍କଠାରୁ ଡାକ୍ତରଖାନାରେ ଥିବା ଘସିଏନ ଗ୍ରାମର ରୁଦ୍ର ତାଣ୍ଡି



ଗିରଫ ଶୁକଦେବ ସାହୁ।

ଏବଂ ଜୟନ୍ତୀ ତାଣ୍ଡିଙ୍କ ନବଜାତ ଶିଶୁ ପୁତ୍ର ବିଷୟରେ ସୂଚନା ପାଇଥିବା କହିଛନ୍ତି। ଏଠାକୁ ଆସି ଅଧା କେଇକ୍ଷଣ ମଧ୍ୟରେ ମା' ଏବଂ ନବାଜତକ ନିକଟରେ କେହି ନ ଥିବା ସୁଯୋଗ ନେଇ ସାହୁ ଦମ୍ପତି ଫେରାର ହୋଇଯାଇଥିବା କହିଛନ୍ତି। ସେମାନେ ବେଲପଡା-କଣ୍ଟାବାଞ୍ଜି ରାସ୍ତା ଦେଇ ସବିତାଙ୍କ ବାପ ଘର ସିନ୍ଧେକେଲା ଘରସରାକୁ ଯାଇଥିଲେ। ପୋଲିସର ସ୍ୱତନ୍ତ୍ର ଟିମ୍ ସିସି ଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିବା ପରେ ଘଟଣାର ପର୍ଦ୍ଦାଫାଶ ହୋଇଥିଲା।

## ଯୁବତୀଙ୍କୁ ଦୁର୍ବ୍ୟବହାର ଘଟଣା: ଜଣେ ଗିରଫ

**ଲୋଇସିଂହା,୧୦।୩(ଡି.ଏନ.ଏ)**

ଲୋଇସିଂହା ଥାନା ଅନ୍ତର୍ଗତ ଆଗଲପୁର ବ୍ଲକ ଅଧୀନ ଏକ ଗ୍ରାମର ପ୍ରାପ୍ତ ବୟସ୍କ ଏକ ପ୍ରେମୀ ଯୁଗଳ ଗୋପନରେ ଘରୁ ବାହର ରାଜ୍ୟକୁ ପଳାଉଥିଲେ। ଯୁବକଙ୍କ କେତେକ ସମ୍ପର୍କୀୟ ଏହା ଜାଣିଲା ପରେ ଯୁବତୀଙ୍କୁ ଦୁର୍ବ୍ୟବହାର କରି ଯୁବକଙ୍କୁ ଅଧାବାଟରୁ ଫେରାଇ ଆଣିଥିଲେ। ଏହି ଘଟଣାରେ ଯୁବତୀଙ୍କ ଅଭିଯୋଗ ଆଧାରରେ ଆଗଲପୁର ପୋଲିସ ଯୁବକଙ୍କ ବଡଭାଇ ରାଜୀବ ସାହୁଙ୍କୁ ଗରିଫ କରି ରବିବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହଜାତକୁ ପଠାଯାଇଥିବା ଏଏସଆଇ ଆର୍ତ୍ତତ୍ରାଣ ସାହୁଙ୍କ ସୂତ୍ରରୁ ପ୍ରକାଶ। ପୋଲିସ ସୂଚନାମତେ, ପ୍ରେମୀଯୁଗଳ ଗତ୨୫ ତାରିଖରେ ଘରୁ ଲୁଚି ପଳାଉଥିବାବେଳେ ବରଗଡରେ ଯୁବକଙ୍କ ବଡଭାଇଙ୍କ ସହ ଅନ୍ୟ କେତେକ ସେମାନଙ୍କୁ ଅଟକାଇଥିଲେ। ସେଠାରେ ଯୁବତୀଙ୍କୁ ଦୁର୍ବ୍ୟବହାର କରିବା ସହ ଯୁବକଙ୍କୁ ଛଡାଇ ଆଣିଥିଲେ। ଏନେଇ ଯୁବତୀ ଜଣ ଆଗଲପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଦଫ ୩୪୧, ୩୫୪, ୩୪ ଆଇପିସିରେ ଏକ ମାମଲା(ନଂ.୪୫/୧୯) ରୁଜୁ ହୋଇଥିଲା।

## ପଲ୍‌ସ ପୋଲିଓ ଟିକାକରଣରେ ବ୍ୟତିକ୍ରମ ଅଭିଯୋଗ

# ୨ଘଣ୍ଟା ଅପେକ୍ଷା ପରେ ପୋଲିଓ ବୁନ୍ଦା ପାଇଲେ ଶିଶୁ

**ଦେଓଗାଁ,୧୦।୩(ଡି.ଏନ.ଏ.)**

ପଲସ ପୋଲିଓ ଟୀକାକରଣ ପାଇଁ ଦିନ ଓ ସମୟ ଧାର୍ଯ୍ୟ ହୋଇଥିବା ବେଳେ ରବିବାର ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ଓ କଛାରପାଲିରେ ସମୟ ବ୍ୟତିକ୍ରମକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସକାଳ ୮ଟାରୁ ଟୀକାକରଣ ଆରମ୍ଭ କରାଯିବା ପାଇଁ ବିଭାଗୀୟ ନିର୍ଦ୍ଦେଶନାମା ହୋଇଥିଲା। ହେଲେ ପୂର୍ବାହ୍ନ ୯ଟା୩୦ରେ ଭେକସିନ ବକ୍ସ ପହଞ୍ଚିବା ସହ ୧୦ଟାରେ ପୋଲିଓ ଟୀକାକରଣ ଆରମ୍ଭ କରାଯିବାକୁ ନେଇ କଛାରପାଲିରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଶିଶୁ ମାନଙ୍କ ମାତାପିତାଙ୍କ ମଧ୍ୟରେ ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ସକାଳ ୮ଟାରୁ ଗାଁର ଅନେକ ମା' ବାପା ନିଜ ଶିଶୁକୁ ପୋଲିଓ ବୁନ୍ଦା ଖୁଆଇବାପାଇଁ କେନ୍ଦ୍ରକୁ ଆଣି ଅପେକ୍ଷାରେ ରହିଥିଲେ। ୨ଘଣ୍ଟା ପରେ ଶିଶୁଙ୍କୁ ପୋଲିଓ ଟୀକାକରଣ କରାଯାଇଥିଲା। ଏ ସମୟରେ ଅନେକ ଶିଶୁ ଭୋକରେ ଆଉଟୁପାଉଟୁ ହେବାରୁ ଘରକୁ ଫେରିଯାଇଥିବା



ଦେଓଗାଁ କଛାରପାଲିରେ ପଲ୍‌ସ ପୋଲିଓ ଟିକାକରଣ ପାଇଁ ମା' ଓ ଶିଶୁ ଅପେକ୍ଷାରେ ରହିଥିବା ବେଳେ ଜିଲା ନୋଡାଲ ଅଧିକାରୀ ଟିମ ନିରୀକ୍ଷଣ କରିବାକୁ ପହଞ୍ଚିଛନ୍ତି।

ନଜରକୁ ଆସିଥିଲା। ଜିଲା ନୋଡାଲ ଅଧିକାରୀ ଡା. ସିଦ୍ଧେଶ୍ୱର ମାଝୀ ଓ ଏସଟିଏଚ ଜ୍ୟୋତିର୍ମୟ ସରାଫ ନିରୀକ୍ଷଣ ପାଇଁ ପହଞ୍ଚିବା ସମୟରେ ଭେକସିନ ବାକ୍ସ ଆସିବାରେ ବିଳମ୍ବକୁ ନେଇ ବିରକ୍ତି ପ୍ରକାଶ କରିଥିଲେ। ଏ ନେଇ ବିପିଏମ କୁମୁଦ ରଞ୍ଜନ ନାଏକଙ୍କୁ ପଚାରିବାରୁ ଗାଡି ଆସିବାରେ ବିଳମ୍ବ ହେବାରୁ ଭେକସିନ ବାକ୍ସ ନେବାରେ ବିଳମ୍ବ ହେଇଥିବା ସ୍ୱୀକାର କରିଥଲେ। ସୋମବାର ସମସ୍ତଙ୍କ ଘରକୁ ଯାଇ ଟୀକାକରଣ କରାଯିବ ବୋଲି କହିଥିଲେ।

# ଇଭିଏମ, ଭିଭିପାଟ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ସାମିଲ ବ୍ୟକ୍ତିବିଶେଷ।

**କଣ୍ଟାବାଞ୍ଜି, ୧୦।୩(ଡି.ଏନ.ଏ.)**

୨୦୧୯ ସାଧାରଣ ନିର୍ବାଚନ ନେଇ ଇଭିଏମ ଓ ଭିଭିପାଟ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଏନଏସି କନଫରେନ୍ସ ହଲରେ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। କଣ୍ଟାବାଞ୍ଜି ଏନ୍‌ଏସିର ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରିୟା ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ଭାଜପା, ବିଜେଡି, କଂଗ୍ରେସ ଦଳର ପ୍ରତିନିଧିଙ୍କ ସହ ବହୁ ବୁଦ୍ଧିଜୀବୀ ସାମିଲ ହୋଇ ଡେମୋ ପ୍ରଦର୍ଶନ ଦେଖିଥିଲେ। କାର୍ଯ୍ୟକ୍ରମକୁ ଏନଏସି ଜେଇ ଆଦିତ୍ୟ ମିଶ୍ର ପରିଚାଳନା କରିଥିବା ବେଳେ କର୍ମଚାରୀ ସୁଶାନ୍ତ ମହାପାତ୍ର, ନୀଳବାଗ ସହଯୋଗ କରିଥିଲେ।

## ବାଳିକା ହଷ୍ଟେଲରେ ବେଆଇନ କର୍ମଚାରୀ ନିଯୁକ୍ତି

# ଅଭିଯୋଗ କଲା ବିଦ୍ୟାଳୟ ପରିଚାଳନା କମିଟି

**ଦେଓଗାଁ,୧୦।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅଧିନରେ ଖୋଲାଯାଇଥିବା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଶହେ ଶଯ୍ୟା ବିଶିଷ୍ଟ ବାଳିକା ହଷ୍ଟେଲରେ ଲେଡିଜ ୱାଚ ଆଣ୍ଡ ୱାଡେନ ନିଯୁକ୍ତି ବେଆଇନଭାବେ କରାଯାଇଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆଣିଛି ବିଦ୍ୟାଳୟ ପରିଚାଳନା କମିଟି। ବର୍ଷେ ତଳେ ପରିଚାଳନା କମିଟିର ସୁପାରିଶରେ ନିଯୁକ୍ତି କରାଯାଇଥିବା କର୍ମଚାରୀ ବିନୋଦିନି ସେଠଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଆନନ୍ଦିନୀ ଭୋଇ କାହାରିକୁ ନଜଣାଇ ବହିଷ୍କାର କରିଥିଲେ। ପରେ ମନମୁଖୀଭାବେ ପୁରୁଣା ଅଧିବେଶନକୁ ଭିତ୍ତି କରି ରାଏମତି ବାଗଙ୍କୁ ନିଯୁକ୍ତି ଦେଇଦେଇଛନ୍ତି। ସ୍କୁଲ ପତ୍ର ସଂଖ୍ୟା ୪୧୦/ତା୨୮।୨।୨୦୧୯ରିଖରେ କାର୍ଯ୍ୟରତ ବିନୋଦିନୀ ସେଠଙ୍କୁ ବହିଷ୍କୃତ କରିଥିବା ବେଳେ ପତ୍ର ସଂଖ୍ୟା ୪୧୫/ତା୧।୩।୨୦୧୯ରିଖରେ ରାଏମତି ବାଗଙ୍କୁ ନିଯୁକ୍ତି କରାଯାଇଥିବା ଦର୍ଶାଇଛନ୍ତି। କେଉଁ ଉଦ୍ଦେଶ୍ୟରେ ଜଣେ କାର୍ଯ୍ୟରତ କର୍ମଚାରୀଙ୍କୁ ହଠାତ ବହିଷ୍କାର କରି ଅନ୍ୟ ଜଣକୁ ନିଯୁକ୍ତି ଦିଆଯାଇଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ପରିଚାଳନା କମିଟି ସଦସ୍ୟ କହିଛନ୍ତି। ଶନିବାର ସ୍କୁଲ ପରିସରରେ ପରିଚାଳନା କମିଟି ସଭାପତି ସୀତା ସିଂ ବାବୁଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ବୈଠକ ବସିଥିଲା। ସେଠାରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଏଭଳି ପଦକ୍ଷେପକୁ ନିନ୍ଦା କରାଯିବା ସହ ଜିଲା ମଙ୍ଗଳ ଅଧିକାରୀ ଓ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ଅବଗତ କରି ବିହିତ ପଦକ୍ଷେପ ଗ୍ରହଣ ପାଇଁ ଦାବି କରାଯିବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଆନନ୍ଦିନୀ ଭୋଇଙ୍କୁ ପଚାରିବାରୁ ଏ ନେଇ ମୁଁ କୌଣସି ଉତ୍ତର ଦେଇପାରିବି ନାହିଁ ବୋଲି କହିଥିଲେ। ସେହିପରି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ଞାନ ରଞ୍ଜନ ବଡଜେନାଙ୍କୁ ପଚାରିବାରୁ ଏ ସଂକ୍ରାନ୍ତରେ ଅଭିଯୋଗ ପାଇଛି। କାର୍ଯ୍ୟରତ କର୍ମଚାରୀଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ କାର୍ଯ୍ୟରୁ ବହିଷ୍କୃତ କରିବାର କ୍ଷମତା ନାହିଁ। ଏଥିପାଇଁ ସ୍କୁଲ ପରିଚାଳନା କମିଟିର ନୂତନ ରିଜୋଲ୍ୟୁସନକୁ ଭିତ୍ତି କରି ଜିଲା ମଙ୍ଗଳ ଅଧିକାରୀ ଆବଶ୍ୟକ ପଦକ୍ଷେପ ନେଇପାରିବେ ବୋଲି କହିଥିଲେ।

## ସନ୍ତୋଷଙ୍କ ଦୁଇଗୋଡ ଚଳୁନି

# ଚିକିତ୍ସାରେ ଅର୍ଥ ସାଜିଛି ବାଧକ

**ଲୋଇସିଂହା,୧୦।୩(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଖଲିଆପାଲି ଗ୍ରାମର ସନ୍ତୋଷ ବୁଡେକ(୫୫)। ୫ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ତାଙ୍କ ଦୁଇ ଗୋଡ କାମ କରୁନାହିଁ। ଆର୍ଥିକ ଅଭାବରୁ ସେ ଚିକିତ୍ସିତ ହୋଇପାରୁ ନାହାନ୍ତି। ଘରେ ବସି ରହିଛନ୍ତି। ଘରର ମୁରବୀ ଅଚଳ ହୋଇ ପଡି ରହିଥିବାରୁ ପରିବାର ଦୁର୍ଦ୍ଦିନରେ ଚଳୁଛି। ଲୋଇସିଂହା ବ୍ଲକ ବୁଢ଼ୀପଦର ପଞ୍ଚାୟତ ଅନ୍ତର୍ଗତ ଘୁଷୁରାମୁଣ୍ଡା ଗ୍ରାମର ମୂଳ ନିବାସୀ ସନ୍ତୋଷ ବିବାହ ପରେ ଶାଶୁ ଘରେ ଆଗଲପୁର ବ୍ଲକ ସାଲେଭଟା ପଞ୍ଚାୟତ ଅଧୀନ ଖଲିଆପାଲି ଗ୍ରାମର ଚିକ୍ରାପଡାରେ ପରିବାର ସହ ରହୁଛନ୍ତି। ସ୍ତ୍ରୀ ପଦ୍ମାଳୟା, ଦୁଇଝିଅ ଓ ଏକମାତ୍ର ପୁଅକୁ ନେଇ ତାଙ୍କ ସଂସାର। ଯୁବକ ଥିବା ସମୟରେ ସନ୍ତୋଷ ଘୁଷୁରାମୁଣ୍ଡାରେ ଛେଳି ଚରାଉଥିଲେ। ସେହି ସମୟରେ ଗଛକୁ ଚଢି ଡାଳ ଭାଙ୍ଗିବା ସମୟରେ ପଡି ଯାଇଥିଲେ।



ସ୍ତ୍ରୀଙ୍କ ସହ ସନ୍ତୋଷ ବୁଡେକ।

ସେତେବେଳେ ତାଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଥିଲା। ଏହାପରେ ବିବାହ କରିଥିଲେ। ଶାଶୁ ଘର ଲୋକଙ୍କ ଜମିବାଡି ନ ଥିବରୁ ଅନ୍ୟର ଜମିରେ ଭାଗଚାଷ କରି ପରିବାର ପରିପୋଷଣ କରୁଥିଲେ। ୫ବର୍ଷ ତଳେ ହଠାତ ତାଙ୍କ ବାମଗୋଡ ଅଚଳ ହୋଇ ପଡିଲା। ଏହାପରେ ଡାହାଣ ଗୋଡ ମଧ୍ୟ କାମ କଲାନାହିଁ। ସଞ୍ଚୟ କରି ରଖିଥିବା ଟଙ୍କା ଓ ଧାରଉଧାର କରି ଅନେକ ସ୍ଥାନରେ ଚିକିତ୍ସିତ ହୋଇଥିଲେ। ହଜାରହଜାର ଟଙ୍କା ଖର୍ଚ୍ଚକଲେ ବି ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଲାନାହିଁ। ସଳଖି ଠିଆ ହେବାକୁ ଉଦ୍ୟମ କଲେ ବାମଗୋଡ ଥରୁଛି। ଫଳରେ ସେ ଭଲ ଭାବେ ଠିଆ ହୋଇ ପାରୁନାହାନ୍ତି। ସ୍ତ୍ରୀ, ପିଲାଙ୍କ ସହଯୋଗରେ କଷ୍ଟେମଷ୍ଟେ ପଦାକୁ ସ୍ନାନ, ଶୌଚ ପାଇଁ ଯାଇଥାନ୍ତି ବୋଲି କହନ୍ତି। ଏଭଳି ସ୍ଥିତିରେ ସ୍ତ୍ରୀ ପଦ୍ମାଳୟା ଘରୁ ବାହାରକୁ ପାଦ କାଢି ପାରୁନାହାନ୍ତି। ସ୍ୱାମୀଙ୍କ ସେବାଯତ୍ନରେ ଦିନ ବିତୁଛି। ରାଶନ କାର୍ଡରେ ମିଳୁଥିବା ଚାଉଳ ଓ ସନ୍ତୋଷଙ୍କୁ ମିଳୁଥିବା ୫ଶହ ଟଙ୍କାର ବିକଳାଙ୍ଗ ଭତ୍ତା ଏକମାତ୍ର ଆଶା। ହାତରେ ଟଙ୍କା ନ ଥିବାରୁ ଚିକିତ୍ସିତ ହୋଇ ପାରୁ ନ ଥିବା ସନ୍ତୋଷ କହିଛନ୍ତି। ସରକାରୀସ୍ତରରେ ମାଗଣା ଚିକିତ୍ସା ଓ ଔଷଧ ଯୋଗାଇଦେଲେ ହୁଏତ ସେ ସୁସ୍ଥ ହୋଇ ପାରନ୍ତେ ବୋଲି ଆଶାବ୍ୟକ୍ତ କରିଛନ୍ତି। ସରକାରଙ୍କ ପକ୍କାଘର ଯୋଜନାରେ ତାଙ୍କ ପରିବାର ଅଣଦେଖାର ଶିକାର ହୋଇଥିବା ସେ ଅଭିଯୋଗ କରିଛନ୍ତି। ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

# ପେଟ୍ରୋଲ ପମ୍ପ ରାତି ଜଗୁଆଳିଙ୍କୁ ଆକ୍ରମଣ

**ସଇଁତଲା, ୧୦।୩ (ଡି.ଏନ.ଏ.)**

- କ୍ଷତିପୂରଣ, ଦୋଷୀଙ୍କୁ ଗିରଫ ଦାବି
- ପେଟ୍ରୋଲ ପମ୍ପରେ ତାଲା ପକାଇଲେ ଗ୍ରାମବାସୀ

ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ଜାତୀୟ ରାଜପଥ-୨୬ ପାର୍ଶ୍ୱରେ ଥିବା ଆଂଜନେୟ ପେଟ୍ରୋଲ ପମ୍ପର ରାତ୍ର ଜଗୁଆଳିଙ୍କୁ ଚାରିଜଣ ଦୁର୍ବୃତ୍ତ ଶନିବାର ରାତ୍ରରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଦୋଷୀକୁ ଗିରଫ ତଥା ଆହତ କର୍ମଚାରୀଙ୍କୁ ଚିକିତ୍ସା ପାଇଁ ଆର୍ଥିକ କ୍ଷତିପୂରଣ ଦାବି କରି ନୀଳିମା ବାଗଙ୍କ ନେତୃତ୍ୱରେ ରବିବାର ସକାଳୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ମହଗାଁ ଗ୍ରାମବାସୀ ପେଟ୍ରୋଲ ପମ୍ପରେ ତାଲା ପକାଇ ପ୍ରତିବାଦ କରିଥିଲେ। ଅପରାହ୍ନ ୧ଟାରେ ପମ୍ପ ମାଲିକ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ଦେଲା ପରେ ଗ୍ରାମବାସୀ ଆନ୍ଦୋଳନରୁ ହଟିଥିଲେ।

ପୋଲିସ ସୂଚନା ଅନୁଯାୟୀ ସଇଁତଲା ଥାନା ଅନ୍ତର୍ଗତ ମହଗାଁସ୍ଥିତ ଉକ୍ତ ପେଟ୍ରୋଲ ପମ୍ପରେ ଶନିବାର ରାତ୍ର ପ୍ରାୟ ୮.୪୫ମିରେ ଏକ କାରରେ



ପେଟ୍ରୋଲ ପମ୍ପ ବନ୍ଦ କରି ବିକ୍ଷୋଭ କରୁଥିବା ମହଗାଁ ଗ୍ରାମବାସୀଙ୍କୁ ପୋଲିସ ବୁଝାସୁଝା କରୁଛି।

ଚାରିଜଣ ଯୁବକ ପେଟ୍ରୋଲ ପକାଇବାକୁ ଆସିଥିଲେ। କୌଣସି କାରଣବଶତଃ କାର୍ଯ୍ୟରତ କର୍ମଚାରୀ ଓ ସମ୍ପୃକ୍ତ ଯୁବକମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ କଥା ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଯୁବକମାନେ କାରକୁ ପେଟ୍ରୋଲ ପମ୍ପ ବାହାରକୁ ନେଇ ଠିଆ ହୋଇ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ରାତ୍ର ଜଗୁଆଳି ଭାବରେ କାର୍ଯ୍ୟ କରୁଥିବା ମହଗାଁ ଗ୍ରାମର ଦଦୋ ବାଗ (୫୫) ପହଞ୍ଚି ସମ୍ପୃକ୍ତ ଯୁବକମାନଙ୍କୁ ସେଠାରୁ ଚାଲିଯିବାକୁ କହିଥିଲେ। ଏଥିରେ ସେମାନେ ଉତ୍ୟକ୍ତ ହୋଇ ଦଦୋଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିଯୋଗୁ ତାଙ୍କ ବାମ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଅନ୍ୟ କର୍ମଚାରୀଙ୍କ ସହାୟତାରେ ତାଙ୍କୁ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ଚିକିତ୍ସା କରାଯାଇଥିଲା। ଖବର ପାଇ ସଇଁତଲା ଥାନା ଏସଆଇ ଦୁର୍ବାଦଳ ମେହେର, ଏସଆଇ ବିଚିତ୍ରାନନ୍ଦ ପ୍ରଧାନ, ଏସଆଇ ସଙ୍ଗୀତା ବେକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପେଟ୍ରୋଲ ପମ୍ପ ମାଲିକ ପମ୍ପରେ ଲାଗିଥିବା ସିସିଟିଭି ଫୁଟେଜ ଦେଖାଇବାକୁ ମନା କରିଥିବା ବେଳେ ଖବର ଲେଖା ହେବା ଯାଏ କୌଣସି ଲିଖିତ ଅଭିଯୋଗ ଥାନାରେ ହୋଇ ନ ଥିବା ଜଣାଯାଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୧ ମାର୍ଚ୍ଚ, ୨୦୧୯



ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।

- ସତ୍ୟସାଇ ବାବା



## ସଂକ୍ଷେପରେ

### ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ନୂତନ କେନ୍ଦ୍ର ଉଦ୍‌ଘାଟିତ

**କୁଆଁରମୁଣ୍ଡା,୧୦।୩ (ଡି.ଏନ.ଏ)-** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କୁଆଁରମୁଣ୍ଡା-ପଦ୍ମପୁର ରୋଡରେ ରବିବାର ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ନୂତନ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼-ରାଉରକେଲା ସବ୍‌ଜୋନ୍‌ର ଇନଚାର୍ଜ ବିକେ ବିମଳା ଦିଦି ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଉରକେଲାସ୍ଥିତ ହୃଷିକେଶ ରାଏ ମହାବିଦ୍ୟାଳୟର ଅଧ୍ୟାପକ ଡ.ସନାତନ ପ୍ରଧାନ ଯୋଗ ଦେଇଥିଲେ। ସମ୍ପ୍ରତି ମନୁଷ୍ୟ ଆଧ୍ୟାତ୍ମିକ ଚିନ୍ତନରୁ ଦୂରେଇ ସଦାସର୍ବଦା ବସ୍ତୁବାଦୀ ହେଉଥିବାରୁ ଜୀବନ ବିଶାଦଗ୍ରସ୍ତ ହେଉଛି। ଏଥିରୁ ମୁକ୍ତିଲାଭ ପାଇଁ ରାଜଯୋଗ ହିଁ ଏକମାତ୍ର ଉପାୟ ଯଦ୍ୱାରା ମନୁଷ୍ୟ ଲୋଭ, ମାୟା ପରିତ୍ୟାଗ କରି ଆତ୍ମା ଓ ପରମ ଆତ୍ମା ସହ ସମ୍ପର୍କ ସ୍ଥାପନ କରି ବାସ୍ତବ ଶାନ୍ତିଲାଭ କରିପାରିବ ବୋଲି ବକ୍ତାମାନେ ଏହି ଅବସରରେ ମତପୋଷଣ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବି.କେ ଶ୍ୱେତା, ଅଞ୍ଜଳି, ସୀମା, ଦୀପିକା ଓ ଏହି ନୂତନ କେନ୍ଦ୍ରର ପ୍ରତିଷ୍ଠାତା କୁଆଁରମୁଣ୍ଡାର ଯୁବ ସାମାଜିକ କର୍ମୀ ଶୈଳେଶ ତିୱାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବିକେ.ମିତା ଦିଦି ପରିଚାଳନା କରିଥିଲେ।

ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବାଟବଣା

# ଖଟିଆରେ ଦିନ କାଟୁଛନ୍ତି ଗରିବ ମୁକୁନ୍ଦ

**ନୂଆପଡ଼ା ଅଫିସ, ୧୦।୩**

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଗରିବ ଏବଂ ନିଃସ୍ୱ ପରିବାରକୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଅନେକ ଯୋଜନା ଘୋଷଣା କରିଛନ୍ତି । ହେଲେ ଯୋଜନାଗୁଡିକ ପରିଚାଳନା ଅଭାବରୁ ଠିକ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ । ଗରିବ ଲୋକେ ଦୁଃଖ କଷ୍ଟରେ କାଳାତିପାତ ହେଉଛନ୍ତି, ହେଲେ ଯୋଜନାରୁ ସୁଫଳ ପାଇପାରୁନାହାନ୍ତି । ଏହାର ଏକ ନଗ୍ନ ଉଦାହରଣ ନୂଆପଡ଼ା ଜିଲା ଖଡିଆଳ ଥାନା ବାଦି ଗାଁରେ ଦେଖିବାକୁ ମିଳିଛି। ଏଠିକାର ମୁକୁନ୍ଦ ସତନାମୀ (୫୦) ଏକ ବାଇକ୍ ଦୁର୍ଘଟଣାରେ ଆହତ ହୋଇ ଠିକ ଭାବରେ ଚିକିତ୍ସାସେବା ପାଇପାରି ନ ଥିବାରୁ ଖଟିଆରେ ଦିନ କାଟୁଛନ୍ତି । ତାଙ୍କର ଚିକିତ୍ସା ସେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

ଆଜକୁ ପନ୍ଦର ଦିନ ତଳେ ମୁକୁନ୍ଦ କୌଣସି ଏକ କାମରେ ଖଡିଆଳକୁ ସାଇକେଲରେ ଯାଉଥିଲେ । ରାସ୍ତାରେ ଏକ ବାଇକ୍ ପଛପଟୁ ଆସି ଧକ୍କା ଦେଇ ଚାଲିଯାଇଥିଲା । ଫଳରେ ମୁକୁନ୍ଦଙ୍କ ବାମ ଗୋଡ ଭାଙ୍ଗି ଯାଇଥିଲା । ପ୍ରଥମେ ଖଡିଆଳ ସରକାରୀ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ଭବାନୀପାଟଣା ପରେ ବୁର୍ଲାକୁ ସ୍ଥାନାନ୍ତର ହୋଇଥିଲେ । ସେଠାରେ ଚିକିତ୍ସା ଖର୍ଚ୍ଚ ଜୁଟାଇପାରି ନ ଥିବାରୁ ଏବେ ଘରକୁ ଫେରିଆସିଛନ୍ତି । ଘରେ ନିଜର ସ୍ତ୍ରୀ ଗହୁଁ ଖାଇ ସତନାମୀ, ଦୁଇ ପୁଅ ଫିରୋଜ ଏବଂ ହେମସାଗର ସତନାମୀ ଚିନ୍ତାରେ ପଡ଼ିଛନ୍ତି। ଘରର ସମସ୍ତ ଆସବାବ ସହ ଗୃହପାଳିତ ପ୍ରାଣୀଙ୍କୁ ବିକ୍ରି କରି ଚିକିତ୍ସା କରିଛନ୍ତି। ହେଲେ ବର୍ତ୍ତମାନ ମୁକୁନ୍ଦ ନିରୁପାୟ ହୋଇପଡିଛନ୍ତି । ଭାଙ୍ଗିଯାଇଥିବା ଗୋଡ ଅବସ୍ଥା ଦିନକୁ ଦିନ ସାଂଘାତିକ ହେବାରେ ଲାଗିଛି। ଗ୍ରାମବାସୀ କିଛିଟା ସଂଗ୍ରହ କରି ଚିକିତ୍ସା ସେବା ସକାଶେ ସହଯୋଗ କରୁଥିବାବେଳେ ପ୍ରଶାସନିକ ବ୍ୟବସ୍ଥାକୁ ସମାଲୋଚନା କରିଛନ୍ତି। ପ୍ରଶାସନ ଏହା ଉପରେ ଦୃଷ୍ଟି ଦେଲେ ମୁକୁନ୍ଦ ଠିକ ହୋଇପାରିବ ବୋଲି ଗ୍ରାମବାସୀ ପରଖିତ ସତନାମୀ, ମିନିକେତନ ସତନାମୀ, ଜମ୍ବୁବତୀ ସତନାମୀ, ଦେବେନ୍ଦ୍ର କୁମାର ସତନାମୀ ପ୍ରମୁଖ ଦାବି କରିଛନ୍ତି ।

**ଭୋକ ଉପାସରେ ଗରିବ ପରିବାର**



ଶଯ୍ୟାଶାୟୀ ମୁକୁନ୍ଦଙ୍କ ନିକଟରେ ପରିବାର ବର୍ଗ ।

# ଭିଭିପାଟ, ଇଭିଏମ ସଚେତନତା କାର୍ଯ୍ୟକ୍ରମ

**ନୂଆପଡା ଅଫିସ,୧୦।୩**

ସ୍ଥାନୀୟ ଜିଲପାଳଙ୍କ ସଦଭାବନା ସଭାଗୃହରେ ଭିଭିପାଟ ଏବଂ ଇଭିଏମ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧିକାରୀମାନେ ଖୋଦ ମକପୋଲ କରି ମତଦାତା, ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ସଚେତନ କରିଥିଲେ । ରବିବାର ପୂର୍ବାହ୍ନ ୧୧ଟାରେ କାର୍ଯ୍ୟକ୍ରମରେ ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକ ସଭାପତିତ୍ୱ କରିଥିବାବେଳେ ଉପଜିଲାପାଳ ତରଣୀସେନ ନାଏକ, ଜିଲା ଗ୍ରାମପଞ୍ଚାୟତ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଡେପୁଟି କଲେକ୍ଟର ଜୟଲାଲ ବେଶ୍ରା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଜିଲାର ବିଭିନ୍ନ ପ୍ରାନ୍ତରୁ ପଞ୍ଚାୟତିରାଜ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ। ସମସ୍ତଙ୍କ ଉପସ୍ଥିତିରେ ଅଧିକାରୀମାନେ ଭିଭିପାଟ, ଇଭିଏମରେ ମକପୋଲ ପ୍ରଦର୍ଶନ କରିଥିଲେ । କିପରି ଭୋଟ ଗ୍ରହଣ ହୋଇଥାଏ । ଭିଭିପାଟରେ ଭୋଟ କିପରି ନିଶ୍ଚିତ ହୋଇଥାଏ ସେ ଉପରେ ସବିଶେଷ ବିବରଣୀ ଦେଇଥିଲେ। ଆଗକୁ ନିର୍ବାଚନରେ କିପରି ଏହାର ସଦୁପଯୋଗ ହୋଇପାରିବ ସେ ଉପରେ ପରାମର୍ଶ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।



ଅଧିକାରୀମାନେ ଭିଭିପାଟ ପ୍ରଦର୍ଶନ କରି ବୁଝାଉଛନ୍ତି ।

# ଘରୋଇ ଗ୍ୟାସ୍ ଡେଲିଭରୀ ବୟ, ମେକାନିକ ଆସୋସିଏଶନ ବୈଠକ

**ରାଉରକେଲା ଅଫିସ, ୧୦।୩**

ଘରୋଇ ଗ୍ୟାସ୍ ବିତରଣ ସଂସ୍ଥାରେ କାମ କରୁଥିବା ସିଲିଣ୍ଡର ପରିବହନ ଓ ମେକାନିକ ଆସୋସିଏଶନ ପକ୍ଷରୁ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଦିତନଗର ନେତାଜୀ ସୁବାସ ପାର୍କଠାରେ ଏହି ବୈଠକରେ ସଙ୍ଗଠନ ଉପସଭାପତି ଶରତ ଜେନା ଅଧ୍ୟକ୍ଷତା କରିଥିଲେ। ଏଥିରେ ସଙ୍ଗଠନ ସାଧାରଣ ସମ୍ପାଦକ ରମେଶ ବଳ ଯୋଗଦେଇ କହିଥିଲେ, କର୍ମଚାରୀଙ୍କ ଉଚିତ ପ୍ରାପ୍ୟ ପ୍ରଦାନ ନେଇ ବିଭାଗୀୟ ଶ୍ରମ ଦପ୍ତରରେ ଚୁକ୍ତି ସ୍ୱାକ୍ଷରିତ ସତ୍ତ୍ୱେଏହାକୁ ପାଳନ କରା ନ ଯିବା ଅତ୍ୟନ୍ତ କ୍ଷୋଭର ବିଷୟ। ଦିନରାତି କାମ କରୁଥିବା ଏହି ଶ୍ରମିକଙ୍କ ସାମାଜିକ ସୁରକ୍ଷା, ଇଏସଆଇ, ଇପିଏଫ ପ୍ରଦାନରେ ଆଜି ବି କର୍ତ୍ତୃପକ୍ଷ ଟାଳଟୁଳ ନୀତି ଆପଣାଇବା ଦୁଃଖ ଦାୟକ ଘଟଣା। ଏହି କାର୍ଯ୍ୟକ୍ରମରେ ଅଣକୁଶଳୀ, ଅର୍ଦ୍ଧକୁଶଳୀ ଓ କୁଶଳୀ ଶ୍ରମିକଙ୍କୁ ଉଚିତ ସମ୍ମାନ ମିଳୁନାହିଁ କି ପଉଣା ବି ପ୍ରଦାନ କରାଯାଉନି ବୋଲି ବଳ ଏଥିରେ ଅଭିଯୋଗ କରିଥିଲେ। ଏପରି ଅବସ୍ଥାରେ ଆସୋସିଏଶନ ବାରମ୍ବାର ଦାବି ଉପସ୍ଥାପନ କରିଆସୁଛି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଓ ଏଜେନ୍ସି ମାଲିକଙ୍କ ଅବହେଳା ଅସହ୍ୟ ହେଲାଣି। ସରକାର ଅସଙ୍ଗଠିତ ଶ୍ରମିକଙ୍କ ସମସ୍ତ ପାଉଣା ତଥା ହକ ମିଳିବ ବୋଲି ଡିଣ୍ଡିମ ପିଟୁଥିବାବେଳେ ଏହି ଶ୍ରେଣୀର ଶ୍ରମିକଙ୍କ ହକ ନ ମିଳିବା ପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି ବଳ ଏଥିରେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବାବଲୁ ସିଂ, ଜିତୁ ବେହେରା, ବିପିନ ବାରିକ, ପ୍ରଶାନ୍ତ ବେହେରା ଓ ଗୌତମ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଭୋଟଦାନ ସଚେତନତା କାର୍ଯ୍ୟକ୍ରମ

**ଗୋଲାମୁଣ୍ଡା,୧୦।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ସଭା ଗୃହଠାରେ ରବିବାର ଆଗାମୀ ସାଧାରଣ ନିର୍ବାଚନ ପାଇଁ ଭୋଟଦାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଗୋଲାମୁଣ୍ଡା ତହସିଲଦାର ମନିଷା ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଏବିଡିଓ ପଦ୍ମନାଭ ପାତ୍ରଙ୍କ ଉପସ୍ଥିତିରେ ପୁଙ୍ଖାନୁପୁଙ୍ଖ ଭାବେ ଇଭିଏମ୍ ଭୋଟିଂ ମେଶିନ ସହିତ ନୂଆ ଭାବରେ ସଂଯୁକ୍ତ କରାଯାଇଥିବା ଭିଭିପାଟ୍ ମେଶିନ ସମ୍ପର୍କରେ ଅବଗତ କରାଯାଇଥିଲା। ଆଚରଣ ସଂହିତା ଉପରେ ମଧ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ଅବସରରେ ଉପସ୍ଥିତ ବ୍ଲକର ଗଣମାଧମ ପ୍ରତିନିଧି, ନିର୍ବାଚିତ ପ୍ରତିନିଧି, ସାମାଜିକ କର୍ମୀ, ସଚେତନ ଯୁବକ ଯୁବତୀ ଓ ବ୍ଲକ କର୍ମଚାରୀମାନେ ଇଭିଏମ୍ ଭୋଟିଂ ମେଶିନର ବ୍ୟବହାର କରି ଭିଭିପାଟ୍ ମେଶିନ ବ୍ୟବହାର କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ତୁଳେଶ୍ୱର ନାଏକ, ଉପଧକ୍ଷା ମମତା ରାଉତ, ବିଜେଡି ଯୁବ ନେତା ଦିନେଶ ରାଉତ, ଜୁନାଗଡ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜ, ସହକାରୀ ଯନ୍ତ୍ରୀ ଦିଗାମ୍ବର ନାୟକ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରମିତ କୁମାର ପଧାନ ପ୍ରମୁଖ ଉପସ୍ଥିତ ଥିଲେ ।



ଭୋଟଦାନ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ।

# ଟଙ୍କା ଥାଇ ବୋର୍ଡା ମିନି ଷ୍ଟାଡିୟମ ଅସମ୍ପୂର୍ଣ୍ଣ

**ଭବାନୀପାଟଣା,୧୦।୩ (ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ବୋର୍ଡା ମିଲକି ଅଞ୍ଚଳ ପାଇଁ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ବୋର୍ଡାଠାରେ ନିର୍ମାଣାଧୀନ ମିନି ଷ୍ଟାଡିୟମ ଏବେ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି । ଷ୍ଟାଡିୟମ ନିର୍ମାଣ ପାଇଁ ୨୦୧୭ରେ ୨୫ ଲକ୍ଷ ଟଙ୍କା ଏବଂ ଏମଜିଏନ୍‌ଆରଜିଏସ୍‌ରେ ୧୫ ଲକ୍ଷ ଟଙ୍କାର ଅନୁଦାନ ଆସିଥିଲା। ଅଧପନ୍ତରିଆ ଭାବେ ମିନି ଷ୍ଟାଡିୟମ ନିର୍ମାଣ ପରେ ସ୍ଥାନୀୟ କ୍ରୀଡାପ୍ରେମୀଙ୍କ ଏହି ଷ୍ଟାଡିୟମ କୌଣସି କାର୍ଯ୍ୟରେ ଆସୁନାହିଁ । ଫଳରେ କ୍ରୀଡାପ୍ରେମୀ ସରକାରଙ୍କୁ ଚାପ ପକାଇବାରୁ ଗତ ୦୬।୦୮।୨୦୧୮ରେ କ୍ରୀଡା ବିଭାଗ ପକ୍ଷରୁ ଭବାନୀପାଟଣା ବିଡିଓଙ୍କ ସରକାରୀ ବ୍ୟାଙ୍କ ଆକାଉଣ୍ଟନଂ.୧୧୦୮୩୪୬୪୧୩୩କୁ ୧୫ ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇ ୮ ଲକ୍ଷ ୬୦ ହଜାର ଟଙ୍କାରେ ଷ୍ଟାଡିୟମ ନିର୍ମାଣ ସମ୍ପୂର୍ଣ୍ଣ ଏବଂ ବଳକା ୬ ଲକ୍ଷ ୪୦ ହଜାରକୁ ଓପନ ଜିମ ଷ୍ଟାଡିୟମ ମଧ୍ୟରେ ନିର୍ମାଣ କରି ଏହାର ବ୍ୟାୟ ଅଟକଳ ସାର୍ଟିଫିକେଟ ୧୫।୯।୨୦୧୮ ସୁଦ୍ଧା ଦାଖଲ ପାଇଁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଭବାନୀପାଟଣା ପଞ୍ଚାୟତ ସମିତି ପକ୍ଷରୁ ଷ୍ଟାଡିୟମ ନିର୍ମାଣ ପାଇଁ ଟଙ୍କା ଥାଇ ମଧ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ନୈରାଶ୍ୟ ଖେଳିଯାଇଛି । ନିର୍ବାଚନ ପୂର୍ବରୁ ଏହି ଷ୍ଟାଡିୟମ ନିର୍ମାଣ ଟଙ୍କାକୁ ହଡପ କରିବାକୁ ଯୋଜନା କରାଯାଉଥିବା ମିଲକି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଯଥାଶୀଘ୍ର ଅନୁଦାନ ଆସିଥିବା ଟଙ୍କାରେ ଷ୍ଟାଡିୟମ ନିର୍ମାଣ କରା ନ ଗଲେ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ତାଲା ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି ।



ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି ବୋର୍ଡା ମିନି ଷ୍ଟାଡିୟମ।

# ଶିଳ୍ପୋଦ୍ୟୋଗୀ ସଂଘ ପକ୍ଷରୁ ଦାବି : ଶିଳ୍ପ ନାଁରେ ଜମି ହଡ଼ପ ବନ୍ଦ କରାଯାଉ

**ରାଉରକେଲା ଅଫିସ,୧୦।୩**

ଶିଳ୍ପ ନାଁରେ ଜମି ଲିଜ ନେଇ ଏହାକୁ ନିଜ ସ୍ୱାର୍ଥ ସାଧନରେ ବିନିଯୋଗ କରୁଥିବା ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସାମାଜିକ ସଙ୍ଗଠନ ଏକ୍ସନ ନେଟୱାର୍କ ଓ ଯୁବ କ୍ରାନ୍ତିକାରୀ ଶିଳ୍ପୋଦ୍ୟୋଗୀ ସଂଘ ପକ୍ଷରୁ ଦାବି କରାଯାଇଛି। ଏଥିରେ ଉପସ୍ଥିତ ମଞ୍ଚ କର୍ମକର୍ତ୍ତା ପ୍ରଦୀପ ଦାସ, ବିଜୟ ପ୍ରଧାନ ଓ ସୂର୍ଯ୍ୟକାନ୍ତ ମିଶ୍ର ପ୍ରମୁଖ ଅଭିଯୋଗ କରି କହିଥିଲେ ଯେ, କଳକାରଖାନା ପ୍ରତିଷ୍ଠା ଆଳରେ ସରକାରଙ୍କଠାରୁ ମୂଲ୍ୟବାନ ଜମି ଲିଜ ନେଇ ଯେଉଁମାନେ ଏହାକୁ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରୁଛନ୍ତି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଏବେ କିଛି ଅସାଧୁ ଗୋଷ୍ଠୀ ଏହି ଜମିକୁ ଫ୍ରି ହୋଲ୍ଡ କରିବାକୁ ଯେଉଁ ଯୋଜନା କରୁଛନ୍ତି, ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ରବିବାର ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହାର କର୍ମକର୍ତ୍ତା କ୍ଷୋଭ ପ୍ରକାଶ କରିଥିଲେ। ଉଦ୍ୟୋଗ ପ୍ରତିଷ୍ଠା ନାଁରେ ସରକାରଙ୍କଠାରୁ ଜମି ଲିଜ ନିଆଯାଇ ଏହା ଉପରେ ଗୋଦାମ ଘର, ରାଶନ ଦୋକାନ, ସେଲୁନ ଦୋକାନ ଓ ପାନ ଦୋକାନ କରାଯିବା କିଭଳି ଆଦର୍ଶ ବୋଲି ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା ପ୍ରକାଶ କରିଥିଲେ। ଓଡ଼ିଶାର ପ୍ରତିଷ୍ଠିତ ସହର କଟକ, ଭୁବନେଶ୍ୱର, ବାଲେଶ୍ୱର, ଝାରସୁଗୁଡା, ସମ୍ବଲପୁର ଓ ରାଉରକେଲାରେ ମୂଲ୍ୟବାନ ଜମି ହଡପ ହେବା ଅସହ୍ୟ ବୋଲି ଏଥିରେ କୁହାଯାଇଥିଲା। ପରିବର୍ତ୍ତିତ ପରିସ୍ଥିତିରେ ଜମି ମୂଲ୍ୟ ଓ ଏହାର ଆବଶ୍ୟକତା ଯଥେଷ୍ଟ ବୃଦ୍ଧି ପାଇଥିବାରୁ ଏଭଳି ଚଞ୍ଚକତା ରୋକାଯାଉ ବୋଲି ମଞ୍ଚାସୀନ କର୍ମକର୍ତ୍ତା ଦାବି କରିଥିଲେ। ନିର୍ଦ୍ଦିଷ୍ଟ ଭାବେ ଏକ ଶିଳ୍ପ ନିୟାମକ ଆୟୋଗ ଗଠନ କରାଯାଇ ସମୁଦାୟ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବାକୁ ଏଥିରେ ଦାବି କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ ଗତ ୩ ମାର୍ଚ୍ଚରେ ଭୁବନେଶ୍ୱରଠାରେ ଆୟୋଜିତ ଏକ ବୈଠକରେ କିଛି ଶିଳ୍ପ ସଂଘ ମାଲିକ ପାଇଥିବା ଜମିକୁ କିଭଳି ଫ୍ରି ହୋଲ୍ଡ କରାଯିବ ସେନେଇ ମନ୍ତ୍ରଣା କରାଯାଇଥିବା ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଯାହାକୁ କସ୍ମିନ କାଳେ ସରକାର କର୍ଣ୍ଣପାତ କରିବେ ନାହିଁ ବୋଲି ଏଥିରେ ଆଶା ବ୍ୟକ୍ତ କରାଯାଇଛି।

# ଖୁବ୍ ଶୀଘ୍ର ହଟିବେ ୧୦ ସିଆର୍‌ସିସି

**ଲାଞ୍ଜିଗଡ଼,୧୦।୩ (ଡି.ଏନ.ଏ.)**

**ଲାଞ୍ଜିଗଡ଼ ବ୍ଲକ**

ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଶିକ୍ଷକ ନିଯୁକ୍ତି ପରେ ତାକୁ ପରିଚାଳନା କରିବା ପାଇଁ କିଛି ସ୍କୁଲକୁ ନେଇ ଆଞ୍ଚଳିକ ସାଧନ କେନ୍ଦ୍ର ସବୁ ଗଠନ କରାଯାଇଛି । ସେହିପରି ଏହି ସାଧନ କେନ୍ଦ୍ର ବା କ୍ଲଷ୍ଟର୍ ପରିଚାଳନା ପାଇଁ ଜଣେ ଲେଖାଏଁ ସିଆର୍‌ସିସିଙ୍କୁ ନିଯୁକ୍ତି ଦିଆଯାଇଥାଏ । ଜିଲା ଶିକ୍ଷା ବିଭାଗ ଦ୍ୱାରା ଏକ ଚୟନ ପ୍ରକ୍ରିୟାରେ ସେମାନଙ୍କୁ ମନୋନୀତ କରାଯାଉଥିବାବେଳେ ଏକ ନିର୍ଦ୍ଦିଷ୍ଟ ଅବଧି ପର୍ଯ୍ୟନ୍ତ ସେମାନଙ୍କୁ ଦାୟିତ୍ୱ ତୁଲାଇବାକୁ ପଡିଥାଏ । ଏହିକ୍ରମରେ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକକୁ ୧୩ଟି କ୍ଲଷ୍ଟରରେ ବିଭକ୍ତ କରାଯାଇଥିବାବେଳେ ଏଥିପାଇଁ ୧୩ ଜଣ ସିଆର୍‌ସିସିଙ୍କୁ ନିଯୁକ୍ତି ଦିଆଯାଇଛି । ବରିଷ୍ଠ ଶିକ୍ଷକମାନଙ୍କୁ ଏଥିରେ ସାମିଲ କରାଯାଉଥିବାବେଳେ ସେମାନେ ନିୟମିତ ସ୍କୁଲ ପରିଦର୍ଶନ ସହିତ ଶିକ୍ଷା ବିଭାଗ ଓ ଶିକ୍ଷକମାନଙ୍କ ମଧ୍ୟରେ ଏକ ଯୋଗସୂତ୍ର ଭାବେ କାର୍ଯ୍ୟ କରୁଛନ୍ତି । ତେବେ ବ୍ଲକରେ ୧୩ ଜଣ ସିଆର୍‌ସିସି ନିଯୁକ୍ତ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୦ଜଣଙ୍କ କାର୍ଯ୍ୟ ଅବଧି ଶେଷ ହୋଇସାରିଛି । ସେହିପରି କିଛି ସିଆର୍‌ସିସି ବିଭିନ୍ନ ସମୟରେ ଶିକ୍ଷା ବିଭାଗକୁ ବିବାଦରେ ପକାଇଥିବା ଯୋଗୁ ସେମାନଙ୍କୁ ତୁରନ୍ତ କାର୍ଯ୍ୟରୁ ଅନ୍ତର କରିବା ଅବଶ୍ୟମ୍ଭାବୀ ହୋଇପଡିଛି । ସେ ଯାହାହେଉ ଦଶଜଣ ସିଆର୍‌ସିସିଙ୍କୁ ଦାୟିତ୍ୱରୁ ହଟାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇସାରିଥିବାବେଳେ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ସମ୍ଭାବନା ଥିବାରୁ ଏଥିରେ ବିଳମ୍ବ ହୋଇପାରେ ବୋଲି ସୂଚନା ମିଳିଛି । ଅପରପକ୍ଷରେ ନିଜ କାର୍ଯ୍ୟ ଅବଧି ଶେଷ ହୋଇ ନ ଥିବା ତିନିଜଣ ସିଆର୍‌ସିସି ଯଥାରୀତି ସେମାନଙ୍କ ଦାୟିତ୍ୱ ତୁଲାଇବେ ବୋଲି ଜଣାପଡିଛି ।

ରାଜ୍ୟ ଭାଜପା ସଭାପତିଙ୍କ ଖବରଦାତା ସମ୍ମିଳନୀ

# ମିଶନ ୧୨୦ ବିଜୟ ସଂକଳ୍ପ ଯାତ୍ରା ଆରମ୍ଭ ହେବ

**ନୂଆପଡ଼ା ଅଫିସ୍,୧୦।୩**

ରାଜ୍ୟର ମୂକ ବଧିର ଅକ୍ଷମ ସରକାରକୁ ସମୁଦ୍ରରେ ଫିଙ୍ଗି ଏକ ଦକ୍ଷ ଏବଂ ସ୍ୱର୍ଣ୍ଣିମ ସରକାର ଉଭୟ ରାଜ୍ୟ ଏବଂ କେନ୍ଦ୍ରରେ ଗଠନ କରାଯିବ। ଏଥିପାଇଁ ମିଶନ ବିଧାନସଭା ଏବଂ ଲୋକସଭାରେ ଯଥାକ୍ରମେ ୧୨୦ ଏବଂ ୨୧ ହାସଲ କରିବାକୁ ବିଜୟ ସଂକଳ୍ପ ଯାତ୍ରା ଆରମ୍ଭ କରାଯାଉଛି। ସୋମବାରଠାରୁ ଏହା ନୂଆପଡା ଜିଲାରୁ ଆରମ୍ଭ ହୋଇ ରାଜ୍ୟରେ ଅନ୍ୟୁନ ୬ ହଜାର ଗ୍ରାମପଞ୍ଚାୟତ, ଶକ୍ତିକେନ୍ଦ୍ରରେ ୮ଦିନ ଧରି ଚାଲିବ ବୋଲି ରାଜ୍ୟ ଭାଜପା ସଭାପତି ବସନ୍ତ କୁମାର ପଣ୍ଡା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏହି ପରିପେକ୍ଷୀରେ ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୩୫ରୁ ୪୦ଟି ସଭା ହେବ। ଏହିକ୍ରମରେ ନୂଆପଡା ଜିଲାର ନୂଆପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୬୩ଟି ଗ୍ରାମପଞ୍ଚାୟତ ଏବଂ ୨ଟି ଏନଏସି ଓ ଖଡିଆଳରେ ୬୮ଟି ଗ୍ରାମପଞ୍ଚାୟତ ଏବଂ ଗୋଟିଏ ଏନଏସିରେ ଏହି ସଂକଳ୍ପ ରଥ ବୁଲିବ। ଏଥିରେ ଜମ୍ମୁ କାଶ୍ମୀର ପୁଲୱାମା କାଣ୍ଡରେ ସେନାବାହିନୀର ବଳିଦାନରେ ଓଡିଶା ରାଜ୍ୟର ଯବାନଙ୍କ ଉତ୍ସର୍ଗ ବିଷୟରେ ଜନସାଧାରଣଙ୍କୁ ବାର୍ତ୍ତା ଦେବା, ତାରି ଠିକ ୧୨ ଦିନ ପରେ ଏୟାର ଷ୍ଟ୍ରାଇକର ଗାଥାକୁ ନେଇ ଆଲୋଚନା କରାଯିବ ।

ଆଗାମୀ ସାଧାରଣ ନିର୍ବାଚନରେ ଭାଜପା କିପରି ଉଲ୍ଲେଖନୀୟ ସ୍ଥିତି ହାସଲ କରି ଅବିକବାର ଫିରଭି ମୋଦି ସରକାର ନାରା ଦିଆଯିବ । କେନ୍ଦ୍ରର ମୋଦି ସରକାର ଓଡିଶା ରାଜ୍ୟର ବିକାଶ ସକାଶେ ହଜାର ହଜାର କୋଟି ଟଙ୍କାର ଅନୁଦାନ ଦେଇଥିଲେ ମଧ୍ୟ କେନ୍ଦ୍ରର ଅବହେଳା ଦର୍ଶାଇ ସ୍ଥାଣୁତା ଦେଖାଇଥିବାରୁ ଏହାର ସତ୍ୟତା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବ । ନୂଆପଡା ଭଳି ରାଜ୍ୟର ୩୮ଲକ୍ଷ ଶ୍ରମିକ ପରିବାର ରାଜ୍ୟ ବାହାରେ ଦାଦନ ଖଟୁଛନ୍ତି । ଲୋୟର ଇନ୍ଦ୍ର ଭଳି ପ୍ରକଳ୍ପଗୁଡିକରେ ଲୋକେ ବିସ୍ଥାପିତ ହୋଇ ଦରାଣ୍ଡି ହେଉଛନ୍ତି । ନବୀନ କେବଳ ଓଡିଶାବାସୀ ମୋର ପରିବାର ବୋଲି ଖାଲି ଫମ୍ପା ଆଶ୍ୱାସନା ଦେଉଛନ୍ତି । ସାଧାରଣ ଲୋକେ ନାନାଦି ସମସ୍ୟାରେ ଜର୍ଜରିତ ହେଉଛନ୍ତି । ଏସବୁକୁ ଦୂର କରିବ କିଏ ବୋଲି ପଣ୍ଡା ପ୍ରଶ୍ନ କରିଥିଲେ । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଶିବ ପ୍ରସାଦ ମୁଣ୍ଡ, ରାଜ୍ୟ କାର୍ଯ୍ୟକାରିଣୀ ଯଦୁମଣୀ ପାଣିଗ୍ରାହୀ, ଗୋଲଡି ଅଗ୍ରୱାଲ, ନୂତନ ଭାବେ ଯୋଗଦେଇଥିବା ଖଡିଆଳ ଯୁବରାଜ ଦେବ ଦେବ ସିଂଦେଓ, ପ୍ରସନ୍ନ କୁମାର ପାଢୀ, ଇଂ . ହୋମସିଂ ମାଝି, ମନିଜର ଆର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

**୬ ହଜାର କେନ୍ଦ୍ରରେ ହେବ ସଂକଳ୍ପ ସଭା**



ଖବରଦାତା ସମ୍ମିଳନୀରେ ରାଜ୍ୟ ସଭାପତିଙ୍କ ସହ କାର୍ଯ୍ୟକର୍ତ୍ତାଗଣ ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୧ ମାର୍ଚ୍ଚ, ୨୦୧୯



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ



## ସଂକ୍ଷେପରେ




### ଆମ୍ବେଦ୍‌କର ଭବନ, ପାଠାଗାରର ଭିତ୍ତିପ୍ରସ୍ତର ସ୍ଥାପନ

ଜୁନାଗଡ଼,୧୦।୩ (ଡି.ଏନ.ଏ./ସ୍ୱ.ପ୍ର.)- କଳାହାଣ୍ଡି ଜିଲା ଜୁନାଗଡ଼ ସହର ନେତ୍ର ଚିକିତ୍ସାଳୟ ସମ୍ମୁଖରେ ରବିବାର ଡା.ଭୀମ ରାଓ ଆମ୍ବେଦ୍‌କର ଭବନ ଓ ପାଠାଗାରର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଜୁନାଗଡ ବିଧାୟକ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେଠାରେ ସ୍ଥାନୀୟ ଅନୁସୂଚିତ ଜାତି ଓ ବିକାଶ ପରିଷଦ ସଭାପତି ବିଶ୍ୱନାଥ କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ମିଶ୍ର, ସମ୍ମାନିତ ଅତିଥି ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହା, ଗୋଲାମୁଣ୍ଡା ବ୍ଲକ ସଭାପତି ରାମ ସେନାପତି, ଦାମୋଦର ବେହେରା, ଅବିନାଶ ମୁଣ୍ଡ, ରାଜେନ୍ଦ୍ର ବୈଠାରୁ, ବସନ୍ତ ନାଏକ, ସୁରେନ୍ଦ୍ର ଛତ୍ରିଆ, ପଞ୍ଚାନନ ଧଙ୍ଗଡାମାଝି, ଗୁଚେନ ବାଗ ପ୍ରମୁଖ ଆମ୍ବେଦକରଙ୍କ ବିଭିନ୍ନ ଉଲ୍ଲେଖନୀୟ କାମ ଉପରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ନରେଶ ଚଳାନ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ନିକୁଞ୍ଜ ବିହାରୀ ଚଳାନ, ପଦ୍ମକିଶୋର ଦୁର୍ଗା ପ୍ରମୁଖ ସହଯୋଗ କରିଥିଲେ।

### ମହୁଲ ସଂଗ୍ରହକାରୀ ଠକେଇର ଶିକାର

# ପରିଶ୍ରମ ତୁଳନାରେ ମିଳୁନି ଉଚିତ ମୂଲ୍ୟ

ଭବାନୀପାଟଣା,୧୦।୩ (ଡି.ଏନ.ଏ.)



- ଅବକାରୀ ନୀତି ସଂଶୋଧନ କରି ମହୁଲ ପ୍ରକ୍ରିୟାକରଣ କଲେ, ସଂଗ୍ରହକାରୀ କେଜି ପ୍ରତି ଅଧିକ ଟଙ୍କା ପାଇବେ
- ଗତ ବର୍ଷ ପ୍ରାୟ ୬ ଶହ ମେଟ୍ରିକ୍ ଟନ୍ ମହୁଲ ସଂଗ୍ରହ ହୋଇଥିଲା

ବର୍ତ୍ତମାନ ମହୁଲ ଫୁଲ ସଂଗ୍ରହ ସମୟ। ଏଥିପାଇଁ ପ୍ରତିଦିନ ପାହାନ୍ତିଆରୁ ମହିଳାପୁରୁଷମାନେ ଏହା ସଂଗ୍ରହ ପାଇଁ ଘରୁ ବାହାରି ପଡନ୍ତି । ମହୁଲ ଗଛ ଜିଲାରେ ବହୁଳ ଭାବରେ ରହିଛି। ଏପରିକି ଲୋକଙ୍କ ଘର ବାଡି, ରାସ୍ତକଡ, ଜମି ଓ ଜଙ୍ଗଲରେ ରହିଛି । ହେଲେ ସଂଗ୍ରହ କାରୀମାନେ ପରିଶ୍ରମ ତୁଳନାରେ ଉଚିତ ମୂଲ୍ୟ ପାଉ ନ ଥିବା ଅଭିଯୋଗ ହୋଇ ଆସୁଛି। ସରକାର ଠିକ ସମୟରେ ମୂଲ୍ୟ ନିର୍ଦ୍ଧାରଣ କରୁ ନ ଥିବାରୁ ସଂଗ୍ରହକାରୀମାନେ ଠକେଇର ଶିକାର ହେଉଛନ୍ତି ।

କଳାହାଣ୍ଡ ଜିଲାର ଗ୍ରାମାଞ୍ଚଳ ଗରିବ ପରିବାର ଜଙ୍ଗଲରୁ ସଂଗ୍ରହ କରୁଥିବା ଲଘୁବନଜାତ ଦ୍ରବ୍ୟ ମହୁଲ ଜରିଆରେ ସେମାନେ ୪ରୁ ୫ ମାସ ପରିବାର ପ୍ରତିପୋଷଣ କରିଥାନ୍ତି । ମାତ୍ର ସଂଗ୍ରହକାରୀ ଆଜି ପର୍ଯ୍ୟନ୍ତ ମହୁଲ ବିକ୍ରି ବାବଦ ଉପଯୁକ୍ତ ମୂଲ୍ୟ ପାଇପାରୁ ନାହାନ୍ତି । ସେମାନେ କମ୍ ଦାମ୍‌ରେ ବେପାରୀଙ୍କୁ ବିକ୍ରି କରିବା ପାଇଁ ବାଧ ହୋଇଥାନ୍ତି । ସରକାର ମହୁଲ କିଣିବା ପାଇଁ ଯେଉଁ ବ୍ୟବସ୍ଥା କରିଛନ୍ତି, ତହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ ବୋଲି କାଣିଗୁମା ଅଞ୍ଚଳର ସାମାଜିକ କର୍ମୀ ଦିଲୀପ ଦାସ କହନ୍ତି । ଗତବର୍ଷ କିଲୋ ପ୍ରତି ୧୫ ଟଙ୍କାରେ ବିକ୍ରି କରିଥିବା ବେଳେ ବେପାରୀ ୧୮ରୁ ୨୦ ଟଙ୍କାରେ ମଦ ବ୍ୟବସାୟୀ ବା ଛତିଶଗଡ, ଝାଡ଼ଖଣ୍ଡ ରାଜ୍ୟର ବଡ ବ୍ୟବସାୟୀଙ୍କୁ ଦଲାଙ୍କ ମାଧ୍ୟମରେ ବିକ୍ରି କରିଥିଲେ ବୋଲି ତଥ୍ୟାଭିଜ୍ଞ ମତ ଦେଇଛନ୍ତି । ସେହିପରି ପଶ୍ଚିମ ଓଡିଶାରେ ଦେଶୀ ମଦ କାରବାର ପରିଚାଳନା କରୁଥିବା ଜଣେ ବେପାରୀ କହିଛନ୍ତି ମହୁଲର ଉପଲବ୍ଧ ଉପରେ ଦର କମ୍ ବେଶୀ ହୋଇଥାଏ। ସେମାନେ ଗତ ବର୍ଷ ୨୦ରୁ ୨୫ ଟଙ୍କାରେ ମହୁଲି ମଦ ପ୍ରସ୍ତୁତି ପାଇଁ ବେପାରୀଙ୍କଠାରୁ କିଣିଥିଲେ।

ଗତ ବର୍ଷ କଳାହାଣ୍ଡି ଜିଲାରେ ପ୍ରାୟ ୬ ଶହ ମେଟ୍ରିକ୍ ଟନ୍ ମହୁଲ ସଂଗ୍ରହ ହୋଇଥିଲା। ତହିଁରୁ ଅର୍ଦ୍ଧକ ଛତିଶଗଡର ବେପାରୀଙ୍କ ପାଖକୁ ଚାଲାଣ ହୋଇଥିବା ଅସମର୍ଥିତ ସୂତ୍ରରୁ ପ୍ରକାଶ । ମହୁଲ କାରବାର ଉପରେ ସରକାର ମଦ କାରବାର ବନ୍ଦ କରି ମହୁଲର ପ୍ରକ୍ରିୟାକରଣ କଲେ ଅଧିକ ଲାଭବାନ ହେବେ, ଅଧିକ ରାଜସ୍ୱ ପାଇବେ ଓ ଗ୍ରାମ୍ୟ ସଂଗ୍ରହକାରୀର ଅର୍ଥନୀତି ମଧ୍ୟ ସୁଦୃଢ ହୋଇପାରିବ। ମଦ ବନ୍ଦ ଯୋଗୁ ଗ୍ରାମରେ ସାମାଜିକ ଅଶାନ୍ତି ହ୍ରାସ ପାଇବ। କିଛି ବର୍ଷ ପୂର୍ବେ ଏକ ମେଡିକାଲ କମ୍ପାନୀରେ କାର୍ଯ୍ୟ କରୁଥିବା ବିଜ୍ଞାନୀ ମହୁଲ ଉପରେ ଗବେଷଣା କରି ଉତ୍କୃଷ୍ଟ ଶୁଷ୍କ ଖାଦ୍ୟ ହୋଇପାରିବ ଓ କିସ୍‌ମିସ୍‌କୁ ମଧ ବାଜିମାତ ଦେଇପାରିବ ବୋଲି ତଥ୍ୟ ବିଜ୍ଞ ମତଦେଇଥିଲେ । ଏହି ପ୍ରକ୍ରିୟାରେ କେବଳ ମହୁଲର ବାସ୍ନା ଓ ଆଲକୋହଲ ମାତ୍ରାକୁ ବାଦ୍ ଦେବା ଆବଶ୍ୟକତା ରହିଛି । ଏଭଳି ଶୁଷ୍କ ଖାଦ୍ୟ ପ୍ରକ୍ରିୟାକରଣ ହେଲେ ଗ୍ରାମର ସଂଗ୍ରହକାରୀ କିଲୋ ପ୍ରତି ୧୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିପାରିବେ। ଫଳରେ ଗ୍ରାମାଞ୍ଚଳର ଅର୍ଥନୀତି ସୁଦୃଢ ହେବା ସହ ଲୋକଙ୍କ ଜୀବନ ଶୈଳୀରେ ମଧ ପରିବର୍ତ୍ତନ ଘଟିବ ବୋଲି ମତବ୍ୟକ୍ତ କରିଛନ୍ତି ।

# ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗ, ପ୍ରଧାନ ଶିକ୍ଷକ ଗିରଫ

ଭବାନୀପାଟଣା,୧୦।୩ (ଡି.ଏନ.ଏ.)



ଗିରଫ ପ୍ରଧାନ ଶିକ୍ଷକ।

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ପରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ପୀଡିତା ନାବାଳିକା ଛାତ୍ରୀ ଜଣକ ଘଟଣା ସମ୍ପର୍କରେ ପରିବାରବର୍ଗଙ୍କୁ କହିବା ପରେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ସଦର ଥାନାରେ ଏତଲା ଦେଇଛନ୍ତି । ଏ ନେଇ ଏକ ମାମଲା (ନଂ.୧୦୭/୧୯) ରୁଜୁ ହୋଇଛି । ପୋଲିସ ଘଟଣାର ତଦନ୍ତ କରି ପ୍ରଧାନ ଶିକ୍ଷକ ସୋମାନଥ ମଙ୍ଗରାଜଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛି । ତାଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ସଦର ଥାନା ପୋଲିସ ସୂଚନା ଦେଇଛି । ସ୍କୁଲରେ କିଛି ଛାତ୍ରୀ ଝାଡୁ କରୁଥିବା ବେଳେ ସ୍କୁଲ ପ୍ରଧାନ ଶିକ୍ଷକ ମଙ୍ଗରାଜ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ପୂର୍ବରୁ ମଧ ଗତ ଫେବୃୟାରୀ ୨୭ ତାରିଖରେ ଆଉ ଜଣେ ଛାତ୍ରୀଙ୍କୁ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ଅସଦାଚରଣ କରିଥିଲେ। ତେବେ ଲୋକ ଲଜ୍ଜା ଓ ଭୟରେ ସେତେବେଳେ ଛାତ୍ରୀ ଜଣକ ଏହି ଅସଦାଚରଣ ଘଟଣା ସମ୍ପର୍କରେ କାହାକୁ କହି ନ ଥିବା ବେଳେ ସେହି ସ୍କୁଲର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ଅସଦାଚରଣ ଶିକାର ହେବା ଘଟଣା ପ୍ରଘଟ ହେବା ପରେ ସେ ଘଟଣା ସମ୍ପର୍କରେ ମୁହଁ ଖୋଲିଛନ୍ତି । ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ଅସଦାଚରଣ ଶିକାର ହୋଇଥିବା ୨ଜଣ ଛାତ୍ରୀ ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରଧାନ ଶିକ୍ଷକ ମଙ୍ଗରାଜଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛି । ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଡାକି ଅଫିସ ଝାଡୁ କରିବାକୁ କହିଥିଲେ। ସେ ଝାଡୁ କରୁଥିବା ସମୟରେ ପ୍ରଧାନ ଶିକ୍ଷକ ଖରାପ ଭାଷାରେ ଅଶ୍ଳିଳ ଇଙ୍ଗିତ କରିଥିଲେ। ପରେ ସ୍କୁଲ ପରିସରରେ ଥିବା ଶୌଚାଳୟ ସଫା କରିବାକୁ ତାଙ୍କୁ କହିଥିଲେ। ଛାତ୍ରୀ ଜଣକ ସଫା କରୁଥିବା ବେଳେ ପ୍ରଧାନ ଶିକ୍ଷକ ଶୌଚାଳୟ ଭିତରେ ଛାତ୍ରୀଙ୍କ ଦେହର ବିଭିନ୍ନ ସ୍ଥାନରେ ହାତ ମାରିବା ସହ ଅଶ୍ଳିଳ ଶବ୍ଦ ପ୍ରୟୋଗ କରିଥିଲେ ବୋଲି ଥାନାରେ ଛାତ୍ରୀ ଅଭିଯୋଗ କରିଛନ୍ତି ।

# ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉଜ୍ଜ୍ୱଳ, ଉତ୍‌ଥାନ ତାଲିମ ଶିବିର

ଲାଞ୍ଜିଗଡ଼,୧୦।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଯୋଡାବନ୍ଧ ବିଦ୍ୟାଳୟଠାରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଉଜ୍ଜ୍ୱଳ, ଉତ୍‌ଥାନ ତାଲିମ ଶିବିର ଆରମ୍ଭ ହୋଇଯାଇଛି । ଏଥିରେ ବ୍ଲକର ୬୩୬ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଉଜ୍ଜ୍ୱଳ ଓ ଉତ୍‌ଥାନ ତାଲିମ ଦିଆଯାଉଥିବା ବେଳେ ୪୫୪ଜଣ ଉଜ୍ଜ୍ୱଳ ତାଲିମ ଓ ୧୮୨ଜଣ ଉତ୍‌ଥାନ ତାଲିମ ନେଉଥିବା ବ୍ଲକ ଶିକ୍ଷାଧିକାରୀ ସଞ୍ଜିବ କୁମାର ନାଏକ ପ୍ରକାଶ କରିଛନ୍ତି । ଏହି ତାଲିମ ଶିବିର ଗତ ୨୨ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା୧୪ ତାରିଖରେ ଶେଷ ହେବ। ଏହି ତାଲିମ ପାଇଁ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସ୍କୁଲରେ ସେହିକ୍ରମରେ ପାଠ ପଡାଇବେ। ଏହାଦ୍ୱାରା ପିଲାର ଅର୍ନ୍ତନିହିତ ଗୁଣାବଳିର ବିକାଶ ହେବା ସଙ୍ଗେ ଦକ୍ଷତା ବୃଦ୍ଧି ମଧ ହେବ । ଏହି ତାଲିମ ଶିବିର ବ୍ଲକ ଶିକ୍ଷାଧିକାରୀ ନାଏକ ଓ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କାଶିନାଥ ରାଉତରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି । ଏହି ଶିବିରରେ ବିଭିନ୍ନ ବର୍ଗର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ତାଲିମ ନେଉଛନ୍ତି । ତାଲିମ ଦାତା ଭାବେ ତପନ ଭୋଇ, ମନୋଜ ଧଙ୍ଗଡାମାଝି, ସନ୍ତୋଷ କୁମାର ସେଠୀ, ଗୁରୁଗୋବିନ୍ଦ ମହାନ୍ତି, ରାଘବ ଗହୀର, ଅମରନାଥ ସ୍ୱାଇଁ, ସୁଧୀର ଧଙ୍ଗଡାମାଝି, ଭୁବନେଶ୍ୱର ସାହୁ, ପ୍ରବିଣ ତାଣ୍ଡି, ବଦ୍ରିନାରାୟଣ ନାଗ, ବୃନ୍ଦାବନ ନାଏକ, ସୁଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ତାଲିମରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଫିସରଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଥିଲା । କାରଣ ସରକାର ବିଭିନ୍ନ ତାଲିମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଯୋଡାବନ୍ଧରେ ହେଉଥିବା ଏହି ଗୁରୁତ୍ୱପୂର୍ଣ୍ଣ ଉଜ୍ଜ୍ୱଳ ଉତ୍‌ଥାନ ତାଲିମ ପାଇଁ ଟଙ୍କାଟିଏ ମଧ ଆସିନାହିଁ । ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ସଞ୍ଜିବ କୁମାର ନାଏକଙ୍କୁ ପଚାରିବାରୁ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ପାଇ ଆମେ ଗତ ୨୨ ତାରିଖଠୁ ଏହି ତାଲିମ ଆରମ୍ଭ କରିଛୁ ଓ ୧୪ ତାରିଖରେ ଏହି ଶିବିର ଶେଷ ହେବାକୁ ଯାଉଛି । ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଟଙ୍କା ଆସିନାହିଁ । ଧାର କରଜ କରି ତାଲିମ ନେଉଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ଓ ଅନ୍ୟାନ୍ୟ ଉପକରଣର ଖର୍ଚ୍ଚ କରୁଛୁ ବୋଲି ପ୍ରକାଶ କରିଥିଲେ।




ଲାଞ୍ଜିଗଡ ବ୍ଲକ ଯୋଡାବନ୍ଧ ବିଦ୍ୟାଳୟଠାରେ ଆୟୋଜିତ ଶିବିରରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ ବୃନ୍ଦ ।

## ସୁରକ୍ଷା ସପ୍ତାହ ସରିଲା, ହେଲମେଟ ବ୍ୟବସ୍ଥା ଢିଲା

ଭବାନୀପାଟଣା,୧୦।୩ (ଡି.ଏନ.ଏ.)

ଗତ ଫେବୃୟାରୀ ୪ ରୁ ୧୦ ପର୍ଯ୍ୟନ୍ତ ହୋଇଥିବା ସଡକ ସୁରକ୍ଷା ସପ୍ତାହ ବେଳେ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ହେଲମେଟ ଯାଞ୍ଚ କଡାକଡି କରାଯାଇଥିଲା। ଏହି ସମୟରେ ସରକାରୀ ଅଧିକାରୀମାନେ ଗାଡି ଚାଳକମାନଙ୍କୁ ହେଲମେଟ ପିନ୍ଧିବାକୁ ପରାମର୍ଶ ଦେବା ସହ ଆବଶ୍ୟକ ହେଲେ କଡା ଆଭିମୁଖ୍ୟ ଗ୍ରହଣ କରି ଜରିମାନା ଆଦାୟ କରୁଥିଲେ। କିନ୍ତୁ ଏହି ସପ୍ତାହ ଶେଷ ହେବା ସହ ସତେ ଯେମିତି ହେଲମେଟ ବ୍ୟବସ୍ଥା ଢିଲା ହୋଇଯାଇଛି। ଜିଲାରେ ଗତ ଦିନରେ ନୋ ହେଲମେଟ ନୋ ପେଟ୍ରୋଲ ଭଳି ଏକ ବ୍ୟବସ୍ଥା ଲାଗୁ କରାଯାଇଥିଲା। ହେଲେ ଏହାକୁ କଡାକଡି କାର୍ଯ୍ୟକାରୀ କରିବାରେ ବିଭିନ୍ନ ସରକାରୀ ବିଭାଗମାନଙ୍କ ମଧରେ ଉପଯୁକ୍ତ ସମନ୍ୱୟ ଅଭାବ ପରିଲକ୍ଷିତ ହୋଇଛି। ଅନ୍ୟପକ୍ଷେ କିଛି ମାସ ମଧରେ ଜିଲାରେ ସଡକ ଦୁର୍ଘଟଣା ଜନିତ ମୃତ୍ୟୁହାର ବୃଦ୍ଧି ପାଇଥିବା ବେଳେ ଅଧିକାଂଶ ଦୁର୍ଘଟଣା ମୃତ୍ୟୁ କେବଳ ବିନା ହେଲମେଟ ଯୋଗୁ ହୋଇଥିବା ଜଣାଯାଇଛି। ଏବେ ଜିଲାରେ ହେଲମେଟ ଯାଞ୍ଚ ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ବର୍ତ୍ତମାନ ଖୋଲାଖୋଲି ଭାବେ ବାଇକ୍ ଚାଳକମାନେ ବିନା ହେଲମେଟରେ ଅତି ବିପଜ୍ଜନକ ଅବସ୍ଥା ଓ ଦୃତଗତିରେ ୩ ରୁ ୪ ଜଣ ଲେଖାଁଏ ବସାଇ ବେଧଡକ ଯାତାୟାତ କରୁଥିବା ଦେଖାଯାଇଛି। ଏଭଳି ଏକ ସମ୍ବେଦନଶୀଳ ସମସ୍ୟା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।



ଖବରଦାତା ସମ୍ମିଳନୀରେ ଜିଲାପାଳ ସୂଚନା ଦେଉଛନ୍ତି ।

# ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧିଙ୍କୁ ନେଇ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ

ଭବାନୀପାଟଣା,୧୦।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ରବିବାର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ଖବରଦାତାମାନଙ୍କୁ ନେଇ ମକପୋଲ ଓ ଭିଭିପାଟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲାରେ ନିର୍ବାଚନର ୭ ଦିନ ପୂର୍ବରୁ ଭୋଟର ସ୍ଲିପ୍ ଭୋଟରଙ୍କୁ ପ୍ରଦାନ କରାଯିବ। ନିର୍ବାଚନ ସମୟରେ ଭୋଟର ପରିଚୟପତ୍ର ନିହାତି ଜରୁରି ବୋଲି ଉପଜିଲାପାଳ ମିର୍ଦ୍ଧା ଟପୋ ପ୍ରକାଶ କରିବା ସହ ଭୋଟର ପରିଚୟପତ୍ର ନ ଥିଲେ ଅନ୍ୟ ପରିଚୟ ପତ୍ର ଦେଖାଇ ଭୋଟ ଦେଇପାରିବେ ବୋଲି ପ୍ରକାଶ କରିଥିଲେ। ଭୋଟଗ୍ରହଣ କେନ୍ଦ୍ରରେ ଏକ ହେଲ୍ପ ଡେସ୍କ ଖୋଲାଯିବ। ଏଥିସହ ଦିବ୍ୟାଙ୍ଗମାନଙ୍କୁ ଭୋଟଗ୍ରହଣ ସମୟରେ ଅଗ୍ରାଧିକାର ଦିଆଯିବ ବୋଲି କହିଥିଲେ। ଏହି ଅବସରରେ ଇଲୋକ୍ଟ୍ରୋନିକ ଭୋଟିଂ ମେଶିନ୍ ଓ ଭିଭିପଟ୍ ମେଶିନ୍ ଡେମୋ କରିବା ସହ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ଗଣମାଧମ ପ୍ରତିନିଧିଙ୍କୁ ନେଇ ମକପୋଲ ଅନୁଷ୍ଠିତ ହୋଇଥିଲା। ସେହିଭଳି ଜିଲାର ୨୨୫୩ ଗାଁର ୧୪୦୫ ବୁଥରେ ଏହି ମକଭୋଟ କାର୍ଯ୍ୟକ୍ରମ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି ବୋଲି କଳାହାଣ୍ଡି ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଭବାନୀପାଟଣା ସହରସ୍ଥିତ ଜିଲାପାଳ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ଆଗାମୀ ନିର୍ବାଚନ ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଥିବା ନେଇ ସୂଚନା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟ ଭିଭିପ୍ୟାଟ ସଚେତନତା ପରେ ଦ୍ୱିତୀୟ ପାର୍ଯ୍ୟାୟ ସଚେତନତା ଆରମ୍ଭ କରାଯାଇଛି। ପ୍ରତି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପାଞ୍ଚ ଜଣିଆ ଟିମ ଗଠନ କରାଯାଇଛି ଓ ୨ଟି ଟିମ ଷ୍ଟାଣ୍ଡ ବାଇ ରଖାଯାଇଛି। ବିଭିନ୍ନ ବୁଥ ଅଞ୍ଚଳରେ ପ୍ରତିଦିନ ୧୦୦ ଜଣ ଭୋଟର ନିଜର ସଚେତନତା ଭୋଟ ଦାନ ବ୍ୟବସ୍ଥା କରାଯାଇଛି। ସେହିଭଳି ରାଜନୈତିକ ଦଳର ୱାର୍ଡସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟଙ୍କ ନିମନ୍ତେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୧୪୦୫ ବୁଥର ୧୧୮୯ ସ୍ଥାନରେ ଏହି ମକପୋଲ ଆୟୋଜିତ ହେଉଛି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ସହକାରୀ ଜିଲାପାଳ ବାସନ୍ତୀ ସେଠୀ, ଡିପିଆରଓ ଗୁରବୀର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ବ୍ଲକରେ ଭିଭିପାଟ ପ୍ରଦର୍ଶନ କାର୍ଯ୍ୟକ୍ରମ

କଲମପୁର,୧୦।୩ (ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ରବିବାର ଇଭିଏମ୍ ଭିଭିପାଟ (ଭୋଟର୍ସ ଭେରିଫାଏ ରୋଲ ପେପର ଅଡିଟ ଟ୍ରାଏଲ) ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠତ ହୋଇଥିଲା। ବିଡିଓ ହେମ ସାଗର ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସଚେତନ କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ନିର୍ବାଚିତ ଜନପ୍ରତିନିଧି, ବିଭିନ୍ନ ରାଜନୈତିକ ଦଳ ସଦସ୍ୟ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ଭିଭିପାଟ ମେଶିନ ଦ୍ୱାରା କିଭଳି ମତଦାନ କରାଯାଏ ତାହା ପ୍ରତ୍ୟକ୍ଷ ଭାବେ କରି ଦେଖିଥିଲେ । ଶିକ୍ଷକ ବିନୋଦ ବିହାରି ପଟ୍ଟନାୟକ ଏବଂ ଦୟାନିଧୀ ବାଣୁଆ ଭିଭିପାଟରେ କିଭଳି ମତଦାନ କରାଯାଏ ତାହା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତହସିଲଦାର ସ୍ମୃତି ରଞ୍ଜନ ମଲ୍ଲିକ, ଏବିଡିଓ ଗୋପାଳକୃଷ୍ଣ ମିଶ୍ର, ଗିପିଇଓ କରୁଣାକର ବାଗ, କଲମପୁର ପିଇଓ ଶ୍ୟାମା ପ୍ରସାଦ ମିଶ୍ର, ନୂଆଁଗାଁ ପିଇଓ କପିଳ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। କଲମପୁର ବ୍ଲକର ୫୩ଟି ବୁଥ ପାଇଁ ୪୬ଟି ସ୍ଥାନରେ ବ୍ଲକ ଅନ୍ତର୍ଗତ ୫୫ଟି ରାଜସ୍ୱ ଗ୍ରାମର ଭୋଟରଙ୍କୁ ଭିଭିପାଟ ମାଧ୍ୟମରେ ମତଦାନ ସମ୍ପର୍କିତ ସଚେତନ କାର୍ଯ୍ୟକ୍ରମ ଗତ ଜାନୁୟାରୀ ୭ରୁ ୧୮ ଯାଏ ପ୍ରଥମ ପର୍ଯ୍ୟାୟ ସଚେତନ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଗତ ୬ ତାରିଖଠାରୁ କଲମପୁର ବ୍ଲକ ବିଭିନ୍ନ ସ୍ଥାନରେ ପୁନର୍ବାର ଭିଭିପାଟ ସଚେତନ ଦ୍ୱିତୀୟ ପର୍ଯ୍ୟାୟ ଚାଲିଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୦ ଯାଏ ଚାଲିବ ବୋଲି ବ୍ଲକ ପକ୍ଷରୁ ସୂଚନା ଦିଆଯାଇଛି ।

**କେସିଙ୍ଗା,(ଡି.ଏନ.ଏ.):** କେସିଙ୍ଗା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଇଭିଏମ ଏବଂ ଭିଭିପାଟ ପ୍ରଦର୍ଶନ କରାଯାଇ ଲୋକେ କିପରି ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ ଦେବେ ସେ ବିଷୟରେ ରବିବାର ଏକ ତାଲିମ ପ୍ରଦାନ କରାଯାଇଥିଲା। ଭୋଟରମାନେ ମନପସନ୍ଦର ପ୍ରାର୍ଥୀଙ୍କୁ ନିର୍ଣ୍ଣୟ କରି ଇଭିଏମ ଏବଂ ଭିଭିପାଟ ଦ୍ୱାରା କେମିତି ବା କେଉଁ ଉପାୟରେ ମତଦାନ ସାବ୍ୟସ୍ତ କରିବେ ତା ଉପରେ ରବିବାର ୨୭୦ ଜଣଙ୍କୁ ନେଇ ଏକ ପରୀକ୍ଷା କରାଯାଇଥିଲା । ଏଥିରେ କେସିଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭୀମସେନ ଶବର, କୃଷି ବିଭାଗର ସହକାରୀ କୃଷି ଅଧିକାରୀ ବିଶ୍ୱନାଥ ମହାପାତ୍ର, ଇଲେକସନ୍ ଅଫିସର ତଥା ଜିପିଓ ସରୋଜ କୁମାର ପଧାନ, କନିଷ୍ଠ ଯନ୍ତ୍ରୀ ଦିଲୀପ କୁମାର ପଟେଲଙ୍କ ସମେତ ଡବ୍ଲୁଇଓ ବାବୁଲା ମାଝି ପ୍ରମୁଖ ଇଭିଏମ ଏବଂ ଭିଭିପାଟ ଦ୍ୱାରା ମତଦାନ ସାବ୍ୟସ୍ତ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ କେସିଙ୍ଗା ଜିଲା ପରିଷଦ ଅଧକ୍ଷା ଜୋନ-୧ ଜିଲା ପରିଷଦ ସଭ୍ୟା ଜୋନ ନଂ. ୨, ଜୋନ ନଂ. ୩ର ସମସ୍ତ ସଭ୍ୟା ବୃନ୍ଦ, କେସିଙ୍ଗା ବ୍ଲକ ସମସ୍ତ ସମିତି ସଭ୍ୟାସଭ୍ୟ ଓ ସରପଞ୍ଚ ଏବଂ ଗଣମାଧମ ପ୍ରତିନିଧିମାନେ ଯୋଗଦାନ କରିଥିଲେ ।

**ଲାଞ୍ଜିଗଡ଼, (ଡି.ଏନ.ଏ.):** ସେହିପରି ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ଇଭିଏମ୍-ଭିଭିପାଟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନ ସମସ୍ତ ଅଧିକାରୀ ଉପସ୍ଥିତ ଥିବାବେଳେ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀଙ୍କୁ ସାମିଲ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲାଞ୍ଜିଗଡ ବିଡିଓ, ଏବିଡିଓ ବିଭୁତି ଭୁଷଣ ଶତପଥି, ବିଶ୍ୱନାଥପୁର ଆଇଆଇସି କାହ୍ନୁଚରଣ ସ୍ୱାଇଁ, ଲାଞ୍ଜିଗଡ ଆଇଆଇସି ଚର୍ତ୍ତୁଭୁଜ ନାଏକ, ଯନ୍ତ୍ରୀ ସ୍ମିତା ବିଶ୍ୱାଳ ପ୍ରମୁଖ ଯୋଗଦେଇଥିବା ବେଳେ ପ୍ରଶିକ୍ଷକମାନେ ଇଭିଏମ୍-ଭିଭିପାଟ କେମିତି ବ୍ୟବହାର କରିବେ ବୁଝାଇଥିଲେ।





କଲମପୁର ବ୍ଲକରେ ଭିଭିପାଟ ପ୍ରଦର୍ଶନ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ବୃନ୍ଦ (ବାମ)। କେସିଙ୍ଗା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଇଭିଏମ ଏବଂ ଭିଭିପାଟ ଉପରେ ତାଲିମ ପ୍ରଦାନ କରାଯାଉଛି ।

# ମଧୁପୁର ସାନ୍ଦୁଲ ନଦୀ ପୋଲର ଭିତ୍ତିପ୍ରସ୍ତର ସ୍ଥାପନ

ଲାଞ୍ଜିଗଡ଼,୧୦।୩ (ଡି.ଏନ.ଏ.)

ବହୁ ପ୍ରତୀକ୍ଷିତ ମଧୁପୁର ସାନ୍ଦୁଲ ନଦୀ ସେତୁ ପାଇଁ ରବିବାର ଲାଞ୍ଜିଗଡ଼ ବିଧାୟକ ବଳଭଦ୍ର ମାଝିଙ୍କ ଦ୍ୱାରା ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ନର୍ଲା ତଥା ଲାଞ୍ଜିଗଡ଼ ବ୍ଲକ ଶେଷ ସୀମାନ୍ତରେ ଥିବା ଗୋବର୍ଦ୍ଧନପୁର ଗ୍ରାମପଞ୍ଚାୟତ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକେ ଉପକୃତ ହେବେ ବୋଲି ବିଧାୟକ ଏହି ଅବସରରେ କହିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ କାଳୀପଦ ମହାକୁଡ, ଟିଡିସିସି ଅଧକ୍ଷ ଡମ୍ବରୁଧର ମାଝି, ଗୋବର୍ଦ୍ଧନପୁର ସରପଞ୍ଚ ସୁରେନ୍ଦ୍ର ମାଝି, ସମିତି ସଦସ୍ୟ ଚିତ୍ରସେନ ମାଝି, ଲାଞ୍ଜିଗଡରୋଡ ସରପଞ୍ଚ ଟଙ୍କଧର ମାଝି, ବରିଷ୍ଠ ନାଗରିକ ଡମ୍ବରୁଧର ବିଶ୍ୱାଳ, ପ୍ରସନ୍ନ ପରିଡା, ଶମ୍ଭୁ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ଏ ଅଞ୍ଚଳର ଲାଇଫ୍ ଲାଇନ୍ କୁହାଯାଉଥିବା ମଧୁପୁରସ୍ଥିତ ସାନ୍ଦୁଲ ନଦୀରେ ପୋଲ ନ ଥିବାରୁ ଅଞ୍ଚଳର ଲୋକେ ବର୍ଷା ଦିନେ ନାହିଁ ନ ଥିବା ହଇରାଣ ସମ୍ମୁଖୀନ ହେଉଥିଲେ । ଏପରିକି ଲାଞ୍ଜିଗଡ଼ ବ୍ଲକ ବିଭିନ୍ନ ସ୍ଥାନକୁ ବର୍ଷା ଦିନେ ଯୋଗାଯୋଗ ଠପ୍ ହୋଇଯାଉଥିବାବେଳେ ପଞ୍ଚାୟତ ଗୋବର୍ଦ୍ଧନପୁର, ପାଣିମୁଣ୍ଡା ଆଦି ଗାଁ ବିଚ୍ଛିନ୍ନ ହୋଇଯାଉଥିଲା । ପୂର୍ବରୁ ଏହି ନଦୀ ଉପରେ ଏକ କମ୍ ଉଚ୍ଚତା ପୋଲ ନିର୍ମାଣ କରାଯାଇଥିବାବେଳେ ତ୍ରୁଟିପୂର୍ଣ୍ଣ ନିର୍ମାଣ ଡିଜାଇନ୍ ଯୋଗୁ ଏହା ବନ୍ୟାରେ ଭସାଇ ନେଇଥିଲା । ସେହିଦିନଠାରୁ ଅଞ୍ଚଳବାସୀ ହଇରାଣ ହେଉଥିବାବେଳେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହାର ସର୍ଭେ କରାଯାଇ ୭.୫୦ କୋଟି ଟଙ୍କା ବ୍ୟୟ ଅଟକଳ କରିବା ପରେ ଏବେ ଟେଣ୍ଡର ପ୍ରକ୍ରିୟା ମଧ ଶେଷ ହୋଇଛି । ସୂଚନାଯୋଗ୍ୟ ଯେ, ଗୋବର୍ଦ୍ଧନପୁର ପଞ୍ଚାୟତର ମଧୁପୁର-ଗୋବର୍ଦ୍ଧନପୁର ସାନ୍ଦୁଲ ନଦୀରେ ଭିତ୍ତିପ୍ରସ୍ତର ସ୍ଥାପନ ପରେ ଭାଲୁଚଅଁରା-ଗୋବର୍ଦ୍ଧନପୁର ଓ ଲକଟାଖମନ-ପାଣିମୁଣ୍ଡାଠାରେ ମଧ ପୋଲ ସ୍ଥାପନ ହେବ ବୋଲି ସୂଚନା ମିଳିଛି । ତେବେ ଗୋଟିକର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବାବେଳେ ଅନ୍ୟ ଦୁଇଟିର ଟେଣ୍ଡର ଓ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ମହାକୁଡ ସୂଚନା ଦେଇଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୧ ମାର୍ଚ୍ଚ, ୨୦୧୯



ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ବୋଲି ତୁମକୁ ଉପରକୁ ଉଠାଇ ପାରିବ ନାହିଁ।
- ଜନ୍ ରସ୍କିନ୍



## ସଂକ୍ଷେପରେ

### ଅଧରାତିରେ ପୋଲିସ ଚଢ଼ାଉ

**ଦେଓଗାଁ,୧୦।୩(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଧଣ୍ଡାମାଲ ପଞ୍ଚାୟତ ଅନ୍ତର୍ଗତ ପିପଲପଦରରେ ଜନୈକ ବ୍ୟକ୍ତିଙ୍କ ଘରକୁ ଶନିବାର ବିଳମ୍ବିତ ରାତିରେ ପୋଲିସ ଟିମ ଅତର୍କିତ ଚଢ଼ାଉ କରି ଆତଙ୍କ ସୃଷ୍ଟି କରିଥିବା ଅଭିଯୋଗ ହୋଇଛି। ୨ଟି ଭ୍ୟାନରେ ମହିଳା ଓ ପୁରୁଷ ପୋଲିସ ତାଙ୍କ ଘରେ ପଶିଥିବା ସୁଧାଂଶୁ କର୍ଣ୍ଣ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ ତାଙ୍କ ଘର ପଛପଟ କବାଟକୁ ପୋଲିସ ଭାଙ୍ଗିଦେଇଥିବା ପରିବାର ଲୋକେ କହିଛନ୍ତି। ଘରେ କେବଳ ମହିଳା ଅଛୁ, ତଦନ୍ତପାଇଁ ସକାଳୁ ଆସନ୍ତୁ ବୋଲି କହିଥିଲେ ପରିବାରର ମହିଳା ସଦସ୍ୟ। ହେଲେ ସୁଧାଂଶୁଙ୍କୁ ପୋଲିସ ନ ପାଇ ଫେରିଯାଇଥିଲା। ଗାଁ ଲୋକ ପରେ ସାହାସ ଜୁଟାଇ ନିକଟସ୍ଥ ବନ୍ଧପଡା ଫାଣ୍ଡିକୁ ଫୋନ ମାଧମରେ ଅବଗତ କରିଥିଲେ। ସକାଳୁ ସୁଧାଂଶୁ ଘରକୁ ଫେରିବା ପରେ ବନ୍ଧପଡା ଫାଣ୍ଡି ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଫାଣ୍ଡି ଅଧିକାରୀ ନବୀନ କୁମାର ଭୋଇ କହିଛନ୍ତି ଯେ, କୌଣସି ଏକ ମାମଲାରେ କେହି ସୁଧାଂଶୁଙ୍କ ନାମ କହିବାରୁ ପୋଲିସ ତାଙ୍କ ଘରକୁ ଯାଇଥିଲା। ତେବେ ତଦନ୍ତରେ ସହଯୋଗ କରିବା ପାଇଁ ସୁଧାଂଶୁଙ୍କୁ ସଦର ଥାନାକୁ ପଠାଇଥିବା ସେ କହିଛନ୍ତି।

### ଆମ୍ବେଦକର ଭବନ, ପାଠାଗାରର ଭିତ୍ତିପ୍ରସ୍ତର ସ୍ଥାପନ

**ଜୁନାଗଡ଼,୧୦।୩ (ଡି.ଏନ.ଏ./ସ୍ୱ.ପ୍ର.)-** କଳାହାଣ୍ଡି ଜିଲା ଜୁନାଗଡ଼ ସହର ନେତ୍ର ଚିକିତ୍ସାଳୟ ସମ୍ମୁଖରେ ରବିବାର ଡା.ଭୀମ ରାଓ ଆମ୍ବେଦକର ଭବନ ଓ ପାଠାଗାରର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପ୍ଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେଠାରେ ସ୍ଥାନୀୟ ଅନୁସୂଚିତ ଜାତି ଓ ବିକାଶ ପରିଷଦ ସଭାପତି ବିଶ୍ୱନାଥ କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ମିଶ୍ର, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

### ଯୁବତୀଙ୍କୁ ଦୁର୍ବ୍ୟବହାର ଘଟଣା: ଜଣେ ଗିରଫ

**ଲୋଇସିଂହା,୧୦।୩(ଡି.ଏନ.ଏ):** ଲୋଇସିଂହା ଥାନା ଅନ୍ତର୍ଗତ ଆଗଲପୁର ବ୍ଲକ ଅଧୀନ ଏକ ଗ୍ରାମର ପ୍ରାପ୍ତ ବୟସ୍କ ଏକ ପ୍ରେମୀ ଯୁଗଳ ଗୋପନରେ ଘରୁ ବାହର ରାଜ୍ୟକୁ ପଳାଉଥିଲେ। ଯୁବକଙ୍କ କେତେକ ସମ୍ପର୍କୀୟ ଏହା ଜାଣିଲା ପରେ ଯୁବତୀଙ୍କୁ ଦୁର୍ବ୍ୟବହାର କରି ଯୁବକଙ୍କୁ ଅଧାବାଟରୁ ଫେରାଇ ଆଣିଥିଲେ। ଏହି ଘଟଣାରେ ଯୁବତୀଙ୍କ ଅଭିଯୋଗ ଆଧାରରେ ଆଗଲପୁର ପୋଲିସ ଯୁବକଙ୍କ ବଡଭାଇ ରାଜୀବ ସାହୁଙ୍କୁ ଗରିଫ କରି ରବିବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହଜାତକୁ ପଠାଯାଇଥିବା ଏଏସଆଇ ଆର୍ତ୍ତତ୍ରାଣ ସାହୁଙ୍କ ସୂତ୍ରରୁ ପ୍ରକାଶ। ପୋଲିସ ସୂଚନାମତେ, ପ୍ରେମୀଯୁଗଳ ଗତ୨୫ ତାରିଖରେ ଘରୁ ଲୁଚି ପଳାଉଥିବାବେଳେ ବରଗଡରେ ଯୁବକଙ୍କ ବଡଭାଇଙ୍କ ସହ ଅନ୍ୟ କେତେକ ସେମାନଙ୍କୁ ଅଟକାଇଥିଲେ। ସେଠାରେ ଯୁବତୀଙ୍କୁ ଦୁର୍ବ୍ୟବହାର କରିବା ସହ ଯୁବକଙ୍କୁ ଛଡାଇ ଆଣିଥିଲେ। ଏନେଇ ଯୁବତୀ ଜଣ ଆଗଲପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଦଫ ୩୪୧, ୩୫୪, ୩୪ ଆଇପିସିରେ ଏକ ମାମଲା(ନଂ.୪୫/୧୯) ରୁଜୁ ହୋଇଥିଲା।

ଶିଳ୍ପୋଦ୍ୟୋଗୀ ସଂଘ ପକ୍ଷରୁ ଦାବି

# ଶିଳ୍ପ ନାଁରେ ଜମି ହଡପ ବନ୍ଦ କରାଯାଉ

**ରାଉରକେଲା ଅଫିସ,୧୦।୩**



ଯୁବ କ୍ରାନ୍ତିକାରୀ ଶିଳ୍ପୋଦ୍ୟୋଗୀ ସଂଘର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ଶିଳ୍ପ ନାଁରେ ଜମି ଲିଜ ନେଇ ଏହାକୁ ନିଜ ସ୍ୱାର୍ଥ ସାଧନରେ ବିନିଯୋଗ କରୁଥିବା ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସାମାଜିକ ସଙ୍ଗଠନ ଏକ୍ସନ ନେଟୱାର୍କ ଓ ଯୁବ କ୍ରାନ୍ତିକାରୀ ଶିଳ୍ପୋଦ୍ୟୋଗୀ ସଂଘ ପକ୍ଷରୁ ଦାବି କରାଯାଇଛି। ଏଥିରେ ଉପସ୍ଥିତ ମଞ୍ଚ କର୍ମକର୍ତ୍ତା ପ୍ରଦୀପ ଦାସ, ବିଜୟ ପ୍ରଧାନ ଓ ସୂର୍ଯ୍ୟକାନ୍ତ ମିଶ୍ର ପ୍ରମୁଖ ଅଭିଯୋଗ କରି କହିଥିଲେ ଯେ, କଳକାରଖାନା ପ୍ରତିଷ୍ଠା ଆଳରେ ସରକାରଙ୍କଠାରୁ ମୂଲ୍ୟବାନ ଜମି ଲିଜ ନେଇ ଯେଉଁମାନେ ଏହାକୁ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରୁଛନ୍ତି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଏବେ କିଛି ଅସାଧୁ ଗୋଷ୍ଠୀ ଏହି ଜମିକୁ ଫ୍ରି ହୋଲ୍ଡ କରିବାକୁ ଯେଉଁ ଯୋଜନା କରୁଛନ୍ତି, ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ରବିବାର ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହାର କର୍ମକର୍ତ୍ତା କ୍ଷୋଭ ପ୍ରକାଶ କରିଥିଲେ। ଉଦ୍ୟୋଗ ପ୍ରତିଷ୍ଠା ନାଁରେ ସରକାରଙ୍କଠାରୁ ଜମି ଲିଜ ନିଆଯାଇ ଏହା ଉପରେ ଗୋଦାମ ଘର, ରାଶନ ଦୋକାନ, ସେଲୁନ ଦୋକାନ ଓ ପାନ ଦୋକାନ କରାଯିବା କିଭଳି ଆଦର୍ଶ ବୋଲି ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା ପ୍ରକାଶ କରିଥିଲେ। ଓଡ଼ିଶାର ପ୍ରତିଷ୍ଠିତ ସହର କଟକ, ଭୁବନେଶ୍ୱର, ବାଲେଶ୍ୱର, ଝାରସୁଗୁଡା, ସମ୍ବଲପୁର ଓ ରାଉରକେଲାରେ ମୂଲ୍ୟବାନ ଜମି ହଡପ ହେବା ଅସହ୍ୟ ବୋଲି ଏଥିରେ କୁହାଯାଇଥିଲା। ପରିବର୍ତ୍ତିତ ପରିସ୍ଥିତିରେ ଜମି ମୂଲ୍ୟ ଓ ଏହାର ଆବଶ୍ୟକତା ଯଥେଷ୍ଟ ବୃଦ୍ଧି ପାଇଥିବାରୁ ଏଭଳି ଚଞ୍ଚକତା ରୋକାଯାଉ ବୋଲି ମଞ୍ଚାସୀନ କର୍ମକର୍ତ୍ତା ଦାବି କରିଥିଲେ। ନିର୍ଦ୍ଦିଷ୍ଟ ଭାବେ ଏକ ଶିଳ୍ପ ନିୟାମକ ଆୟୋଗ ଗଠନ କରାଯାଇ ସମୁଦାୟ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବାକୁ ଏଥିରେ ଦାବି କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ ଗତ ୩ ମାର୍ଚ୍ଚରେ ଭୁବନେଶ୍ୱରଠାରେ ଆୟୋଜିତ ଏକ ବୈଠକରେ କିଛି ଶିଳ୍ପ ସଂଘ ମାଲିକ ପାଇଥିବା ଜମିକୁ କିଭଳି ଫ୍ରି ହୋଲ୍ଡ କରାଯିବ ସେନେଇ ମନ୍ତ୍ରଣା କରାଯାଇଥିବା ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଯାହାକୁ କସ୍ମିନ କାଳେ ସରକାର କର୍ଣ୍ଣପାତ କରିବେ ନାହିଁ ବୋଲି ଏଥିରେ ଆଶା ବ୍ୟକ୍ତ କରାଯାଇଛି।

## ବାଇକ୍‌କୁ ଧକ୍କା ଦେଲା ଟ୍ରକ୍, ୨ଗୁରୁତର

**ସଇଁତଲା, ୧୦।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବେଲଗାଁ ଜାତୀୟ ରାଜପଥ-୨୬ର ଲୁହୁରାପାଲି ଛକଠାରେ ବାଇକକୁ ପଛପଟୁ ଏକ ଟ୍ରକ ଧକ୍କା ଦେବାରୁ ଦୁଇ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। କଳାହାଣ୍ଡି ଜିଲା ନର୍ଲା ବ୍ଲକ ବଫଲା ଗ୍ରାମର ମୁରଲୀ ଭୋଇ (୪୦) ଓ ମିଥୁନ ଭୋଇ (୩୦) ବାଇକ ଓଡ଼ି-୦୮-ଏଫ-୯୯୪୩ରେ ରବିବାର ପୂର୍ବାହ୍ନ ୧୨ଟାରେ କୌଣସି କାର୍ଯ୍ୟରେ ବଲାଙ୍ଗୀର ଆସୁଥିଲେ। ଜାତୀୟ ରାଜପଥ-୨୬ କଡ଼ରେ ଥିବା ଭଦ୍ରା ପଞ୍ଚାୟତର ଲୁହୁରାପାଲିଠାରେ ଥିବା ହମ୍ପରେ ବାଇକକୁ ଗତି କମ କଲାପରେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଟ୍ରକ ନଂ.ଓଡ଼ି-୧୭-ଇ-୬୧୭୬ ଧକ୍କା ଦେଇଥିଲା। ଫଳରେ ଦୁଇ ବାଇକ ଆରୋହୀ ତଳେ ପଡ଼ିଯାଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଦ୍ୱୟଙ୍କୁ ମେଡ଼ିକାଲକୁ ପଠାଇଥିଲେ।

## ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ନୂତନ ଆର୍‌ଏସ୍‌ପି ସିଇଓଙ୍କ ସହ ଆଲୋଚନା

**ରାଉରକେଲା ଅଫିସ, ୧୦।୩**

ଆର୍‌ଏସ୍‌ପି ନବନିଯୁକ୍ତ ମୁଖ୍ୟ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ (ସିଇଓ)ଙ୍କ ସହ ରାଉରକେଲା ଶ୍ରମିକ ସଂଘ ସଭାନେତ୍ରୀ ଡିଏସ ପାନିକର ଓ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏଥିରେ ଆର୍‌ଏସ୍‌ପିର ଉତ୍ପାଦନ, ଉତ୍ପାଦକତା, ସୁରକ୍ଷା ଓ ଅନ୍ୟ ପ୍ରସଙ୍ଗ ଉପରେ ମତ ବିନିମୟ ହୋଇଥିଲା। ଶ୍ରମିକ କର୍ମଚାରୀଙ୍କ ସହଯୋଗ ଓ ନିଷ୍ଠାପର ଉଦ୍ୟମ ଯୋଗୁ ଆର୍‌ଏସ୍‌ପି ଦ୍ରୁତ ଆର୍ଥିକ ବିକାଶ ପଥରେ ଅଗ୍ରସର ହେଉଛି ବୋଲି ପାନିକର ସିଇଓଙ୍କୁ ଦର୍ଶାଇଥିଲେ। କେବଳ ଏତିକି ନୁହେଁ, କର୍ମଚାରୀଙ୍କ ନିରନ୍ତର ପ୍ରୟାସ ଯୋଗୁ ଆଜି ଆର୍‌ଏସ୍‌ପି ୧୧୧କୋଟି ନଗଦ ଲାଭ କରିବାକୁ ସକ୍ଷମ ହୋଇଛି ବୋଲି ପାନିକର କହିଥିଲେ। ଏପରି ଅବସ୍ଥାରେ ଶ୍ରମିକ କର୍ମଚାରୀଙ୍କ ମନୋବଳକୁ ଦୃଢ ରଖିବା ନେଇ କର୍ତ୍ତୃପକ୍ଷ ପ୍ରାଥମିକତା ପ୍ରଦାନ କରିବା ଉଚିତ ବୋଲି ସେ କହିଥିଲେ। ୟୁନିୟନ ନେତ୍ରୀ ପାନିକର କହିଥିଲେ, ଆର୍‌ଏସ୍‌ପିର ଉତ୍ପାଦନ କ୍ଷମତାକୁ ୧୦ମିଲିୟନ ଟନ କରିବା ପାଇଁ ନୂତନ ବ୍ଲାଷ୍ଟ ଫର୍ଣ୍ଣେସ, ନୂଆ ଷ୍ଟିଲ ମେଲ୍ଟିଂ ସପ ଓ ଅନ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯିବା ଆବଶ୍ୟକ। ବିଭାଗୀୟ ସମ୍ପ୍ରସାରଣ ପ୍ରତି ଦୃଷ୍ଟି ଦିଆଗଲେ ଆଶାନୁରୂପ ଉତ୍ପାଦନ ହୋଇପାରିବ ବୋଲି ପ୍ରତିନିଧି ମଣ୍ଡଳୀ ପକ୍ଷରୁ ସିଇଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀ ଏନେଇ ଯାହା ସକାରାତ୍ମକ ପଦକ୍ଷେପ ନେବେ ତାକୁ ଶ୍ରମିକ ସଂଘ ସମର୍ଥନ କରିବ ବୋଲି ପାନିକର କହିଥିଲେ। ଏହି ପ୍ରତିନିଧି ଦଳରେ ପାନିକର ଓ ବେହେରାଙ୍କ ବ୍ୟତୀତ ମହିପାଳ ବାଗ, ଦିଲ୍ଲୀପ ମହାପାତ୍ର, ଅକ୍ଷୟ ଜେନା ଓ ଚକ୍ରଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିବା ସଙ୍ଗଠନ ପକ୍ଷରୁ ନିହାର ସାମଲ ସୂଚନା ପ୍ରଦାନ କରିଛନ୍ତି।

## ସୁରକ୍ଷା ସପ୍ତାହ ସରିଲା, ହେଲମେଟ ବ୍ୟବସ୍ଥା ଢିଲା

**ଭବାନୀପାଟଣା,୧୦।୩ (ଡି.ଏନ.ଏ.)**

ଫେବୃୟାରୀ ୪ ରୁ ୧୦ ପର୍ଯ୍ୟନ୍ତ ହୋଇଥିବା ସଡକ ସୁରକ୍ଷା ସପ୍ତାହରେ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ହେଲମେଟ ଯାଞ୍ଚ କଡାକଡି କରାଯାଇଥିଲା। ଏହି ସମୟରେ ସରକାରୀ ଅଧିକାରୀମାନେ ଗାଡି ଚାଳକମାନଙ୍କୁ ହେଲମେଟ ପିନ୍ଧିବାକୁ ପରାମର୍ଶ ଦେବା ସହ ଆବଶ୍ୟକ ହେଲେ କଡା ଆଭିମୁଖ୍ୟ ଗ୍ରହଣ କରି ଜରିମାନା ଆଦାୟ କରୁଥିଲେ। କିନ୍ତୁ ଏହି ସପ୍ତାହ ଶେଷ ହେବା ସହ ସତେ ଯେମିତି ହେଲମେଟ ବ୍ୟବସ୍ଥା ଢ଼ିଲା ହୋଇଯାଇଛି। ଜିଲାରେ ଗତ ଦିନରେ ନୋ ହେଲମେଟ ନୋ ପେଟ୍ରୋଲ ଭଳି ଏକ ବ୍ୟବସ୍ଥା ଲାଗୁ କରାଯାଇଥିଲା। ହେଲେ ଏହାକୁ କଡାକଡି କାର୍ଯ୍ୟକାରୀ କରିବାରେ ବିଭିନ୍ନ ସରକାରୀ ବିଭାଗମାନଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଅଭାବ ପରିଲକ୍ଷିତ ହୋଇଛି। ଫଳରେ କିଛି ମାସ ମଧ୍ୟରେ ଜିଲାରେ ସଡକ ଦୁର୍ଘଟଣା ଜନିତ ମୃତ୍ୟୁହାର ଅନେକ ମାତ୍ରାରେ ବୃଦ୍ଧି ପାଇଥିବା ବେଳେ ଅଧିକାଂଶ ଦୁର୍ଘଟଣା ମୃତ୍ୟୁ କେବଳ ବିନା ହେଲମେଟ ଯୋଗୁ ହେଉଛି।




କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମରେ ମାରୱାଡି ଯୁବା ମଞ୍ଚର କର୍ମକର୍ତ୍ତା ମଞ୍ଚାସୀନ।

## ମାରୱାଡି ଯୁବା ମଞ୍ଚ ପକ୍ଷରୁ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର

**ରାଉରକେଲା ଅଫିସ, ୧୦।୩**

ମାରୱାଡି ଯୁବ ମଞ୍ଚ ରାଉରକେଲା ଶାଖା ଆନୁକୂଲ୍ୟରେ ରବିବାର ୩ ଦିବସୀୟ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ବିକାଶ ଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବ ପ୍ରସ୍ତୁତି କ୍ରମେ ଦିବ୍ୟାଙ୍ଗଙ୍କୁ କୃତିମ ହାତ ଓ ଗୋଡ ପ୍ରଦାନ ନେଇ ବ୍ୟବସ୍ଥା କରାଯାଇଛି। ଏଥିରେ କାର୍ଯ୍ୟକ୍ରମ ସଂଯୋଜକ ନରେଶ ଅଗ୍ରୱାଲ, ବବଲ ଗୋୟଲ ଓ ମୁକେଶ ଗୋଏଲ ପ୍ରମୁଖ ମଞ୍ଚାସୀନ ଥିଲେ। ବିଗତ ୧୨ ବର୍ଷ ଧରି ଲଗାତର ଯୁବ ମଞ୍ଚ ପକ୍ଷରୁ ଶୃଙ୍ଖଳିତ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ବୋଲି ଏଥିରେ ଉପସ୍ଥିତ କର୍ମକର୍ତ୍ତା ପ୍ରକାଶ କରିଥିଲେ। ଆଗାମୀ ଦିନରେ ୨ଶହରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଭାଇଭଉଣୀଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ ନେଇ ମଞ୍ଚ ବ୍ୟବସ୍ଥା କରିଛି ବୋଲି ଏଥିରେ କୁହାଯାଇଥିଲା। ଏହି ଶିବିରର ପ୍ରଥମ ଦିନରେ ୧୦୯ ଦିବ୍ୟାଙ୍ଗଙ୍କ ନାମ ପଞ୍ଜିକରଣ କରାଯାଇଛି। ସୋମବାର ଏହାର ଦ୍ୱିତୀୟ ଚରଣ କାର୍ଯ୍ୟକ୍ରମ ଶେଷ ପରେ ମଙ୍ଗଳବାର ପ୍ରଭାବିତ ରୋଗୀଙ୍କୁ ଅଙ୍ଗ ପ୍ରଦାନ କରାଯିବ ବୋଲି ମଞ୍ଚାସୀନ କର୍ମକର୍ତ୍ତା ସୂଚନା ପ୍ରଦାନ କରିଥିଲେ। ଏହି ମହତ କାର୍ଯ୍ୟକ୍ରମରେ ମାରୱାଡି ଯୁବମଞ୍ଚର ପୂର୍ବ କର୍ମକର୍ତ୍ତା ନାରାୟଣ ଅଗ୍ରୱାଲ, ପୂର୍ବ ଅଧ୍ୟକ୍ଷ ରାଜେଶ ଗର୍ଗ, ରାଜସ୍ଥାନ ପରିଷଦ କର୍ମକର୍ତ୍ତା ଆରୁଣ ପାରିଖି, ବିନୋଦ ନରେଡି, ମହାରାଜା ଅଗ୍ରସେନ ସେବା ସଂଘ ପକ୍ଷରୁ ହରିଓମ ବଂସଲ, ସୁରେଶ କେଜରିୱାଲ, ମାହେଶ୍ୱରୀ ସଙ୍ଗଠନ ପକ୍ଷରୁ ବଦ୍ରିନାରାୟଣ ମାହେଶ୍ୱରୀ, ଜୈନ ଶ୍ୱେତାମ୍ବର ତେରାପନ୍ଥୀ ସଭା ପକ୍ଷରୁ ବିକ୍ରମ ବୋଥରା, ଗୁରୁ ସିଂ ସଭା ପକ୍ଷରୁ ବଳଦେବ ସିଂ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ନିହାର ରାୟ, ରମେଶ ବଳ, ବିଜେଡି ମହିଳା ନେତ୍ରୀ ମିନତୀ ଦେବତା ଓ ଆଇନଜିବୀ ସତ୍ୟ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ମାରୱାଡି ଯୁବ ମଞ୍ଚର ଏଭଳି ସମାଜିକ କାର୍ଯ୍ୟ ପାଇଁ ସମସ୍ତେ ପ୍ରଶଂସା କରିଥିଲେ।

## ଘରୋଇ ଗ୍ୟାସ୍ ଡେଲିଭରି ବୟ, ମେକାନିକ ଆସୋସିଏଶନ ବୈଠକ

**ରାଉରକେଲା ଅଫିସ, ୧୦।୩**




ସିଲିଣ୍ଡର ପରିବହନ ଓ ମେକାନିକ ଆସୋସିଏଶନ ପକ୍ଷରୁ ବୈଠକ।

ଘରୋଇ ଗ୍ୟାସ ବିତରଣ ସଂସ୍ଥାରେ କାମ କରୁଥିବା ସିଲିଣ୍ଡର ପରିବହନ ଓ ମେକାନିକ ଆସୋସିଏଶନ ପକ୍ଷରୁ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଦିତନଗର ନେତାଜୀ ସୁବାସ ପାର୍କ ଠାରେ ଆୟୋଜିତ ବୈଠକରେ ସଙ୍ଗଠନ ଉପସଭାପତି ଶରତ ଜେନା ଅଧ୍ୟକ୍ଷତା କରିଥିଲେ। ଏଥିରେ ସଙ୍ଗଠନ ସାଧାରଣ ସମ୍ପାଦକ ରମେଶ ବଳ ଯୋଗଦେଇ କହିଥିଲେ, କର୍ମଚାରୀଙ୍କ ଉଚିତ ପ୍ରାପ୍ୟ ପ୍ରଦାନ ନେଇ ବିଭାଗୀୟ ଶ୍ରମ ଦପ୍ତରରେ ଚୁକ୍ତି ସ୍ୱାକ୍ଷରିତ ସତ୍ତ୍ୱେଏହାକୁ ପାଳନ କରା ନ ଯିବା ଅତ୍ୟନ୍ତ କ୍ଷୋଭର ବିଷୟ। ଦିନରାତି କାମ କରୁଥିବା ଏହି ଶ୍ରମିକଙ୍କ ସାମାଜିକ ସୁରକ୍ଷା, ଇଏସଆଇ, ଇପିଏଫ ପ୍ରଦାନରେ ଆଜି ବି କର୍ତ୍ତୃପକ୍ଷ ଟାଳଟୁଳ ନୀତି ଆପଣାଇବା ଦୁଃଖ ଦାୟକ ଘଟଣା। ଏହି କାର୍ଯ୍ୟକ୍ରମରେ ଅଣକୁଶଳୀ, ଅର୍ଦ୍ଧକୁଶଳୀ ଓ କୁଶଳୀ ଶ୍ରମିକଙ୍କୁ ଉଚିତ ସମ୍ମାନ ମିଳୁନାହିଁ କି ପଉଣା ବି ପ୍ରଦାନ କରାଯାଉନି ବୋଲି ବଳ ଏଥିରେ ଅଭିଯୋଗ କରିଥିଲେ। ଏପରି ଅବସ୍ଥାରେ ଆସୋସିଏଶନ ବାରମ୍ବାର ଦାବି ଉପସ୍ଥାପନ କରିଆସୁଛି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଓ ଏଜେନ୍ସି ମାଲିକଙ୍କ ଅବହେଳା ଅସହ୍ୟ ହେଲାଣି। ସରକାର ଅସଙ୍ଗଠିତ ଶ୍ରମିକଙ୍କ ସମସ୍ତ ପାଉଣା ତଥା ହକ ମିଳିବ ବୋଲି ଡିଣ୍ଡିମ ପିଟୁଥିବାବେଳେ ଏହି ଶ୍ରେଣୀର ଶ୍ରମିକଙ୍କ ହକ ନ ମିଳିବା ପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି ବଳ ଏଥିରେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବାବଲୁ ସିଂ, ଜିତୁ ବେହେରା, ବିପିନ ବାରିକ, ରବି ବାରିକ, ମନୋହର ସିଂ, ରବୀନ୍ଦ୍ର ସାହୁ, କାର୍ତ୍ତିକ ବାଗ, ପଞ୍ଚାନନ କାଲସାଇ, ଅନ୍ତର୍ଯ୍ୟାମି ସୁନା, କିଶୋର ପରିଡା, ପ୍ରଶାନ୍ତ ବେହେରା ଓ ଗୌତମ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ, ପ୍ରଧାନ ଶିକ୍ଷକ ଗିରଫ

**ଭବାନୀପାଟଣା,୧୦।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ପରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ପୀଡିତା ନାବାଳିକା ଛାତ୍ରୀ ଘଟଣା ସମ୍ପର୍କରେ ପରିବାରବର୍ଗଙ୍କୁ କହିବା ପରେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ସଦର ଥାନାରେ ଏତଲା ଦେଇଛନ୍ତି। ଏ ନେଇ ଏକ ମାମଲା (ନଂ.୧୦୭/୧୯) ରୁଜୁ ହୋଇଛି। ପୋଲିସ ଘଟଣରେ ତଦନ୍ତ କରି ପ୍ରଧାନ ଶିକ୍ଷକ ସୋମାନଥ ମଙ୍ଗରାଜଙ୍କୁ ଗିରଫ କରିଛି। ତାଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ସଦର ଥାନା ପୋଲିସ ସୂଚନା ଦେଇଛି। ସ୍କୁଲରେ କିଛି ଛାତ୍ରୀ ଝାଡୁ କରୁଥିବା ବେଳେ ସ୍କୁଲ ପ୍ରଧାନ ଶିକ୍ଷକ ମଙ୍ଗରାଜ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ପୂର୍ବରୁ ମଧ ଗତ ଫେବୃୟାରୀ ୨୭ ତାରିଖରେ ଆଉ ଜଣେ ଛାତ୍ରୀଙ୍କୁ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ଅସଦାଚରଣ କରିଥିଲେ। ତେବେ ଲୋକ ଲଜ୍ଜା ଓ ଭୟରେ ସେତେବେଳେ ଛାତ୍ରୀ ଜଣକ ଏହି ଅସଦାଚରଣ ଘଟଣା ସମ୍ପର୍କରେ କାହାକୁ କହି ନ ଥିବା ବେଳେ ସେହି ସ୍କୁଲର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ଅସଦାଚରଣ ଶିକାର ହେବା ଘଟଣା ପ୍ରଘଟ ହେବା ପରେ ସେ ଘଟଣା ସମ୍ପର୍କରେ ମୁହଁ ଖୋଲିଛନ୍ତି। ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ଅସଦାଚରଣ ଶିକାର ହୋଇଥିବା ୨ଜଣ ଛାତ୍ରୀ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ମଧୁପୁର ସାନ୍ଦୁଲ ନଦୀ ପୋଲର ଭିତ୍ତିପ୍ରସ୍ତର ସ୍ଥାପନ

**ଲାଞ୍ଜିଗଡ଼,୧୦।୩ (ଡି.ଏନ.ଏ.)**

ବହୁ ପ୍ରତୀକ୍ଷିତ ମଧୁପୁର ସାନ୍ଦୁଲ ନଦୀର ସେତୁ ପାଇଁ ରବିବାର ଲାଞ୍ଜିଗଡ଼ ବିଧାୟକ ବଳଭଦ୍ର ମାଝିଙ୍କ ଦ୍ୱାରା ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହା ସହ ନର୍ଲା ତଥା ଲାଞ୍ଜିଗଡ଼ ବ୍ଲକ ଶେଷ ସୀମାନ୍ତରେ ଥିବା ଗୋବର୍ଦ୍ଧନପୁର ଗ୍ରାମପଞ୍ଚାୟତ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକେ ଉପକୃତ ହେବେ ବୋଲି ବିଧାୟକ କହିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ କାଳୀପଦ ମହାକୁଡ, ଟିଡିସିସି ଅଧକ୍ଷ ଡମ୍ବରୁଧର ମାଝି, ଗୋବର୍ଦ୍ଧନପୁର ସରପଞ୍ଚ ସୁରେନ୍ଦ୍ର ମାଝି, ସମିତି ସଦସ୍ୟ ଚିତ୍ରସେନ ମାଝି, ଲାଞ୍ଜିଗଡରୋଡ ସରପଞ୍ଚ ଟଙ୍କଧର ମାଝି, ବରିଷ୍ଠ ନାଗରିକ ଡମ୍ବରୁଧର ବିଶ୍ୱାଳ, ପ୍ରସନ୍ନ ପରିଡା, ଶମ୍ଭୁ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ଏ ଅଞ୍ଚଳର ଲାଇଫ୍ ଲାଇନ୍ କୁହାଯାଉଥିବା ମଧୁପୁରସ୍ଥିତ ସାନ୍ଦୁଲ ନଦୀରେ ପୋଲ ନ ଥିବାରୁ ଅଞ୍ଚଳର ଲୋକେ ବର୍ଷା ଦିନେ ନାହିଁ ନ ଥିବା ହଇରାଣ ସମ୍ମୁଖୀନ ହେଉଥିଲେ। ଏପରିକି ଲାଞ୍ଜିଗଡ଼ ବ୍ଲକ ବିଭିନ୍ନ ସ୍ଥାନକୁ ବର୍ଷା ଦିନେ ଯୋଗାଯୋଗ ଠପ୍ ହୋଇଯାଉଥିବାବେଳେ ପଞ୍ଚାୟତ ଗୋବର୍ଦ୍ଧନପୁର, ପାଣିମୁଣ୍ଡା ଆଦି ଗାଁ ବିଚ୍ଛିନ୍ନ ହୋଇଯାଉଥିଲା। ପୂର୍ବରୁ ଏହି ନଦୀ ଉପରେ ଏକ କମ୍ ଉଚ୍ଚତା ପୋଲ ନିର୍ମାଣ କରାଯାଇଥିବାବେଳେ ତ୍ରୁଟିପୂର୍ଣ୍ଣ ନିର୍ମାଣ ଡିଜାଇନ୍ ଯୋଗୁ ଏହା ବନ୍ୟାରେ ଭସାଇ ନେଇଥିଲା।

## ଭାଜପା ପକ୍ଷରୁ ସଙ୍କଳ୍ପ ବିଜୟ ଶୋଭାଯାତ୍ରା ଆରମ୍ଭ କରାଯିବ

**ରାଉରକେଲା ଅଫିସ, ୧୦।୩**




ଖବରଦାତା ସମ୍ମିଳନୀରେ ଭାଜପା ନେତା ସୂଚନା ଦେଉଛନ୍ତି।

ଗତ କିଛି ଦିନ ହେବ ଭାଜପା ପକ୍ଷରୁ ସହରବାସୀଙ୍କୁ ଆକର୍ଷିତ କରିବା ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। କେନ୍ଦ୍ର ସରକାରଙ୍କ ଜନହିତକର କାର୍ଯ୍ୟ ନେଇ ଦଳ ପକ୍ଷରୁ ସମୟାନ୍ତରେ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଉଛି। ଏଥିରେ କେନ୍ଦ୍ର ସରକାରଙ୍କ ସଫଳତା ଓ ରାଜ୍ୟ ସରକାରଙ୍କ ବିଫଳତା ନେଇ ଦଳ ତଥ୍ୟ ଉପସ୍ଥାପନ କରି ନିଜ ସ୍ଥିତି ସୁଦୃଢ କରିବାକୁ ଅନବରତ ଚେଷ୍ଟା ଚଳାଇଛି। ଏପରି ଅବସ୍ଥାରେ ରବିବାର ପାନପୋଷ ସାଙ୍ଗଠନିକ ଜିଲା ଶାଖା ପକ୍ଷରୁ ସେକ୍ଟର-୩ ଦଳୀୟ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ଉପସ୍ଥିତ ପାନପୋଷ ସାଙ୍ଗଠନିକ ଜିଲା ମୁଖପାତ୍ର ଭଗବାନ ରାଉତ, ଗଙ୍ଗାଧର ଦାସ, ରାଉରକେଲା ପ୍ରଭାରୀ ତପନ ସ୍ୱାଇଁ ଓ ମିଡିଆ ପ୍ରଭାରୀ ପ୍ରବାଳ ବାରିକ ପ୍ରମୁଖ ଦଳର ଆଗାମୀ କାର୍ଯ୍ୟକ୍ରମ ନେଇ ସୂଚନା ପ୍ରଦାନ କରିଥିଲେ। ଏଥିରେ କୁହାଯାଇଥିଲା ଯେ, ସୋମବାରଠାରୁ ଭାଜପା ପକ୍ଷରୁ ଏକ ସଂକଳ୍ପ ବିଜୟ ଶୋଭାଯାତ୍ରା ଆରମ୍ଭ କରାଯିବ। ଗତ ୫ ବର୍ଷରେ କେନ୍ଦ୍ର ସରକାର ରାଉରକେଲା ସହର ପାଇଁ କଣ କରିଛନ୍ତି ସେ ସମ୍ପର୍କରେ ଲୋକଙ୍କୁ ବୁଝାଯିବ। ଅପରପକ୍ଷେ ବିଜେଡି ଗତ ୨୦ବର୍ଷ ଶାସନରେ ରାଉରକେଲାର ବିକାଶ କରିଛି ନା ବିନାଶ ମୁହାଁ କରିଛି ସେନେଇ ରାଉରକେଲା ନିର୍ବାଚନ ମଣ୍ଡଳୀ ସମେତ ବୀରମିତ୍ରପୁର ଓ ରଘୁନାଥପାଲ୍ଲୀ ବାସିନ୍ଦାଙ୍କୁ ଦଳ ଅବଗତ କରାଇବ। ପ୍ରତ୍ୟକ ମଣ୍ଡଳ ବୁଲି ପ୍ରଚାରଗାଡି ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବ। ଏଥିରେ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଲୋକଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିବେ। ଦଳ ମୁଖପାତ୍ର ଭଗବାନ ରାଉତ କହିଛନ୍ତି, ଅତୀତରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସ୍ଥାନୀୟ ଲୋକପ୍ରତିନିଧି କିଭଳି ସହରବାସୀଙ୍କୁ ପ୍ରତାରିତ କରିଛନ୍ତି ସେ ନେଇ ଦଳ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବ। ଯୋଜନା ନାଁରେ କିପରି ଲୋକଙ୍କୁ ଅବାସ୍ତବ ଓ ଅସଫଳ ଚିତ୍ର ପ୍ରଦାନ କରାଯାଉଛି ସେ ବାବଦରେ ଲୋକେ ସଚେତନ ହେବେ। କେନ୍ଦ୍ର ସରକାର ତାଙ୍କ ଶାସନ କାଳରେ ଏହି ସହରର ବିକାଶ ପାଇଁ କିଭଳି ବହୁମୁଖୀ ପଦକ୍ଷେପ ନେଇଛନ୍ତି ଓ ଲୋକେ ଏଥିରୁ କିଭଳି ଲାଭବାନ ହୋଇଛନ୍ତି ସେ ସମ୍ପର୍କରେ ସଂକଳ୍ପ ଯାତ୍ରା ମାଧ୍ୟମରେ ସାଧାରଣ ଜନତାଙ୍କୁ ଅବଗତ କରାଯିବ ବୋଲି ରାଉତ ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୧ ମାର୍ଚ୍ଚ, ୨୦୧୯



ଅନ୍ୟର ମଙ୍ଗଳ ପାଇଁ ନିଜେ ଦୁଃଖ ସହିବାର ଇଚ୍ଛା,
ଏହାର ଅନ୍ୟକାମ ହେଉଛି ମହତ ପଣିଆ।
- ହର୍‌ବର୍ଟ ସ୍ପେନ୍‌ସର୍



## ସଂକ୍ଷେପରେ

### ଇଭିଏମ୍, ଭିଭିପାଟ ମେଶିନ୍ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ

**ସୁନ୍ଦରଗଡ଼, ୧୦।୩ (ଡି.ଏନ୍.ଏ):** -ସରକାରଙ୍କ ଆଦେଶ ମୁତାବକ ରବିବାର ସୁନ୍ଦରଗଡ ପୌରପାଳିକା ତରଫରୁ ଇଭିଏମ୍ ଓ ଭିଭିପାଟ ଭୋଟିଂ ମେଶିନ୍ ବ୍ୟବହାର ସମ୍ପର୍କୀତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌରପାଳିକା କାର୍ଯ୍ୟାଳୟ ପରିସରରେ ଏହି ଅବସରରେ ଆୟୋଜିତ ସଚେତନତା ଶିବିରରେ ବହୁ ସଚେତନ ନାଗରିକ, ଜନପ୍ରତିନିଧି, ରାଜନୈତିକ ଦଳର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏହି ମେଶିନ ବ୍ୟବହାର ଓ କାର୍ଯ୍ୟକାରିତା ସମ୍ପର୍କରେ ଉପସ୍ଥିତ ନିର୍ବାଚନ ବିଭାଗର ଅଧିକାରୀମାନେ ଲୋକଙ୍କୁ ବୁଝାଇଥିଲେ। ପୌର ନିର୍ବାହୀ ଅଧିକାରୀ ଡ. ଜଗଦିଶ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ପୌରପାଳିକାର କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଟ୍ରକ ମାଲିକ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ: ସଞ୍ଜୀୟ୍ ନନ୍ଦ ଆବାହକ

**ସୁନ୍ଦରଗଡ଼, ୧୦।୩(ଡି.ଏନ୍.ଏ):** -ସୁନ୍ଦରଗଡ ଟ୍ରକ ମାଲିକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ଅପରାହ୍ନ ୪ଟାରେ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ସଂଘର ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ବହିଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସର୍ବସମ୍ମତିକ୍ରମେ ସଂଘର ପୂର୍ବତନ ସଭାପତି ସଞ୍ଜୟ କୁମାର ନନ୍ଦଙ୍କୁ ସଂଘର ଆବାହକ ରୂପେ ମନୋନୀତ କରାଯାଇଛି। ଏହି ବୈଠକରେ ଆବାହକ ନନ୍ଦଙ୍କୁ ସଂଘକୁ ପରିଚାଳନା କରିବା ନିମନ୍ତେ ଏକ ସ୍ଥାୟୀ କମିଟି ଗଠନ କରିବା ପାଇଁ ଦାୟିତ୍ୱ ଅର୍ପଣ କରାଯାଇଛି। ସଭ୍ୟ ମାନଙ୍କର ଆର୍ଥିକସ୍ଥିତିକୁ ଅନୁଧ୍ୟାନ କରି ନବନିଯୁକ୍ତ ଆବାହକ ଟ୍ରକ ଫାଇନାନ୍ସର ମାନଙ୍କୁ ଡାକି ସାଧାରଣ ସଭ୍ୟଙ୍କୁ ନେଇ ଆସନ୍ତା ୧୨ ତାରିଖ ପୂର୍ବାହ୍ନ ୧୧ଟାରେ ଏକ ଆଲୋଚନା ବୈଠକ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି । ପରିଶେଷରେ ବରିଷ୍ଠ ସଭ୍ୟ ରମଣୀ ରଞ୍ଜନ ଯୋଶୀ ଧନ୍ୟବାଦ ଦେଇଥିଲେ ।

ତଳସରା ନିର୍ବାଚନ ମଣ୍ଡଳୀ

# ବିଜେଡିରେ ଅନ୍ତର୍ଦ୍ୱନ୍ଦ୍ୱ ରହିଲେ ଭାଜପାକୁ ସୁହାଇବ

**ବଡଗାଁ, ୯।୩ (ଡି.ଏନ.ଏ)**

ଯିଏ ଯେତେ ଶକ୍ତିଶାଳୀ ହେଉନା କାହିଁକି ଗୋଷ୍ଠୀଗତ କାର୍ଯ୍ୟରେ ଅନ୍ତର୍ଦ୍ୱନ୍ଦ ଦେଖାଗଲେ ତାହା ସମ୍ପୃକ୍ତ ଗୋଷ୍ଠୀକୁ ଦୁର୍ବଳ କରିଥାଏ। ପରାଜୟର ମୁହଁ ଦେଖିବାକୁ ପଡିଥାଏ। ଗତ ବିଧାନସଭା ନିର୍ବାଚନରେ ତଳସରା ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ (ବିଜେଡି)ର ଅନ୍ତର୍ଦ୍ୱନ୍ଦ ବା ଗୋଷ୍ଠୀକନ୍ଦଳ ଏହାର ଦୃଷ୍ଟାନ୍ତ। ଗତ ବିଧାନସଭା ନିର୍ବାଚନରେ ବିଜେଡିରୁ ବିନୟ ଟପ୍ପୋ ଟିକେଟ ପାଇବା ପରେ ଆରମ୍ଭ ହୋଇଥିଲା କନ୍ଦଳ। ଏକ ଗୋଷ୍ଠୀ ତାଙ୍କ ଆଶାୟୀ ଟିକେଟ ନ ପାଇବାରୁ ବିଦ୍ରୋହୀ ଭୂମିକା ନେଲେ। ଏହା ସତ୍ତ୍ୱେ କଂଗ୍ରେସ ପ୍ରାର୍ଥୀ ଡା. ପ୍ରଫୁଲ୍ଲ ମାଝିଙ୍କ ଠାରୁ ମାତ୍ର ୧୪୩୮ ଭୋଟ ବ୍ୟବଧାନରେ ପରାଜିତ ହେଲେ। ଏହାକୁ ସମୀକ୍ଷା କଲେ ଟପ୍ପୋ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଅନ୍ତର୍ଦ୍ୱନ୍ଦ ପରାଜୟର କାରଣ ସାଜିଥିଲା । ତେବେ ଏହି ଘଟଣା ପରେ ଜିଲା ପର୍ଯ୍ୟବେକ୍ଷକ ଦାୟୀତ୍ୱରେ ଥିବା ପ୍ରଶାନ୍ତ ନନ୍ଦଙ୍କ ଉଦ୍ୟମ କ୍ରମେ ଉଭୟ ଗୋଷ୍ଠୀ ବଡଗାଁ ଡାକବଙ୍ଗଳାରେ ସଭା କରି ମନାନ୍ତର, କନ୍ଦଳ ନ ଥିବା ଓ ହାଇକମାଣ୍ଡଙ୍କ ନିର୍ଦ୍ଦେଶ ଅନୁଯାଇ କାମ କରିବେ ବୋଲି ସ୍ପଷ୍ଟ କରିଥିଲେ। ହେଲେ ଏହାକୁ ନେଇ ଏବେ ଚର୍ଚ୍ଚା ଯୋର ଧରିଛି। ବିଜେଡିର କେତେକ ତୃଣମୂଳସ୍ତରର କର୍ମୀ ଓ ରାଜନୈତିକ ବିଶେଷଜ୍ଞଙ୍କର କରିବାନୁଯାଇ, ଉଭୟ ଗୋଷ୍ଠୀର ଜଣେ ଲେଖାଏଁ ସମର୍ଥକ ଆଶାୟୀ ଥିବାରୁ ସମାଧାନ ଆଶାକ୍ଷୀଣ। କାରଣ ଗତ ନିର୍ବାଚନରେ ଯେଉଁମାନେ ବିରୋଧୀ ଭୂମିକା ନେଲେ ସେମାନେ ଆଗାମୀ ନିର୍ବାଚନରେ ତାଙ୍କ ଆଶାୟୀ ଟିକେଟ ନ ପାଇଲେ ନିର୍ବାଚନ ମଇଦାନରେ ମନୋନିବେଶ କରିବା ନେଇ ଆଶଙ୍କା ପ୍ରକଟ କରୁଛନ୍ତି। ତେଣୁ ଅନ୍ତର୍ଦ୍ୱନ୍ଦ ପ୍ରଶମିତ ହୋଇଛି ନା ଭିତରେ କୁହୁଳିଛି ତାହା ଆଗାମୀ କିଛି ଦିନ ମଧ୍ୟରେ ସ୍ପଷ୍ଟ ହୋଇଯିବ। ତେବେ ବିଜେଡିରେ ଅନ୍ତର୍ଦ୍ୱନ୍ଦ ରହିଲେ ଭାଜପାକୁ ସୁହାଇବ। କାରଣ ଗତ ୨ବର୍ଷ ମଧ୍ୟରେ ଦଳୀୟ ଅନ୍ତର୍ଦ୍ୱନ୍ଦ କାରଣରୁ କେତେକ କର୍ମୀ ଭାଜପାକୁ ଚାଲିଯାଇଥିଲା ବେଳେ କେତେକ ନିରୁତ୍ସାହ ଅଛନ୍ତି। ଏହାକୁ ସୁଯୋଗ ଉଣ୍ଡି ଭାଜପା ନିରୁତ୍ସାହିତ ବିଜେଡି କର୍ମୀ, ସମର୍ଥନଙ୍କ ସହିତ ସାଧାରଣ, ଓବିସି ଏବଂ ହିନ୍ଦୁ ଆଦିବାସୀ ଭୋଟକୁ ସାଉଁଟି ନେଇପାରେ ବୋଲି ଚର୍ଚ୍ଚା ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ତଳସରା ନିବାଚନ ମଣ୍ଡଳୀର ୭ଟି ଜିଲା ପରିଷଦ ଆସନରୁ ୫ଟି ଭାଜପା ଗୋଟିଏ ଲେଖାଏଁ ବିଜେଡି ଓ କଂଗ୍ରେସ ହାତକୁ ଯାଇଥିଲା। ଗତ ନିର୍ବାଚନରେ କଂଗ୍ରେସ ଭଲ ପ୍ରଦର୍ଶନ କରି ନ ପାରିବା ପଛରେ କର୍ମୀ ଅସନ୍ତୁଷ୍ଟ ପ୍ରମୁଖ କାରଣ ଥିଲା । ଠିକା କାମ ନିର୍ଦ୍ଦିଷ୍ଟ ୩ରୁ ୪ ଜଣ କର୍ମକର୍ତ୍ତା କରିବା, ଗାଁ ଗହଳିର କର୍ମୀଙ୍କୁ ଅଣଦେଖା କରିବା ଓ ସଭା ସମିତିକୁ ନ ଡାକିବା ଯୋଗୁଁ ଅନେକ କଂଗ୍ରେସ କର୍ମୀ ପଞ୍ଚାୟତ ନିର୍ବାଚନରେ ନିଜକୁ ଦୂରେଇ ରଖିଥିଲେ । ଏହାର ଫାଇଦା ନିର୍ବାଚନରେ ଭାଜପା ଉଠାଇଥିଲେ ମଧ୍ୟ ପରବର୍ତ୍ତି ସମୟରେ ଅସନ୍ତୁଷ୍ଟ କଂଗ୍ରେସ କର୍ମୀଙ୍କୁ ଭାଜପା କିମ୍ବା ବିଜେଡି ନିଜ ସପକ୍ଷରେ ନେବାକୁ ଉଦ୍ୟମ କରି ନ ଥିଲେ। ତେବେ ବିଜେଡିରେ ସଦର ବିଧାୟକ ଯୋଗେଶ ସିଂ ଯୋଗଦେବା ପରେ ତଳସରା ବିଧାୟକ ଡା. ପ୍ରଫୁଲ୍ଲ ମାଝିଙ୍କ ଭୋଟ କଟିବା ଆଶଙ୍କା କରାଯାଉଛି । କାରଣ ଲେଫ୍ରିପଡା ବ୍ଲକର ୧୦ଟି ପଞ୍ଚାୟତରେ ଯୋଗେଶଙ୍କ ଭଲ ସ୍ଥିତି ଥିବାରୁ ସେଠାକାର କଂଗ୍ରେସ ଭୋଟ ବିଜେଡିକୁ ଗଲେ କଂଗ୍ରେସର ଭୋଟ କମିବ। ଏହା ସହିତ ଯୋଗେଶ ତଳସରା ଓ ବାଲିଶଙ୍କରା ବ୍ଲକରେ ମଧ୍ୟ ପ୍ରଭାବ ପକାଇପାରିବେ ବୋଲି ରାଜନୈତିକ ସ୍ତରରେ ଆଲୋଚନା ହେଉଛି।

ଡାକ୍ତରଖାନାରୁ ନବଜାତ ଚୋରି ଘଟଣା

### ଜେଲଗଲେ ଅଭିଯୁକ୍ତ ଦମ୍ପତି



**ପାଟଣାଗଡ, ୧୦।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ଉପଖଣ୍ଡ ଡାକ୍ତରଖାନାରୁ ଗତ ୬ତାରିଖ ଏକ ନବଜାତ ଶିଶୁ ପୁତ୍ରକୁ ଚୋରି କରି ନେଇଥିବା ଅଭିଯୋଗରେ ଗିରଫ ଦମ୍ପତିଙ୍କୁ ରବିବାର ପାଟଣାଗଡ ଥାନା ପୋଲିସ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଶୁକଦେବ ସାହୁ ଏବଂ ତାଙ୍କ ସ୍ତ୍ରୀ ସବିତାଙ୍କୁ ପାଟଣାଗଡ ଉପକାରାଗାର ହାଜତକୁ ପଠାଇ ଦିଆଯାଇଛି।

## ଡାଇବେଟିସ୍ ରୋଗୀଙ୍କ ଚକ୍ଷୁ ପରୀକ୍ଷା ଶିବିର

**ସୁନ୍ଦରଗଡ଼, ୧୦।୩ (ଡି.ଏନ୍.ଏ)**

ସୁନ୍ଦରଗଡ ରାଣୀବଗିଚାସ୍ଥିତ ସମଲେଶ୍ୱରୀ ହସ୍ପିଟାଲ ପକ୍ଷରୁ ରବିବାର ଡାଇବେଟିସ ରୋଗୀଙ୍କ ସକାଶେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ମେଡିସିନ ସ୍ପେସାଲିଷ୍ଟ ଡା. ସଞ୍ଜୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ପ୍ରାୟ ୩୦ଜଣ ରୋଗୀଙ୍କର ଅତ୍ୟାଧୁନିକ କମ୍ପ୍ୟୁଟର ପରୀକ୍ଷଣ ମାଧ୍ୟମରେ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଆଲେମ୍ବିକ ଫାର୍ମା ଔଷଧ କମ୍ପାନୀ ପ୍ରାୟୋଜିତ ଏହି ଶିବିରରେ ହସ୍ପିଟାଲର ତତ୍ତ୍ୱାବଧାରକ ପ୍ରଦୀପ ଦତ୍ତ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ହସ୍ପିଟାଲ ତରଫରୁ



ଶିବିରରେ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

ବିଭିନ୍ନ ସମୟରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇ ରୋଗୀଙ୍କୁ ମାଗଣା ଔଷଧ ବିତରଣ କାର୍ଯ୍ୟକ୍ରମ ଆରମ୍ଭ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ହସ୍ପିଟାଲ ତତ୍ତ୍ୱାବଧାରକ ଦତ୍ତ ସୂଚନା ଦେଇଛନ୍ତି।

## ସ୍ୱେଚ୍ଛାଗ୍ରାହୀଙ୍କ ସାଧାରଣ ସମାବେଶ

**ଲେଫ୍ରିପଡା,୧୦।୩(ଡି.ଏନ.ଏ)**

ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ବେଲସରା ସ୍ୱପ୍ନେଶ୍ୱର ବାବାଙ୍କ ମନ୍ଦିର ପ୍ରାଙ୍ଗଣରେ ପାଞ୍ଚଗୋଟି ବ୍ଲକର ସ୍ୱେଚ୍ଛାଗ୍ରାହୀମାନଙ୍କୁ ନେଇ ଏକ ସାଧାରଣ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଦେଶୀ ରଣା ସଭାପତିତ୍ୱ କରିଥିଲେ। ସୁନ୍ଦରଗଡ ଜିଲାର ବିଭିନ୍ନ ବ୍ଲକ୍‌ର ସ୍ୱେଚ୍ଛାଗ୍ରାହୀମାନଙ୍କୁ ନେଇ ଏକ ସଂଘ ଗଠନ କରାଯାଇଥିଲା। ପ୍ରତ୍ୟେକ ବ୍ଲକରୁ ଦୁଇରୁ ତିନି ଜଣ ସ୍ୱେଚ୍ଛାଗ୍ରାହୀଙ୍କୁ ବ୍ଲକ୍ ସଂଯୋଜକ ଏବଂ ସମ୍ପାଦକ ଭାବେ ସଂଘରେ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ କରାଯାଇଥିଲା। ହେମଗିର ବ୍ଲକରୁ ଦୀପକ ସେଠ୍, ସନ୍ତୋଷ କୁମ୍ସିଂ ବୁଡ୍, କବିତା ସା, ଲେଫ୍ରିପଡା ବ୍ଲକ୍‌ରୁ ସୁକାନ୍ତି ଭିତ୍ରିଆ, ମନୋରମା ବର୍ମା, ବୀଣାପାଣି ସେଠ୍, ଟାଙ୍ଗରାପାଲି ବ୍ଲକ୍‌ରୁ ଗୋଲାପୀ ପଟେଲ, ମମତା ବେହେରା, ଉଷାବତୀ ବେହେରା, ସୁନ୍ଦରଗଡ ସଦର ବ୍ଲକ୍‌ରୁ ହରିପ୍ରିୟା ପଟେଲ, ସନ୍ତୋଷ ମଗର, ଅଞ୍ଜନ ପଟେଲ, କୁତ୍ରା ବ୍ଲକ୍‌ରୁ ରାଜେଶ ଲାକ୍ରା, ସୁଶିଲ ଲାକ୍ରା, ରାଜେନ୍ଦ୍ର ମାଝୀଙ୍କୁ ମନୋନୀତ କରାଯାଇଥିଲା। ବାକି ରହିଥିବା ବ୍ଲକ୍‌ର ସ୍ୱେଚ୍ଛାଗ୍ରାହୀମାନଙ୍କୁ ନେଇ ପ୍ରତିନିଧି ଭାବେ ଗଠନ କରାଯାଇ ଖୁବ୍‌ଶୀଘ୍ର ଜିଲାସ୍ତରୀୟ କମିଟି ଗଠନ କରିବା ପାଇଁ ସର୍ବସମ୍ମତି କ୍ରମେ ସ୍ଥିର କରାଯାଇଥିଲା। ଅନ୍ୟପକ୍ଷରେ ସୁନ୍ଦରଗଡ ଜିଲାର ସ୍ୱେଚ୍ଛାଗ୍ରାହୀମାନେ କୌଣସି ସୁବିଧା ଅସୁବିଧା ନେଇ ୬୩୭୧୦୫୫୧୭୦ ମୋବାଇଲ ନମ୍ବରରେ ଯୋଗାଯୋଗ କରିବା ପାଇଁ ଉପସ୍ଥିତ ସ୍ୱେଚ୍ଛାସେବୀ ମାନଙ୍କୁ କୁହାଯାଇଥିଲା।



ସ୍ୱପ୍ନେଶ୍ୱର ବାବାଙ୍କ ମନ୍ଦିର ପ୍ରାଙ୍ଗଣରେ ସ୍ୱେଚ୍ଛାଗ୍ରାହୀମାନଙ୍କ ସମାବେଶ।

## ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ନୂତନ କେନ୍ଦ୍ର ଉଦ୍‌ଘାଟିତ



ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ନୂତନ କେନ୍ଦ୍ରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**କୁଆଁରମୁଣ୍ଡା,୧୦।୩(ଡି.ଏନ.ଏ)**

କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କୁଆଁରମୁଣ୍ଡା-ପଦ୍ମପୁର ରୋଡରେ ରବିବାର ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ନୂତନ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼-ରାଉରକେଲା ସବ୍‌ଜୋନ୍‌ର ଇନଚାର୍ଜ ବିକେ ବିମଳା ଦିଦି ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଉରକେଲାସ୍ଥିତ ହୃଷିକେଶ ରାଏ ମହାବିଦ୍ୟାଳୟର ଅଧ୍ୟାପକ ଡ.ସନାତନ ପ୍ରଧାନ ଯୋଗ ଦେଇଥିଲେ। ସମ୍ପ୍ରତି ମନୁଷ୍ୟ ଆଧ୍ୟାତ୍ମିକ ଚିନ୍ତନରୁ ଦୂରେଇ ସଦାସର୍ବଦା ବସ୍ତୁବାଦୀ ହେଉଥିବାରୁ ଜୀବନ ବିଶାଦଗ୍ରସ୍ତ ହେଉଛି। ଏଥିରୁ ମୁକ୍ତିଲାଭ ପାଇଁ ରାଜଯୋଗ ହିଁ ଏକମାତ୍ର ଉପାୟ ଯଦ୍ୱାରା ମନୁଷ୍ୟ ଲୋଭ, ମାୟା ପରିତ୍ୟାଗ କରି ଆତ୍ମା ଓ ପରମ ଆତ୍ମା ସହ ସମ୍ପର୍କ ସ୍ଥାପନ କରି ବାସ୍ତବ ଶାନ୍ତିଲାଭ କରିପାରିବ ବୋଲି ବକ୍ତାମାନେ ଏହି ଅବସରରେ ମତପୋଷଣ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବି.କେ ଶ୍ୱେତା, ଅଞ୍ଜଳି, ସୀମା, ଦୀପିକା ଓ ଏହି ନୂତନ କେନ୍ଦ୍ରର ପ୍ରତିଷ୍ଠାତା କୁଆଁରମୁଣ୍ଡାର ଯୁବ ସାମାଜିକ କର୍ମୀ ଶୈଳେଶ ତିୱାରୀ (ରାଜୁ ଭାଇ) ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବିକେ.ମିତା ଦିଦି ପରିଚାଳନା କରିଥିଲେ। ଏହି ଅବସରରେ ନୂତନ କେନ୍ଦ୍ରକୁ ମାଉଣ୍ଟଆବୁରେ ଥିବା ଈଶ୍ୱରୀୟ ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟ ତରଫରୁ ମିଳିଥିବା ସ୍ୱୀକୃତିକୁ ଏହି କେନ୍ଦ୍ରର ମୁଖ୍ୟ ପରିଚାଳିକା ବିକେ.ସୁମନ ଦିଦି ଗ୍ରହଣ କରିଥିବା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ରାଉରକେଲାଠାରୁ ଆରମ୍ଭ କରି କୁଆଁରମୁଣ୍ଡା ଓ ବୀରମିତ୍ରପୁର ଅଞ୍ଚଳରୁ ଶତାଧିକ ବ୍ୟକ୍ତି ଯୋଗଦେଇଥିଲେ।

## ୧୧ ଅଧିକାରୀଙ୍କ ବଦଳି ଦାବି କଲା ଭାଜପା

**ବୌଦ୍ଧ,୧୦।୩(ସ୍ୱ.ପ୍ର)**

ସାଧାରଣ ନିର୍ବାଚନ ମୁଖ୍ୟ ନିବାଚନ କମିଶନର ତାରିଖ ଘୋଷଣା କରିବା ସହ ଆଦର୍ଶ ଆଚରଣବିଧି ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏ ନେଇ ଜିଲାରେ ରାଜନୀତି ଜୋର ଧରିଥିବା ବେଳେ ନିର୍ବାଚନରେ ସ୍ୱଚ୍ଛତା ଆଣିବା ପାଇଁ ଭାଜପା ପକ୍ଷରୁ ୧୧ ଜଣ ଅଧିକାରୀଙ୍କ ବଦଳି ଦାବି କରି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି । ଏ ନେଇ ଗତ ୧ ତାରିଖରେ ବୌଦ୍ଧ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଥିବା ବେଳେ କେବଳ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟ୍ଟନାୟକଙ୍କ ବଦଳି ହୋଇଛି । ବାକି ଅନ୍ୟ ଅଧିକାରୀଙ୍କ ବଦଳି ହୋଇନାହିଁ। ଏମାନଙ୍କୁ ତୁରନ୍ତ ବଦଳି କରିବାକୁ ମୁଖ୍ୟ ନିର୍ବାଚନ କମିଶନଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି ।

## ଛାତ୍ରୀଙ୍କୁ ପ୍ରଧାନଶିକ୍ଷକଙ୍କ ଅସଦାଚରଣ

### ଥାନାରେ ଅଭିଯୋଗ, ଅଞ୍ଚଳରେ ଉତ୍ତେଜନା

**ବଡଗାଁ, ୧୦।୩ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ଥାନା ଅଞ୍ଚଳର ଏକ ବାଳିକା ଉଚ୍ଚ ବିଦ୍ୟାଳୟରେ ପଢୁଥିବା କେତେକ ଛାତ୍ରୀଙ୍କୁ ପ୍ରଧାନଶିକ୍ଷକ ଅସଦାଚରଣ କରିବା ଘଟଣାକୁ ନେଇ ଅନେକ ଅଭିଭାବକ ରବିବାର ମଧ୍ୟାହ୍ନରେ ସ୍କୁଲ ପରିସରରେ ପାଟିତୁଣ୍ଡ କରିଛନ୍ତି। ପରେ ସନ୍ଧ୍ୟାରେ ବଡଗାଁ ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ପ୍ରଧାନଶିକ୍ଷକ ଛାତ୍ରୀଙ୍କୁ ନିରୋଳାରେ ପାଖକୁ ଡାକି ବିଭିନ୍ନ ସ୍ଥାନରେ ସ୍ପର୍ଶ କରୁଥିବା ନେଇ ଜଣେ ଛାତ୍ରୀ ତାଙ୍କ ମାଆଙ୍କୁ ଜଣାଇଥିଲେ। ଏହି ଘଟଣା ପରେ ଆଉ କେତେକ ଛାତ୍ରୀଙ୍କୁ ମଧ୍ୟ ସମ୍ପୃକ୍ତ ଶିକ୍ଷକ ଅସଦାଚରଣ କରୁଥିବା ଜଣାପଡିଥିଲା। ଘଟଣା ଉପରେ ଅଭିଭାବକମାନେ ସ୍କୁଲ ପରିଚାଳନା କମିଟି ସଭାପତିଙ୍କୁ ଜଣାଇଥିଲେ। ରବିବାର ସ୍କୁଲ କମିଟି ସଭାପତିଙ୍କ ସହିତ କେତେକ ଅଭିଭାବକ ସ୍କୁଲକୁ ଯାଇ ପ୍ରଧାନଶିକ୍ଷକଙ୍କୁ ଏହା ଉପରେ ପଚାରିବାରେ ସେ ଆଉ ଏପରି ଭୁଲ କରିବେ ନାହିଁ କହିଥିଲେ। ବୁଝାମଣା କରିଦେବା କହି ଅନୁରୋଧ କରିଥିଲେ। ଏସମ୍ପର୍କରେ ପୀଡିତା ଛାତ୍ରଙ୍କ ଅଭିଭାବକଙ୍କୁ ପଚାରିବାରେ ସେ କହିଛନ୍ତି, ମୋର ପାଳିତ କନ୍ୟାଙ୍କୁ ଏଠାକାର ସ୍କୁଲରେ ପଢ଼ାଉଛି। ପ୍ରଧାନଶିକ୍ଷକଙ୍କ କାର୍ଯ୍ୟକଳାପ ଉପରେ ଝିଅ ତାଙ୍କ ମାଆଙ୍କୁ ପ୍ରଥମେ ଜଣାଇଥିଲେ। ତାଙ୍କ ଠାରୁ ଶୁଣିବା ପରେ ଗତ ରବିବାର ସ୍କୁଲକୁ ଆସି ଝିଅଠାରୁ ସବୁକଥା ଶୁଣିଲି। ଏ ବିଷୟରେ ସ୍କୁଲ କମିଟି ସଭାପତିଙ୍କୁ ଜଣାଇଥିଲି। ଥାନାରେ ଲିଖିତ ଜଣାଇଛି। ଏହା ଉପରେ ସ୍କୁଲ କମିଟି ସଭାପତିଙ୍କୁ ପଚାରିବାରେ, ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ଛାତ୍ରୀଙ୍କୁ ଅସଦାଚରଣ କରାଯାଉଥିବା ଶୁଣିବା ପରେ ସତ୍ୟତା ଜାଣିବା ପାଇଁ ଚେଷ୍ଟା କଲୁ। ପ୍ରାୟ ୭ରୁ ୮ଜଣ ବାଳିକାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ଶୁଣିଲା ପରେ ରବିବାର ୧୨ଟାରେ ପ୍ରଧାନଶିକ୍ଷକଙ୍କୁ ତାଙ୍କ ସରକାରୀ ଘରେ ଭେଟି ପଚାରିବାରେ ସେ ଆଉ କେବେ ଭୁଲ କରିବି ନାହିଁ, ବୁଝାମଣା କରାଇ ଦିଅ କହିଲେ। କିନ୍ତୁ ଏଭଳି କୁତ୍ସିତ କର୍ମୀ ପାଇଁ ଆମେ ବୁଝାମଣା କିପରି କରିବୁ, ତେଣୁ ଥାନାରେ ଜଣାଇଛୁ ବୋଲି କହିଛନ୍ତି। ଘଟଣା ଉପରେ ମତାମତ ନେବା ପାଇଁ ପ୍ରଧାନ ଶିକ୍ଷକଙ୍କ ସହିତ ଯୋଗାଯୋଗ କରିବାରେ ସେ ଫୋନ ରିସିଭ କରି ନ ଥିଲେ । ଉଲ୍ଲେଖଯୋଗ୍ୟ ଯେ, ଗତ ମାସ ୧୦ ତାରିଖ ଜଣେ ଛାତ୍ରୀ ନିଖୋଜ ହେବା ଘଟଣା ନେଇ ଏଠାରେ ଉତ୍ତେଜନା ପ୍ରକାଶ ପାଇଥିଲା ।

## ଲେଫ୍ରିପଡା ବ୍ଲକରେ ଇଭିଏମ୍ ସଚେତନତା କାର୍ଯ୍ୟକ୍ରମ

**ଲେଫ୍ରିପଡା, ୧୦।୩(ଡି.ଏନ.ଏ)**

ଲେଫ୍ରିପଡା ବ୍ଲକ ବୈଠକ ଗୃହରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଇଭିଏମ୍ ସଚେତନତା କାର୍ଯ୍ୟକ୍ରମ ସହକାରୀ ଯନ୍ତ୍ରୀ ବ୍ରଜବନ୍ଧୁ ବେହେରାଙ୍କ ନେତୃତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରୁ ସରପଞ୍ଚ, ସମିତିସଭ୍ୟା ସଭ୍ୟ ଏବଂ ୱାର୍ଡସଭ୍ୟା ସଭ୍ୟ ଯୋଗଦାନ କରିଥିଲେ। ଏଥିରେ ସହକାରୀ ଯନ୍ତ୍ରୀ ଆଗାମୀ ନିର୍ବାଚନରେ ମତଦାନ କରିବା ପାଇଁ କିଭଳି ଇଭିଏମ୍ ମେଶିନ, ଭିଭିପାଟ୍ ମେଶିନ ଏବଂ କଣ୍ଟ୍ରୋଲିଂ ମେଶିନ ସମ୍ପର୍କରେ ପ୍ରାଞ୍ଜଳ ଭାବେ ଉପସ୍ଥିତ ପ୍ରତିନିଧି ମାନଙ୍କୁ ବୁଝାଇ ସଚେତନ କରିଥିଲେ। ପରେ ଉପସ୍ଥିତ ପ୍ରତିନିଧିମାନଙ୍କ ମଧ୍ୟରେ ଇଭିଏମ୍ ମେଶିନ ଜରିଆରେ ଭୋଟ୍ ପ୍ରଦାନ କରାଯାଇ ଅଭ୍ୟାସ କରାଯାଇଥିଲା। ଏଥିରେ ଗିରିଙ୍ଗକେଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁମିତ୍ ନାଏକ ସଚେତନତା ଦିଗରେ ସହଯୋଗ କରିଥିଲେ। ଅଲାପକା, ଗିରିଙ୍ଗକେଲା, ହୁର୍ମେଇ, ଲେଫ୍ରିପଡା ପଞ୍ଚାୟତ ସମେତ ଅନ୍ୟାନ୍ୟ ପଞ୍ଚାୟତର ବହୁ ଜନପ୍ରତିନିଧି ଭାଗ ନେଇଥିଲେ।



ଲେଫ୍ରିପଡାରେ ଇଭିଏମ୍ ସଚେତନତା କାର୍ଯ୍ୟକ୍ରମ।

ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ଲାଗି ମଡେଲ ସ୍କୁଲ ପ୍ରତିଷ୍ଠା ଦାବି

## କେନ୍ଦ୍ର ସାମାଜିକ ନ୍ୟାୟ, ସଶକ୍ତୀକରଣ ମନ୍ତ୍ରୀଙ୍କୁ ଭେଟିଲେ ଭାଜପା ନେତା

**ସୁନ୍ଦରଗଡ,୧୦।୩ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲାରେ ଅନୁସୂଚିତ ଜାତି ତଥା ଦଳିତବର୍ଗର ଛାତ୍ରୀ ଛାତ୍ରଙ୍କ ଶିକ୍ଷାର ଉନ୍ନତି ନିମନ୍ତେ ଏକଲବ୍ୟ ମଡେଲ ସ୍କୁଲ ଢାଞ୍ଚାରେ ସ୍ୱତନ୍ତ୍ର ମଡେଲ ସ୍କୁଲ ପ୍ରତିଷ୍ଠା ଦାବିନେଇ ଶନିବାର ସୁନ୍ଦରଗଡର ଭାଜପା ଯୁବନେତା ତଥା ରାଷ୍ଟ୍ରୀୟ ଅନୁସୂଚିତ ଜାତି ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ଆଡଭୋକେଟ ବିଶ୍ୱଜିତ ତନ୍ତୀ ଓ ଭୀଷ୍ମଦେବ ତାଣ୍ଡିଆ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଥାଉର ଚାନ୍ଦ ଗେହଲଟ ଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ସୁନ୍ଦରଗଡ ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଏହି ମଡେଲ ସ୍କୁଲ ପ୍ରତିଷ୍ଠା ନେଇ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିରଣ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲେଖିଥିବା ଚିଠିକୁ ମଧ୍ୟ ପ୍ରଦାନ କରିଛନ୍ତି।



ଭାଜପା ଯୁବନେତା ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ଧରିତ୍ରୀ DHARITRI
ସମ୍ବଲପୁର, ସୋମବାର, ୧୧ ମାର୍ଚ୍ଚ, ୨୦୧୯



ସବୁ ବାଧାବିଘ୍ନ ଅତିକ୍ରମ କରି ଓ କଠିନ ପରିଶ୍ରମ ପରେ ଅନ୍ୟମାନେ ଯେଉଁଠି ପହଞ୍ଚି ପାରନ୍ତି, ସେହି ଚିନ୍ତାରାଜ୍ୟରେ ଯିଏ ବାସ କରନ୍ତି ତାଙ୍କୁ ହିଁ ମୁଁ ବଡ଼ ବୋଲି ମନେ କରେ।

- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଡିଜେଲ ବୋଝେଇ ବୋଲେରୋ ଜବତ, ଚାଳକ ଗିରଫ

ଲଖନପୁର,୧୦।୩(ଡି.ଏନ୍.ଏ.):ଝାରସୁଗୁଡ। ଜିଲା ବନ୍ଧବାହାଲ ଫାଣ୍ଡି ପୋଲିସ୍ ପାଟ୍ରୋଲିଂ କରୁଥିବାବେଳେ ରବିବାର ସକାଳ ୯ଟାରେ କିରାରମା ଛକ ନିକଟରୁ ଏକ ଡିଜେଲ ବୋଝେଇ ବୋଲେରୋକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି । ଗିରଫ ଚାଳକ ଜଣଙ୍କ ହେଲେ ବେଲପାହାଡ ଜୁନାଡିହି ଗ୍ରାମର ପଦ୍ମନାଭ ନନ୍ଦ(୪୦)। ତାଙ୍କ ନିକଟରୁ ୫ ପ୍ଲାଷ୍ଟିକ୍ ଜାରରେ ଭର୍ତ୍ତି ଥିବା ଅଢେଇଶହ ଲିଟର ଡିଜେଲ ସହିତ ଓଆର୍ ୨୩ଇ ୫୭୮୬ନଂ ବୋଲେରକୁ ପୋଲିସ୍ ଜବତ କରିଛି । ପୋଲିସ୍ ଏ ନେଇ ବନ୍ଧବାହାଲ ଫାଣ୍ଡି କେଶ ନଂ.୩୧/୧୯ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପୋଲିସ୍ ତଦନ୍ତରୁ ଜାଣିବାକୁ ପାଇଛି ଯେ, କୋଇଲ । ଖଣି ଅଞ୍ଚଳରୁ ପ୍ରତିଦିନ ଶହ ଶହ ଲିଟର ଡିଜେଲ ଚୋରି ହେଉଛି । ଏହା ବାହାରକୁ ଚୋରା ଚାଲାଣ ହେଉଛି । ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ଲୋକେ ସାମିଲ ହୋଇ ଏହି କାରବାର ଚଳାଇଛନ୍ତି। ଖଣି ପାର୍ଶ୍ୱବର୍ତ୍ତୀ କେତେକ ଗ୍ରାମରେ ଚୋରା ଡିଜେଲ ଡିପୋ ଚାଲିଛି । ଏହି ଚୋରା ଡିପୋରୁ ବାହାରକୁ ବିଭିନ୍ନ ଗାଡିରେ ଚାଲାଣ ହେଉଛି ବୋଲି ପୋଲିସ୍ ତଦନ୍ତରୁ ଜାଣି ପାରିଛି।

### ଆଶାୟୀଙ୍କ ଗୋଇନ୍ଦା ରିପୋର୍ଟ ସଂଗ୍ରହ କରୁଛି ଦଳ

ସମ୍ବଲପୁର,୧୦।୩ (ବ୍ୟୁରୋ)-ସମ୍ବଲପୁର ଜିଲାରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଆଶାୟୀମାନେ ଆବେଦନ କରି ଲବି କରୁଛନ୍ତି । ବିଭିନ୍ନ ଦଳର ହାଇକମାଣ୍ଡଙ୍କ ପକ୍ଷରୁ ଜିଲା ପ୍ରଶାସନ ଓ ଜିଲା ପୋଲିସ ପାଖରୁ ଆଶାୟୀମାନଙ୍କ ରିପୋର୍ଟ ସଂଗ୍ରହ କରାଯାଉଛି । ଟିକେଟ ବଣ୍ଟନରେ ଦଳ ଏହି ରିପୋର୍ଟକୁ ଆଧାର କରିପାରେ । ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ଦୁଇଜଣଙ୍କ ଆଶାୟୀଙ୍କ ନାମରେ ତୃତୀୟ ମହଲାରୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ରହିଥିଲା । ହେଲେ ସେମାନଙ୍କ ମଧ୍ୟରୁ ଜଣଙ୍କ ନାମରେ ହୋଇଥିବା ରିପୋର୍ଟରେ ଅନେକ ସମସ୍ୟା ଦେଖା ଦେଇଛି । ପୋଲିସ ରିପୋର୍ଟ ଅନୁସାରେ ସେ ଅଞ୍ଚଳରେ ଯୁବକ ଯୁବତୀମାନଙ୍କୁ ଚାକିରି କରାଇ ଦେବା ନାମରେ ଲକ୍ଷାଧିକ ଟଙ୍କା ହେରଫେର କରିଛନ୍ତି । ଅନ୍ୟପଟେ ସେ କମ୍ପାନୀ ଓ ଅନ୍ୟ ବ୍ୟବସାୟୀଙ୍କ ସହ ଭିତିରିଆ ସମ୍ପର୍କରେ ରହିଥିବା ଜଣାଇ ଦିଆଯାଇଛି । ଏ ସମ୍ପର୍କରେ ସଦର ଏସଡିପିଓ ଭବାନୀ ଶଙ୍କର ଉଦଗାତାଙ୍କୁ ପଚାରିବାରୁ ନିର୍ବାଚନ ବେଳେ ଅନେକ ରିପୋର୍ଟ ମଗା ଯାଇଥାଏ । ହେଲେ ତାହା ଗୁପ୍ତ ଭାବେ ଦିଆଯାଏ ବୋଲି କହିଥିଲେ।

ବେଲପାହାଡ଼ କପ୍ କ୍ରିକେଟ ଟୁର୍ନାମେଣ୍ଟ

# ଝାରସୁଗୁଡ଼ା ପ୍ରୋଗ୍ରେସିଭ ଚାମ୍ପିୟନ

**ବେଲପାହାଡ଼,୧୦।୩ (ଡିଏନ୍.ଏ.)**

ଝାରସୁଗୁଡ଼ା ଜିଲା ଟିଆର୍‌ଏଲ ଷ୍ଟାଡ଼ିୟମରେ ଲିଓ ୟୁଥ ଅସୋସିଏଶନ ପକ୍ଷରୁ ଆୟୋଜିତ ରାମଲତା ସ୍ମାରକୀ ବେଲପାହାଡ଼ କପ୍ ସର୍ବ ଭାରତୀୟ କ୍ରିକେଟ ଟୁର୍ନାମେଣ୍ଟରେ ବିଳାସପୁର ଦଳକୁ ୭ ରନ୍‌ରେ ପରାଜିତ କରି ଝାରସୁଗୁଡ଼ାର ପ୍ରୋଗ୍ରେସିଭ ଦଳ ଚାମ୍ପିୟନ ଟ୍ରଫି ହାସଲ କରିଛି । ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଝାରସୁଗୁଡ଼ା ପ୍ରୋଗ୍ରେସିଭ ଦଳ ଟସ୍ ଜିତିଲା ପରେ ପ୍ରଥମେ ବ୍ୟାଟିଂ ଆରମ୍ଭ କରିଥିଲା । ୧୮ ଓଭରରେ ୫ ଉଇକେଟ ହରାଇ ୧୬୯ ରନ ସଂଗ୍ରହ କରିଥିଲା । ଏହାର ଜବାବରେ ବିଳାସପୁର ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୧୬୨ ରନ୍ ସଂଗ୍ରହ କରିଥିଲା । ଝାରସୁଗୁଡ଼ା ପ୍ରୋଗ୍ରେସିଭ ଦଳ ପାଇଁ ବ୍ୟାଟ୍ସମ୍ୟାନ ୟାସିନ କୁରେଶି ସର୍ବାଧିକ ୪୧ ବଲରେ ୬୬ ରନ୍ ଏବଂ କେଶବ ସିଂ ୨୯ ବଲରେ ୪୪ ରନ୍ ସଂଗ୍ରହ କରିଥିଲେ। ବିଳାସପୁର ଦଳ ପାଇଁ ସୁଶାନ୍ତ ଶୁକ୍ଲା ସର୍ବାଧିକ ୨୪ ବଲରେ ୩୬ ରନ୍ ଏବଂ ସନି ପାଣ୍ଡେ ୨୪ ବଲରେ ୨୮ ରନ୍ ସଂଗ୍ରହ କରିଥିଲେ । ଅମ୍ପାୟାର ଅନିରୁଦ୍ଧ କେଉଟ ଓ ମହେଶ ମୁନ୍ସି ମ୍ୟାଚ୍ ପରିଚାଳନା କରିଥିଲେ । ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜର ଉପସଭାପତି (ମାନବ ସମ୍ବଳ) ବିଶାଳ ସାହୁ ଓ ବେଲପାହାଡ଼ ପୌରପରିଷଦର ନିର୍ବାହୀ ଅଧିକାରୀ ଲୋକନାଥ କୁମାର ତିୱାରୀ ଅତିଥି ଭାବରେ ଯୋଗ ଦେଇ ବିଜୟୀ ଝାରସୁଗୁଡ଼ା ଦଳକୁ ଚାମ୍ପିୟନ ଟ୍ରଫି ସହିତ ୩୦ ହଜାର ଟଙ୍କା ପୁରସ୍କାର ରାଶି ଓ ବିଳାସପୁର ଦଳକୁ ରନର୍ସ ଅପ ଟ୍ରଫି ସହିତ ୨୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ । ଏଥି ସହିତ ବିଳାସପୁର ଦଳର ସନି ପାଣ୍ଡେଙ୍କୁ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ,ଝାରସୁଗୁଡ଼ା ଦଳର ୟାସିନ କୁରେଶିଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍, କେଶବ ସିଂଙ୍କୁ ବେଷ୍ଟ ବ୍ୟାଟ୍ସମ୍ୟାନ ଓ କାଲିଆ ସାହୁଙ୍କୁ ବେଷ୍ଟ ବୋଲର୍ ଘୋଷଣା କରାଯାଇ ପୁରସ୍କାର ପ୍ରଦାନ କରାଯାଇଛି।



ଦୁଇ ଅତିଥି ଚାମ୍ପିୟନ ଦଳ ଝାରସୁଗୁଡ଼ା ପ୍ରୋଗ୍ରେସିଭକୁ ଟ୍ରଫି ପ୍ରଦାନ କରୁଛନ୍ତି।

### ଝଙ୍କୃତ କଲା ଦେଶାତ୍ମବୋଧକ ସଙ୍ଗୀତର ମୂର୍ଚ୍ଛନା

**ସମ୍ବଲପୁର,୧୦।୩ (ବ୍ୟୁରୋ)**

ହଜରତ ଖ୍ୱାଜା ଗରିବ୍ ନୱାଜ୍ ସୋସିଆଲ ୱେଲଫେୟାର କମିଟି ପକ୍ଷରୁ ଏକ ସାମ୍ ଶହୀଦୋ କେ ନାମ୍ କାର୍ଯ୍ୟକ୍ରମ ରବିବାର ରାତିରେ ଜିଲାସ୍କୁଲ ଛକଠାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଦେଶାତ୍ମବୋଧକ ସଙ୍ଗୀତର ମୂର୍ଚ୍ଛନାରେ ଅଞ୍ଚଳ ଝଙ୍କୃତ ହୋଇଥିଲା। କଣ୍ଠଶିଳ୍ପୀମାନେ ଗୀତ ଗାନ କରି ପୁଲୱାମା ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ଯବାନଙ୍କୁ ସ୍ୱରାଞ୍ଜଳି ଅର୍ପଣ କରିଥିଲେ । ଆୟୋଜକ କମିଟି ସଭାପତି ମହମ୍ମଦ ସଫିଙ୍କ ପରିଚାଳନା ଓ ସୁସ୍ମିତା ପଟ୍ଟନାୟକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ସୀତାଂଶୁ ଷଡଙ୍ଗୀ ମୁଖ୍ୟଅତିଥି ଓ ଏମସି ପତି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଦୁସୈନ୍ଦ୍ରୀ ଟପ୍ପୋ, ଗ୍ଲୋରିଆ କେର୍କେଟା ଓ ଏସଏନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ନିଖିଳୋତ୍କଳ ପୂଜାଘର ସାହିତ୍ୟ ସଂସଦର ଆଲୋଚନାଚକ୍ର

**ଝାରସୁଗୁଡା ଅଫିସ,୧୦।୩**

ଝାରସୁଗୁଡାସ୍ଥିତ ପ୍ରସନ୍ନ ପଣ୍ଡା ଆଇନ ମହାବିଦ୍ୟାଳୟଠାରେ ନିଖିଳୋତ୍କଳ ପୂଜାଘର ସାହିତ୍ୟ ସଂସଦର ଓଡିଆ ଭାଷା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ତାପସ କୁମାର ମିଶ୍ରଙ୍କ ସଂଯୋଜନା ଓ ପ୍ରତିଷ୍ଠାତା ନିକୁଞ୍ଜ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ବେଦବ୍ୟାସ ପଣ୍ଡା, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟା ମନ୍ଦାକିନୀ ଶତପଥୀ, କବି ମଦନାନନ୍ଦ ସେଟ, ଡ. ପ୍ରକାଶ ରଣା, ବିବେକାନନ୍ଦ ମିଶ୍ର ଓ ଶିକ୍ଷାବିତ୍ ସୁଶୀଲ ବାଗ ଅତିଥି ରୂପେ ଯୋଗ ଦେଇଥିଲେ। ଝାରସୁଗୁଡା ସହରରେ ଓଡିଆ ଭାଷାର ବର୍ତ୍ତମାନ ସ୍ଥିତି ଉପରେ ବକ୍ତାଗଣ ନିଜନିଜ ମତ ଉପସ୍ଥାପନ କରିଥିଲେ। ମହିଳାମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରି ସଂସଦର ସମସ୍ତ ପଦ ପଦବୀରେ ଏମାନଙ୍କୁ ଅଧିଷ୍ଠିତା କରିବାକୁ ଶିକ୍ଷକ ମିଶ୍ର ଆହ୍ୱାନ ଦେଇଥିଲେ। ସଂସଦର ସମ୍ପାଦିକା ଅହଲ୍ୟା ନାଏକଙ୍କ ଦ୍ୱାରା ସଂଚାଳିତ କବିତା ଆସରରେ କବୟିତ୍ରୀ ମାଧବୀ ପଟେଲ, ଶାନ୍ତିଲତା ମିଶ୍ର, ରାଜଶ୍ରୀ ମେହେର, ପଙ୍କଜିନୀ ରାଉତ, କମଳ ଲୋଚନ ପୂଜାରୀ, ବସନ୍ତ ରାଜ, ପ୍ରଦୀପ ସାହୁ, ପୁନମ ଜୟସ୍ୱାଲ, ମିନତି ପଣ୍ଡା ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ବାଲିଯୋରୀ ଦେବାଡିହି ବିଦ୍ୟାଳୟର କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସେବତି ବେସନ ଧନ୍ୟବାଦ ଅର୍ପଣ କରିଥିଲେ।




ନିଖିଳୋତ୍କଳ ପୂଜାଘର ସାହିତ୍ୟ ସଂସଦର ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟସୂଚୀ ବିଷୟରେ ପ୍ରାକ୍ ସୂଚନା ଆବଶ୍ୟକ

**କୋଲାବିରା,୧୦।୩ (ଡି.ଏନ.ଏ.)**

ମାସର ପ୍ରତ୍ୟେକ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟସୂଚୀ ସମ୍ବନ୍ଧରେ ପ୍ରାକ୍ ସୂଚନା ସାର୍ବଜନୀନ କରାଯିବାର ଆବଶ୍ୟକତା ରହିଛି। ଉପଯୁକ୍ତ ପ୍ରଚାର ପ୍ରସାର ଅଭାବରୁ ପ୍ରକୃତ ଅଭିଯୋଗକାରୀ ଉର୍ଦ୍ଦିଷ୍ଟ ଦିବସରେ ଅଭିଯୋଗ ଶିବିରକୁ ଆସି ନ ପାରି ନିଜ ଅସୁବିଧା ସମ୍ବନ୍ଧରେ ଜିଲା ପ୍ରଶାସନର ସୁବିଧା ନେବାରୁ ବଞ୍ଚିତ ରହୁଛନ୍ତି। ଆଗରୁ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟସୂଚୀ ସମ୍ବନ୍ଧରେ ଖବର କାଗଜ ମାଧ୍ୟମରେରେ ପ୍ରକାଶ ପାଉଥିଲା। ଲୋକେ ଜାଣିପାରୁଥିଲେ ଯେ କେବେ କେଉଁ ବ୍ଲକରେ ଅଭିଯୋଗ ଶୁଣାଣିର ଆୟୋଜନ କରାଯାଇଛି। ଲୋକେ ନିଜ ସୁବିଧାରେ ଉକ୍ତ ଦିବସରେ ଶିବିରକୁ ପହଞ୍ଚି ନିଜ ନିଜ ସମସ୍ୟା ଜଣାଇପାରୁଥିଲେ। ମାତ୍ର ସମୟ ଉପକ୍ରାନ୍ତେ ଖବର କାଗଜରେ ପ୍ରକାଶିତ ହେବା ବନ୍ଦ ହେବା ପରଠାରୁ ଲୋକେ ଠିକ୍ ଭାବରେ ଜାଣି ପାରୁନାହାନ୍ତି ଯେ କେଉଁ ସୋମବାର କେଉଁ ବ୍ଲକରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବାକୁ ଅଛି। ଫଳରେ ଲୋକେ ଏହି ଶିବିରର ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ଜନସାଧାରଣଙ୍କ ସ୍ୱାର୍ଥ୍ୟ ଦୃଷ୍ଟିରୁ ପ୍ରତ୍ୟେକ ମାସରେ ହେବାକୁ ଥିବା ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମ ବିଷୟରେ ଖବର କାଗଜ ମାଧ୍ୟମରେ ଆଗତୁରା ସୂଚନା ପ୍ରଦାନ କରାଯିବାକୁ ଦାବି ହେଉଛି। ଏ ଦିଗରେ ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଆଗାମୀ ଦିନରେ କାର୍ଯ୍ୟକାରୀ କରିବାକୁ ଦାବି ହେଉଛି। ସରକାରଙ୍କ ପକ୍ଷରୁ ଲୋକଙ୍କ ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରାଯାଇ ଉପଯୁକ୍ତ ନ୍ୟାୟ ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ ସ୍ୱରୂପ ଜଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣାଣି କରିବେ।

# କିର୍ମିରା ବ୍ଲକସ୍ତରୀୟ ଶିକ୍ଷକ ସମ୍ମିଳନୀ

**କିର୍ମିରା,୧୦।୩(ଡି.ଏନ.ଏ.)**

ଝାରସୁଗୁଡା ଜିଲା କିର୍ମିରା ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ବ୍ଲକସ୍ତରୀୟ ଶିକ୍ଷକ ସମ୍ମିଳନୀ ଓ କର୍ମଶାଳା ସ୍ଥାନୀୟ ନୋଡାଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ । ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସିଆଇ ସମ୍ବଲପୁର ଗିରିଧାରୀ ହୋତା ମୁଖ୍ୟବକ୍ତା, ଡାଏଟ ଅଧକ୍ଷ ଅକ୍ଷୟ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିକ୍ଷକର କର୍ତ୍ତବ୍ୟ ଓ ସାମାଜିକ ଯୋଗଦାନ ବିଷୟରେ ଆଲୋଚନା କରିଥିଲେ। କିର୍ମିରା ବିଇଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ବିଇଓ କିର୍ମିରା ସୁଶୀଲ ବାଗ, ଏବିଇଓ ଗୁଣମଣି ପଟେଲଙ୍କ ସମେତ ଅନ୍ୟାନ୍ୟ ଅତିଥିମାନେ ଉପସ୍ଥିତ ଥିଲେ । ସଂଘ ସମ୍ପାଦକ ନିତ୍ୟାନନ୍ଦ ଜଗତ, ସଭାପତି ଶଶିକାନ୍ତ ନାୟକ, ସୁନିଲ ପଟେଲଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ଏଥିରେ ସହଯୋଗ କରିଥିଲେ।




କିର୍ମିରା ବ୍ଲକସ୍ତରୀୟ ଶିକ୍ଷକ ସମ୍ମିଳନୀରେ ଅତିଥିବୃନ୍ଦ ।

### ଡ୍ରାଇଭରଙ୍କୁ ଛୁରା ମାରି ଲୁଟି ନେଲ ଟଙ୍କା,ଫୋନ୍

**ସମ୍ବଲପୁର,୧୦।୩ (ବ୍ୟୁରୋ)**

ସମ୍ବଲପୁର ଜିଲା ଶାସନ ଥାନା ମାଝିପାଲି ନିକଟରେ ଶନିବାର ବିଳମ୍ବିତ ରାତିରେ ଟ୍ରକ ଡ୍ରାଇଭର ବିଶ୍ୱନାଥ ଧଳଙ୍କୁ ଛୁରା ମାଡ କରି ଦୁର୍ବୃତ୍ତ ଲୁଟ୍ କରିଛନ୍ତି। ତାଙ୍କଠାରୁ ୪୨ ଶହ ଟଙ୍କା ଓ ମୋବାଇଲ ଫୋନ ଲୁଟ୍ ହୋଇଛି। ଆହତ ଅବସ୍ଥାରେ ବିଶ୍ୱନାଥ ଟ୍ରକ ଚଲାଇ ଅଇଁଠାପାଲି ଥାନକୁ ଆସିଥିଲେ । ସେଠାରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାକୁ ପୋଲିସ ନେଇଥିଲା । ଏ ନେଇ ଶାସନ ଥାନରେ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି ।

## ଗଣ୍ଡା ସମାଜ ବିକାଶ ପରିଷଦ କମିଟି ଗଠିତ

**ଝାରସୁଗୁଡା ଅଫିସ,୧୦।୩**

ଗଣ୍ଡା ସମାଜ ବିକାଶ ପରିଷଦ ଝାରସୁଗୁଡା ପକ୍ଷରୁ କିର୍ମିରା ବ୍ଲକ କାଦୋବାହାଲ ମେଟାକାନୀ ମନ୍ଦିର ନିକଟରେ ଏକ ସାଧାରଣ ସଭାର ଆୟୋଜନ କରାଯାଇ କିର୍ମିରା ବ୍ଲକ କମିଟି ଗଠନ କରାଯାଇଛି। ବିଡମାଲ ଗ୍ରାମର ମନସୀ ଗର୍ଡିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ରକ୍ରମରେ ଗଣ୍ଡା ସମାଜ ବିକାଶ ପରିଷଦ ଝାରସୁଗୁଡାର ସଭାପତି ଲକ୍ଷ୍ମୀଚରଣ ପାଲ ଏବଂ ସମ୍ପାଦକ ରବୀନ୍ଦ୍ର ସୋହେଲା ଯୋଗଦେଇ ସଂଗଠନର ଆଭିମୁଖ୍ୟ ତଥା କାର୍ଯ୍ୟାବଳୀ ବିଷୟରେ ବର୍ଣ୍ଣନା କରିବା ସହିତ ଗଣ୍ଡା ସମାଜ ବିକାଶ ପରିଷଦର ବ୍ଲକ କମିଟି ଗଠନର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସଙ୍ଗଠନର ସଭାପତି ଲକ୍ଷ୍ମୀଚରଣ ପାଲ ଗଣ୍ଡା ସମାଜ ବିକାଶ ପରିଷଦ ଝାରସୁଗୁଡା ଦ୍ୱାରା ଆହୁତ ବିଭିନ୍ନ କାର୍ଯ୍ୟାବଳୀ ବିଷୟରେ ବିଷଦ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ସ୍ୱପ୍ନେଶ୍ୱର ଗର୍ଡିଆ, ଦୁବରାଜ ଦିହିରିଆ, ପ୍ରଦୀପ ବୁଡା, ଶ୍ୟାମସୁନ୍ଦର କଂସରାଳୀ, ମୁରଲୀ ଛଛାନ, ଚିନ୍ତାମଣୀ ସାମନ୍ତରା, ଗୌରାଙ୍ଗ ଜଗତ, ଟିକେଥ ବୁଡାଙ୍କ ସମେତ କିର୍ମିରା ବ୍ଲକର ସମସ୍ତ ୮ଟି ପଞ୍ଚାୟତରୁ ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ। ଏହା ସହିତ ନବ ଗଠିତ ଲଇକେରା ବ୍ଲକ କମିଟିର ସଭାପତି ଯୋଗେଶ୍ୱର ଦେହେରିଆ, ସମ୍ପାଦକ ମହେନ୍ଦ୍ର ମହାନନ୍ଦ ମଧ୍ୟ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ସର୍ବସମ୍ମତିକ୍ରମେ କିର୍ମିରା ଗ୍ରାମର ତରଣୀସେନ ପୋଢଙ୍କୁ ସଭାପତି, ଦୁତିବାହାଲ ଗ୍ରାମର ନିତ୍ୟାନନ୍ଦ ଜଗତଙ୍କୁ ସମ୍ପାଦକ, ମନ୍ମୟ କିଶୋର ବଖରା ଏବଂ ଭୋଲେଶ୍ୱର ପୋଢଙ୍କୁ ଉପସଭାପତି, ଜତିନ୍ଦ୍ର ମହାନନ୍ଦ ଓ ନୃପଲାଲ ଗନ୍ଧାଙ୍କୁ ଯୁଗ୍ମ ସମ୍ପାଦକ ଏବଂ ଗୌରୀ ମହାନନ୍ଦଙ୍କୁ କୋଷାଧ୍ୟକ୍ଷ ଭାବରେ ମନୋନିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ମନସୀ ଗର୍ଡିଆ ନିଜର ଅଭିଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ।

କୁଳତା ସମାଜର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

# ସଙ୍ଗଠନ ସୁଦୃଢ ସମ୍ପର୍କରେ ଗୁରୁତ୍ୱାରୋପ

**ଲଖନପୁର,୧୦।୩(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ଅଢାପଡା ଗ୍ରାମ ମା ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ କୁଲତା ସମାଜର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଜିଲା ସଭାପତି ସନ୍ତୋଷ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସର୍ବପ୍ରଥମେ ମାଙ୍କ ନିକଟରେ ପୂଜାଅର୍ଚ୍ଚନା କରାଯାଇଥିଲା । ପୂଜକ ମୁକ୍ତେଶ୍ୱର ପ୍ରଧାନ ପୂଜା କାର୍ଯ୍ୟ ତୁଲାଇଥିଲେ । ଏଥିରେ ଅଢାପଡା ପିଠ ସଭାପତି ରଘୁମଣି ପ୍ରଧାନ, ଡିଲେଶ୍ୱର ପ୍ରଧାନ, ଜୀବର୍ଦ୍ଧନ ପ୍ରଧାନ, ରାଧେଶ୍ୟାମ ପ୍ରଧାନ, ସତ୍ୟାନନ୍ଦ ପ୍ରଧାନ, ପ୍ରଦୀପ ବିଶ୍ୱାଳ, ମିଲନ ପ୍ରଧାନ, କିଶୋର ପ୍ରଧାନ, ସଞ୍ଜୀବ ପ୍ରଧାନ, ହୃଦାନନ୍ଦ ମାଝି, ହେମ କୁମାର ଭୋଇ, ଉପେନ୍ଦ୍ର ଭୋଇ, ଭାଗୀରଥି ପ୍ରଧାନ ଓ ଗିରିଶ ପ୍ରଧାନ ପ୍ରମୁଖ କର୍ମକର୍ତ୍ତା ଓ ସଦସ୍ୟ ଯୋଗ ଦେଇଥିଲେ । ଜିଲା ସାଧାରଣ ସମ୍ପାଦକ ଲଲାଟ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଜିଲା ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ ଓ ପୂର୍ବତନ ସାଧାରଣ ସମ୍ପାଦକ ଗୌତମ ପ୍ରଧାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲା ସଙ୍ଗଠନକୁ ସୁଦୃଢ କରିବା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା । ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କାର ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା । ଜିଲାରେ କୁଲତା ସମାଜର କେତେ ପରିବାର ବସବାସ କରୁଛନ୍ତି, ପରିବାର ସଂଖ୍ୟା କେତେ ଏ ନେଇ ଏକ ଜନଗଣନା କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଜିଲା ସଙ୍ଗଠନର ଏକ ନିଜସ୍ୱ କାର୍ଯ୍ୟାଳୟ ଝାରସୁଗୁଡା ସଦର ମହକୁମାରେ କରିବା ପାଇଁ ନିଷ୍ପତ୍ତି ହୋଇଛି । ଏଥିପାଇଁ ଜମିର ଆବଶ୍ୟକତା ରହିଛି । ବହୁଶୀଘ୍ର କାର୍ଯ୍ୟାଳୟ ନିର୍ମାଣ ପାଇଁ ଜମିର ବ୍ୟବସ୍ଥା କରାଯିବ ବୋଲି ସଭାପତି ସାହୁ କହିନ୍ତି।



ଜିଲା କାର୍ଯ୍ୟକରିଣୀ ବୈଠକରେ ପୂର୍ବତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

**ଝାରସୁଗୁଡା ଅଫିସ,୧୦।୩**

ଝାରସୁଗୁଡା ବରିଷ୍ଠ ନାଗରିକ ସଂଘ ତରଫରୁ ସ୍ଥାନୀୟ ଏକାତାଲି ସ୍କୁଲଠାରେ ଡଃ ଜଗଦୀଶଚନ୍ଦ୍ର ପାଙ୍ଗଜୋଶୀ, ଡଃ ଅଶୋକ ଜଲାନ, ଡଃ ଏସ୍.ଆର. ଦୁବେ, ଟେକ୍‌ନିସିଆନ ଶ୍ରୀ ପ୍ରଦୀପ ପ୍ରଧାନଙ୍କ ସହଯୋଗରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି। ୮୦ରୁ ଅଧିକ କକ୍‌ସ କଲୋନୀ, ରେଳବାଇ କଲୋନୀ, ଏକାତାଲି, ବି.ଟି ଏମ.ଆଦି ଅଞ୍ଚଳର ବରିଷ୍ଠ ମହିଳା ଓ ବୃଦ୍ଧମାନଙ୍କର ସ୍ୱାସ୍ଥ୍ୟ ଏବଂ ରକ୍ତ ପରୀକ୍ଷା କରି ଚିକିତ୍ସା କରିବା ସହିତ ବରିଷ୍ଠ ନାଗରିକ ସଙ୍ଘ ତରଫରୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଅର୍ଜୁନ ଅଗ୍ରୱାଲ, ମୋତିଲାଲ ଜୈନ, କୃଷ୍ଣଚନ୍ଦ୍ର ଚୈଧୁରୀ, ଦେବାଚନ ଠାକୁର, ବି.ଏନ.ପାଲ, ବାଲଗୋବିନ୍ଦ ମିଶ୍ର, ଓମ ପ୍ରକାଶ ଅଗ୍ରୱାଲ, ତୁଳେଶ୍ୱର ଚୌଧୁରୀ, ଅନନ୍ତରାମ ସାହୁ, ରାଜକୁମାର ପାଣିଗ୍ରାହୀ, କୁଳଦୀପ ସିଂ, ସ୍କୁଲର ଶିକ୍ଷତ୍ରୀ, କର୍ମଚାରୀ ସହଯୋଗ କରିଥିଲେ।